


ଜାନୁଆରୀ ୧୬ରେ ହ୍ୟାପି ପଟେଲ୍

▶ପୃଷ୍ଠା ୧୧ ଦେଖନ୍ତୁ...


• RNI REGD NO: 42041/83
• www.sakalaepaper.com
• /sakalanews
• /sakalanews
• www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 43 •ISSUE-160 •SATURDAY •6 DECEMBER 2025 •PAGE-12 •₹ 6.00 | BHUBANESWAR | •ବର୍ଷ-୪୩ •ସଂଖ୍ୟା-୧୬୦ •ଶନିବାର •୬ ଡିସେମ୍ବର ୨୦୨୫ •ପୃଷ୍ଠା-୧୨ •ଟ.୬.୦୦


**ସମ୍ପର୍କର ନୂଆ ଯୁଗ**

# ଭାରତ-ରୁଷ ୧୯ ଚୁକ୍ତି

■ ନୂଆଦିଲ୍ଲୀ, ୫।୧୨ (ଏଜେନ୍ସି): ଆମେରିକାର ଟାରିଫ୍ ରଣନୀତି ଏବଂ ଚୀନ୍‌ର ବିସ୍ତାରବାଦୀ ରାଜନୀତିକୁ ପ୍ରତିହତ କରିବା ପାଇଁ ଭାରତ ତା'ର ମିତ୍ର ରାଷ୍ଟ୍ର ରୁଷ୍ ସହିତ ସମ୍ପର୍କର ନୂଆ ଯୁଗ ଆରମ୍ଭ କରିଛି। ଦୁଇଦିନିଆ ଭାରତ ଗସ୍ତରେ ଥିବା ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର୍ ପୁତିନ୍‌ଙ୍କ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପରମାଣୁ, ତୈଳ, ଗ୍ୟାସ ଓ ବାଣିଜ୍ୟ ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ୧୯ଟି ଚୁକ୍ତି ସ୍ୱାକ୍ଷର କରି ପରୋକ୍ଷରେ ଆମେରିକା ଓ ଚୀନ୍‌କୁ ଶକ୍ତ ଜବାବ ଦେଇଛନ୍ତି। ଅନ୍ୟପକ୍ଷରେ ଭାରତ ସହ ଥିବା ପୂର୍ବ ସମ୍ପର୍କକୁ ଅତୁଟ ରଖିବାର ଦୃଢ଼ ପ୍ରତିଶ୍ରୁତି ଦେଇ ରୁଷ୍ ରାଷ୍ଟ୍ରପତି ପୁତିନ୍ ୨୦୨୬ ରୁଷ୍ ଶିଖର ବୈଠକରେ ଯୋଗ ଦେବା ପାଇଁ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଆମନ୍ତ୍ରଣ କରି ଶୁକ୍ରବାର ରାତିରେ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିଛନ୍ତି।

ଭାରତକୁ ଦୁଇ ଦିନିଆ ଗସ୍ତରେ ଆସି ଗୁରୁବାର ନୂଆଦିଲ୍ଲୀରେ ପହଞ୍ଚିଥିବା ପୁତିନ୍ ଆଜି ସକାଳେ ହାଇଦ୍ରାବାଦ ହାଉସ୍‌ଠାରେ ଅନୁଷ୍ଠିତ ଶିଖର ବୈଠକରେ ଯୋଗ ଦେଇଥିଲେ। ପ୍ରଧାନମନ୍ତ୍ରୀ

**କେବଳ ତୈଳ ଓ ଗ୍ୟାସ ଆଲୋଚନା ପାଇଁ ଆସିନାହୁଁ: ପୁତିନ**

**ରୁଷ୍ ସବୁଠୁ ଘନିଷ୍ଠ ବନ୍ଧୁ ଓ ଦୁଇ ଦେଶର ସମ୍ବନ୍ଧ ଧ୍ରୁବତାରା ଭଳି ସ୍ଥିର: ମୋଦୀ**

**୨୦୩୦ ସୁଦ୍ଧା ଦ୍ୱିପାକ୍ଷିକ କାରବାର ୧୦୦ ବିଲିୟନ ଡଲାର ଛୁଇଁବ**

**ଆମେରିକାର ଦୋମୁହାଁ ନୀତିକୁ ରୁଷ୍ ରାଷ୍ଟ୍ରପତିଙ୍କ ସମାଲୋଚନା**

**କୁଡନକୁଲମରେ ଭାରତର ବଡ଼ ପରମାଣୁ କେନ୍ଦ୍ର ନିର୍ମାଣ**

**ନୂଆ ଅନ୍ତର୍ଜାତୀୟ ପରିବହନ ମାର୍ଗ ମଧ୍ୟ ନିର୍ମାଣ କରାଯିବ**



ନରେନ୍ଦ୍ର ମୋଦୀ ଏବଂ ରାଷ୍ଟ୍ରପତି ପୁତିନ ଗତ ୨୪ ଘଣ୍ଟା ମଧ୍ୟରେ ପରସ୍ପରକୁ ତିନି ଥର ଭେଟିଥିଲେ। ଉଭୟେ ନୈଶଭୋଜି, ଦ୍ୱିପାକ୍ଷିକ ଆଲୋଚନା, ମିଳିତ ସାମ୍ବାଦିକ ସମ୍ମିଳନୀ ଏବଂ ଭାରତ-ରୁଷ ବ୍ୟବସାୟିକ ଫୋରମକୁ ସମ୍ବୋଧିତ କରିଛନ୍ତି। ତେବେ ଏହି ସମୟରେ ଦୁଇ ଦେଶ ମଧ୍ୟରେ କୌଣସି ପ୍ରତିରକ୍ଷା ଚୁକ୍ତି ସ୍ୱାକ୍ଷର ହୋଇପାରି ନାହିଁ। ଏହା ପୂର୍ବରୁ ଲଢୁଆ ବିମାନ କିମ୍ବା ବଡ଼ ପ୍ରତିରକ୍ଷା ଚୁକ୍ତି ହେବ ବୋଲି କୁହାଯାଉଥିଲା। ମାତ୍ର ବ୍ୟବସାୟ ବୃଦ୍ଧି ପାଇଁ ଭାରତ-ରୁଷ ମଧ୍ୟରେ ୧୯ଟି ଚୁକ୍ତିରେ ମୋହର ବାଜିଛି। ଦୁଇ ଦେଶ ମଧ୍ୟରେ ଜାହାଜ ନିର୍ମାଣ, ଭାରତୀୟ ନାବିକଙ୍କୁ ▶ପୃଷ୍ଠା-୭

# ଟ୍ରମ୍ପଙ୍କୁ 'ଫୋମୋ'



■ ୱାଶିଂଟନ, ୫।୧୨ (ଏଜେନ୍ସି): ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ୨୭ ଘଣ୍ଟାର ଗସ୍ତ ଓ ଭାରତ ସହ ଅନେକ ବୁଝାମଣା ପରେ ଅକସ୍ମାତ 'ଫୋମୋ' (ଫିଅର ଅଫ୍ ମିସିଂ ଆଉଟ)ର ଶିକାର ହୋଇଛନ୍ତି ଆମେରିକା ରାଷ୍ଟ୍ରପତି ଡ଼ୋନାଲ୍ଡ ଟ୍ରମ୍ପ। ଭାରତ-ରୁଷ ମଧ୍ୟରେ ବଡ଼ ଚୁକ୍ତିନାମା ତାଙ୍କ ନିଦ ହଜାଇ ଦେଇଛି ଓ ଆକସ୍ମିକ ଭାବରେ ସେ ଭାରତକୁ ପ୍ରଶଂସା ସହ ୟୁରୋପୀୟ ଦେଶ ପ୍ରତି ଆକ୍ରମଣାତ୍ମକ ଟିପ୍ପଣୀ ଦେବା ଆରମ୍ଭ କରିଛନ୍ତି। ଏପରିକି ଚୀନ ବିରୋଧରେ ମୋର୍ଚ୍ଚା ଖୋଲିବା ନିମନ୍ତେ ଆମେରିକା ଭାରତର ସହଯୋଗ ଲୋଡ଼ିଛି।

**ଲୋଡ଼ିଲେ ଭାରତର ସହଯୋଗ**


ଟ୍ରମ୍ପ ପ୍ରଶାସନ ଦ୍ୱାରା ୩୩ ପୃଷ୍ଠା ବିଶିଷ୍ଟ ଜାତୀୟ ସୁରକ୍ଷା ରଣନୀତିରେ ଟ୍ରମ୍ପ ପ୍ରଶାସନ ୟୁରୋପୀୟ ଦେଶଗୁଡ଼ିକୁ କଠୋର ଶବ୍ଦରେ ସମାଲୋଚନା କରିଛି। ୟୁରୋପୀୟ ଦେଶମାନେ ଗଣତନ୍ତ୍ରକୁ ନଷ୍ଟ କରିବାକୁ ଲାଗିଛନ୍ତି ଓ ୟୁକ୍ରେନରେ ଶାନ୍ତି ପ୍ରତିଷ୍ଠା କରିବାକୁ ଚାହୁଁ ନାହାନ୍ତି। ଅର୍ଥନୀତିକୁ ଉନ୍ନତ କରିବା ପାଇଁ ରୁଷ ସହ ଶତ୍ରୁତା ଶେଷ କରିବା ଓ ୟୁକ୍ରେନ ସହ ଯୁଦ୍ଧ ରୋକିବା ୟୁରୋପୀୟ ଦେଶ ପାଇଁ ଅତ୍ୟନ୍ତ ଜରୁରୀ ବୋଲି କୁହାଯାଇଛି। ସେହିପରି ଜାତୀୟ ରଣନୀତିରେ ଚୀନକୁ ଏକ ଆର୍ଥିକ ଚ୍ୟାଲେଞ୍ଜ ଭାବରେ ଆମେରିକା ଉଲ୍ଲେଖ କରିଛି। ଚୀନ ବିରୋଧରେ ଆର୍ଥିକ ମୋର୍ଚ୍ଚାରେ ଭାରତ ଆମେରିକାର ବଡ଼ ସହଯୋଗୀ ହୋଇପାରିବ ବୋଲି ଏଥିରେ ଉଲ୍ଲେଖ କରାଯାଇଛି। ୱାଶିଂଟନ ଚୀନ ସହିତ ଆର୍ଥିକ ସମ୍ପର୍କକୁ ପୁନଃସନ୍ତୁଳନ କରିବା ପାଇଁ ପଦକ୍ଷେପ ନେବ ଓ ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ଯୁଦ୍ଧ ରୋକିବା ପାଇଁ ପ୍ରୟାସ କରିବ ବୋଲି କୁହାଯାଇଛି।

**ରାଜ୍ୟରେ ପୁଣି ପରୀକ୍ଷା ବିଭ୍ରାଟ; ବିଧାନସଭାରେ ହଟ୍ଟଗୋଳ**

# ପରୀକ୍ଷା ପୂର୍ବରୁ ଏଏନ୍‌ଏମ୍ ପ୍ରଶ୍ନପତ୍ର ଲିକ୍

■ ଭୁବନେଶ୍ୱର, ୫।୧୨ (ସମିସ): ରାଜ୍ୟରେ ପୁଣିଥରେ ପରୀକ୍ଷା ବିଭ୍ରାଟ ଦେଖାଦେଇଛି। ପରୀକ୍ଷାର ଠିକ୍ ପୂର୍ବରୁ ପ୍ରଶ୍ନପତ୍ର ଲିକ୍ ହୋଇଛି। ଶୁକ୍ରବାର ଏଏନ୍‌ଏମ୍ ପରୀକ୍ଷା ଥିବା ବେଳେ ପରୀକ୍ଷାର ୩ ଘଣ୍ଟା ପୂର୍ବରୁ ପ୍ରଶ୍ନପତ୍ର ଭାଇରାଲ୍ ହୋଇଛି। ଦ୍ୱିତୀୟ ବର୍ଷ ପିଲାଙ୍କ ପଞ୍ଚମ ପେପର୍ 'ମିଡ ୱାଇଫେରୀ' ଦିନ ୨ଟା ବେଳେ ଆରମ୍ଭ ହେବାର ଥିଲା। ହେଲେ ଦିନ ୧୧ଟା ବେଳକୁ ଏହା ମୋବାଇଲ୍‌ରୁ ମୋବାଇଲ୍‌କୁ ଘୂରି ବୁଲିଥିଲା। ଏପରିକି, ବଜାରରେ ଏହାର ପ୍ରିଣ୍ଟ କପି ମଧ୍ୟ ବିକ୍ରି ହେଉଥିବା ଅଭିଯୋଗ ହୋଇଛି। ମାଲକାନାଗିରି ଓ

**କ୍ୟାପିଟାଲ ଥାନାରେ ଏତଲା; ଦୋଷୀଙ୍କ ବିରୋଧରେ ନିଆଯିବ କାର୍ଯ୍ୟାନୁଷ୍ଠାନ**




ବଲାଙ୍ଗିରରୁ ପ୍ରଶ୍ନପତ୍ର ଲିକ୍ ଘଟଣା ସାମ୍ନାକୁ ଆସିବା ପରେ ଡିଏମ୍‌ଇଟି ପକ୍ଷରୁ ପରୀକ୍ଷାକୁ ପରବର୍ତ୍ତୀ ନିର୍ଦ୍ଦେଶନାମା ପର୍ଯ୍ୟନ୍ତ ଘୁଞ୍ଚାଇ ଦିଆଯାଇଛି।

ବାରମ୍ବାର ପରୀକ୍ଷା ବିଭ୍ରାଟକୁ ନେଇ ଆଜି ବିଧାନସଭାରେ ବିରୋଧୀମାନେ ହଟ୍ଟଗୋଳ କରିଥିଲେ। ଏଏନ୍‌ଏମ୍ ପ୍ରଶ୍ନପତ୍ର ପ୍ରଘଟ ସମ୍ପର୍କରେ ବିବୃତି ରଖିବାକୁ ବାଚସ୍ପତି ସୁରମା ପାଢ଼ୀ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅପରାହ୍ଣ ଅଧିବେଶନରେ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଏହି ପ୍ରସଙ୍ଗରେ ଗୃହରେ ବିବୃତି ରଖିଥିଲେ। ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି ଯେ ଏଏନଏମ ପରୀକ୍ଷାକୁ ସ୍ଥଗିତ ରଖାଯାଇଛି। ଭୁବନେଶ୍ୱର କ୍ୟାପିଟାଲ ଥାନାରେ ଏନେଇ ଏତଲା ପ୍ରଦାନ ▶ପୃଷ୍ଠା-୭

**ଉଡ଼ାଣ ଅଚଳ**

**ଯାତ୍ରୀଙ୍କୁ କ୍ଷମା ମାଗିଲା ଇଣ୍ଡିଗୋ**

# ଡିଜିସିଏର ତଦନ୍ତ ନିର୍ଦ୍ଦେଶ

■ ନୂଆଦିଲ୍ଲୀ, ୫।୧୨ (ଏଜେନ୍ସି): ଚତୁର୍ଥ ଦିନରେ ବି 'ଇଣ୍ଡିଗୋ'ର ବିମାନ ସେବାରେ ଅଚଳାବସ୍ଥା ଜାରି ରହିଛି। ପାଇଲଟ ଏବଂ କର୍ମଚାରୀଙ୍କ ଘୋର ଅଭାବ ପାଇଁ ଗତ ୪ ଦିନରେ ୧୭୦୦ରୁ ଅଧିକ ବିମାନ ଉଡ଼ାଣ ବାତିଲ କରିଦିଆଯାଇଛି। ଶତାଧିକ ବିମାନ ମଧ୍ୟ ବିଳମ୍ବରେ ଚାଲୁଛି। ଏଥିଯୋଗୁଁ ଦେଶର ପ୍ରାୟ ସବୁ ବିମାନବନ୍ଦରରେ ହଜାର ହଜାର ଯାତ୍ରୀ ହନ୍ତସନ୍ତ ହେଉଛନ୍ତି। ଏହି ଘଟଣାରେ ଇଣ୍ଡିଗୋ ସିଇଓ ଦୁଃଖ ପ୍ରକାଶ କରିବା ସହ ଯାତ୍ରୀଙ୍କୁ କ୍ଷମା ପ୍ରାର୍ଥନା କରିଛନ୍ତି। ଆସନ୍ତା ୧୦ରୁ ୧୫ତାରିଖ ମଧ୍ୟରେ ବିମାନ ▶ପୃଷ୍ଠା-୭

# କମିଲା ସୁଧ ହାର

■ମୁମ୍ବଇ, ୫।୧୨ (ଏଜେନ୍ସି): ଦେଶରେ ହ୍ରାସ ପାଉଥିବା ଖୁଚୁରା ମୁଦ୍ରାସ୍ଫୀତିକୁ ନଜରରେ ରଖି ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଶୁକ୍ରବାର ଏହାର ପ୍ରମୁଖ ସୁଧ ହାର ବା ରେପୋ ହାରରେ ୨୫ ବେସିସ୍ ପଏଣ୍ଟ ଅର୍ଥାତ୍ ୦.୨୫% ହ୍ରାସ ଘଟାଇଛି। ଏହା ପରେ ରେପୋ ହାର ୫.୫୦%ରୁ ୫.୨୫%କୁ ଖସିଆସିଛି। ଆର୍‌ବିଆଇ ମୁଦ୍ରା ନୀତି କମିଟି (ଏମ୍‌ପିସି) ବୈଠକର ଚୂଡାନ୍ତ ଦିବସରେ ଆଜି କେନ୍ଦ୍ରୀୟ ବ୍ୟାଙ୍କ ସୁଧହାରରେ ଏହି ହ୍ରାସ ଘଟାଇଥିବା ଆର୍‌ବିଆଇ ଗଭର୍ଣ୍ଣର ▶ପୃଷ୍ଠା-୭

# ଦୁର୍ଘଟଣାରେ ଗଲା ୬ ଜୀବନ

■ ଯୋଡ଼ା/ବଡ଼ବିଲ, ୫।୧୨ (ସମିସ): କେନ୍ଦୁଝର ଜିଲ୍ଲାର ଜୀବନରେଖା କୁହାଯାଉଥିବା ୫୨୦ନମ୍ବର ଜାତୀୟ ରାଜପଥ ଆଜି ପୁଣି ୪ଜଣଙ୍କ ଜୀବନ ନେଇଛି। ବଡ଼ବିଲ ତହସିଲ ଅଧୀନ ଦୁଇଟି ପୃଥକ୍ ସ୍ଥାନରେ ଏହି ଅଘଟଣ ଘଟିଛି। ଗୋଟିଏ ସ୍ଥାନରେ ୩ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଏକ ଘଟଣାରେ ଜଣେ ପ୍ରାଣ ହରାଇଛନ୍ତି।

**ରାଜପଥରେ ଗଡ଼ିଲା ୪ ମୁଣ୍ଡ**

**ଜନ୍ମଦିନ କେକ୍ କିଣି ଫେରିବା ବେଳେ ମାଡ଼ିଗଲା ହାଇୱା**

ସଂଧ୍ୟା ପ୍ରାୟ ସାଢ଼େ ୬ଟାରେ ଯୋଡ଼ା ଥାନା ଅନ୍ତର୍ଗତ କଳାପାହାଡ଼ ଛକ ନିକଟରେ ବାଇକ୍ ଉପରେ ଏକ ଟ୍ରେଲର୍ ମାଡ଼ିଯିବାରୁ ୩ଜଣଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ, ଯୋଡ଼ା ୧ ନମ୍ବର ୱାର୍ଡ ତାରିଣୀ ହଟିଂର ଶଙ୍କର ବାହାଦୁର (୪୫), ଟୁନୁ ପାତ୍ର। ଅନ୍ୟ ଜଣଙ୍କର ପରିଚୟ ମିଳିପାରିନାହିଁ। ୩ଜଣ ଯାକ ଏକ ବାଇକ୍‌ରେ ଫେରୁଥିବା ବେଳେ ଟ୍ରେଲର (ଜେଏଚ୍ ୦୫ବିଏସ୍ ୬୫୧୭)ଟି ସେମାନଙ୍କ ବାଇକ୍‌କୁ ଧକ୍କା ଦେଇଥିଲା। ୩ଜଣ ଯାକ ଗାଡ଼ିରୁ ଛିଟିକି ପଡ଼ିବା ପରେ ଟ୍ରେଲର୍‌ଟି ସେମାନଙ୍କୁ ଚାପି ଦେଇଥିଲା। ଫଳରେ ଘଟଣାସ୍ଥଳରେ ସମସ୍ତଙ୍କ ମୃତ୍ୟୁ ହୋଇଥିଲା। ଖବର ▶ପୃଷ୍ଠା-୭

**୨ ବର୍ଷର ଶିଶୁକୁ ଛାଡ଼ି ଚାଲିଗଲେ ବାପା-ମା'**

■ଦିଗପହଣ୍ଡି, ୫।୧୨(ସମିସ): ଦିଗପହଣ୍ଡି-ବ୍ରହ୍ମପୁର ରାସ୍ତାର ଗଣିଆନାଳ ଛକ ନିକଟସ୍ଥ ମାଁ କୁରେଇଶୁଣି ମନ୍ଦିର ସମ୍ମୁଖରେ ଶୁକ୍ରବାର ସନ୍ଧ୍ୟା ପ୍ରାୟ ୭ଟାରେ ସ୍କୁଟି ଓ ବାଇକ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ଏଥିରେ ଏକ ଦମ୍ପତିଙ୍କ ମୃତ୍ୟୁ ହୋଇଛି। ମୃତକଦ୍ୱୟ ହେଲେ, ସାନଖେମୁଣ୍ଡି ବ୍ଲକ ଗଙ୍ଗାପୁର ପଞ୍ଚାୟତ ଢ଼େପାଗୁଡା ଗ୍ରାମର ପ୍ରତାପ ମଲ୍ଲିକ (୩୫) ଓ ସ୍ତ୍ରୀ ଲଳିତା ମଲ୍ଲିକ (୩୦)। ସେହିପରି ଏହି ଦୁର୍ଘଟଣାରେ ସେମାନଙ୍କ ୨ ବର୍ଷର ଶିଶୁ ଓ ଆର୍. ଉଦୟଗିରି ଅଞ୍ଚଳର ଜଣେ ବାଇକ୍ ଚାଳକ ସୁନୀଲ ଦଳାଇ (୩୬) ଗୁରୁତର ହୋଇଛନ୍ତି। ▶ପୃଷ୍ଠା-୭

# ଫେବ୍ରୁଆରୀ ୧୯ରୁ ମାଟ୍ରିକ୍ ପରୀକ୍ଷା

■ କଟକ, ୫।୧୨ (ସମିସ): ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ (ବିଏସଇ) ପକ୍ଷରୁ ମାଟ୍ରିକ୍ ପରୀକ୍ଷା-୨୦୨୬ ରେଗୁଲାର୍ ଓ ଏକ୍ସ-ରେଗୁଲାର୍ ପାଇଁ ସମ୍ପୂର୍ଣ୍ଣ ସୂଚୀ ପ୍ରକାଶ ପାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ, ଆସନ୍ତା ୨୦୨୬ ଫେବ୍ରୁଆରୀ ୧୯ ତାରିଖରୁ ପରୀକ୍ଷା ଆରମ୍ଭ ହୋଇ ମାର୍ଚ୍ଚ ୨ ତାରିଖରେ ଶେଷ ହେବ। ରେଗୁଲାର୍ ଏବଂ ଏକ୍ସ-ରେଗୁଲାର୍ ଉଭୟ ଛାତ୍ରଛାତ୍ରୀଙ୍କ ପାଇଁ ପ୍ରତିଦିନ ଗୋଟିଏ ବିଷୟର ପରୀକ୍ଷା ଗୋଟିଏ ସିଟିଂରେ ଅନୁଷ୍ଠିତ ହେବ। ଗଣିତକୁ ଛାଡ଼ିଦେଲେ, ଅନ୍ୟ ସମସ୍ତ ପରୀକ୍ଷା ସକାଳ ୯ଟାରୁ ୧୧ଟା ୩୦ ପର୍ଯ୍ୟନ୍ତ ଚାଲିବ। ଗଣିତ ପରୀକ୍ଷା ପାଇଁ ଅତିରିକ୍ତ ୧୫ ମିନିଟ୍ ସମୟ ଦିଆଯିବ। ତେଣୁ ଏହା ୧୧ଟା ୪୫ରେ ଶେଷ ହେବ।

**ପ୍ରକାଶ ପାଇଲା ପରୀକ୍ଷା ସୂଚୀ**

**ଗଣିତ ପାଇଁ ଅତିରିକ୍ତ ୧୫ ମିନିଟ୍**

ସୂଚୀ ଅନୁଯାୟୀ, ଫେବ୍ରୁଆରି ୧୯ରେ ମାତୃଭାଷା, ୨୧ରେ ଇଂରାଜୀ, ୨୩ରେ ତୃତୀୟ ଭାଷା (ସଂସ୍କୃତ/ହିନ୍ଦୀ), ୨୫ରେ ବିଜ୍ଞାନ, ୨୭ରେ ସାମାଜିକ ବିଜ୍ଞାନ ଏବଂ ମାର୍ଚ୍ଚ ୨ରେ ଗଣିତ ପରୀକ୍ଷା ଅନୁଷ୍ଠିତ ହେବ। ▶ପୃଷ୍ଠା-୭

# ସରକାରୀ ସହାୟତା ଅପେକ୍ଷାରେ ବିଶ୍ୱ ଚାମ୍ପିଅନ ପିଙ୍କି




■ ଭୁବନେଶ୍ୱର, ୫।୧୨ (ସମିସ): ମହିଳା ସଶକ୍ତିକରଣର ସଂଜ୍ଞା କେବଳ ଆର୍ଥିକ କ୍ଷେତ୍ରରେ ସୀମିତ ନୁହେଁ। ଏହା ସାମାଜିକ, ମାନସିକ ଓ ଶାରୀରିକ ଭଳି ବ୍ୟାପକ କ୍ଷେତ୍ରକୁ ବୁଝାଏ। ଶାରୀରିକ ସଶକ୍ତିକରଣ ବିନା କ୍ରୀଡ଼ାନୈପୁଣ୍ୟ ଓ ଉତ୍କର୍ଷ ବିଷୟରେ ଚିନ୍ତା କରାଯାଇ ପାରେନା। ଅଥଚ ପିଙ୍କି ବେହେରାଙ୍କ ଭଳି ଯେଉଁ ମହିଳାମାନେ କ୍ରୀଡ଼ା କ୍ଷେତ୍ରରେ ରାଜ୍ୟ ପାଇଁ ଗୌରବ ଆଣିଛନ୍ତି, ସେମାନେ ଉପଯୁକ୍ତ ମର୍ଯ୍ୟାଦା, ସମ୍ମାନ ଓ ନ୍ୟାୟରୁ ବଞ୍ଚିତ। ରାଜ୍ୟ ସରକାର ସମ୍ପ୍ରତି ମହିଳା ସଶକ୍ତିକରଣ ଓ କ୍ରୀଡ଼ା ବିକାଶକୁ ଅଗ୍ରାଧିକାର ଦେଉଥିବାରୁ ରାଜ୍ୟ ପାଇଁ ସୁନାମ ଆଣିଥିବା ମହିଳା କ୍ରୀଡ଼ାବିତ୍‌ମାନଙ୍କ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ପଡ଼ିବ। କାରଣ ବଡି ବିଲଡିଙ୍ଗ୍‌ର ରାଜ୍ୟକୁ ବିଶ୍ୱ ଦରବାରରେ ଗୌରବାନ୍ୱିତ କରି ସ୍ୱର୍ଣ୍ଣପଦକ ହାସଲ କରିଥିବା ଓଡ଼ିଆ କ୍ରୀଡ଼ାବିତ୍ ସରକାରୀ ସହାୟତା ଅପେକ୍ଷାରେ। ବଡି ବିଲଡିଙ୍ଗ୍‌ରେ ଓଡ଼ିଶାର ପ୍ରଥମ ମହିଳା ବଡି ବିଲଡର ଭାବେ ବିଶ୍ୱ ବିଜୟୀ ହୋଇ ମଧ୍ୟ ସରକାରୀ ସହାୟତା ପାଇବାରୁ ବଞ୍ଚିତ ହୋଇଛନ୍ତି ପିଙ୍କି।

**ବଡି ବିଲଡିଂରେ ଆଣିଥିଲେ ସ୍ୱର୍ଣ୍ଣ ପଦକ**

**ଅନ୍ତର୍ଜାତୀୟ ସ୍ତରରେ ଓଡ଼ିଶାକୁ କରିଥିଲେ ଗୌରବାନ୍ୱିତ**

ସୂଚନାଯୋଗ୍ୟ, ୨୦୨୨ ମସିହାରେ କେରଳରେ ଅନୁଷ୍ଠିତ ବଲିବିଲଡିଂ ଚାମ୍ପିଅନସିପ୍‌ରେ ସେ ପ୍ରଥମେ ଭାଗ ନେଇଥିଲେ। ସେଠାରେ ଯଦିଓ କିଛି ସ୍ଥାନ ଅଧିକାର କରିନଥିଲେ ସେହିଦିନରୁ ତାଙ୍କର ଏଥିପ୍ରତି ଆଗ୍ରହ ▶ପୃଷ୍ଠା-୭

## ପୁତିନଙ୍କ ଭାରତ ଗସ୍ତ ନେଇ ବିଶ୍ୱ ଗଣମାଧ୍ୟମର ମିଶ୍ର ପ୍ରତିକ୍ରିୟା

ନୂଆଦିଲ୍ଲୀ, ୫ ।୧୨(ଏଜେନ୍ସି): ରୁଷିଆର ରାଷ୍ଟ୍ରପତି ଭ୍ଲାଦିମିର ପୁତିନଙ୍କ ଭାରତ ଗସ୍ତ ନେଇ ବିଶ୍ୱ ଗଣମାଧ୍ୟମ ମିଶ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଆମେରିକାରୁ ୟୁକ୍ରେନ ପର୍ଯ୍ୟନ୍ତ ସବୁ ଗଣମାଧ୍ୟମ ପୁତିନଙ୍କ ଏହି ଭାରତ ଗସ୍ତକୁ ବେଶ୍ ଗୁରୁତ୍ୱ ଦେବା ସହ ଅଗ୍ରାଧିକାର ଦେଇ ଖବର ପରିବେଷଣ କରିଛନ୍ତି। ପୁତିନଙ୍କ ଏହି ଗସ୍ତ ପାଇଁ ସାରା ବିଶ୍ୱର ନଜର ଭାରତ ଉପରେ ରହିଛି। ୟୁକ୍ରେନ ବିରୋଧରେ ଚାଲିଥିବା ଯୁଦ୍ଧ କାରଣରୁ ଏହି ଗସ୍ତକୁ ବିଶ୍ୱର ସବୁ ବଡ଼ ଗଣମାଧ୍ୟମ ବେଶ୍ ଗୁରୁତ୍ୱ ଦେଇଛନ୍ତି।

### ରୁଷ ବିଶ୍ୱରେ ଏକଘରକିଆ ନୁହେଁ: ବ୍ରିଟେନ-ବିବିସି

ରୁଷଠାରୁ ତୈଳ କ୍ରୟ କମ୍ କରିବାକୁ ଆମେରିକା ଭାରତ ଉପରେ ଲଗାତର ଚାପ ପକାଉଥିବା ବେଳେ ପୁତିନଙ୍କ ଏହି ଗସ୍ତ ବେଶ୍ ଗୁରୁତ୍ୱ ବହନ କରୁଛି। ଦୁଇ ଦେଶ ମଧ୍ୟରେ ବନ୍ଧୁତ୍ୱ ବହୁ ପୁରୁଣା। ଭାରତ ବିଶ୍ୱର ଦ୍ରୁତତମ ଅଭିବୃଦ୍ଧିଶୀଳ ପ୍ରମୁଖ ଅର୍ଥନୀତି ମଧ୍ୟରୁ ଅନ୍ୟତମ ଏବଂ ଭାରତ ପାଖରେ ଦେଢ଼ଶହ କୋଟି ଜନସଂଖ୍ୟା ବିଶିଷ୍ଟ ବଜାର ରହିଛି। ଏହି କାରଣରୁ ରୁଷ ଭାରତକୁ ଏକ ଗୁରୁତ୍ୱପୂର୍ଣ୍ଣ ଅଂଶୀଦାର ବୋଲି ବିବେଚନା କରୁଛି। ତୈଳ ବାଣିଜ୍ୟ ନେଇ ଭାରତଠାରୁ ରୁଷ୍ ବହୁତ କିଛି ଆଶା କରେ। ପ୍ରତିରକ୍ଷା କ୍ଷେତ୍ରରେ ମଧ୍ୟ ଦୁଇ ଦେଶର ଭାଗୀଦାରି ଦୃଢ଼ ରହିଛି। ବହୁ ବର୍ଷ ଧରି ଭାରତ ରୁଷଠାରୁ ଅସ୍ତ୍ରଶସ୍ତ୍ର କ୍ରୟ କରିଆସୁଛି। ରୁଷ୍‌ଠାରୁ ଭାରତ ଏବେ ଲଢୁଆ ବିମାନ ଓ ଏୟାର ଡିଫେନ୍ସ ସିଷ୍ଟମ କ୍ରୟ କରିବା ନେଇ ବିଚାର କରୁଛି। ରୁଷିଆରେ ଦକ୍ଷ କର୍ମଚାରୀଙ୍କ ଅଭାବ ରହିଛି ଓ ଭାରତ ଏହା ପୁରଣ କରିପାରିବ ବୋଲି ରୁଷ ହୃଦୟଙ୍ଗମ କରିଛି। ଏହି ଗସ୍ତ ଏକ ଗୁରୁତ୍ୱପୂର୍ଣ୍ଣ ରାଜନୈତିକ ବାର୍ତ୍ତା ବହନ କରୁଛି। ପାଶ୍ଚାତ୍ୟ ବିରୋଧ ଓ ୟୁକ୍ରେନ ଯୁଦ୍ଧ ସତ୍ତ୍ୱେ ରୁଷ୍ ବିଶ୍ୱରେ ଏକ ଘରକିଆ ନୁହେଁ ବୋଲି ରୁଷି ପ୍ରମାଣ କରିବାକୁ ଚାହୁଁଛି ବୋଲି ବିବିସି ଉଲ୍ଲେଖ କରିଛି। ଆମେରିକାକୁ ରୁଷ ଓ ଭାରତ ଭୟ କରୁନାହାନ୍ତି ବୋଲି ଏହି ଗସ୍ତ ପ୍ରମାଣ କରୁଥିବା 'ଦି ଗାର୍ଡିଆନ' ଉଲ୍ଲେଖ କରିଛି।

### ଭାରତୀୟ କୂଟନୀତି ପାଇଁ ପରୀକ୍ଷା: କିଭ୍ ଇଣ୍ଡିପେଣ୍ଡେଣ୍ଟ

ପୁତିନଙ୍କ ଭାରତ ଗସ୍ତ ସହ ଏହି ସପ୍ତାହରେ ଭାରତୀୟ କୁଟନୀତି ପାଇଁ ବଡ଼ ପରୀକ୍ଷା ସୃଷ୍ଟି ହେବ ବୋଲି ୟୁକ୍ରେନର ପ୍ରମୁଖ ଗଣମାଧ୍ୟମଗୁଡିକ ଉଲ୍ଲେଖ କରିଛନ୍ତି। ରୁଷି ଓ ୟୁକ୍ରେନ ମଧ୍ୟରେ ସନ୍ତୁଳନ ବଜାୟ ରଖିବାକୁ ଭାରତ ଆଗରେ ନୂଆ ଚ୍ୟାଲେଞ୍ଜ ସୃଷ୍ଟି ହୋଇଛି। ରୁଷ ସହିତ ଶକ୍ତି ଓ ପ୍ରତିରକ୍ଷା ସମ୍ପର୍କକୁ ମଜଭୂତ କରିବାକୁ ଭାରତ ଚାହୁଁଛି। କିନ୍ତୁ ୟୁକ୍ରେନ, ଆମେରିକା ଓ ୟୁରୋପୀୟ ଦେଶଗୁଡ଼ିକ ରୁଷ ଯୁଦ୍ଧ ବନ୍ଦ କରିବା ନେଇ ଭାରତ ଚାପ ପକାଉ ବୋଲି ଚାହୁଁଛନ୍ତି। ପୁଣି ବିଶ୍ୱରେ ରୁଷ୍ ଏକଘରିକିଆ ନୁହେଁ ବୋଲି ପୁତିନ ଏହି ଗସ୍ତ ମାଧ୍ୟମରେ ପ୍ରମାଣ କରିବାକୁ ଚାହୁଁଛନ୍ତି। ଭାରତ ଓ ରୁଷର ବନ୍ଧୁତ୍ୱ ବହୁ ପୁରୁଣା, ପାକିସ୍ତାନ ବିପକ୍ଷ ୧୯୭୧ ଯୁଦ୍ଧରେ ରୁଷ ମଧ୍ୟ ଭାରତକୁ ଖୋଲାଖୋଲି ସମର୍ଥନ କରିଥିଲା। କିନ୍ତୁ ରୁଷ୍ ଓ ୟୁକ୍ରେନ ମାମଲାରେ ଭାରତ ସବୁବେଳେ ନିରପେକ୍ଷ ରହିବାକୁ ପ୍ରୟାସ କରିଛି। ଏପରିକି ଜାତିସଂଘରେ ରୁଷିଆ ବିପକ୍ଷରେ ଆସିଥିବା ପ୍ରସ୍ତାବ ନେଇ ହୋଇଥିବା ମତଦାନରୁ ନିଜକୁ ଦୂରେଇ ରଖିଛି। ତେଣୁ ଭାରତ କୂଟନୀତି ପାଇଁ ଏହା ଏକ ବଡ଼ ଚ୍ୟାଲେଞ୍ଜ ବୋଲି ୟୁକ୍ରେନ ଗଣମାଧ୍ୟମଗୁଡିକ କହିଛି।

### ରୁଷୀୟ ଭାଷାରେ ଗୀତା ଉପହାର ଦେଲେ ମୋଦୀ

ଭାରତ- ରୁଷିଆ ଶିଖର ସମ୍ମିଳନୀ (୨୩ତମ )ରେ ଯୋଗ ଦେବାକୁ ରାଷ୍ଟ୍ରପତି ଭ୍ଲାଦିମିର ପୁତିନ ଗୁରୁବାର ଭାରତରେ ପହଞ୍ଚିଛନ୍ତି। ୪ ବର୍ଷ ପରେ ପୁତିନ ଭାରତ ଗସ୍ତରେ ଆସିଛନ୍ତି। ତାଙ୍କୁ ପାଛୋଟି ନେବାକୁ ପ୍ରଧାନମନ୍ତ୍ରୀ ମୋଦୀ ପ୍ରୋଟୋକଲ ଭାଙ୍ଗି ପାଲମ ବିମାନ ବନ୍ଦରରେ ପହଞ୍ଚିଥିଲେ। ଏହାପରେ ଦୁହେଁ ପ୍ରଧାନମନ୍ତ୍ରୀ ବାସଭବନରେ ପହଞ୍ଚିଥିଲେ। ପୁତିନଙ୍କ ସମ୍ମାନରେ ଏକ ନୈଶ୍ୟଭୋଜିର ମଧ୍ୟ ଆୟୋଜନ ହୋଇଥିଲା। ଏହି ଅବସରରେ ମୋଦୀ ତାଙ୍କୁ ରୁଷୀୟ ଭାଷାରେ ଲିଖିତ ଏକ ଗୀତା ଉପହାର ସ୍ୱରୂପ ପ୍ରଦାନ କରିଥିଲେ। ଏହାପରେ ପୁତିନ ରାଜଘାଟରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ତା'ପରେ ଉଭୟ ନେତା ଶିଖର ସମ୍ମିଳନୀରେ ଅଂଶଗ୍ରହଣ କରିବାକୁ ହାଇଦରାବାଦ୍ ହାଉସ୍ ଯାଇଥିଲେ।

### ମୋଦୀଙ୍କ ଭଳି ନେତା ପାଇ ଭାରତ ଭାଗ୍ୟବାନ: ପୁତିନ

ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁତିନ ଭାରତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରଶଂସାରେ ଶତମୁଖ ହୋଇଛନ୍ତି। ଭାରତ ପାଖରେ ମୋଦୀଙ୍କ ଭଳି ନେତା ରହୁଥିବାରୁ ଏହି ଦେଶ ବେଶ୍ ଭାଗ୍ୟବାନ ବୋଲି ସେ କହିଛନ୍ତି। ମୋଦୀ କୌଣସି ଚାପ ଆଗରେ ମୁଣ୍ଡ ନୁଆଁନ୍ତି ନାହିଁ ବୋଲି ମସ୍କୋରେ ସାକ୍ଷାତ୍‌କାର ଦେବା ଅବସରରେ ପୁତିନ କହିଥିଲେ। ଭାରତ ଏବେ ବିଶ୍ୱର ଏକ ବଡ଼ ଶକ୍ତିଭାବେ ଉଭା ହୋଇଛି। ଫଳରେ ଅନ୍ୟ ଦେଶଗୁଡିକ ଭାରତ ପ୍ରତି ଈର୍ଷାନ୍ୱିତ ହୋଇ ପଡ଼ିଥିବା ବୋଲି ସେ କହିଛନ୍ତି। ଆମେରିକାର ଟାରିଫ୍ ନୀତି ନେଇ ପୁତିନ ସ୍ପଷ୍ଟ ଭାବେ ନିଜର ମତ ରଖିଛନ୍ତି। ଏ ନେଇ ଭାରତର ସ୍ୱତନ୍ତ୍ର ତଥା ସ୍ୱାଧୀନ ନୀତି ରହିଥିବା ସେ ସୂଚନା ଦେଇଛନ୍ତି।

### ନେହରୁଙ୍କୁ ଗାଈ ଉପହାର ଦେଇଥିଲା ରୁଷିଆ



ପଣ୍ଡିତ ଜବାହାରଲାଲ ନେହରୁ ଦ୍ୱିତୀୟଥର ପ୍ରଧାନମନ୍ତ୍ରୀ ଭାବେ ନିର୍ବାଚିତ ହେବା ପରେ ୧୯୬୦ ମାର୍ଚ୍ଚ ୨୭ରେ ରୁଷିଆ ଅର୍ଥାତ ସେତେବେଳେର ସୋଭିଏତ ୟୁନିୟନକୁ ଦୁଇ ଦିନିଆ ଗସ୍ତରେ ଯାଇଥିଲେ। ତାଙ୍କ ଏହି ଗସ୍ତରେ ରୁଷିଆ ସରକାର ତାଙ୍କୁ ଏକ ଗାଈ ଉପହାର ସ୍ୱରୁପ ପ୍ରଦାନ କରିଥିଲେ। ସୋଭିଏତ ରାଷ୍ଟ୍ରଦୂତ ଇଭାନ ବେନେଡିକ୍‌ଟୋଭ ଓ ତାଙ୍କ ପତ୍ନୀ ନେହରୁଙ୍କୁ ଗାଈର ଦଉଡି ପ୍ରଦାନ କରିଥିଲେ। ସଙ୍ଗେସଙ୍ଗେ ନେହରୁ ଗାଈକୁ ଖାଦ୍ୟ ଦେଇଥିଲେ। ଏଭଳି ଏକ ଭିନ୍ନ ଧରଣର ଉପହାର ପାଇଁ ନେହରୁ ଖୁସି ଜାହିର କରିଥିଲେ। ଏବେ ମଧ୍ୟ ଏହି ଘଟଣାକୁ ଦୁଇ ଦେଶର ନାଗରିକ ଓ ନେତାମାନେ ମନେ ରଖିଛନ୍ତି। ଦୁଇ ଦେଶ ପାଇଁ ଏହି ଘଟଣା ଏକ ସ୍ମୃତି ହୋଇ ରହିଛି।

## ଗୁଜରାଟରେ ୧୭ ଲକ୍ଷରୁ ଅଧିକ ମୃତ ଭୋଟର

ନୂଆଦିଲ୍ଲୀ, ୫ ।୧୨(ଏଜେନ୍ସି): ଗୁଜରାଟରେ ଚାଲିଥିବା ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ (ଏସ୍‌ଆଇଆର୍) ପ୍ରକ୍ରିୟାରୁ ଚକିତ କଲା ଭଳି ତଥ୍ୟ ସାମ୍ନାକୁ ଆସିଛି। ବର୍ତ୍ତମାନର ତାଲିକାରେ ୧୭ ଲକ୍ଷ ଉର୍ଦ୍ଧ୍ୱ ମୃତ ଭୋଟର ସାମିଲ ଅଛନ୍ତି ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ସୂଚନା ଦେଇଛନ୍ତି। ଗତ ଏକ ମାସ ମଧ୍ୟରେ ୫ କୋଟିରୁ ଅଧିକ ପଞ୍ଜିକୃତ ଭୋଟରଙ୍କୁ ଫର୍ମ ବଣ୍ଟନ କରାଯାଇଛି। ୩୩ଟି ଜିଲ୍ଲାରେ



ଶତପ୍ରତିଶତ କାର୍ଯ୍ୟ ସମାପ୍ତ ହୋଇଛି। ଫେରସ୍ତ ଫର୍ମଗୁଡିକର ଡିଜିଟାଇଜେସନ କାର୍ଯ୍ୟ ଜାରି ରହିଛି। ୩୦ ଲକ୍ଷ ଭୋଟର ଗୁଜରାଟ ଛାଡି ସାରିଛନ୍ତି ବୋଲି ଜଣାପଡ଼ିଛି। ୬.୧୪ ଲକ୍ଷରୁ ଉର୍ଦ୍ଧ୍ୱ ଭୋଟର ନିଜ ଠିକଣାରେ ନାହାନ୍ତି। ବୁଥ ସ୍ତରର ଅଧିକାରୀ (ବିଏଲ୍‌ଓ) ଙ୍କୁ ୩.୨୫ ଲକ୍ଷରୁ ଅଧିକ ଭୋଟର ରିପିଟେଡ ବର୍ଗରେ ମିଳିଛନ୍ତି। ଏହାର ଅର୍ଥ ଏମାନଙ୍କ ନାମ ଏକାଧିକ ସ୍ଥାନରେ ରହିଛି। ସେପଟେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏସ୍‌ଆଇଆର୍‌କୁ ନେଇ ପୁଣି ଥରେ ବିଜେପିକୁ ସମାଲୋଚନା କରି ମନ୍ତବ୍ୟ ଦେଇଛନ୍ତି। ଏସ୍‌ଆଇଆର ସହିତ ଜଡିତ ଘଟଣାଗୁଡିକରେ ମୃତ୍ୟୁବରଣ କରିଥିବା ଲୋକଙ୍କ ମଧ୍ୟରେ ଅଧାରୁ ଅଧିକ ହିନ୍ଦୁ ବୋଲି ସେ କହିଛନ୍ତି। ମୁର୍ଶିଦାବାଦ୍‌ରେ ଏକ ରାଲିକୁ ସମ୍ବୋଧିତ କରିବା ବେଳେ ମମତା କହିଛନ୍ତି ଯେ, ୨୦୧୬ ବିଧାନସଭା ନିର୍ବାଚନ ପୂର୍ବରୁ ଧର୍ମକୁ ନେଇ ରାଜନୀତି ଆରମ୍ଭ କରିଛି। ଯେଉଁ ଡାଳରେ ବିଜେପି ବସିଛି ତାହାକୁ ହିଁ କାଟୁଛି। ପୁଣି ପଶ୍ଚିମବଙ୍ଗରେ ଏନ୍‌ଆରସି ବା ଡିଟେନସନ ହୋମର ଅନୁମତି ଦିଆଯିବ ନାହିଁ ବୋଲି ସେ କହିଛନ୍ତି।

## ଉତ୍ତରାଖଣ୍ଡରେ ସବୁ ଇଣ୍ଡିଗୋ ବିମାନର ଉଡ଼ାଣ ବାତିଲ୍

ଡେରାଡୁନ୍, ୫ ।୧୨(ଏଜେନ୍ସି): ଉତ୍ତରାଖଣ୍ଡରେ ଶୁକ୍ରବାର ଇଣ୍ଡିଗୋର ୧୫ଟି ବିମାନର ଉଡାଣକୁ ବାତିଲ କରି ଦିଆଯାଇଛି। ଡେରାଡୁନରୁ ଏହି ବିମାନଗୁଡିକ ଉଡାଣ ଭରିବାର କର୍ଯ୍ୟକ୍ରମ ଥିଲା। ଜଲିଗ୍ରାଣ୍ଟ ବିମାନ ବନ୍ଦରରୁ ୧୩ ଓ ଉଦ୍ଧମ ସିଂ ନଗରର ପନ୍ତ ନଗର ବିମାନ ବନ୍ଦରରୁ ୨ଟି ବିମାନ ଟେକ୍‌ଅଫ୍ କରିବାର ଥିଲା। ଯାତ୍ରା ପାଇଁ ପାଖାପାଖି ୧୦୦ ଯାତ୍ରୀ ବିମାନ ବନ୍ଦରରେ ପହଞ୍ଚିଥିଲେ। କିନ୍ତୁ ଶେଷ ମୁହୂର୍ତ୍ତରେ ବିମାନ ବାତିଲ କରି ଦିଆଯାଇଥିଲା। ଏଥିଯୋଗୁଁ ଯାତ୍ରୀମାନେ ଅସନ୍ତୋଷ ଜାହିର କରିଥିଲେ। ଯାତ୍ରୀମାନଙ୍କୁ ସହାୟତା ପ୍ରଦାନ କରିବା ପାଇଁ ବିମାନ ବନ୍ଦରରେ ଏକ ହେଲ୍ପ ଡେସ୍କ ଖୋଲାଯାଇଛି। ଯାତ୍ରୀଙ୍କୁ ଏହି ଡେସ୍କ ଲଗାତର ସୂଚନା ପ୍ରଦାନ କରୁଛି। ପନ୍ତନଗରରୁ ବିମାନଗୁଡିକ ଦିଲ୍ଲୀ ଓ କୋଲକାତା ପ୍ରସ୍ଥାନ କରିବାର କାର୍ଯ୍ୟକ୍ରମ ଥିଲା। ଦୁଇଟି ଯାକ ବିମାନରେ ୬୮ ଜଣ ଯାତ୍ରୀ



ଯାତ୍ରା କରିବାର ବ୍ୟବସ୍ଥା ଥିଲା। ସେହିପରି ଜଲିଗ୍ରାଣ୍ଟ ବିମାନ ବନ୍ଦରରୁ ବିମାନଗୁଡିକ ଦିଲ୍ଲୀ, ଲକ୍ଷ୍ନୌ, ବେଙ୍ଗାଲୁରୁ, ମୁମ୍ବଇ, ଜୟପୁର, ଅହମଦାବାଦ୍, ହାଇଦରାବାଦ୍, ଭୁବନେଶ୍ୱର, କୋଲକାତା ଓ ପୁଣେ ଯାତ୍ରା କରିବାର କାର୍ଯ୍ୟକ୍ରମ ଥିଲା।

# ଭାରତ-ରୁଷ ସମ୍ପର୍କର ନୂଆ ଅଧ୍ୟାୟ

ନୂଆଦିଲ୍ଲୀ (ସମିସ/ଏଜେନ୍ସି): ପଶ୍ଚିମ ଦେଶର ଧମକ, ଆମେରିକାର ନାଲିଆଖି ଓ ଚତୁର ରଣନୀତିକୁ ଉପେକ୍ଷା କରି ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁତିନ୍‌ଙ୍କ ଭାରତ ଗସ୍ତ ବିଶ୍ୱ ଭୂ-ରାଜନୀତି ଇତିହାସରେ ସୃଷ୍ଟି କରିଛି ନୂଆ ଅଧ୍ୟାୟ। ଅନୁରୂପ ଭାବରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭାରତର ସର୍ବଶ୍ରେଷ୍ଠ ବନ୍ଧୁଙ୍କୁ ଉତ୍ସାହର ସହ ସ୍ୱାଗତ ମଧ୍ୟ ସାରା ବିଶ୍ୱକୁ ସ୍ତବ୍ଧ କରିଛି। ପୁତିନ୍‌ଙ୍କ ଏହି ଗସ୍ତ ଓ ଭାରତର ଆନ୍ତରିକ ସ୍ୱାଗତ କେବଳ କୁଟନୈତିକସ୍ତରରେ ନୁହେଁ, ପଶ୍ଚିମ ଦେଶ ଓ ଆମେରିକାକୁ ଶକ୍ତ ଆଘାତ ଦେଇଛି। ୨୩ତମ ଭାରତ-ରୁଷ ବାର୍ଷିକ ଶିଖର ସମ୍ମିଳନୀରେ ଗ୍ରହଣ କରାଯାଇଥିବା ନିଷ୍ପତ୍ତିଗୁଡ଼ିକ ଭାରତ-ରୁଷ ସମ୍ପର୍କକୁ ଏପରି ଏକ ଶକ୍ତ ରଜ୍ଜୁରେ ବାନ୍ଧିଛି, ଯାହା କୌଣସି ଭୂ-ରାଜନୈତିକ ଝଡ଼ରେ ବି ତୁଟିବାର ସମ୍ଭାବନା ନାହିଁ। ୨୦୦୦ ମସିହାରେ ରାଷ୍ଟ୍ରପତି ଭାବରେ ଭ୍ଲାଦିମିର ପୁଟିନ ପ୍ରଥମ ଥର ପାଇଁ ଭାରତ ଗସ୍ତରେ ଆସିଥିବା ବେଳେ ବନ୍ଧୁତାର ଯେଉଁ ବୀଜବପନ ହୋଇଥିଲା ତାହା ୨୦୨୫ ମସିହାରେ ଏକ ବିଶାଳ ବଟବୃକ୍ଷରେ ପରିଣତ ହୋଇଛି। ପ୍ରଧାନମନ୍ତ୍ରୀ ମୋଦି ଓ ରାଷ୍ଟ୍ରପତି ପୁଟିନ ଏକ ମିଳିତ ବିବୃତ୍ତିରେ ଏହି ସମ୍ପର୍କକୁ ବିଶ୍ୱାସ ଓ ପାରସ୍ପରିକ ସମ୍ମାନର ମୂଳଦୁଆ ଉପରେ ପର୍ଯ୍ୟବେଶିତ ବୋଲି ଉଲ୍ଲେଖ କରି ଏହାକୁ କେହି ଦୋହଲାଇ ପାରିବେ ନାହିଁ ବୋଲି କହିଛନ୍ତି।

### ବହୁଧ୍ରୁବୀୟ ବିଶ୍ୱର ଶ୍ରେଷ୍ଠ ସ୍ଥପତି

ଡିସେମ୍ବର ୫ ତାରିଖରେ ଜାରି ହୋଇଥିବା ମିଳିତ ବିବୃତ୍ତିର ପ୍ରତ୍ୟେକ ଶବ୍ଦ ଅନେକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ। ଏହି ବିବୃତି ଭାରତ ଓ ରୁଷକୁ ଏକ 'ବହୁଧ୍ରୁବୀୟ ବିଶ୍ୱ'ର ଶ୍ରେଷ୍ଠ ସ୍ଥପତି ଭାବରେ ପରିଚିତି ଦେଇଛି। ଦୁଇଟି ପ୍ରମୁଖ ଶକ୍ତି ଭାବରେ ସେମାନଙ୍କର ସହଭାଗୀତା ବିଶ୍ୱ ଶାନ୍ତି ଏବଂ ସ୍ଥିରତା ପାଇଁ କାର୍ଯ୍ୟ କରିବ ବୋଲି ଦୁଇ ଦେଶ ପ୍ରତିବଦ୍ଧତା ଘୋଷଣା କରିଛନ୍ତି ଏବଂ ନିଜ ଇଚ୍ଛା ଅନୁସାରେ ବିଶ୍ୱକୁ ନିୟନ୍ତ୍ରଣ ନିମନ୍ତେ ଆମେରିକାର ଏକଛତ୍ର ଆଧିପତ୍ୟକୁ ଏହା ସିଧାସଳଖ ଆହ୍ୱାନ ଦେବାକୁ ସକ୍ଷମ ହୋଇଛନ୍ତି। ଭବିଷ୍ୟତ ପାଇଁ ପ୍ରସ୍ତୁତ ରୋଡ଼ମ୍ୟାପରେ ଭାରତକୁ ଏକ ସାମରିକ ଓ ଆର୍ଥିକ ମହାଶକ୍ତିରେ ପରିଣତ କରିବାକୁ ବ୍ୟବସ୍ଥା କରାଯାଇଛି ଏବଂ ପ୍ରତିରକ୍ଷା, ମହାକାଶ, ପରମାଣୁଶକ୍ତି, ବାଣିଜ୍ୟ ଆଦି କ୍ଷେତ୍ରରେ ଭାରତକୁ ରୁଷ ସହଯୋଗ ଦେବାକୁ ସମ୍ମତ ହୋଇଛି।

### 'ମେକ୍ ଇନ୍ ଇଣ୍ଡିଆ'କୁ ପ୍ରୋତ୍ସାହନ

ପ୍ରତିରକ୍ଷା କ୍ଷେତ୍ର ସର୍ବଦା ଭାରତ-ରୁଷିଆ ସମ୍ପର୍କରେ ମେରୁଦଣ୍ଡ ରୂପେ ପରିଚିତ ହୋଇଛି। ମାତ୍ର ଏବେ ଭାରତ କେବଳ କ୍ରେତା ନୁହେଁ, ବିକ୍ରେତା ହେବାକୁ ସାମର୍ଥ୍ୟ ଅର୍ଜନ କରିବାକୁ ଯାଉଛି। ରୁଷ ରାଷ୍ଟ୍ରପତି ପୁଟିନ 'ଆତ୍ମନିର୍ଭରଶୀଳ ଭାରତ' ଅଭିଯାନକୁ ପୂର୍ଣ୍ଣ ସମର୍ଥନ କରିଛନ୍ତି। ମିଳିତ ବିବୃତ୍ତିରେ ଏହା ପ୍ରତିଫଳିତ



ହୋଇଛି ଏବଂ ଭାରତ-ରୁଷ ସମ୍ପର୍କ 'କ୍ରୟବିକ୍ରୟ'ର ଉର୍ଦ୍ଧ୍ୱକୁ ଯାଇ 'ସହ-ବିକାଶ ଏବଂ ସହ-ଉତ୍ପାଦନ' ପର୍ଯ୍ୟନ୍ତ ପ୍ରଲମ୍ବିତ ହେବ ବୋଲି ଘୋଷଣା କରାଯାଇଛି। ରୁଷିଆ ଭାରତରେ ଏହାର ଅସ୍ତ୍ରଶସ୍ତ୍ର ପାଇଁ ଯନ୍ତ୍ରାଂଶ ଓ ସାମଗ୍ରୀ ସମଷ୍ଟି ନିର୍ମାଣ ନିମନ୍ତେ ପ୍ରତିଶ୍ରୁତି ଦେଇଛି। ଏହାର ଅର୍ଥ ହେଉଛି ଯୁଦ୍ଧ ସମୟରେ, ଭାରତକୁ ଆବଶ୍ୟକୀୟ ଯନ୍ତ୍ରାଂଶ ପାଇଁ ମସ୍କୋ ଯିବାକୁ ପଡ଼ିବ ନାହିଁ। ଏହା ସବୁ ଭାରତରେ ନିର୍ମାଣ ହେବ। ସେହିପରି ପ୍ରଯୁକ୍ତିବିଦ୍ୟା ଆଦାନପ୍ରଦାନ ମାଧ୍ୟମରେ ଭାରତର ସାମରିକ ବାହିନୀକୁ ରୁଷ ଏପରି ଶକ୍ତି ଦେବାକୁ ଯାଉଛି ଯାହା ଭାରତର ଶତ୍ରୁମାନଙ୍କୁ ଥରାଇ ଦେବ। ଏହା ବ୍ୟତୀତ, ଭାରତରେ ନିର୍ମିତ ଏହି ରୁଷୀ ଅସ୍ତ୍ରଶସ୍ତ୍ରଗୁଡ଼ିକୁ 'ବନ୍ଧୁ ଦେଶ'କୁ ମଧ୍ୟ ରପ୍ତାନି କରାଯାଇ ପାରିବ। ଯେଉଁ ପାଶ୍ଚାତ୍ୟ ଦେଶଗୁଡ଼ିକ ଭାରତକୁ ଅସ୍ତ୍ରଶସ୍ତ୍ର ବିକ୍ରି ନିମନ୍ତେ ବିଭିନ୍ନ ସର୍ତ୍ତ ରଖୁଥିଲେ, ସେମାନଙ୍କ ପାଇଁ ଏହି ନିଷ୍ପତ୍ତି ଏକ ବଡ଼ ଆଘାତ।

### ଡ଼ଲାର ବଦଳରେ 'ରୁପି'- 'ରୁବେଲ୍'

ଆର୍ଥିକ କ୍ଷେତ୍ରରେ ମୋଦି ଏବଂ ପୁଟିନଙ୍କ ଦ୍ୱାରା ନିଆଯାଇଥିବା ନିଷ୍ପତ୍ତି ଡଲାରର ଆଧିପତ୍ୟ ପ୍ରତି ଏକ ସିଧାସଳଖ ଆହ୍ୱାନ। ଉଭୟ ନେତା ୨୦୩୦ ସୁଦ୍ଧା ଦ୍ୱିପାକ୍ଷିକ ବାଣିଜ୍ୟକୁ ୧୦୦ ବିଲିୟନ ଡଲାରକୁ ବୃଦ୍ଧି କରିବାର ଲକ୍ଷ୍ୟ ରଖିଛନ୍ତି। ତେବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏହି ବାଣିଜ୍ୟ ଡଲାର ବଦଳରେ ଦୁଇ ଦେଶର ଜାତୀୟ ମୁଦ୍ରା (ଟଙ୍କା ଏବଂ ରୁବେଲ୍)ରେ କାରବାର ହେବ। ଉଭୟ ଦେଶ ସେମାନଙ୍କର ଜାତୀୟ ଦେୟ ବ୍ୟବସ୍ଥାକୁ ଏକୀକୃତ କରିବା ପାଇଁ କାମ କରିବେ। ଏହା ପାଶ୍ଚାତ୍ୟ ପ୍ରତିବନ୍ଧକକୁ ପ୍ରତିଘାତ କରିବ ଏବଂ ନିରବଚ୍ଛିନ୍ନ ବାଣିଜ୍ୟକୁ ସୁନିଶ୍ଚିତ କରିବ। ଏହା ବ୍ୟତୀତ ଭାରତ ଏବଂ ୟୁରେସିଆନ୍ ଅର୍ଥନୈତିକ ସଂଘ ମଧ୍ୟରେ ଏକ ମୁକ୍ତ ବାଣିଜ୍ୟ ଚୁକ୍ତିନାମାଉପରେ ଆଲୋଚନାକୁ ତ୍ୱରାନ୍ୱିତ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏହା ଭାରତ ପାଇଁ ଏକ ବିଶାଳ ବଜାର ଖୋଲିବ। ୟେକାଟେରିନବର୍ଗ ଏବଂ କାଜାନରେ ଦୁଇଟି ନୂତନ ଭାରତୀୟ କନସୁଲେଟ୍ ଖୋଲାଯିବ, ଯାହା ଭାରତୀୟ ବ୍ୟବସାୟକୁ ଅଧିକ ଗତି ଦେବ।

### ଭାରତକୁ ଶକ୍ତି ସୁରକ୍ଷା ଗ୍ୟାରେଣ୍ଟି

ରୁଷ ଭାରତର ସର୍ବବୃହତ ଶକ୍ତି ସୁରକ୍ଷା ଅଂଶୀଦାର ଭାବରେ ଉଭା ହୋଇଛି। ମିଳିତ ବିବୃତ୍ତିରେ କୁଡାନକୁଲମ ପରମାଣୁ ଶକ୍ତି କେନ୍ଦ୍ରର କାର୍ଯ୍ୟ ତ୍ୱରାନ୍ୱିତ କରିବ। ଏହା ସହ ରୁଷ ଭାରତକୁ ୧୦୦ ଗିଗାୱାଟ ପରମାଣୁ ଶକ୍ତିର ଲକ୍ଷ୍ୟ ହାସଲ କରିବାରେ ସହାୟତା ଯୋଗାଇବ। ପୁନଶ୍ଚ ଭାରତକୁ ତେଲ, ଗ୍ୟାସ ଏବଂ ସାରର ଦୀର୍ଘକାଳୀନ ଯୋଗାଣର ଗ୍ୟାରେଣ୍ଟି ଦେଇଛି ରୁଷ। ବିଶ୍ୱ ଯେତେବେଳେ ଶକ୍ତି ସଙ୍କଟର ସମ୍ମୁଖୀନ ହେବାକୁ ଯାଉଛି, ସେତେବେଳେ ଭାରତରେ ପ୍ରଗତିର ପରିବହନ ଚକ କେବେ ବି ବନ୍ଦ ହେବ ନାହିଁ ବୋଲି ରାଷ୍ଟ୍ରପତି ପୁଟିନ୍ ଭାରତର ପ୍ରଧାନମନ୍ତ୍ରୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। କୋଇଲା ଗ୍ୟାସିଫିକେସନ୍ ପ୍ରଯୁକ୍ତିବିଦ୍ୟା ହେଉ କିମ୍ବା ପେଟ୍ରୋକେମିକାଲ୍ସ, ପ୍ରତ୍ୟେକ ପଦକ୍ଷେପରେ ରୁଷ ଭାରତ ସହିତ ଠିଆ ହେବ ଏବଂ ଭାରତକୁ ତୈଳ, ଗ୍ୟାସ ଓ ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥରେ ସମୃଦ୍ଧ ଆର୍କଟିକ୍‌ର ସମ୍ପଦରେ ଅଂଶୀଦାର କରିବାକୁ ପୁଟିନ୍ ସମ୍ମତ ହୋଇଛନ୍ତି। ଅନୁରୂପ ଭାବରେ ଚେନ୍ନାଇ-ଭ୍ଲାଡିଭୋଷ୍ଟିକ୍ ସାମୁଦ୍ରିକ କରିଡର ଏବଂ ଉତ୍ତର ସମୁଦ୍ର ପଥରେ ସହଯୋଗ ବୃଦ୍ଧି କରି ଚୀନର ବେଲ୍ଟ ଆଣ୍ଡ ରୋଡ୍ ଇନିସିଏଟିଭ୍‌କୁ ଭାରତ ଉପଯୁକ୍ତ ଜବାବ ଦେବାକୁ ସକ୍ଷମ ହୋଇଛି। ଏହି ନିଷ୍ପତ୍ତି ଫଳରେ ଆର୍କଟିକ ପଥ ଦେଇ ସିଧାସଳଖ ୟୁରୋପ ଓ ରୁଷ ସହିତ ସଂଯୋଗ କରିପାରିବ।

### ପାକିସ୍ତାନକୁ ସିଧାସଳଖ ଚେତାବନୀ

ଭାରତ-ରୁଷ ଶିଖର ସମ୍ମିଳନୀର ସଂଯୁକ୍ତ ବିବୃତ୍ତିର ଅନୁଚ୍ଛେଦ ୬୦ ପାକିସ୍ତାନ ପାଇଁ ଏକ ଦୁଃସ୍ୱପ୍ନଠାରୁ କମ୍ ନୁହେଁ। ୨୨ ଏପ୍ରିଲ୍ ୨୦୨୫ରେ ଜମ୍ମୁ ଏବଂ କାଶ୍ମୀରର ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ ଓ ୨୨ ମାର୍ଚ୍ଚ ୨୦୨୪ରେ ମସ୍କୋର କ୍ରୋକସ୍ ସିଟି ହଲ୍ ଆକ୍ରମଣକୁ ଏଥିରେ କଠୋର ନିନ୍ଦା କରାଯାଇଛି। ଦୁଇ ଦେଶର ନେତା ଆତଙ୍କବାଦ ବିରୁଦ୍ଧରେ 'ଶୂନ୍ୟ ସହନଶୀଳତା' ନୀତି ଗ୍ରହଣ କରାଯିବ ବୋଲି ଘୋଷଣା କରିଛନ୍ତି। ଉଭୟ ଦେଶ ଆତଙ୍କବାଦୀଙ୍କ ନିରାପଦ ଆଶ୍ରୟସ୍ଥଳଗୁଡ଼ିକୁ ମୂଳପୋଛ କରିବାକୁ ପ୍ରତିଜ୍ଞା କରିଛନ୍ତି। ଆଫଗାନିସ୍ତାନ ବା ପାକିସ୍ତାନରେ ଲୁଚି ରହିଥିବା ଆତଙ୍କବାଦୀଙ୍କୁ ଭାରତ ଏବଂ ରୁଷ ମିଳିତ ଭାବରେ ନିପାତ କରିବାକୁ ନିଷ୍ପତ୍ତି ନେଇଛନ୍ତି।

### ଜାତିସଂଘରେ ଭାରତକୁ ଭିଟୋ କ୍ଷମତା

ରୁଷ ଜାତିସଂଘ ସୁରକ୍ଷା ପରିଷଦର ସଂସ୍କାର ଓ ଭାରତର ସ୍ଥାୟୀ ସଦସ୍ୟତା ସମର୍ଥନକୁ ପୁନର୍ବାର ଦୋହରାଇଛି ରୁଷ। ସଂଯୁକ୍ତ ବିବୃତିର ଅନୁଚ୍ଛେଦ ୪୨ରେ ଏହା ସ୍ପଷ୍ଟ କରାଯାଇଛି। ରୁଷ ଏକ ସଂସ୍କାରିତ ଓ ବିସ୍ତାରିତ ଜାତିସଂଘ ସୁରକ୍ଷା ପରିଷଦରେ ଭାରତର ସ୍ଥାୟୀ ସଦସ୍ୟତାକୁ 'ଦୃଢ଼ ଭାବରେ ସମର୍ଥନ କରେ' ବୋଲି ଉଲ୍ଲେଖ କରିଛି। ଜାତିସଂଘରେ ଭାରତର ପଥକୁ ଅବରୋଧ କରିବାକୁ ଚେଷ୍ଟା କରୁଥିବା ଦେଶମାନଙ୍କ ପାଇଁ ରୁଷ ସ୍ପଷ୍ଟ ବାର୍ତ୍ତା ଦେଇଛି। ଜାତିସଂଘରେ ସ୍ଥାୟୀ ସଦସ୍ୟତା ପାଇଁ ଭାରତ ହକଦାର ଏବଂ ଭିଟୋ କ୍ଷମତା ଓ କୂଟନୈତିକ ଲାଭ ବ୍ୟବହାର ଏହାର ଅଧିକାର ବୋଲି ରୁଷ କହିଛି। ଏହା ସହିତ ପରମାଣୁ ଯୋଗାଣକାରୀ ଗୋଷ୍ଠୀରେ ଭାରତର ପ୍ରବେଶକୁ ରୁଷ ଦୃଢ଼ ସମର୍ଥନ ଜଣାଇଛି।

### ଗଗନଯାନରୁ ଗ୍ରହ ଅନୁସନ୍ଧାନ

ଦୁଇ ଦେଶ ମହାକାଶ କ୍ଷେତ୍ର, ମାନବ ମହାକାଶ ଉଡ଼ାଣ, ରକେଟ୍ ଇଞ୍ଜିନ୍ ବିକାଶ ଏବଂ ଗ୍ରହ ଅନୁସନ୍ଧାନରେ ପାରସ୍ପରିକ ସହଯୋଗ ବୃଦ୍ଧି ପାଇଁ ନିଷ୍ପତ୍ତି ନେଇଛନ୍ତି। ଏହା ଭାରତର ଗଗନଯାନ ମିଶନ ହେଉ କିମ୍ବା ଭବିଷ୍ୟତର ମହାକାଶ ଷ୍ଟେସନର ସ୍ୱପ୍ନ, ରୁଷ ପ୍ରଯୁକ୍ତିବିଦ୍ୟା ଭାରତ ପାଇଁ ଗୁରୁତ୍ୱପୂର୍ଣ୍ଣ ପ୍ରମାଣିତ ହେବ। ଅନ୍ୟପକ୍ଷରେ ଆନ୍ତର୍ଜାତୀୟ ଉତ୍ତର-ଦକ୍ଷିଣ ପରିବହନ କରିଡରକୁ ସୁଦୃଢ଼ କରିବାରେ ରୁଷ ଭାରତକୁ ସହଯୋଗ କରିବାକୁ ନିଷ୍ପତ୍ତି ହୋଇଛି। ଏହି ମାର୍ଗ ଇରାନ ଓ ମଧ୍ୟ ଏସିଆ ଦେଇ ଭାରତକୁ ରୁଷ ଏବଂ ୟୁରୋପ ସହିତ ସଂଯୋଗ କରିବ। ଏହା ସ୍ୱେଜ୍ କେନାଲର ଏକ ବିକଳ୍ପ ହୋଇପାରିବ ଓ ବାଣିଜ୍ୟିକ ପରିବହନ ଖର୍ଚ୍ଚକୁ ଉଲ୍ଲେଖନୀୟ ଭାବରେ ହ୍ରାସ କରିପାରିବ। ରୁଷ ଓ ଭାରତୀୟ ରେଳବାଇ ମଧ୍ୟରେ ସହଯୋଗ ପ୍ରଯୁକ୍ତିବିଦ୍ୟା ବିନିମୟକୁ ସହଜ କରିବ।

### ଭବିଷ୍ୟତ ସମୟ ପାଇଁ ପ୍ରସ୍ତୁତି

ଆଜି ସମୟରେ ଯାହା ନିକଟରେ ମୂଲ୍ୟବାନ ଖଣିଜ ପଦାର୍ଥ ଓ ସେମିକଣ୍ଡକ୍ଟର ଚିପ୍ସ ଅଛି, ବିଶ୍ୱରେ ସେ ସବୁଠୁ ଶକ୍ତିଶାଳୀ। ମିଳିତ ବିବୃତ୍ତିର ଅନୁଚ୍ଛେଦ ୩୩ରେ ଉଚ୍ଚ ପ୍ରଯୁକ୍ତି ଶିଳ୍ପ ଏବଂ ବୈଦ୍ୟୁତିକ ଯାନବାହନ ପାଇଁ ଅତ୍ୟାବଶ୍ୟକ ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ ଏବଂ ବିରଳ ପୃଥିବୀର ଅନୁସନ୍ଧାନ ଏବଂ ପ୍ରକ୍ରିୟାକରଣରେ ସହଯୋଗ ବିଷୟରେ ଆଲୋଚନା ହେଇଛି। ଦୁଇ ଦେଶ କ୍ୱାଣ୍ଟମ୍ କମ୍ପ୍ୟୁଟିଂ, ଇଓ ଏବଂ ଡିଜିଟାଲ୍ ସୁରକ୍ଷାରେ ମଧ୍ୟ ଏକାଠି କାମ କରିବେ ବୋଲି ନିଷ୍ପତ୍ତି ହୋଇଛି।

■ ସଂସଦରେ ରିଜିଜୁ- ଡିଏମ୍‌କେ ଏମ୍‌ପି ମୁହାଁମୁହିଁ

## ବିଚାରପତିଙ୍କୁ ଆର୍‌ଏସ୍‌ଏସ୍ ଜଜ୍ କହିଲେ ଟିଆର ବାଲୁ

ନୂଆଦିଲ୍ଲୀ, ୫ ।୧୨(ଏଜେନ୍ସି): ସଂସଦର ଶୀତକାଳୀନ ଅଧିବେଶନର ୫ମ ଦିନରେ ଏକ ଅପ୍ରୀତିକର ସ୍ଥିତି ସୃଷ୍ଟି ହୋଇଥିଲା। ଶୁକ୍ରବାର କେନ୍ଦ୍ରମନ୍ତ୍ରୀ କିରନ ରିଜିଜୁ ଓ ତାମିଲନାଡୁର ଡିଏମ୍‌କେ ସାଂସଦ ଟିଆର ବାଲୁଙ୍କ ମଧ୍ୟରେ ଜୋରଦାର ଯୁକ୍ତିତର୍କ ଦେଖିବାକୁ ମିଳିଥିଲା। ଏକ ଘଟଣା ସମ୍ପର୍କରେ କହିବାକୁ ଯାଇ ଜଣେ ହାଇକୋର୍ଟ ବିଚାରପତିଙ୍କୁ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ (ଆରଏସ୍‌ଏସ୍) ଜଜ୍ ବୋଲି ବାଲୁ କହିବା ପରେ ଦୁହିଁଙ୍କ ମଧ୍ୟରେ କଥା କଟାକଟି ଆରମ୍ଭ ହୋଇଥିଲା। ଆପଣ ଜଣେ ହାଇକୋର୍ଟ ବିଚାରପତିଙ୍କୁ ଆରଏସ୍‌ଏସ୍‌ର ଜଜ୍ କିପରି କହି ପାରୁଛନ୍ତି ବୋଲି ରିଜିଜୁ ପ୍ରଶ୍ନ କରିଥିଲେ। ଏହା ଦ୍ୱାରା ସଂସଦୀୟ ମର୍ଯ୍ୟାଦାର ଉଲ୍ଲଂଘନ ହୋଇଛି। ଆପଣ ଜଣେ ବିଚାରପତିଙ୍କ ପ୍ରତି ଏଭଳି ଅଣ ସଂସଦୀୟ ଭାଷା ପ୍ରୟୋଗ କରିପାରିବେ ନାହିଁ। ଆପଣ କ୍ଷମା ମାଗନ୍ତୁ। ନ୍ୟାୟପାଳିକା ଉପରେ କଳଙ୍କ ଲଗାଇବାକୁ ଆପଣଙ୍କ ସାହସ କିପରି ହେଲା ବୋଲି ରିଜିଜୁ କହିଥିଲେ। ସେପଟେ ରାଜ୍ୟ ସଭାରେ ଇଣ୍ଡିଗୋ ବିମାନରେ କର୍ମଚାରୀଙ୍କ ଅଭାବକୁ ନେଇ ବିରୋଧୀ ଦଳ ପ୍ରଶ୍ନ ଉଠାଇଥିଲେ। ଏହା ଦ୍ୱାରା ଦେଶରେ ବିମାନ ସେବା ଠପ୍ ହୋଇଛି। ବିରୋଧୀ ଏ ନେଇ ଜବାବ ମାଗିଥିଲେ।

## ମର୍ଯ୍ୟାଦା ଭଙ୍ଗ ହେଉ ନ ଥିଲେ ମହିଳାଙ୍କ ଫଟୋ ଉଠାଇବା ଅପରାଧ ନୁହେଁ: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୫ ।୧୨(ଏଜେନ୍ସି): ମହିଳାଙ୍କ ଫଟୋ ଉଠାଇବା ନେଇ ଶୁକ୍ରବାର ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। କୋର୍ଟ କହିଛନ୍ତି ଯେ ଯଦି ଜଣେ ମହିଳା ବ୍ୟକ୍ତିଗତ ମୁହୂର୍ତ୍ତରେ ନାହାନ୍ତି, ତେବେ ତାଙ୍କ ସମ୍ମତି ବିନା ମୋବାଇଲ ଫୋନ୍ ଉଠାଇବା କିମ୍ବା ଭିଡିଓ ରେକର୍ଡିଂ କରିବା ଆଇପିସି ଧାରା ୩୫୪ସି ଅନୁସାରେ ଅପରାଧ ନୁହେଁ। ଜଷ୍ଟିସ ଏନ୍ କୋଟେଶ୍ୱର ସିଂ ଓ ଜଷ୍ଟିସ ମନମୋହନଙ୍କ ଖଣ୍ଡପୀଠ କୋଲକାତା ହାଇକୋର୍ଟଙ୍କ ରାୟକୁ ସମର୍ଥନ କରି ଜଣେ ଅଭିଯୁକ୍ତଙ୍କୁ ମୁକ୍ତ କରିଛନ୍ତି। ଏହିକ୍ରମରେ କୋର୍ଟ ପୁଲିସ୍ ଓ ଟ୍ରାଏଲ କୋର୍ଟଙ୍କୁ ଭର୍ତ୍ସନା କରିଛନ୍ତି। ଜଣେ ମହିଳା ଏକ ବିବାଦୀୟ ଜମିରେ ପ୍ରବେଶ କରୁଥିବା ବେଳେ ଏକ ଭିଡିଓ ରେକର୍ଡିଂକୁ ନେଇ ଏହି ମାମଲା ହୋଇଥିଲା। କିନ୍ତୁ ଏଥିରେ ମର୍ଯ୍ୟାଦାର ଉଲ୍ଲଂଘନ ହୋଇ ନାହିଁ ବୋଲି କୋର୍ଟ ସ୍ପଷ୍ଟ କରିଥିଲେ। ଏଭଳି ଦୁର୍ବଳ ମାମଲାଗୁଡିକ ଶୁଣାଣି ନ କରିବାକୁ ପ୍ରୟାସ କରାଯିବା ଉଚିତ ଓ ଏହାଦ୍ୱାରା ନ୍ୟାୟାଳୟଗୁଡିକର ସମୟ ଅପଚୟ ହେଉଛି ବୋଲି ସୁପ୍ରିମକୋର୍ଟ କହିଛନ୍ତି।


## ପାକିସ୍ତାନର ପ୍ରଥମ ସିଡିଏଫ୍ ହେଲେ ମୁନୀର

ଇସଲାମାବାଦ୍, ୫ ।୧୨(ଏଜେନ୍ସି): ପାକିସ୍ତାନ ସେନା ମୁଖ୍ୟ ତଥା ଫିଲ୍ଡ ମାର୍ଶାଲ ସୟଦ ଆସିମ ମୁନୀର ଆହୁରି ଶକ୍ତିଶାଳୀ ହୋଇଛନ୍ତି। ସେ ପାକିସ୍ତାନର ପ୍ରଥମ ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ (ସିଡିଏସ୍) ନିଯୁକ୍ତି ହୋଇଛନ୍ତି। ସେ ଆଗାମୀ ୫ ବର୍ଷ ପାଇଁ ଏହି ଗୁରୁଦାୟିତ୍ୱ ବହନ କରିବେ। ପାକିସ୍ତାନ ରାଷ୍ଟ୍ରପତି ଆସିଫ ଅଲି ଜର୍ଦ୍ଦାରୀ ଏନେଇ ଆସିଥିବା ପ୍ରସ୍ତାବକୁ ଅନୁମୋଦନ ଦେବା ପରେ ମୁନୀର ସିଡିଏଫ୍ ବିବେଚିତ ହୋଇଛନ୍ତି। ପ୍ରଧାନମନ୍ତ୍ରୀ ଶାହବାଜ ସରିଫ୍ ଉଭୟ ଚିଫ୍ ଅଫ୍ ଆର୍ମି ଷ୍ଟାଫ୍ (ସିଓଏଏସ୍) ଓ ସିଡିଏସ୍ ପଦ ପାଇଁ ମୁନୀରଙ୍କ ନାମ ସୁପାରିସ କରିଥିଲେ। ଏହାକୁ ଅନୁମୋଦନ କରାଯାଇଛି ବୋଲି ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟ ତରଫରୁ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ପୋଷ୍ଟ କରାଯାଇଛି। ଉଲ୍ଲେଖଥାଉ କି, ଗତମାସରେ ପାକିସ୍ତାନ ସମ୍ବିଧାନରେ ୨୭ତମ ସଂଶୋଧନ କରାଯିବା ପରେ ମୁନୀର ସିଡିଏସ୍ ହେବା ନିଶ୍ଚିତ ହୋଇଥିଲା। ଏଥିସହ ଏୟାର ଚିଫ୍ ମାର୍ଶାଲ ଜାହିର ଅହମ୍ମଦ ବାବର ସିଦ୍ଧୁଙ୍କ କାର୍ଯ୍ୟକାଳ ଦୁଇବର୍ଷ ବୃଦ୍ଧି ପାଇଁ ଦିଆଯାଇଥିବା ପ୍ରସ୍ତାବକୁ ମଧ୍ୟ ରାଷ୍ଟ୍ରପତି ଅନୁମୋଦନ କରିଛନ୍ତି। ମୁନୀର ୨୦୨୨ରେ ସେନା ପ୍ରମୁଖ ହୋଇଥିଲେ। ଚିଫ୍ ଅଫ୍ ଷ୍ଟାଫ୍ ବଦଳରେ ସିଡିଏଫ୍ ପଦ ସୃଷ୍ଟି କରାଯାଇଥିଲା। ସିଡିଏଫ୍ ଜଳ, ସ୍ଥଳ ଓ ବାୟୁ ସେନାର ସନ୍ତୁଳନ ରକ୍ଷା କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିବେ।

## ସାମାଜିକ ଗଣମାଧ୍ୟମ ଆକାଉଣ୍ଟ ଯାଞ୍ଚ୍ ପରେ ମିଳିବ ଏଚ୍-୧ବି ଭିସା

ୱାସିଂଟନ, ୫ ।୧୨(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏଚ୍-୧ବି ଭିସା ନିୟମକୁ କଡ଼ାକଡ଼ି ଭାବେ ଲାଗୁ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏବେ ଏଚ-୧ବି ଭିସା ଆବେଦନକାରୀଙ୍କୁ ନିଜର ସୋସିଆଲ ମିଡିଆ ଆକାଉଣ୍ଟ ସାର୍ବଜନୀନ କରିବାକୁ ହେବ। ଯାହା ଫଳରେ ଆମେରିକୀୟ ଅଧିକାରୀମାନେ ଆବେଦନକାରୀଙ୍କ ପ୍ରୋଫାଇଲ, ସୋସିଆଲ ମିଡିଆ ପୋଷ୍ଟ, ଲାଇକ୍ ଓ କମେଣ୍ଟ ଦେଖିପାରିବେ। ଯଦି ଆବେଦନକାରୀଙ୍କ କୌଣସି ସୋସିଆଲ ମିଡିଆ ଗତିବିଧି ଆମେରିକାର ହିତ ବିରୋଧରେ ଯାଉଥିବ, ତେବେ ତାଙ୍କୁ ଏହି ଭିସା ପ୍ରଦାନ କରାଯିବ ନାହିଁ। ଏଚ୍-୧ ବି ଭିସାର ଆଶ୍ରିତ (ପତ୍ନୀ, ପିଲା ଓ ପିତାମାତା)ଙ୍କ ଲାଗି ଜାରି ହୋଇଥିବା ଏଚ୍-୪ ଭିସା ପାଇଁ ମଧ୍ୟ ସୋସିଆଲ ମିଡିଆ ପ୍ରୋଫାଇଲ ସାର୍ବଜନୀନ କରିବାର ଜରୁରୀ ବୋଲି କୁହାଯାଇଛି। ପ୍ରଥମଥର ପାଇଁ ଏଚ୍-୧ବି ଭିସା ନେଇ ଏହି ନିୟମ ଜାରି ହେବ। ଡିସେମ୍ବର ୧୫ରୁ ଏହି ନିୟମ ଲାଗୁ ହେବ ଓ ଏ ସଂକ୍ରାନ୍ତରେ ଟ୍ରମ୍ପ ପ୍ରଶାସନ ସବୁ ଦୂତାବାସ୍‌କୁ ନିର୍ଦ୍ଦେଶ ଜାରି କରିଛନ୍ତି। ଅଗଷ୍ଟରୁ ଷ୍ଟଡି ଭିସା ଏଫ୍-୧, ଏମ୍-୧ ଓ ଜେ-୧ ସହିତ ଭିଜିଟର ଭିସା

■ ଡିସେମ୍ବର ୧୫ରୁ ଲାଗୁ ହେବ ଏହି ନୂଆ ନିୟମ
■ ୩୦ ଦେଶ ଉପରେ ଯାତ୍ରା କଟକଣା ଲଗାଇବ ଆମେରିକା



ବି-୧, ବି-୨ ପାଇଁ ପୂର୍ବରୁ ସୋସିଆଲ ମିଡିଆ ପ୍ରୋଫାଇଲ ସାର୍ବଜନୀନ କରିବା ନିହାତି ଜରୁରୀ ଓ ଏ ନେଇ ନିୟମ ଜାରି ହୋଇସାରିଛି।

ଆମେରିକା ଏବେ ବିଶ୍ୱର ୩୦ଟି ଦେଶ ଉପରେ ଯାତ୍ରା ପ୍ରତିବନ୍ଧକ ଲଗାଇବାକୁ ପ୍ରସ୍ତୁତି ଆରମ୍ଭ କରିଛି। ଆମେରିକା ଅବଶ୍ୟ ପୂର୍ବରୁ ୧୯ଟି ଦେଶ ଉପରେ ଏହି ପ୍ରତବନ୍ଧକ ଲାଗୁ କରିସାରିଛି। ଆମେରିକାର ଗୃହ ବିଭାଗ ସଚିବ କ୍ରିଷ୍ଟି ନୋଏମ ଏନେଇ ସୂଚନା ଦେଇଛନ୍ତି। ଅତିକମ୍‌ରେ ୩୦ଟି କିମ୍ବା ତାଠାରୁ ଅଧିକ ସଂଖ୍ୟକ ଦେଶଗୁଡିକ ଉପରେ ଏହି ପ୍ରତିବନ୍ଧ ଲାଗୁ ହେବ। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏ ଦିଗରେ ଗୁରୁତର ସହ ଚିନ୍ତା କରୁଛନ୍ତି ବୋଲି ସେ କହିଛନ୍ତି। ତେବେ କେଉଁ ଦେଶଗୁଡିକ ବିରୋଧରେ ଏହି ପ୍ରତିବନ୍ଧକ ଲାଗୁ ହେବ ସେ ନେଇ ନୋଏମ ସ୍ପଷ୍ଟ କରିନାହାନ୍ତି। ଏହାପୂର୍ବରୁ ଆମେରିକା ୧୯ଟି ଦେଶର ନାଗରିକଙ୍କୁ ଆମେରିକା ନାଗରିକତା ଓ ଗ୍ରୀନ୍‌କାର୍ଡ ଦେବା ପ୍ରକ୍ରିୟାକୁ ରୋକି ଦେଇଥିଲା। ଗତମାସରେ ହ୍ୱାଇଟ ହାଉସ ନିକଟରେ ଜଣେ ଆଫଗାନ ଶରଣାର୍ଥୀ ନ୍ୟାସନାଲ ଗାର୍ଡଙ୍କ ଉପରେ ଗୁଳି ଚଳାଇବା ଘଟଣା ପରେ ଏହି ନିଷ୍ପତ୍ତି ନିଆଯାଇଥିଲା ବୋଲି ଟ୍ରମ୍ପ ପ୍ରଶାସନ ତରଫରୁ କୁହାଯାଇଥିଲା।

# ବନପାଳଙ୍କୁ ଜୋତାରେ ପିଟିଲେ ଗ୍ରାମବାସୀ

**ରାଇରଙ୍ଗପୁର/କରଞ୍ଜିଆ, ୫।୧୨ (ସମିସ):** ବକେୟା ପାରିଶ୍ରମିକ ପ୍ରଦାନ ଦାବିରେ ଶିମିଳିପାଳ ଅଭୟାରଣ୍ୟ ମଧ୍ୟରେ ବନ କର୍ମଚାରୀମାନଙ୍କୁ ଗ୍ରାମବାସୀ ସଂଘବଦ୍ଧ ଆକ୍ରମଣ କରିଛନ୍ତି। ଏହାର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଭାଇରାଲ ଭିଡିଓରେ ଗ୍ରାମବାସୀମାନେ ବନପାଳଙ୍କୁ ଜୋତାରେ ନିର୍ଦ୍ଧୁମ ମାଡ଼ ମାରୁଥିବା ଦେଖାଯାଉଥିବା ବେଳେ ଅଟକାଇବାକୁ ଚେଷ୍ଟା କରୁଥିବା ଅତିରିକ୍ତ ବନ ସଂରକ୍ଷକ ମଧ୍ୟ ଆକ୍ରମଣର ଶିକାର ହୋଇଛନ୍ତି। ଶିମିଳିପାଳ ଅଭୟାରଣ୍ୟ ଉତ୍ତର ବନ୍ୟପ୍ରାଣୀ ବନଖଣ୍ଡ ଅନ୍ତର୍ଗତ ବରେହିପାଣି ରେଞ୍ଜ କାର୍ଯ୍ୟାଳୟରେ ଏହି ଘଟଣା ଘଟିଛି।



ବନ ବିଭାଗ କାର୍ଯ୍ୟରେ ସ୍ଥାନୀୟ ଅଞ୍ଚଳର ଲୋକମାନେ ଶ୍ରମିକ ଭାବେ କାମ କରିଥିଲେ। କିନ୍ତୁ ତାଙ୍କର ବକେୟା ଟଙ୍କା ବନ କର୍ମଚାରୀମାନେ ପ୍ରଦାନ କରୁନାହାନ୍ତି। ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଲାଗି ରହିଥିଲା। ଆଜି ଗ୍ରାମବାସୀମାନେ ଏକାଠି ହୋଇ ବରେହିପାଣି ରେଞ୍ଜ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ବକେୟା ଟଙ୍କା ନ ମିଳିବା ପର୍ଯ୍ୟନ୍ତ ସେଠାରୁ ଉଠିବେ ନାହିଁ ବୋଲି ଅଡ଼ି ବସିଥିଲେ। ଦୀର୍ଘ ସମୟ ଧରି ଧାରଣା ଦେବା ପରେ ମଧ୍ୟ ଘଟଣାସ୍ଥଳକୁ କେହି ନ ଆସିବାରୁ ଗ୍ରାମବାସୀଙ୍କ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ହଠାତ୍ ବନପାଳ କାଳୀଚରଣ ନାଏକଙ୍କୁ ଦେଖି କାର୍ଯ୍ୟାଳୟକୁ ଧସେଇ ପଶି ଆକ୍ରମଣ କରିଥିଲେ। ଜୋତାରେ ମାଡ଼ ମାରିବା ସହ ଠେଲାପେଲା କରିଥିଲେ। ଚହଲା ଅତିରିକ୍ତ ବନ ସଂରକ୍ଷକ ଲମ୍ବୋଦର ବାସ୍କେ ଗ୍ରାମବାସୀଙ୍କୁ ଅଟକାଇବା ପାଇଁ ଚେଷ୍ଟା କରିବାରୁ ସେ ମଧ୍ୟ ଆକ୍ରମଣର ଶିକାର ହୋଇଥିଲେ। ଖବର ଲେଖାଯିବା ପର୍ଯ୍ୟନ୍ତ ଏନେଇ ବନ ବିଭାଗ ପକ୍ଷରୁ ଥାନାରେ କୌଣସି ଅଭିଯୋଗ ହୋଇନାହିଁ। ଏନେଇ ବନ ବିଭାଗ ପକ୍ଷରୁ ତଦନ୍ତ ଜାରି ରହିଛି ବୋଲି କର୍ତ୍ତୃପକ୍ଷ କହିଛନ୍ତି।

**୩ ଦିନ ପରେ ବାରବାଟୀ ମୁକାବିଲା**

# ବାଉନ୍ସରଙ୍କ ଉପସ୍ଥିତିରେ ଟିକଟ ବିକ୍ରି

**କଟକ, ୫।୧୨ (ସମିସ):** ବାରବାଟୀ ମୁକାବିଲା ନିମନ୍ତେ ଟିକଟ ବିକ୍ରି ପ୍ରକ୍ରିୟାରେ ପୂର୍ଣ୍ଣଚ୍ଛେଦ ପଡ଼ିଛି। ଶୁକ୍ରବାର ବକ୍ସ ଅଫିସ୍‌ରେ ୧୦ ହଜାର କାଉଣ୍ଟର ଟିକଟ ବିକ୍ରି କରାଯିବା ସହ ସମସ୍ତ ଟିକଟ ଶେଷ ହୋଇଯାଇଛି। ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ କାଉଣ୍ଟର ଖୋଲା ରହିବ ବୋଲି ପୂର୍ବରୁ ଘୋଷଣା ହୋଇଥିଲା।






**ଅମାନିଆଙ୍କୁ ଅଡୁଆ କଲା ସର୍ପେଣ୍ଟାଇନ୍ ବ୍ୟାରିକେଡ୍**

ମାତ୍ର ବ୍ୟାରିକେଡ୍‌ରେ ଅପେକ୍ଷାରତ ଦର୍ଶକଙ୍କୁ ନିରାଶ ନକରିବାକୁ ବକ୍ସ ଅଫିସ୍ ଆଉ ଘଣ୍ଟାଏ ଖୋଲା ରଖାଯାଇଥିଲା। ସନ୍ଧ୍ୟା ପ୍ରାୟ ୭ଟାରେ ଟିକଟ ଶେଷ ହୋଇଥିବା ନେଇ ପୁଲିସ ପକ୍ଷରୁ ସୂଚନା ଦିଆଯାଇଥିଲା। ଯେଉଁମାନେ ଅନଲାଇନ୍ ଜରିଆରେ ଟିକଟ ବୁକ୍ କରିଥିଲେ ସେମାନଙ୍କୁ ଆସନ୍ତା ୮ ଏବଂ ୯ ତାରିଖରେ ଟିକଟ୍ ପ୍ରଦାନ କରାଯିବ। ଏଥି ନିମନ୍ତେ କେମ୍ବ୍ରିଜ ସ୍କୁଲରେ ଏକ ସ୍ୱତନ୍ତ୍ର କାଉଣ୍ଟର ଖୋଲିବ।

ପୂର୍ବତ୍ରୁଟିକୁ ସୁଧାରିବା ପାଇଁ ଓଡ଼ିଶା କ୍ରିକେଟ ଆସୋସିଏସନ (ଓସିଏ) ଏବଂ ପୁଲିସ ପକ୍ଷରୁ ହୋଇଥିବା ଯୋଜନା ଫଳପ୍ରଦ ହୋଇଥିଲା। ସର୍ପେଣ୍ଟାଇନ୍ (ଜିକଜ୍ୟାକ୍) ଶୈଳୀରେ ବ୍ୟାରିକେଡ ବନ୍ଧା ଯାଇଥିଲା। ଯଦ୍ୱାରା ସର୍ଭିସ ବ୍ୟାରିକେଡ୍ ଟପି ଟିକଟ ଆଶାୟୀଙ୍କ ନିମନ୍ତେ ଉଦ୍ଦିଷ୍ଟ ବ୍ୟାରିକେଡରେ ପ୍ରବେଶ କରିବା ଅମାନିଆଙ୍କ ନିମନ୍ତେ କାଠିକର ପାଠ ହୋଇଥିଲା। ଏତଦ୍‌ବ୍ୟତୀତ ପ୍ରଥମଥର ବକ୍ସ ଅଫିସ ସମ୍ମୁଖରେ ବାଉନ୍ସର ନିୟୋଜିତ ହୋଇଥିଲେ। ପ୍ରତ୍ୟେକ କାଉଣ୍ଟର ଆଗରେ ଜଗି ରହିଥିଲେ ୪ରୁ ୬ଜଣ ବାଉନ୍ସର। ଏଣୁ ବକ୍ସ ଅଫିସରେ ବିଶୃଙ୍ଖଳା ସୃଷ୍ଟି କରିବାକୁ ମଧ୍ୟ କେହି ସାହସ କରିନଥିଲେ। କାଉଣ୍ଟର ଖୋଲିବା ପୂର୍ବରୁ ତଥା ସକାଳ ପ୍ରାୟ ୯ଟାରେ କ୍ରିକେଟପ୍ରେମୀଙ୍କ ଭିତରେ ଠେଲାପେଲା ହେବା ସହ ଅପ୍ରୀତିକର ପରିସ୍ଥିତି ଉପୁଜିଥିଲା। ଏହାକୁ ଲକ୍ଷ୍ୟରେ ରଖି ପୁଲିସ ଘଟଣାସ୍ଥଳରେ ଲାଠିଚାଳନା କରିଥିଲା। ତେବେ ଦିନ ସମୟରେ କେତେକ ଦିବ୍ୟାଙ୍ଗ ଟିକଟ କିଣିବାକୁ ଆସି ହଇହଇା ହୋଇଥିବା ଦେଖିବାକୁ ମିଳିଥିଲା। ଲମ୍ବା ଧାଡିରେ ଛିଡ଼ା ହୋଇ ଟିକଟ କିଣି ନପାରି ଫେରିବାକୁ ବସିଥିବା ବେଳେ କମିଶନରେଟ ପୁଲିସ ଏବଂ ଓସିଏ ପକ୍ଷରୁ ଆଲୋଚନା କରାଯାଇ ଦିବ୍ୟାଙ୍ଗଙ୍କ ପାଇଁ ଟିକଟ ବିକ୍ରିର ସ୍ୱତନ୍ତ୍ର ବ୍ୟବସ୍ଥା ହୋଇଥିଲା। ଅତିରିକ୍ତ ଡିସିପି ଅମରେନ୍ଦ୍ର ପଣ୍ଡାଙ୍କ ଉପସ୍ଥିତିରେ ଦିବ୍ୟାଙ୍ଗଙ୍କୁ ଟିକଟ ବିକ୍ରି କରାଯାଇଥିଲା।

ପ୍ରକାଶ ଥାଉକି, ଭାରତ-ଦକ୍ଷିଣଆଫ୍ରିକା ବିପକ୍ଷ ଟି-୨୦ ମୁକାବିଲାକୁ ଆଉ ୪ଦିନ ବାକି। ଟିକଟ ବିକ୍ରି ଶେଷ ହୋଇଥିବା ବେଳେ ଏବେ ମ୍ୟାଚ୍‌କୁ ଅପେକ୍ଷା। ଚଳିତଥର ୫ଟି କାଉଣ୍ଟରରେ ଅଫଲାଇନ୍ ଟିକଟ ବିକ୍ରି କରାଯାଇଥିଲା। ବିଦ୍ୟୁତ ବିଭାଗ କାର୍ଯ୍ୟାଳୟ ନିକଟରେ ୩ଟି ଟିକଟ କାଉଣ୍ଟର ଖୋଲିଥିଲା। ଯେଉଁଥିରେ ଗ୍ୟାଲେରୀ ଏବଂ ସ୍ପେସିଆଲ ଏନକ୍ଲୋଜର ଟିକଟ ବିକ୍ରି କରାଯାଇଥିଲା। ହର୍ଶ ଗେଟ୍ ନିକଟରେ ଦାମୀ ଟିକଟ ବିକ୍ରି ହୋଇଥିଲା।

**ଭତ୍ତା ପାଇଁ ହୀନସ୍ତା**

# ଝୁଡ଼ିରେ ୩ କିମି ବୁହା ହେଲେ ବୃଦ୍ଧା

**ରାୟଗଡ଼ା/କାଶୀପୁର, ୫।୧୨ (ସମିସ):** ଭତ୍ତା ପାଇଁ ଝୁଡ଼ିରେ ୩ କିମି ବୁହା ହୋଇ ପଞ୍ଚାୟତ କାର୍ଯ୍ୟାଳୟକୁ ଗଲେ ବୃଦ୍ଧା। ରାୟଗଡ଼ା ଜିଲ୍ଲା କାଶୀପୁର ବ୍ଲକ୍ ଅନ୍ତର୍ଗତ ଉପରକୋଡିଙ୍ଗା ଗ୍ରାମରେ ସରକାରୀ ବ୍ୟବସ୍ଥାର ଏପରି ଏକ ବିକଳ ଚିତ୍ର ଦେଖିବାକୁ ମିଳିଛି। ଏହାର ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବା ପରେ ଏହାକୁ ନେଇ ବୁଦ୍ଧିଜୀବୀମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ସରକାରଙ୍କ ମହତ୍ତ୍ୱାକାଂକ୍ଷୀ ଯୋଜନାର ଲାଭ ଯେପରି ତୃଣମୂଳସ୍ତରରେ ପହଞ୍ଚି ପାରିବ, ସେଥିପାଇଁ ସରକାର ବ୍ୟବସ୍ଥା କରିଥିବା କହୁଥିବା ବେଳେ ବାସ୍ତବ ସ୍ଥିତି ଯେ କେତେ ଭିନ୍ନ; ତାହା ଏହି ଘଟଣା ବୟାନ କରୁଛି ବୋଲି ସେମାନେ ଯୁକ୍ତି ବାଢ଼ିଛନ୍ତି। ଖାଲି ଏହି ଗୋଟିଏ ଘଟଣା ନୁହେଁ, ପୂର୍ବରୁ ମଧ୍ୟ ରାଜ୍ୟର ବିଭିନ୍ନ ସ୍ଥାନରୁ ଭତ୍ତା ପାଇଁ ବରିଷ୍ଠ ନାଗରିକମାନେ ଏପରି ହନ୍ତସନ୍ତ ହେବାର ନଜିର ରହିଛି।

କାଶୀପୁର ବ୍ଲକ ବାଙ୍କାମ୍ବ ପଞ୍ଚାୟତ ଅନ୍ତର୍ଗତ ଉପରକୋଡିଙ୍ଗା ଗ୍ରାମର ଜଲକି ଝୋଡ଼ିଆ(୭୦)। ଆଉ ବଳବୟସ ନାହିଁ। ଚାଲିବାକୁ ବି ଦେହରେ ବଳ ନାହିଁ। ସରକାର ମାସକୁ ଯେଉଁ ଭତ୍ତା ଟଙ୍କା ଗଣ୍ଡିକ ଦିଅନ୍ତି, ସେଇଥିରେ ଚଳନ୍ତି। କିନ୍ତୁ ୨ମାସ ହେବ, ଭତ୍ତା ଟଙ୍କା ନ ମିଳିବାରୁ ଦିନକୁ ଦୁଇ ଓଳି



ଖାଇବା ବି ତାଙ୍କ ପାଇଁ ମୁସ୍କିଲ ହୋଇଗଲା। କାହିଁକି ଭତ୍ତା ଟଙ୍କା ମିଳୁନି, ତାହା ପଚାରିବା ପାଇଁ ପଞ୍ଚାୟତ କାର୍ଯ୍ୟାଳୟ ଯିବାକୁ ତାଙ୍କ ପାଖରେ ସାମର୍ଥ୍ୟ ନାହିଁ କି ଅଟୋରେ ଯିବା ପାଇଁ ପାଖରେ ପାହୁଲାଟିଏ ବି ନାହିଁ। ତେଣୁ, ସ୍ୱାମୀ ଓ ସମ୍ପର୍କୀୟମାନେ ଜଲକିଙ୍କୁ ଏକ ଝୁଡ଼ିରେ ବୋହି ପଞ୍ଚାୟତ କାର୍ଯ୍ୟାଳୟକୁ ନେଇଥିଲେ। ଏ ସଂପର୍କରେ କାଶୀପୁର ବ୍ଲକ୍ ପଞ୍ଚାୟତ ସଂପ୍ରସାରଣ ଅଧିକାରୀ ଜ୍ୟୋତିର୍ମୟୀ ଦାଶଙ୍କୁ ଯୋଗାଯୋଗ କରିବାରୁ ଏହି ଘଟଣା ସମ୍ପର୍କରେ ଆମେ ସାମାଜିକ ଗଣମାଧ୍ୟମରେ ସୂଚନା ପାଇଲୁ। ଏହାର ତଦନ୍ତ କରି ଶୀଘ୍ର ତାଙ୍କୁ ବ୍ୟାଙ୍କ ଏକାଉଣ୍ଟ ମାଧ୍ୟମରେ କିମ୍ବା ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ମାଧ୍ୟମରେ ତାଙ୍କ ଘରକୁ ଯାଇ ନଗଦ ଅର୍ଥ ଭାବେ ଭତ୍ତା ଟଙ୍କା ଦିଆଯିବ ବୋଲି କହିଛନ୍ତି।

ଜିଲ୍ଲା ସାମାଜିକ ସୁରକ୍ଷା ଭାରପ୍ରାପ୍ତ ଅଧିକାରୀ ଶ୍ରୀକାନ୍ତ ପାଣିଗ୍ରାହୀଙ୍କ ପ୍ରତିକ୍ରିୟା ନେବାରୁ ସେ କହିଛନ୍ତି ଯେ ଉକ୍ତ ବୃଦ୍ଧାଙ୍କୁ ଡିବିଟି ମାଧ୍ୟମରେ ଭତ୍ତା ଟଙ୍କା ସିଧାସଳଖ ତାଙ୍କ ବ୍ୟାଙ୍କ ଜମାଖାତାରେ ଜମା ହେଉଛି। କିନ୍ତୁ ସେମାନେ ଏ ବିଷୟରେ ନଜାଣି ଭତ୍ତା ନେବା ପାଇଁ ଚାଲି ଆସିଥିଲେ। ତଥାପି ଆସନ୍ତା ମାସରେ ବୃଦ୍ଧାଙ୍କ ଘରେ ବାର୍ଦ୍ଧକ୍ୟ ଭତ୍ତା ପାଇବାର ବ୍ୟବସ୍ଥା କରି ଦିଆଯିବ ବୋଲି କହିଛନ୍ତି।

**ପୁଲିସ ଚାକିରି ବେପାର**

# ବିରଞ୍ଚିଙ୍କୁ ବାନ୍ଧିଲା ସିବିଆଇ

**ଭୁବନେଶ୍ୱର, ୫।୧୨ (ସମିସ):** ପୁଲିସ ଏସ୍‌ଆଇ ଚାକିରି ବିକ୍ରି ମାମଲାରେ ସିବିଆଇ ଜଣେ ମଧ୍ୟସ୍ଥଙ୍କଠାରୁ ତା'ର ପ୍ରଥମ ଗିରଫଦାରୀ ଆରମ୍ଭ କରିଛି। ଗିରଫ ମଧ୍ୟସ୍ଥ ଜଣଙ୍କ ହେଲେ ବିରଞ୍ଚି ନାରାୟଣ ନାୟକ। ତାଙ୍କୁ ଗଜପତି ଜିଲ୍ଲା ପାରଳାଖେମୁଣ୍ଡିରୁ ଗିରଫ କରାଯାଇଛି। ସିବିଆଇ ସୂତ୍ରରୁ ମିଳିଥିବା ସୂଚନା ମୁତାବକ, ବିରଞ୍ଚି ଏବଂ ଅରବିନ୍ଦଙ୍କ ବସ୍ ହେଉଛନ୍ତି ପଞ୍ଚସପ୍ତର ମାଲିକ ଶଙ୍କର ପ୍ରୁଷ୍ଟି। ଏହି ଦୁଇ ଜଣଙ୍କୁ କ୍ରାଇମ୍ ସିଣ୍ଡିକେଟ୍ ଉତ୍ତର ଓଡ଼ିଶା ଦାୟିତ୍ୱ ଦେଇଥିଲା। ଏମାନେ ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ପାଇଁ ଟଙ୍କା ଦେଇପାରୁଥିବା ପରୀକ୍ଷାର୍ଥୀ ଯୋଗାଡ଼ କରୁଥିଲେ। ଏହାସହ



ଆଶାୟୀଙ୍କୁ ନେଇ ପଶ୍ଚିମବଙ୍ଗର ଦୀଘାରେ ଏକ କ୍ୟାମ୍ପ ଚଳାଇଥିଲେ। ଯେଉଁଥିରେ ପରୀକ୍ଷାର୍ଥୀଙ୍କୁ ଶାରୀରିକ ପ୍ରଶିକ୍ଷଣ ଏବଂ ପ୍ରଶ୍ନପତ୍ର ପ୍ରଦାନ କରାଯାଇଥିଲା। ସିବିଆଇ ତାଙ୍କୁ ଗିରଫ କରିବା ପରେ ସ୍ୱତନ୍ତ୍ର ସିବିଆଇ କୋର୍ଟରେ ହାଜର କରିଥିଲା। ଅଧିକ ପଚରାଉଚରା ପାଇଁ ବିରଞ୍ଚିଙ୍କୁ ୨ ଦିନିଆ ରିମାଣ୍ଡରେ ନେବାକୁ ସିବିଆଇକୁ କୋର୍ଟ ଅନୁମତି ପ୍ରଦାନ କରିଛନ୍ତି।

**ଜେରା ପାଇଁ ସିବିଆଇକୁ ୨ଦିନିଆ ରିମାଣ୍ଡ ଅନୁମତି**

# ସାରଥୀଙ୍କ ବିରୋଧରେ ଚାର୍ଜଫ୍ରେମ୍

**କଟକ, ୫।୧୨ (ସମିସ):** କଟକ ସ୍ୱତନ୍ତ୍ର ଅଦାଲତରେ ଆଜି ସନ୍ତୋଷ କୁମାର ରାଉଳ ଓରଫ୍ ବାବା ସାରଥୀଙ୍କ ବିରୋଧରେ ଚାର୍ଜଫ୍ରେମ୍ ହୋଇଛି। ଅଦାଲତରେ ସାରଥୀ ଭର୍ଚୁଆଲରେ ଓ ଅନ୍ୟ ଅଭିଯୁକ୍ତ ବ୍ୟକ୍ତିଗତ ଭାବେ ହାଜର ହୋଇଥିଲେ। ପରେ ସାରଥୀ ଓ ଅନ୍ୟମାନଙ୍କ ବିରୋଧରେ ଚାର୍ଜଫ୍ରେମ ହୋଇଥିଲା। ପରେ ମାମଲାରେ ସାକ୍ଷ୍ୟ ଗ୍ରହଣ ଆରମ୍ଭ ହେବ। ଜାନୁଆରି ୧୬କୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରାଯାଇଛି।

ସୂଚନାଯୋଗ୍ୟ, ସାରଥୀଙ୍କ ବିରୋଧରେ ରୁଜୁ ମୂଳ ମାମଲାର ତଦନ୍ତ କରି ଆଇପିସିର ଦଫା ୪୨୦, ୧୨୦ ବି, ୪୬୭, ୪୬୮, ୪୭୧, ୩୪୧, ୫୦୬, ୩୭୯, ୪୧୧, ୪୨୩, ୩୪ ସହ ଏସ୍‌ସି ଆଣ୍ଡ ଏସ୍‌ଟି (ପି.ଏ) ଆଇନର ଧାରା ୩, ଆର୍ମସ୍ ଆକ୍ଟର ଧାରା ୨୫ ଓ ରିଲିଜିୟସ୍ ଇନ୍‌ଷ୍ଟିଚ୍ୟୁସନସ୍ (ପ୍ରିଭେନ୍‌ସନ୍ ଅଫ୍ ମିସ୍ ୟୁଜ୍ ଆକ୍ଟ)ର ଧାରା ୭ରେ କ୍ରାଇମବ୍ରାଞ୍ଚ ଚାର୍ଜସିଟ୍ ଦାଖଲ କରିଥିଲା। ଏହି ମାମଲାରେ ସାରଥୀଙ୍କ ସହ ତାଙ୍କ ପୁଅ ସତ୍ୟମ, ସନ୍ତୋଷ ଗୋଚ୍ଛାୟତ, ପିଲୁ ଓରଫ୍ ପିଲାସ୍କି ସ୍ୱାଇଁ, ସିଲୁ ଓରଫ୍ ବିଶ୍ୱଜିତ୍ ପଟ୍ଟନାୟକ ଓ ହରିଶ୍ଚନ୍ଦ୍ର ଦାସ ଓରଫ୍ ବୁଲୁଙ୍କ ବିରୋଧରେ ଚାର୍ଜସିଟ୍ ଦାଖଲ କରାଯାଇଥିଲା। ଏହି ମାମଲାରେ ସମସ୍ତ ଅଭିଯୁକ୍ତ ଜାମିନରେ ଅଛନ୍ତି। ସାରଥୀଙ୍କ ପକ୍ଷରୁ ଆଇନଜୀବୀ ମାନସ ଚାନ୍ଦ ମାମଲା ପରିଚାଳନା କରୁଛନ୍ତି।

**ଫୁଲବାଣୀ ସଦର ଥାନା ଅଧିକାରୀ ନିଲମ୍ବନ ଘଟଣା**

# ଗଞ୍ଜେଇ କାରବାର ପଛରେ କୋଟି କୋଟି ଟଙ୍କାର ଡିଲ୍ !

**ଭୁବନେଶ୍ୱର, ୫।୧୨(ସମିସ):** ଫୁଲବାଣୀ ସଦର ଥାନା ଅଧିକାରୀ ତଥା ଡିଏସ୍‌ପି ସତୀଶ ଚନ୍ଦ୍ର ନାଏକ ନିଲମ୍ବନ ହେବା ପରେ ଖାକିରେ ଗଞ୍ଜେଇ ଦାଗ ଲାଗିଛି। ଗଞ୍ଜେଇ କାରବାର କରିବାକୁ କୋଟି କୋଟି ଟଙ୍କାର ଡିଲ୍ ହୋଇଥିବା କଥା ପଦାକୁ ଆସିବା ସହ ଖାକି ବାବୁମାନଙ୍କ ଗୁମର ଖୋଲୁଛି। ପୁଲିସର ଛବିକୁ ପୂରା ମଳିନ ନ କରିବା ପାଇଁ ଘଟଣାରେ ସଂପୃକ୍ତ ଜଣେ ସବ୍-ଇନ୍ସପେକ୍ଟରଙ୍କୁ ବଦଳି କରିଦିଆଯାଇଛି। କିନ୍ତୁ ବଦଳିକୁ ପ୍ରାୟ ୩ମାସ ବିତି ଯାଇଥିଲେ ମଧ୍ୟ ବାବୁ ଏପର୍ଯ୍ୟନ୍ତ ଥାନା ଛାଡ଼ି ନାହାନ୍ତି। ସେପଟେ, ଏହି ଘଟଣାରେ ଅନ୍ୟତମ କରିତକର୍ମା ଥାନା ସ୍କର୍ପିଓ ତଥା ବେସରକାରୀ ଚାଳକ ଉପରେ ଏପର୍ଯ୍ୟନ୍ତ କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ। ଥାନା ଅଧିକାରୀଙ୍କୁ ନିଲମ୍ବନ କରାଯାଇଥିବା ବେଳେ ସଂପୃକ୍ତ ଏସ୍‌ଆଇ ଓ ଚାଳକଙ୍କୁ କାହିଁକି ଅନୁକମ୍ପା ଦେଖାଯାଉଛି, ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ପୂରା ଘଟଣା ଥିଲା ଏମିତି; ଗତ ସେପ୍ଟେମ୍ବରରେ ଗଞ୍ଜେଇ ଚାଲାଣ ହେଉଥିବା ଖବର ପାଇ ଫୁଲବାଣୀ ସଦର ଥାନା ପୁଲିସ କସକଠି-ମିନିଆ ରାସ୍ତାରେ ଚଢ଼ଉ କରିଥିଲା। ଗଞ୍ଜେଇ ଭର୍ତ୍ତି କାର ଜବତ କରିବା ସହ ଚାଳକକୁ ଗିରଫ କରିଥିଲା। ପାଖାପାଖି ୭ କୁଇଣ୍ଟାଲ ଗଞ୍ଜେଇ ଜବତ କରିଥିବା ବେଳେ ମାତ୍ର ଦେଢ଼ କୁଇଣ୍ଟାଲ ଗଞ୍ଜେଇ ଜବତ ହୋଇଥିବା କାଗଜପତ୍ରରେ ଦେଖାଇଥିଲା। ବାକି ତକ ଗଞ୍ଜେଇକୁ ଖାକି ବାବୁମାନେ ମିଶି ଥାନା ସ୍କର୍ପିଓ ଚଳାଉଥିବା ବେସରକାରୀ ଚାଳକ ଘରେ ନେଇ ଗଚ୍ଛିତ ରଖିଥିଲେ। ଏସ୍‌ପିଙ୍କ ପାଖରେ ଏଭଳି ଖବର ପହଞ୍ଚିବା ପରେ ଘଟଣାର ତଦନ୍ତ ଆରମ୍ଭ ହୋଇଥିଲା। ସ୍କର୍ପିଓ ଚାଳକଙ୍କ ଘରୁ ବିପୁଳ ପରିମାଣର ଗଞ୍ଜେଇ ମଧ୍ୟ ଜବତ ହୋଇଥିଲା। ଘଟଣାର ସତ୍ୟାସତ୍ୟ ଜଣାପଡ଼ିବା ପରେ

**ବଦଳିରେ ସୀମିତ ଏସ୍‌ଆଇଙ୍କ ଉପରେ କାର୍ଯ୍ୟାନୁଷ୍ଠାନ**

**ତଥାପି ଗାଦି ଛାଡ଼ିନାହାନ୍ତି ବାବୁ**

**ସ୍କର୍ପିଓ ଚାଳକଙ୍କୁ ଅନୁକମ୍ପା କାହିଁକି**

ଥାନାଧିକାରୀ ସତୀଶଙ୍କୁ ମୁଖ୍ୟାଳୟକୁ ବଦଳି କରିବା ସହ ସଂପୃକ୍ତ ଏସ୍‌ଆଇଙ୍କୁ ଅନ୍ୟ ଥାନାକୁ ପଠାଇ ଦିଆଯାଇଥିଲା।

ଏତିକିରେ ଘଟଣା ସରି ନଥିଲା; ପରେ ଜଣେ ବରିଷ୍ଠ ପୁଲିସ ଅଧିକାରୀଙ୍କୁ ବିଭାଗୀୟ ତଦନ୍ତ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଡିଏସ୍‌ପିଜଣକ ଥାନାକୁ ଯାଇ ପୂରା ଘଟଣାର ତଦନ୍ତ କରିଥିଲେ। ତଦନ୍ତ ବେଳେ ସାଙ୍ଘାତିକ କଥା ପଦାକୁ ଆସିଥିଲା। ଜବତ ହୋଇଥିବା ଗଞ୍ଜେଇ ଓ ମାଲଖାନାରେ ଥିବା ଗଞ୍ଜେଇ ମଧ୍ୟରେ ତାଳମେଳ ନଥିଲା। ଜବତ ଗଞ୍ଜେଇଠାରୁ ଅଧିକ ପରିମାଣର ଗଞ୍ଜେଇ ମାଲଖାନାରେ ରହିଥିବା ତଦନ୍ତ ବେଳେ ଜଣାପଡ଼ିଥିଲା। ସଂପୃକ୍ତ ଥାନାର ପୁଲିସ ଅଧିକାରୀମାନେ ଗଞ୍ଜେଇ ଧରିବା ପରେ କମ୍ ପରିମାଣର ଗଞ୍ଜେଇ ଜବତ ଦେଖାଇ ଅବଶିଷ୍ଟକୁ ବେଆଇନ ଭାବେ ବିକ୍ରି କରୁଥିବା କଥା ଏକପ୍ରକାର ସ୍ପଷ୍ଟ ହୋଇଥିଲା। ମାଲଖାନା ଗଞ୍ଜେଇରେ ମଧ୍ୟ ହେରଫେର୍ ହୋଇଥିବା ଜଣାପଡ଼ିବା ପରେ ତଦନ୍ତକାରୀ ଅଧିକାରୀ ଏସପିଙ୍କୁ ରିପୋର୍ଟ ଦେଇଥିଲେ। ସଂପୃକ୍ତ ଥାନା ଅଧିକାରୀ, ଏସ୍‌ଆଇ, ସ୍କର୍ପିଓ ଚାଳକ ଓ ଅନ୍ୟ କିଛି କର୍ମଚାରୀ ବେଆଇନ କାରବାରରେ ଲିପ୍ତ ଥିବା ସଂପୃକ୍ତ ରିପୋର୍ଟରେ ଉଲ୍ଲେଖ ରହିଥିବା ସୂଚନା ମିଳିଛି। ପରେ ଫୁଲବାଣୀ ସଦର ଥାନା ଅଧିକାରୀ ତଥା ଡିଏସପି ସତୀଶ ଚନ୍ଦ୍ର ନାଏକଙ୍କୁ ନିଲମ୍ବନ କରାଯାଇଥିଲା।

ସେପଟେ ସଂପୃକ୍ତ ଏସ୍‌ଆଇଙ୍କ କାରନାମାର ତାଲିକା ମଧ୍ୟ ବେଶ୍ ଲମ୍ବା। ଫିରିଙ୍ଗିଆ ଥାନା ପୋଡ଼ି ପୂର୍ବରୁ ଏସ୍‌ଆଇଜଣଙ୍କ ସେଠାରେ କିଛି ଦିନ ଦାୟିତ୍ୱରେ ଥିଲେ। ସେହି ସମୟରେ ଗଞ୍ଜେଇ ଚାଷ କରୁଥିବା ଲୋକଙ୍କୁ ଅନୁକମ୍ପା ଦେଖାଇ ଥିଲେ। ଫଳରେ ତାଙ୍କୁ ଅନ୍ୟ ଥାନାକୁ ବଦଳି କରାଯାଇଥିଲା। ଏବେ ଗଞ୍ଜେଇ କାରବାର ଘଟଣାରୁ ନଜର ହଟାଇବା ଲାଗି ଡିଏସପି ଶ୍ରୀ ନାଏକଙ୍କୁ ନିଲମ୍ବନ କରାଯାଇଥିବା ବେଳେ ଏସ୍‌ଆଇଙ୍କର କେବଳ ବଦଳି କରାଯାଇଛି। ସଂପୃକ୍ତ ଏସ୍‌ଆଇ ଓ ସ୍କର୍ପିଓ ଚାଳକଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନଥିବାରୁ ଏହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏସ୍‌ଆଇଜଣଙ୍କ ବାରମ୍ବାର ବେଆଇନ କାର୍ଯ୍ୟରେ ସଂପୃକ୍ତ ରହୁଥିବା ବେଳେ ତାଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯିବା ଉଚ୍ଚ ଅଧିକାରୀଙ୍କ ଆଡ଼କୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି।



## ବିଧାନସଭାରୁ...

# ବିଶ୍ୱବିଦ୍ୟାଳୟରେ ୧୪୩୦ ଅଧ୍ୟାପକ ପଦ ଖାଲି

ଭୁବନେଶ୍ୱର, ୫ ।୧୨(ସମିସ): ବିଶ୍ୱବିଦ୍ୟାଳୟରେ ଅଧ୍ୟାପକ ମରୁଡ଼ି। ପ୍ରାୟ ଦୁଇ-ତୃତୀୟାଂଶ ଅଧ୍ୟାପକ ପଦ ଖାଲି ପଡ଼ିଛି। ବିଶ୍ୱବିଦ୍ୟାଳୟରେ ଶିକ୍ଷାଦାନ ପାଇଁ ପ୍ରାୟ ୧୯୩୯ଟି ମଞ୍ଜୁରୀପ୍ରାପ୍ତ ଅଧ୍ୟାପକ ପଦ ଥିବା ବେଳେ ୧୪୩୦ଟି ଖାଲି ପଡ଼ିଛି। ବିଧାୟକ ଗୌତମବୁଦ୍ଧ ଦାସଙ୍କ ଏକ ପ୍ରଶ୍ନରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ବିଧାନସଭାରେ ଏହି ଉତ୍ତର ରଖିଛନ୍ତି। ମନ୍ତ୍ରୀ ଶ୍ରୀ ସୂରଜ କହିଛନ୍ତି ଯେ ବିଶ୍ୱବିଦ୍ୟାଳୟରେ ମୋଟ୍ ୨୭୮ଟି ପ୍ରାଧ୍ୟାପକ ପଦ ରହିଛି। ତନ୍ମଧ୍ୟରୁ ମାତ୍ର ୩୮ଟି ପଦ ପୂରଣ ହୋଇଥିବା ବେଳେ ଅବଶିଷ୍ଟ ୨୬୧ଟି ପଦ ଫାଙ୍କା ରହିଛି। ସେହିପରି ମୋଟ୍ ୫୫୧ଟି ସହଯୋଗୀ ପ୍ରାଧ୍ୟାପକ ପଦରୁ ୪୫୯ଟି ପଦରେ କେହି ନାହାନ୍ତି। ଅନୁରୂପ ଭାବେ ୧୧୧୦ଟି ସହକାରୀ ପ୍ରାଧ୍ୟାପକ ପଦ ଥିବା ବେଳେ ୭୧୦ଟି ପଦ ଫାଙ୍କା ପଡ଼ିଛି। ଏସବୁ ପଦରେ ଖୁବ୍‌ଶୀଘ୍ର ନିଯୁକ୍ତି ଦେବା ପାଇଁ ସରକାର ପଦକ୍ଷେପ ଗ୍ରହଣ କରୁଥିବା ମନ୍ତ୍ରୀ କହିବା ସହ ପ୍ରାଧ୍ୟାପକ ଅଭାବରୁ ବିଶ୍ୱବିଦ୍ୟାଳୟରେ ପିଏଚ୍‌ଡି ପାଠ୍ୟକ୍ରମ ବନ୍ଦ ହେବାର ସ୍ଥିତି ସୃଷ୍ଟି ହୋଇ ନ ଥିବା କହିଛନ୍ତି।

# ବଦଳିବ ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ପାଠ୍ୟପୁସ୍ତକ

ଭୁବନେଶ୍ୱର, ୫ ।୧୨(ସମିସ): ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ପାଠ୍ୟପୁସ୍ତକ ବଦଳିବ। ସ୍ଥାନୀୟ ପ୍ରସଙ୍ଗ ସହ ଓଡ଼ିଶାର ସାଂସ୍କୃତିକ ଓ ଭୌଗୋଳିକ ବିଷୟବସ୍ତୁକୁ ସ୍ଥାନିତ କରାଯିବ। ଜାତୀୟ ପାଠ୍ୟକ୍ରମ ରୂପରେଖ (ଏନ୍‌ସିଏଫ୍) ଢାଞ୍ଚାରେ ରାଜ୍ୟରେ ପାଠ୍ୟକ୍ରମ ପ୍ରସ୍ତୁତ କରାଯିବ। ଏନେଇ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଶୁକ୍ରବାର ବିଧାନସଭାରେ ସୂଚନା ଦେଇଛନ୍ତି।

ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ଏକ ପ୍ରଶ୍ନରେ ମନ୍ତ୍ରୀ ଶ୍ରୀ ଗଣ୍ଡ କହିଛନ୍ତି ଯେ ପାଠ୍ୟପୁସ୍ତକ ପରିବର୍ତ୍ତନ ପାଇଁ ସରକାରଙ୍କ ପରିକଳ୍ପନା ରହିଛି। ଏହାର ପ୍ରସ୍ତୁତି କାର୍ଯ୍ୟ ମଧ୍ୟ ପର୍ଯ୍ୟାୟ କ୍ରମେ ଆରମ୍ଭ ହୋଇଛି। ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପରିବର୍ତ୍ତିତ ପାଠ୍ୟପୁସ୍ତକ ଡ୍ରାଫ୍ଟ କରିବା ପାଇଁ ସରକାର କମିଟି ଗଠନ କରିଛନ୍ତି। ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଓଡ଼ିଆ ଓ ଗଣିତ ପାଠ୍ୟକ୍ରମ ପରିବର୍ତ୍ତନ ପାଇଁ ୧୦ ଜଣିଆ କମିଟି ଗଠିନ କରାଯାଇଥିବା ବେଳେ ଇଂରାଜୀ ଓ ସାଧାରଣ ଜ୍ଞାନ ପାଇଁ ୭ ଜଣିଆ କମିଟି କରାଯାଇଛି। ସେହିପରି ଷଷ୍ଠରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାଠ୍ୟକ୍ରମ ପାଇଁ କମିଟି ଗଠନ କରାଯାଇଥିବା ବେଳେ ବିଭିନ୍ନ ବର୍ଗର ବରିଷ୍ଠ ଓ ଅଭିଜ୍ଞ ଶିକ୍ଷାବିତ୍‌ଙ୍କୁ କମିଟିରେ ରଖାଯାଇଛି।

# ଶିକ୍ଷାବର୍ଷ ସରିବ; ପିଲାଙ୍କୁ ମିଳିନି ପୋଷାକ

## ବାଲେଶ୍ୱର ଜିଲ୍ଲାରେ ୧୦୬ ବିଦ୍ୟାଳୟର ଛାତ୍ରଛାତ୍ରୀ ପୋଷାକରୁ ବଞ୍ଚିତ

ଭୁବନେଶ୍ୱର, ୫ ।୧୨ (ସମିସ): ଶିକ୍ଷାବର୍ଷକୁ ୧୦ ମାସ ବିତିଥିଲେ ମଧ୍ୟ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ମିଳିପାରିନି ପୋଷାକ। ରାଜ୍ୟର ବହୁ ବିଦ୍ୟାଳୟରେ ଏପରି ଅବ୍ୟବସ୍ଥା ଲାଗି ରହିଛି। କେବଳ ବାଲେଶ୍ୱର ଜିଲ୍ଲାର ୧୦୬ଟି ବିଦ୍ୟାଳୟରେ ଏଯାଏଁ ପୋଷାକ ବଣ୍ଟନ କରାଯାଇ ନଥିବା ଖୋଦ୍ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ବିଧାନସଭାରେ ବିବୃତ୍ତି ରଖିଛନ୍ତି। ବିଧାୟକ ମାନସ କୁମାର ଦତ୍ତଙ୍କ ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଶ୍ରୀ ଗଣ୍ଡ କହିଛନ୍ତି ଯେ ଅଗଷ୍ଟ ୧୫ ତାରିଖକୁ ପୋଷାକ ବିତରଣ ପାଇଁ ଅନ୍ତିମ ତାରିଖ ଧାର୍ଯ୍ୟ କରାଯାଇଥିଲା। ରାଜ୍ୟର ବିଭିନ୍ନ ସ୍ଥାନରେ ପୋଷାକ ବଣ୍ଟନ ପ୍ରକ୍ରିୟା ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ହେଲେ ବାଲେଶ୍ୱର ଜିଲ୍ଲା ବାହାନଗା ବ୍ଲକ୍‌ରେ ୫ଟି ବିଦ୍ୟାଳୟରେ ଏଯାବତ୍ ପୋଷାକ ବଣ୍ଟନ କରାଯାଇନାହିଁ। ସେହିପରି ବସ୍ତାର ୧୦ଟି ବିଦ୍ୟାଳୟରେ ପୋଷାକ ବଣ୍ଟନ କରାଯାଇନାହିଁ। ବାଲିଆପାଳରେ ୨ଟି, ଭୋଗରାଇରେ ୨୩, ଜଳେଶ୍ୱରରେ ୪, ଖଇରାରେ ୧୦, ନୀଳଗିରିରେ ୫, ରେମୁଣାରେ ୧୧, ବାଲେଶ୍ୱର ସଦରରେ ୨୪, ସିମୁଳିଆରେ ୩ ଏବଂ ସୋରର ୯ଟି ବିଦ୍ୟାଳୟରେ ବିଦ୍ୟାର୍ଥୀଙ୍କୁ ପୋଷାକ ବଣ୍ଟନ କରାଯାଇ ନ ଥିବା ମନ୍ତ୍ରୀ ଶ୍ରୀ ଗଣ୍ଡ ସୂଚନା ଦେଇଛନ୍ତି।

# ପୁଣି ମୁଣ୍ଡ ନେଲା 'ଆମ ବସ୍'

ଭୁବନେଶ୍ୱର, ୫।୧୨(ସମିସ): ପୁଣି ମୁଣ୍ଡ ନେଇଛି 'ଆମ ବସ୍'। ୧୬ ନମ୍ବର ରୁଟ୍‌ରେ ଯାଉଥିବା 'ଆମ ବସ୍' ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଛି। ଆଜି ସତ୍‌ସଙ୍ଗବିହାର ସାମ୍ନାରେ ଏହି ଅଘଟଣ ଘଟିଛି। ମୃତକ ହେଲେ, ଭୁବନେଶ୍ୱର ଭୋଇନଗରର ସୁଦର୍ଶନ ସାହୁ। ସୁଦର୍ଶନ ଏକ ବାଇକ୍‌ରେ ଯାଉଥିବା ବେଳେ ବସ୍‌ଟି ତାଙ୍କୁ ପଛପଟୁ ଧକ୍କା ଦେବା ସହ ତାଙ୍କ ମୁଣ୍ଡ ଉପରେ ଚଢ଼ି ଯାଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ପୁଲିସ ଘଟଣାସ୍ଥଳରେ ପହଞ୍ଚି ବସ୍‌ଟିକୁ ଜବତ କରି ତଦନ୍ତ ଚଳାଇଛି। ଦୁର୍ଘଟଣା ଘଟାଇବା ପରେ ଚାଳକଜଣଙ୍କ ଫେରାର୍ ହୋଇଯାଇଥିବା ଜଣାଯାଇଛି।

ପୁଲିସ ସୂଚନା ମୁତାବକ, ଆମ ବସ୍‌ଟି (ଓଆର୍‌୦୫ସିବି୦୦୪୧) ରସୁଲଗଡ଼ରୁ ଖଣ୍ଡଗିରି ଆଡ଼କୁ ଆସୁଥିଲା। ସୁଦର୍ଶନ ମଧ୍ୟ ସମାନ ରାସ୍ତାରେ ଥିଲେ। ରାତି ପ୍ରାୟ ସାଢ଼େ ୮ଟାରେ ବସ୍‌ଟି ସୁଦର୍ଶନଙ୍କୁ ପଛପଟୁ ଧକ୍କା ଦେଇ ତାଙ୍କ ଉପରେ ମାଡ଼ି ଯାଇଥିଲା। ଦୁର୍ଘଟଣାକୁ କେନ୍ଦ୍ର କରି ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ସହ ପରିସ୍ଥିତି ନିୟନ୍ତ୍ରଣ କରିଥିଲା।

ବେପରୁଆ ଗାଡ଼ି ଚାଳନା ଯୋଗୁଁ ଆମ ବସ୍ ଗୋଟିଏ ପରେ ଗୋଟିଏ ଜୀବନ ନେଇ ଚାଲିଛି। କିଛି ଦିନ ତଳେ ଭୁବନେଶ୍ୱର ଉପକଣ୍ଠ ରଘୁନାଥପୁରରେ ଆମ ବସ ଧକ୍କାରେ ଜଣେ ନାବାଳିକାଙ୍କ ମୃତ୍ୟୁ ହୋଇଥିଲା।। ସେହିପରି ଗତ ସେପ୍ଟେମ୍ବର ୨୫ତାରିଖରେ କଟକରେ ଦୁଇଟି 'ଆମ ବସ୍' ମଧ୍ୟରେ ଧକ୍କା ହେବାରୁ ୧୫ରୁ ଉର୍ଦ୍ଧ୍ୱ ଯାତ୍ରୀ ଆହତ ହୋଇଥିଲେ। ଟିକିଏ ପଛକୁ ଗଲେ, ଗତ ମେ' ୧୪ ତାରିଖରେ ଭିଙ୍ଗାରପୁର ପଞ୍ଚାୟତ ଅଞ୍ଚଳରେ ଆମ ବସ୍ ଧକ୍କାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଥିଲା। ସେହିପରି ଗତ ଫେବ୍ରୁଆରୀ ୧୪ ତାରିଖରେ ପାତ୍ରପଡ଼ା ନିକଟରେ ଆମ ବସ୍ ଧକ୍କାରେ ମା'-ଝିଅଙ୍କ ମୃତ୍ୟୁ ଭଳି ଏକ ଦୁଃଖଦ ଘଟଣା ଘଟିଥିଲା। ସେହିପରି ଜାନୁଆରୀ ୨୦ ତାରିଖରେ ଜଣେ ବୃଦ୍ଧଙ୍କ ଉପରେ 'ଆମ ବସ୍' ଚଢ଼ି ଯାଇଥିଲା। ଏମିତି ପୁଳାପୁଳା ଉଦାହରଣ ରହିଥିଲେ ହେଁ ଏଥିପ୍ରତି ବିଭାଗୀୟ କର୍ତ୍ତୃପକ୍ଷ ଧ୍ୟାନ ଦେଉନଥିବା ଅଭିଯୋଗ ହେଉଛି।

# ଆନ୍ତର୍ଜାତିକ କୋଣାର୍କ ଉତ୍ସବ ଉଦ୍‌ଯାପିତ



କୋଣାର୍କ, ୫।୧୨(ସମିସ): ୩୬ତମ କୋଣାର୍କ ଉତ୍ସବ ଏବଂ ୧୫ତମ ଆନ୍ତର୍ଜାତିକ ବାଲୁକା କଳା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି, ତାଙ୍କ ପତ୍ନୀ ଡ. ଜୟଶ୍ରୀ କମ୍ଭମପାଟି, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ପ୍ରମୁଖ ଯୋଗ ଦେଇଥିଲେ।

# ଓଡ଼ିଶାକୁ ଦାଦନମୁକ୍ତ କରିବୁ: ମନ୍ତ୍ରୀ

ଭୁବନେଶ୍ୱର, ୫।୧୨(ସମିସ): ମହାତ୍ମା ଗାନ୍ଧୀ କହିଥିଲେ 'ଗାଁର ଉନ୍ନତି ହେଲେ ଭାରତର ଉନ୍ନତି'। ମହାତ୍ମା ଗାନ୍ଧୀଙ୍କ ଲକ୍ଷ୍ୟ ଏ ସରକାର ପୂରଣ କରିବେ। ଗାଁକୁ ବିଜୁଳି, ପାଣି, ରାସ୍ତା ଯୋଗାଇ ଦିଆଯିବ। ଆମେ ସଂକଳ୍ପ ନେଇଛୁ, ଆଗାମୀ ଦିନରେ ଓଡ଼ିଶାକୁ ଦାଦନ ମୁକ୍ତ କରିବୁ। ଗାଁର ବିକାଶ ସହିତ ସାଲିସ ହେବ ନାହିଁ ବୋଲି ବିଧାନସଭାରେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଖର୍ଚ୍ଚଦାବି ଆଲୋଚନାରେ ଉତ୍ତର ରଖି ବିଭାଗୀୟ ମନ୍ତ୍ରୀ ରବି ନାଏକ କହିଛନ୍ତି। ସେ କହିଛନ୍ତି ଯେ ରାଜ୍ୟ ସରକାର ଏମଜିଏନଆରଇଜିଏସ କାର୍ଯ୍ୟକ୍ରମର ଅବଧିକୁ ଆଉ ୪ ବର୍ଷ ଅର୍ଥାତ ଆର୍ଥିକ ବର୍ଷ ୨୦୨୫-୨୬ ରୁ ୨୦୨୮-୨୯ ପର୍ଯ୍ୟନ୍ତ ବୃଦ୍ଧି କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରିଛନ୍ତି । ଏହି କାର୍ଯ୍ୟକ୍ରମ ଅଧୀନରେ ୯ ଟି ଜିଲ୍ଲାର ୩୦ ଟି ଦାଦନ ପ୍ରବଣ ବ୍ଲକର ଏମଜିଏନଆରଇଜିଏସ ରେ କାର୍ଯ୍ୟ ନିଯୁକ୍ତି ଚାହୁଁଥିବା ଶ୍ରମିକ ମାନଙ୍କୁ, ମୋଟ ୩୦୦ ଦିନର କାର୍ଯ୍ୟ ଯୋଗାଇ ଦିଆଯିବ। ପ୍ରଥମ ୧୦୦ ଦିନ ପାଇଁ, ଏମଜିଏନଆରଇଜିଏସ ଅଧିସୂଚିତ ମଜୁରୀ ହାରକୁ ଛାଡି, ପ୍ରତି ଶ୍ରମ ଦିବସ ପିଛା ୯୮ ଟଙ୍କାର ଅତିରିକ୍ତ ଟପ-ଅପ ମଜୁରୀ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଦାନ କରାଯିବ। ୧୦୦ ଦିନର ନିଶ୍ଚିତ କାର୍ଯ୍ୟପରେ, ଅତିରିକ୍ତ ୨୦୦ ଦିନର କାର୍ଯ୍ୟଦିବସ ପାଇଁ ବର୍ଦ୍ଧିତ ହାରରେ ମଜୁରୀ ରାଜ୍ୟ ସରକାରଙ୍କ ଖର୍ଚ୍ଚରେ ଯୋଗାଇ ଦିଆଯିବ। ୨୦୧୪-୧୫ରୁ ଆଜି ସୁଦ୍ଧା ୩୯.୪୯ ଲକ୍ଷ ଗୃହ ନିର୍ମାଣ ସଂପୂର୍ଣ୍ଣ ହୋଇଛି । ଚଳିତ ଆର୍ଥିକ ବର୍ଷ ୨୦୨୫-୨୬ ରେ ୧,୩୬,୯୦୫ଟି ଗୃହ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ ହୋଇଛି । ୨୦୨୫-୨୬ରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ) ଯୋଜନାରେ ୧,୨୧,୫୨୬ଟି ଗୃହ ନିର୍ମାଣ ସଂପୂର୍ଣ୍ଣ ହୋଇଛି। ୨୦୨୭ ମସିହା ସୁଦ୍ଧା ସମସ୍ତ ଗ୍ରାମାଞ୍ଚଳ ପରିବାରକୁ ନିରାପଦ ଓ ସ୍ୱଚ୍ଛ ପାନୀୟ ଜଳ ଯୋଗାଣ ପାଇଁ ପ୍ରାୟ ୫୪,୦୦୦ କୋଟି ଟଙ୍କା ପୁଞ୍ଜି ବିନିମୟରେ ବିଭିନ୍ନ ପାଇପ୍ ଜଳ ଯୋଗାଣ ଯୋଜନା କାର୍ଯ୍ୟକାରୀ କରାଯାଉଛି ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି।

**ମନରେଗାରେ ମିଳିବ ୩୦୦ ଦିନର କାର୍ଯ୍ୟ**

**୨୦୨୭ ସୁଦ୍ଧା ସମସ୍ତଙ୍କୁ ସ୍ୱଚ୍ଛ ପିଇବା ପାଣି**

# ଡାଏଲିସିସ ମେସିନ ଅଚଳ ହେବା ଦୁର୍ଭାଗ୍ୟଜନକ: ବିରୋଧୀ

ଭୁବନେଶ୍ୱର, ୫।୧୨ (ସମିସ): କଟକ ଏସ୍‌ସିବି ହସ୍ପିଟାଲରେ ଡାଏଲିସିସ ମେସିନ କାମ କରୁନାହିଁ। ଫଳରେ ରାଜ୍ୟର କୋଣ ଅନୁକୋଣରୁ ଆସୁଥିବା ରୋଗୀ ହନ୍ତସନ୍ତ ହେଉଛନ୍ତି। ସରକାର ତୁରନ୍ତ ଏନେଇ ପଦକ୍ଷେପ ନେବାକୁ ଆଜି ଶୂନ୍ୟକାଳରେ ଦାବି କରିଛନ୍ତି ବିଜେଡି ବିଧାୟକ। ଶୂନ୍ୟକାଳରେ ଉପରୋକ୍ତ ପ୍ରସଙ୍ଗ ଉଠାଇ ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ କହିଛନ୍ତି ଯେ ଏସ୍‌ସିବି ମେଡିକାଲ କଲେଜରେ ଡାଏଲିସିସି ମେସିନ ଅଚଳ ପଡ଼ିଛି। ଏକ ନିର୍ଦ୍ଦିଷ୍ଟ ଫ୍ଲୁଇଡ୍ ଅଭାବରୁ ମେସିନ ଅଚଳ ଅଛି। ରାଜ୍ୟର ସବୁଠାରୁ ବଡ଼ ଡାକ୍ତରଖାନାରେ ଏପରି ସ୍ଥିତି ଗ୍ରହଣୀୟ ନୁହେଁ। ସରକାର ତୁରନ୍ତ ପଦକ୍ଷେପ ଗ୍ରହଣ କରନ୍ତୁ ବୋଲି ସେ ଦାବି କରିଥିଲେ। ସେହିପରି ବିଜେଡି ସରକାର ସମୟରେ ଗରିବ ଲୋକଙ୍କ ପାଇଁ ନବୀନ ପଟ୍ଟନାୟକ ନିରାମୟ ଯୋଜନା ଆରମ୍ଭ କରିଥିଲେ। ଏଥିରେ ପ୍ରାୟ ୨୦୦ ପ୍ରକାରର ଔଷଧ ଦିଆଯାଉଥିଲା। ମାତ୍ର ବର୍ତ୍ତମାନ ନିରାମୟ ଯୋଜନାରେ ପ୍ରାୟ ୮୦ ପ୍ରକାର ଔଷଧ ମିଳୁନାହିଁ। ସ୍ୱାସ୍ଥ୍ୟମନ୍ତ୍ରୀ ତୁରନ୍ତ ସବୁ ଔଷଧ ରୋଗୀଙ୍କୁ ଦିଆଯିବା ନେଇ ପଦକ୍ଷେପ ନେବାକୁ ସେ ଦାବି କରିଥିଲେ।

# ପ୍ରଫେସର୍ କେ. ଲକ୍ଷ୍ମୀବାଇଙ୍କୁ ରାଷ୍ଟ୍ରପତିଙ୍କ ପ୍ରଶଂସା

## ଜନ୍ମ ଶତବାର୍ଷିକୀରେ ଏମ୍ସ ଭୁବନେଶ୍ୱରକୁ ୩.୪ କୋଟି ଟଙ୍କା ଦାନ କରିଥିଲେ

ଭୁବନେଶ୍ୱର, ୫।୧୨(ସମିସ): ପ୍ରଫେସର୍ ଡାକ୍ତର କେ. ଲକ୍ଷ୍ମୀବାଇଙ୍କ ଜନ୍ମଦିନ ଅବସରରେ ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। କର୍କଟ ରୋଗର ଚିକିତ୍ସା ପାଇଁ ତାଙ୍କର ସ୍ୱ-ଅର୍ଜିତ ସଞ୍ଚୟ ଦାନ କରିବାର ଅସାଧାରଣ ଭାବନାକୁ ସାଧୁବାଦ ଜଣାଇବା ସହ ଏକ ସରକାରୀ ଚିଠିରେ ପ୍ରଫେସର୍ ଲକ୍ଷ୍ମୀବାଇଙ୍କୁ ସମ୍ବୋଧିତ କରି ରାଷ୍ଟ୍ରପତି ତାଙ୍କର ମହାନ ଅବଦାନକୁ ପ୍ରଶଂସା କରିଛନ୍ତି। ଭୁବନେଶ୍ୱର ଏମ୍‌ସ ଗରିବ ଏବଂ ଅବହେଳିତ ସମ୍ପ୍ରଦାୟର କର୍କଟ ରୋଗୀଙ୍କ ଚିକିତ୍ସା ସେବାକୁ ସୁଦୃଢ଼ କରିବା ପାଇଁ ତାଙ୍କ ଉଦାର ସମର୍ଥନ ସର୍ବୋତ୍ତମ ଏବଂ ପ୍ରଭାବଶାଳୀ ହୋଇପାରିବ



ବୋଲି ରାଷ୍ଟ୍ରପତି ବିଶ୍ୱାସ ପ୍ରକଟ କରିଛନ୍ତି। ପ୍ରଫେସର୍ ଲକ୍ଷ୍ମୀବାଇଙ୍କ ପରି ଦୟାଳୁ ଏବଂ ଦାୟିତ୍ୱବାନ ନାଗରିକ ସାରା ଦେଶର ଅନ୍ୟମାନଙ୍କ ସାର୍ବଜନୀନ ସ୍ୱାସ୍ଥ୍ୟ ଏବଂ ସାମାଜିକ କଲ୍ୟାଣରେ ସରକାରଙ୍କ ପଦକ୍ଷେପଗୁଡ଼ିକୁ ସମର୍ଥନ କରିବା ପାଇଁ ପ୍ରେରଣା ବୋଲି ରାଷ୍ଟ୍ରପତି କହିଛନ୍ତି।

ସୂଚନାନୁଯାୟୀ, ପ୍ରସିଦ୍ଧ ପ୍ରସୂତି ଏବଂ ସ୍ତ୍ରୀ ରୋଗ ବିଶେଷଜ୍ଞ ପ୍ରଫେସର କେ. ଲକ୍ଷ୍ମୀବାଇ ତାଙ୍କ ଜନ୍ମ ଶତବାର୍ଷିକୀ ଅବସରରେ ସ୍ୱ-ଅର୍ଜିତ ସଞ୍ଚୟରୁ ୩.୪ କୋଟି ଟଙ୍କା ଏମ୍‌ସ ଭୁବନେଶ୍ୱରକୁ ଦାନ କରିଛନ୍ତି। ଦାନ ରାଶିରେ ଏମ୍ସ ପକ୍ଷରୁ ଏକ କର୍ପସ ପାଣ୍ଠି ଗଠନ କରାଯିବ। ଏହା ସହାୟତାରେ ସ୍ତ୍ରୀ ରୋଗ ସମ୍ବନ୍ଧୀୟ କର୍କଟ ରୋଗ ନିରାକରଣ କ୍ଷେତ୍ରରେ ଗବେଷଣା କରିବ ଏମ୍ସ। ଅସହାୟ ଏବଂ ଗରିବ ଲୋକଙ୍କୁ ସାମଗ୍ରିକ କର୍କଟ ସେବା ପ୍ରଦାନ, ପ୍ରତିରୋଧକ ଅଙ୍କୋଲୋଜି ପଦକ୍ଷେପକୁ ସୁଦୃଢ଼ କରିବା ପାଇଁ ଏହା ବ୍ୟବହାର କରାଯିବ।

# ଲୋକଲଜ୍ଜା ଭୟ: ଦୁଷ୍କର୍ମ ପୀଡ଼ିତାଙ୍କ ଆତ୍ମହତ୍ୟା

ଢେଙ୍କାନାଳ, ୫ ।୧୨(ସମିସ): ଲୋକଲଜ୍ଜା ଭୟରେ ଜଣେ ଦୁଷ୍କର୍ମ ପୀଡ଼ିତା ଆତ୍ମହତ୍ୟା କରିବା ଭଳି ସାଂଘାତିକ ଘଟଣା ଢେଙ୍କାନାଳ ସଦର ଥାନା ଅଞ୍ଚଳରେ ତୀବ୍ର ଆଲୋଡ଼ନ ସୃଷ୍ଟି କରିଛି। ୫ ଦିନ ତଳେ ଏହି ଘଟଣା ଘଟିଥିଲେ ହେଁ ଆଜି ଲୋକଲୋଚନକୁ ଆସିଛି। ତେବେ ଏହି ଘଟଣାରେ ଏଯାଏ ପୁଲିସ ଅଭିଯୁକ୍ତକୁ ଗିରଫ କରିପାରିନାହିଁ।

ଗତ ୩୦ ତାରିଖ ରାତି ପ୍ରାୟ ୧୦ଟାରେ ମହିଳାଜଣଙ୍କ ଏକୁଟିଆ ବାଡ଼ିପଟକୁ ପରିସ୍ରା କରିବାକୁ ଯାଇଥିବା ବେଳେ ସାହିର ଜଣେ ଯୁବକ ତାଙ୍କୁ ଦୁଷ୍କର୍ମ କରିଥିଲା। ମହିଳାଜଣକ ଚିତ୍କାର କରିବାରୁ ସେ ତାଙ୍କ ମୁହଁକୁ ଚାପି ଧରିଥିଲା। ପାଟି କଲେ ଜୀବନରେ ମାରିଦେବାକୁ ଧମକ ଦେଇଥିଲା। ଏମିତିକି, କାହାକୁ କହିଲେ ସ୍ୱାମୀ ଏବଂ ପିଲାକୁ ମାରିଦେବାକୁ ଧମକ ଦେଇ ଚାଲିଯାଇଥିଲା। ଭୟରେ ମହିଳାଜଣଙ୍କ କାହାରିକୁ କିଛି କହି ନଥିବା ବେଳେ ପରଦିନ ସନ୍ଧ୍ୟାରେ ପୁଣି ଦୁଷ୍କର୍ମକାରୀ ତାଙ୍କୁ ଧମକ ଦେବା ସହ ବାଡ଼ିପଟକୁ ଡାକିଥିଲା। କିନ୍ତୁ ମହିଳାଜଣଙ୍କ ଲୋକଲଜ୍ଜା ଭୟରେ ଘରେ ଆତ୍ମହତ୍ୟା କରିଥିଲେ। ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା।

# ଛାତ୍ର ସଂସଦ ନିର୍ବାଚନ: ଭୁଆଁ ବୁଲାଉଛନ୍ତି ସରକାର !

ଭୁବନେଶ୍ୱର, ୫ ।୧୨(ସମିସ): ରାଜ୍ୟର ଉଚ୍ଚ ଶିକ୍ଷାନୁଷ୍ଠାନରେ ଛାତ୍ର ସଂସଦ ନିର୍ବାଚନ ନ ହେବା ପ୍ରସଙ୍ଗକୁ ବିଧାୟକ ତାରାପ୍ରସାଦ ବାହିନୀପତି ବିଧାନସଭାରେ ଉଠାଇଛନ୍ତି। ଛାତ୍ର ସଂସଦ ନିର୍ବାଚନ ଉପରେ ରାଜ୍ୟ ସରକାର ରୋକ୍ ଲଗାଇଛନ୍ତି କି ବୋଲି ପଚାରିବା ସହ କାହିଁକି ଓ କେଉଁ କାରଣରୁ ନିର୍ବାଚନ ହେଉନାହିଁ ବୋଲି ପ୍ରଶ୍ନ କରିଛନ୍ତି। ଏହାର ଲିଖିତ ଉତ୍ତର ରଖି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି ଯେ ନିର୍ବାଚନ ଉପରେ ସରକାର ରୋକ୍ ଲଗାଇ ନାହାନ୍ତି। ସୁରୁଖୁରୁରେ ଛାତ୍ର ସଂସଦ ନିର୍ବାଚନ କରିବା ପାଇଁ ସରକାର ସକାରାତ୍ମକ ଅଛନ୍ତି।

ମନ୍ତ୍ରୀଙ୍କ ଉତ୍ତର ପରେ ଛାତ୍ରଛାତ୍ରୀମାନେ ପୁଣି ସରକାରଙ୍କ ପ୍ରଶ୍ନ ବାଣରେ ସରକାରଙ୍କୁ ପୋତିଛନ୍ତି। ସରକାର ଯଦି ସକାରାତ୍ମକ ଅଛନ୍ତି, ତାହାଲେ ନିର୍ବାଚନ କରିବାରେ କାହିଁକି ଅକ୍ଷମ ବୋଲି ଅନେକେ ପ୍ରଶ୍ନ କରିଛନ୍ତି। ସରକାରକୁ ଆସିବା ପରେ ଦୁଇଟି ଛାତ୍ର ସଂସଦ ନିର୍ବାଚନର ସମୟ ଅତିକ୍ରାନ୍ତ ହୋଇସାରିଛି। ପ୍ରତିଥର ନିର୍ବାଚନ ହେବ କହିବା ସହ ଶେଷ ମୁହୂର୍ତ୍ତରେ ଛାତ୍ରଛାତ୍ରୀଙ୍କୁ ଲଲିପପ୍ ଧରାଇ ଦେଉଛନ୍ତି। ପ୍ରଥମ ବର୍ଷ ସମୟ ଅଭାବ କାରଣରୁ ନିର୍ବାଚନ ହୋଇ ପାରି ନଥିବା ସଫେଇ ଦେଇଥିଲେ। ହେଲେ ଦ୍ୱିତୀୟଥର କୌଣସି ଉତ୍ତର ରଖି ନ ଥିଲେ। ଏପରିକି, ନିର୍ବାଚନ ପ୍ରଶ୍ନକୁ ଏଡ଼ାଇବା ପାଇଁ ଛାତ୍ରାଛାତ୍ରୀଙ୍କୁ ଧରାଛୁଆଁ ଦେଇନଥିବା ଆଉ କିଛି ଛାତ୍ରନେତା ଅଭିଯୋଗ କରିଛନ୍ତି।

**ସୁରୁଖୁରୁ ନିର୍ବାଚନ ପାଇଁ ସରକାର ସକାରାତ୍ମକ: ମନ୍ତ୍ରୀ**

**ପୁଣି ଆନ୍ଦୋଳନ ଚେତାବନୀ ଦେଲା ଏବିଭିପି**

ଅଭିଯୋଗ ଅନୁସାରେ, ସରକାର ଓ ମନ୍ତ୍ରୀ କେବଳ କାଗଜକଲମରେ ସକାରାତ୍ମକ। ବାସ୍ତବରେ ଛାତ୍ର ସଂସଦ ନିର୍ବାଚନ କରିବାକୁ ନିଷ୍ପତ୍ତି ନେଇ ପାରୁନାହାନ୍ତି। ଯଦି ସରକାର ସକାରାତ୍ମକ, ତାହାଲେ କେଉଁ ଶକ୍ତି ତହିଁରେ ପ୍ରତିବନ୍ଧକ ସାଜୁଛି ବୋଲି ପ୍ରଶ୍ନ କରିବା ସହ ଛାତ୍ରଛାତ୍ରୀଙ୍କୁ ଭୁଆଁ ବୁଲାଇବାକୁ ଏହା ସରକାରଙ୍କ ପ୍ରୟାସ ବୋଲି ମଧ୍ୟ ଅଭିଯୋଗ କରିଛନ୍ତି।

ଅପରପକ୍ଷେ, ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ମଧ୍ୟ ଏ ସମ୍ପର୍କରେ ପ୍ରତିକ୍ରିୟା ରଖି ନିର୍ବାଚନ କରିବାକୁ ପୁଣିଥରେ ଆନ୍ଦୋଳନାତ୍ମକ ପନ୍ଥା ଆପଣାଇବାକୁ ପୂର୍ବରୁ ଦେଇଥିବା ଚେତାବନୀକୁ ଦୋହରାଇଛି। କ୍ୟାମ୍ପସ୍‌ରେ ଉପଯୁକ୍ତ ସୁରକ୍ଷା, ସମ୍ପୂର୍ଣ୍ଣ ପାଚେରୀ, ସ୍ୱଚ୍ଛ ପରିମଳ ବ୍ୟବସ୍ଥା, ପୁଅ ଏବଂ ଝିଅଙ୍କ ପାଇଁ ସ୍ୱଚ୍ଛ ଶୌଚାଳୟ, କମନ ରୁମ, ପାଠାଗାରରେ ପର୍ଯ୍ୟାପ୍ତ ପୁସ୍ତକ, ଇ-ଲାଇବ୍ରେରୀ ସ୍ଥାପନ, ସଠିକ୍ ସମୟରେ ପୋଷ୍ଟ ମାଟ୍ରିକ ମେଧାବୃତ୍ତି ପ୍ରଦାନ ଆଦି ବିଭିନ୍ନ ମୌଳିକ ସମସ୍ୟା ରହିଛି। ନିର୍ବାଚନ ହେଉନଥିବାରୁ ଏସବୁ ବିରୋଧରେ ପ୍ରତିବାଦର ସ୍ୱର ଉଠୁନାହିଁ। ନିର୍ବାଚନ ବନ୍ଦ କରି କ୍ୟାମ୍ପସ୍‌ରୁ ହିଁ ନେତୃତ୍ୱର ଭ୍ରୂଣହତ୍ୟା କରିବାକୁ ସରକାର ଯୋଜନା କରୁଥିବା ଏଆଇଏସ୍‌ଏଫ୍ ରାଜ୍ୟ ସଭାନେତ୍ରୀ ସଂଘମିତ୍ରା ଜେନା ଅଭିଯୋଗ କରିବା ସହ ଆସନ୍ତାବର୍ଷ ନିର୍ବାଚନ କରା ନ ଗଲେ ଦୁର୍ବାର ଛାତ୍ର ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଛନ୍ତି।

## ସମ୍ପତ୍ତିକୁ ନେଇ ପୁଅ-ଝିଅଙ୍କ ମଧ୍ୟରେ ବିବାଦ

# ୧୦ ଘଣ୍ଟା ଧରି ପଡ଼ିରହିଲା ମା'ର ଶବ

ପାରାଦୀପ, ୫।୧୨(ସମିସ): ସମ୍ପତ୍ତି ଭାଗବଣ୍ଟାକୁ ନେଇ ପୁଅ-ଝିଅଙ୍କ ମଧ୍ୟରେ ବିବାଦ ଯୋଗୁଁ ମା'ର ଶବ ୧୦ ଘଣ୍ଟା ଧରି ପଡ଼ିରହିବା ଭଳି ଏକ ଅଭାବନୀୟ ଘଟଣା ପାରାଦୀପରେ ଚର୍ଚ୍ଚାର ବିଷୟ ହୋଇଛି। ଶେଷରେ ଗ୍ରାମବାସୀଙ୍କ ହସ୍ତକ୍ଷେପ ପରେ ଶବକୁ ସ୍ୱର୍ଗଦ୍ୱାରରେ ସଂସ୍କାର କରାଯାଇଛି।

ସୂଚନାନୁଯାୟୀ, ପାରାଦୀପ ଉପକଣ୍ଠ ବିଶ୍ୱାଳୀ ଗ୍ରାମର କାଉରା ସାମଲ ଓ ମାଳି ସାମଲଙ୍କ ଚାରି ଝିଅ ଓ ଗୋଟିଏ ପୁଅ। କାଉରା ନିଜର ସମ୍ପତ୍ତିକୁ ଝିଅମାନଙ୍କ ନାମରେ କରିଦେଇଥିଲେ। ଫଳରେ ଏକମାତ୍ର ପୁଅ ସମ୍ପତ୍ତିରୁ ବଞ୍ଚିତ ହୋଇ ଏକ ଚାଳ ଛପର ଘରେ ନିଜ ପରିବାର ସହ ରହୁଥିଲେ। କାଉରାଙ୍କ ମୃତ୍ୟୁ ପରେ କୁଜଙ୍ଗ ମଙ୍ଗରାଜପୁର ଗ୍ରାମରେ ବାହା ହୋଇଥିବା ଝିଅ କୁମାରୀ ନିକଟରେ ମା' ମାଳି ସାମଲ ରହୁଥିଲେ। ଗତକାଲି ସକାଳେ ମାଳିଙ୍କର ମୃତ୍ୟୁ ହୋଇଯାଇଥିଲା। ଝିଅ-ଜ୍ୱାଇଁ ମା'ଙ୍କ ଶବ ବିଶ୍ୱାଳୀ ଘରକୁ ଆଣି ପୁରୀ ନେବାକୁ ବସିଥିବା ବେଳେ ସୃଷ୍ଟି ହୋଇଥିଲା ଉତ୍ତେଜନା। ପୁଅବୋହୂ, ପଡ଼ୋଶୀ ଏବଂ ଗ୍ରାମବାସୀ ଘେରିଯାଇ ବାଟ ଓଗାଳିଥିଲେ। ପରେ ସାଇ ପଡ଼ିଶାଙ୍କ ମଧ୍ୟରେ ଉତ୍ତେଜନା ସୃଷ୍ଟି ହୋଇଥିଲା। ଯେପର୍ଯ୍ୟନ୍ତ ସମ୍ପତ୍ତିରେ ପୁଅକୁ ଭାଗ ନ ମିଳିଛି, ସେ ପର୍ଯ୍ୟନ୍ତ ମା'ର ମୃତଦେହ ସଂସ୍କାର ହୋଇପାରିବନି ବୋଲି ରୋକଠୋକ୍ ଶୁଣାଇ ଦେଇଥିଲେ ଗ୍ରାମାବାସୀ। ଫଳରେ ମଧ୍ୟାହ୍ନରୁ ରାତି ୧୦ଟା ପର୍ଯ୍ୟନ୍ତ ଗାଁ ଦାଣ୍ଡରେ ଶବ ପଡ଼ି ରହିଥିଲା। ଖବର ପାଇ ଲକ୍‌ଥାନା ପୁଲିସ ପହଞ୍ଚି ବୁଝାସୁଝା କରିଥିଲେ। ପରେ ରାତି ୧୦ଟା ପରେ ସାଇପଡ଼ିଶା ଓ ଭଦ୍ରଲୋକଙ୍କ ଉପସ୍ଥିତରେ ମୀମାଂସା ହୋଇଥିଲା। ମୀମାଂସରୁ ପୁଅ ବାପା ଜାଗାରେ ଥିବା ଚାଳଘରେ ସବୁଦିନ ପାଇଁ ରହିବ ବୋଲି ଆଲୋଚନା ହେବା ପରେ ଶବ ସ୍ୱର୍ଗଦ୍ୱାର ଯାଇଥିଲା।

## ପଞ୍ଚାୟତିରାଜ ବିଭାଗର ଖର୍ଚ୍ଚଦାବି ଆଲୋଚନା

# ନିର୍ବାଚିତ ପ୍ରତିନିଧିଙ୍କ କ୍ଷମତା ସଙ୍କୁଚିତ ହେଉଛି: ବିଜେଡି

ଭୁବନେଶ୍ୱର, ୫।୧୨(ସମିସ): ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଖର୍ଚ୍ଚଦାବି ଆଲୋଚନାରେ ଦାଦନ ସମସ୍ୟାଠାରୁ ଆରମ୍ଭ କରି ମନରେଗା ପର୍ଯ୍ୟନ୍ତ କଥା ଉଠାଇ ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି ବିରୋଧୀ। ସରକାର କେବଳ ରଙ୍ଗବୋଳାରେ ମାତିଛନ୍ତି। ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାରେ ନିର୍ବାଚିତ ପ୍ରତିନିଧିଙ୍କର କ୍ଷମତାକୁ ସଙ୍କୁଚିତ କରାଯାଉଛି। ନିର୍ବାଚିତ ପ୍ରତିନିଧିଙ୍କ ସହ ଅଲିଖିତ ଚୁକ୍ତି କରାଯାଉଛି। ଦଳରେ ମିଶିଲେ ସୁରୁଖୁରୁରେ ଯିବେ ନ ହେଲେ ନାହିଁ। କ୍ଷମତା ହାସଲ କରିବା ଉଦ୍ଦେଶ୍ୟରେ ବିଜେପି ଏଭଳି କରୁଛି ବୋଲି କହି ସରକାରଙ୍କୁ ଘେରିଛନ୍ତି ବିରୋଧୀ।

ଅପରାହ୍ନରେ ପଞ୍ଚାୟତିରାଜ ବିଭାଗର ଖର୍ଚ୍ଚଦାବି ଆଲୋଚନା ଆରମ୍ଭ କରି ବିଜେଡି ସଦସ୍ୟ ଅରୁଣ ସାହୁ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସରକାର ମାଗଣା ବାଲି ଦେବେ ବୋଲି କହିଥିଲେ। ପଲ୍ଲୀସଭା ମାଧ୍ୟମରେ କାମ ବାଣ୍ଟିବାକୁ କଥା ଦେଇଥିଲେ। ବାଲିର ପତ୍ତା ମିଳୁନାହିଁ, ପଲ୍ଲୀସଭାର ଚିହ୍ନବର୍ଣ୍ଣ ନାହିଁ। ମନ୍ତ୍ରୀ ମେଗା ପାଇପ ପାନୀୟ ଜଳ ପ୍ରକଳ୍ପରେ ଅନିୟମିତତା କହୁଛନ୍ତି, ମାତ୍ର କାର୍ଯ୍ୟାନୁଷ୍ଠାନ କାହିଁକି ନେଉ ନାହାନ୍ତି। ଏପର୍ଯ୍ୟନ୍ତ ଲୋକଙ୍କୁ ବିଶୁଦ୍ଧ ପାଣି ଯୋଗାଇବାରେ ସରକାର ଅସମର୍ଥ। ମଣିଷର ବଞ୍ଚିବାପାଇଁ ଯାହା ଆବଶ୍ୟକତା ତାହା ସରକାର ଯୋଗାଇପାରୁ ନାହାନ୍ତି ବୋଲି ଉଲ୍ଲେଖ କରି ପଞ୍ଚାୟତ ନିଜସ୍ୱ ଆସେଟ୍ ସୃଷ୍ଟି ନହେବା ପର୍ଯ୍ୟନ୍ତ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅନୁଦାନକୁ ନେଇ ତିଷ୍ଠିବ ବୋଲି ସେ ପ୍ରଶ୍ନ କରିଛନ୍ତି। କଂଗ୍ରେସ ସଦସ୍ୟ ଅଶୋକ ଦାସ କହିଥିଲେ ଯେ ସରକାର ୫୪ପ୍ରତିଶତ ଅର୍ଥ ଖର୍ଚ୍ଚ କରିଛନ୍ତି ବୋଲି କହୁଛନ୍ତି। ହେଲେ ବାସ୍ତବରେ କେତେ ଟଙ୍କା ବ୍ଲକସ୍ତରରେ ପହଞ୍ଚିଛି ତାହା ଗୃହକୁ ଜଣାନ୍ତୁ। ବିକଶିତ ଗାଁ ଓ ବିକାଶିତ ଓଡ଼ିଶା ଯୋଜନାର ଟଙ୍କା ବର୍ଷକ ପରେ ବି ପହଞ୍ଚି ନାହିଁ। ମନରେଗା' ରାଜ୍ୟରେ ଠିକଣା ଭାବେ କାର୍ଯ୍ୟକାରୀ ହେଉ ନଥିବାରୁ ଲୋକେ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯିବାକୁ ବାଧ ହେଉଛନ୍ତି। ଭାଜପା ସରକାର ୧୮ ମାସ ହେଲାଣି ସରକାରକୁ ଆସିଲେଣି। ଏପର୍ଯ୍ୟନ୍ତ କେତେ ପ୍ରକଳ୍ପ କରିଛନ୍ତି ତାହା ଗୃହକୁ ଜଣାଇବାକୁ ମନ୍ତ୍ରୀଙ୍କଠାରେ ଦାବି କରିଥିଲେ।

**ଶେଷ ପାହାଚରେ ଥିବା ଲୋକ ପାଖରେ ସବୁ ସୁବିଧା ପହଞ୍ଚିବା ପାଇଁ ଉଦ୍ୟମ**

ଅନ୍ୟପକ୍ଷରେ ବିଜେପି ବିଧାୟକ ସନାତନ ବିଜୁଳି କହିଥିଲେ ଯେ ରାଜ୍ୟ ସରକାର ସମାଜର ଶେଷ ପାହାଚରେ ଥିବା ଲୋକ ପାଖରେ ସବୁ ସୁବିଧା ପହଞ୍ଚାଇବାପାଇଁ ଉଦ୍ୟମ ଜାରି ରଖିଛନ୍ତି। ପୂର୍ବ ସରକାର କେବଳ ପାଇପ ବିଛାଇ ପାନୀୟ ଜଳ ପ୍ରକଳ୍ପ କାମ ଛାଡି ଯାଇଛନ୍ତି । ସେସବୁକୁ ସମୀକ୍ଷା କରାଯାଉଛି ବୋଲି ସେ କହିଥିଲେ। ଆଲୋଚନାରେ ସଦସ୍ୟ ସୁବାସିନୀ ଜେନା, ପବିତ୍ର ସାଉନ୍ତା, ଅମର ନାୟକ, ଅରବିନ୍ଦ ମହାପାତ୍ର, ମଙ୍ଗୁ ଖିଲ, ଦୁଷ୍ମନ୍ତ କୁମାର ନାୟକ, ମାନସ ଦତ୍ତ, ଅଶୋକ କୁମାର ମହାନ୍ତି, ଭାଦବ ହାଁସଦା, ଅଗସ୍ତି ବେହେରା ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।

ଲେଲିହାନ ଶିଖା
ସେବା, ତ୍ୟାଗ, ମୂଲ୍ୟବୋଧ ରାଜନୀତିର ମୂର୍ତ୍ତିମନ୍ତ ପ୍ରତୀକ
ସ୍ୱର୍ଗତ ରବି ଲାବଣ୍ୟ
'ସକାଳ' ଖବର କାଗଜର ସ୍ୱନକ୍ଷତ୍ର ଦିବସ ଅବସରରେ ପ୍ରଚଣ୍ଡ ସ୍ୱାଭିମାନୀ, ନିର୍ଭିକ, ସ୍ପଷ୍ଟବାଦୀ, ଓଡିଆ ପ୍ରାଣ, ସମାଜବାଦୀ, ମହାନ ବିପ୍ଲବୀ ଜନନେତା ତଥା ଧର୍ମଶାଳାର ପୂର୍ବତନ ବିଧାୟକ ସ୍ୱର୍ଗତ ରବି ଲାବଣ୍ୟଙ୍କ ଅମ୍ଳାନ ଆତ୍ମା ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ।
ନିବେଦକ
'ବନ୍ଦେ ଉତ୍କଳ ଜନନୀ'



# ଜେଲ୍‌ରୁ ଅପରେଟ ହେଉଛି 'ମୋରମ୍ ସାମ୍ରାଜ୍ୟ'

ଭୁବନେଶ୍ୱର, ୫।୧୨ (ସମିସ): ରାଜଧାନୀ ଉପକଣ୍ଠରୁ ଲୁଟ୍ ହେଉଛି ଲଘୁ ଖଣିଜ ଦ୍ରବ୍ୟ। ସଞ୍ଜ ନଇଁଲେ ସକ୍ରିୟ ହେଉଛନ୍ତି ଖଣି ମାଫିଆ। ରାତି ସାରା ଲୁଟ୍ ହେଉଛି ଲଘୁ ଖଣିଜ ଦ୍ରବ୍ୟ। ଭୁବନେଶ୍ୱର, ଖୋର୍ଦ୍ଧା ଓ ଜଟଣୀ ତହସିଲ ଅଧୀନସ୍ଥ ବିଭିନ୍ନ ମୌଜାରୁ ମୋରମ୍ ଓ ମାଙ୍କଡ଼ା ପଥର ବୋହି ନେଉଛନ୍ତି। ଅନାବାଦି ଠାରୁ ଆରମ୍ଭ କରି ଜଙ୍ଗଲ କିସମର ଜମି ପର୍ଯ୍ୟନ୍ତ କିଛି ବି ମାଫିଆଙ୍କ ଲୋଲୁପ ଦୃଷ୍ଟିରୁ ବାଦ୍ ପଡୁନାହିଁ। ଯେଉଁଠି ପାରୁଛନ୍ତି ସେଇଠୁ ଖୋଳୁଛନ୍ତି। ମୋରମ ଓ ମାଙ୍କଡ଼ା ପଥର ପାଇଁ ଶହ ଶହ ଗଛ କାଟି ସଫା କରି ଦେଉଛନ୍ତି। ମନଇଛା ଖନନ ହେଉଥିବାର ଖାଲ ସୃଷ୍ଟି ହେବା ସହ କୋଟିକୋଟି ଟଙ୍କାର ରାଜସ୍ୱ ହରାଉଛନ୍ତି ସରକାର। ସବୁଠାରୁ ଆଶ୍ଚର୍ଯ୍ୟଜନକ କଥା ହେଉଛି, ଏହି ମୋରମ୍ ସାମ୍ରାଜ୍ୟ ଏବେ ଜେଲରୁ ଅପରେଟ ହେଉଛି।

**■ ମଙ୍ଗ ଧରିଛି କୁଖ୍ୟାତ ଅପରାଧୀ**
**■ ସଞ୍ଜ ନଇଁଲେ ସକ୍ରିୟ ମାଫିଆ**
**■ ବୋହି ନେଉଛନ୍ତି ଲଘୁ ଖଣିଜ**

ଖୋର୍ଦ୍ଧା ସବ୍ ଜେଲରେ ରହିଥିବା ଜଣେ କୁଖ୍ୟାତ ଅପରାଧୀ ଏହି ବେପାରର ମଙ୍ଗ ଧରିଥିବା ଜଣାପଡ଼ିଛି। ଏସବୁ ସତ୍ୱେ ଖଣି ବିଭାଗ ପକ୍ଷରୁ ଧରପଗଡ଼ ହେଉ ନ ଥିବା ଅଭିଯୋଗ ହେଉଛି। ପୁଲିସର ନୀରବତା ପାଇଁ ଏଭଳି କାର୍ଯ୍ୟକଳାପ କ୍ରମେ ବଢ଼ିବାରେ ଲାଗିଛି।

ସୂଚନା ଅନୁସାରେ, ରାଜଧାନୀରୁ ଆରମ୍ଭ କରି ଜଟଣୀ ଓ ଖୋର୍ଦ୍ଧା ମଧ୍ୟରେ ଏକାଧିକ ସରକାରୀ ଓ ବେସରକାରୀ ପ୍ରକଳ୍ପ କାମ ଜାରି ରହିଛି। ଉକ୍ତ ପ୍ରକଳ୍ପ



ଗୁଡ଼ିକରେ ପୋତା ପୋତି ଓ ଅନ୍ୟାନ୍ୟ କାମ ଲାଗି ପ୍ରଚୁର ମାଟି ଓ ମୋରମର ଆବଶ୍ୟକତା ରହିଛି। ଏହାର ସୁଯୋଗ ନେଇ ସକ୍ରିୟ ହୋଇ ଉଠିଛନ୍ତି ମୋରମ୍ ମାଫିଆ। ଦୁଇ ବର୍ଷ ପୂର୍ବେ ଏକ ହତ୍ୟାକାଣ୍ଡ ଘଟଣାରେ ଗିରଫ ହୋଇ ଜେଲରେ ଥିବା ଏହି ବ୍ରାଉନସୁଗର ବେପାରୀ ଏହି ସାମ୍ରାଜ୍ୟର ନେତୃତ୍ୱ ନେଉଛି। ତା'ର ସହଯୋଗୀମାନେ ଏବେ ରାଜଧାନୀ ଉପକଣ୍ଠରେ ସକ୍ରିୟ ରହିଛନ୍ତି। ଏକାଧିକ ଜେସିବିରେ ଖଣି ଖନନ କରି ହାଇୱାରେ ମୋରମ୍ ଚାଲାଣ କରୁଛନ୍ତି। ବିଶେଷକରି ଇନଫୋଭ୍ୟାଲି, ଚନ୍ଦକା, ମଦନପୁର ପଞ୍ଚାୟତରେ ମାତିଛନ୍ତି ମୋରମ୍ ମାଫିଆ। ବିଶେଷକରି ଇନଫୋଭ୍ୟାଲି ଓ ଚନ୍ଦକା ଥାନା ଅଞ୍ଚଳକୁ ଏବେ ସେମାନେ ଟାର୍ଗେଟ କରିଛନ୍ତି। ସଞ୍ଜ ନଇଁବା ମାତ୍ରେ ଆରମ୍ଭ ହୋଇଯାଉଛି ଖଣି ଖନନ। ଆଉ ରାତି ୧୧ ପରେ ପୁଲିସ ପ୍ରଶାସନର ଆଖିରେ ଆଙ୍ଗୁଠି ଖେଞ୍ଚି ଶହ ଶହ ଟ୍ରିପ୍ ମୋରମ୍ ବୋହି ନେଉଛନ୍ତି। ସରକାର ରାଜସ୍ୱ ହରାଉଥିବା ବେଳେ ଜେଲରେ ବସି ମଧ୍ୟ ଲକ୍ଷ ଲକ୍ଷ ଟଙ୍କା କମାଉଛି ହତ୍ୟା ଅଭିଯୁକ୍ତ।

ଏହା ବାଦ୍ ଜଟଣୀ, ଖୋର୍ଦ୍ଧା ଓ ଶିଳ୍ପାଞ୍ଚଳ ଥାନା ଅଞ୍ଚଳରେ ଥିବା ଖଣିଗୁଡ଼ିକ ମଧ୍ୟ ମାଫିଆଙ୍କ ଲୋଲୁପ ଦୃଷ୍ଟିରୁ ବାଦ୍ ପଡ଼ିନାହିଁ। ଅଳକର, ମଧୁପୁର, ଚନ୍ଦକା ଅଭୟାରଣ୍ୟ, ପାଇକରାପୁର, ଦେଉଳିଆ ପାଟଣା, ଛତାବର, ଗଙ୍ଗପଡ଼ା, ପଳାସପୁର, ପିତାପଲ୍ଲୀ, ଅରାଙ୍ଗ, ନିଆଳ, କୁମାରବସ୍ତ, ଷଣ୍ଢପୁର, ରାମଚନ୍ଦ୍ରପୁର, ଖୁଦୁପୁର, କୁସୁମାଟି, ଛଣଘର, ରଥିପୁର, କନ୍ତିଆ, ନିରଞ୍ଜନପୁର, ଜାମୁକୋଳି, ପାଣ୍ଡିଆବିଲି, ବୁଢାଙ୍ଗରା, ପୁରୁସାହି ଓ ବରସାହି ଆଦି ମୌଜାରେ ମାଫିଆମାନେ ଏବେ ବେଶ୍ ସକ୍ରିୟ। ପ୍ରତିଦିନ ଏହି ଅଞ୍ଚଳରୁ ମୋରମ୍ ଓ ମାଙ୍କଡ଼ା ପଥର ଚାଲାଣ ହେଉଛି। ପୂର୍ବାପେକ୍ଷା ସ୍ଥାନୀୟ ଅଞ୍ଚଳରେ ବେଆଇନ ମୋରମ ଖଣି ସଂଖ୍ୟା ପୂର୍ବାପେକ୍ଷା ଯଥେଷ୍ଟ ବୃଦ୍ଧି ପାଇଛି। ମୋରମ ଲାଗି ଶହ ଶହ ସଂଖ୍ୟାରେ ଗଛ କାଟି ଦେଉଛନ୍ତି। ଜମି ଗୁଡ଼ିକୁ ସଫା କରି ସେଠାରୁ ଶହ ଶହ ଟ୍ରିପ ମୋରମ ଖନନ ହେଉଛି। ଏକାଧିକ ହାଇୱା ଗାଡ଼ି ମାଧ୍ୟମରେ ମୋରମ ଚୋରା ଚାଲାଣ ହେଉଛି। ଅନାବାଦି ଠାରୁ ଆରମ୍ଭ କରି ଜଙ୍ଗଲ କିସମର ଜମି ପର୍ଯ୍ୟନ୍ତ, କିଛି ବି ସେମାନଙ୍କ କବଳରୁ ବାଦ୍ ପଡୁନାହିଁ। ମନଇଛା ଖନନ ହେଉଥିବାର ଖାଲ ସୃଷ୍ଟି ହେବା ସହିତ ସରକାର କୋଟିକୋଟି ଟଙ୍କାର ରାଜସ୍ୱ ହରାଉଛନ୍ତି। ସବୁ ଜାଣି ମଧ୍ୟ ପୁଲିସ ହାତ ଟେକି ଦେଇଥିବା ବେଳେ ଖଣି ବିଭାଗର ନୀରବତା ମାଫିଆମାନଙ୍କୁ ପରୋକ୍ଷରେ ବେଆଇନ କାମ କରିବାକୁ ପ୍ରୋତ୍ସାହନ ଦେଉଥିବା ଅଭିଯୋଗ ହେଉଛି।

## ପାହାଳ ଡକାୟତି ମାମଲାରେ ଆଉ ଜଣେ ଗିରଫ



ହଂସପାଳ/ଭୁବନେଶ୍ୱର, ୫।୧୨(ସମିସ): ପାହାଳ ଡକାୟତି ମାମଲାରେ ପୁଲିସ ଆଉ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ କଟକ ସଦର ନୂଆପଡ଼ା ବେହେରାସାହି ଅଞ୍ଚଳର ଜଗନ୍ନାଥ ମଲ୍ଲିକ। ତାଙ୍କ ଠାରୁ ନଗଦ ୮ ଲକ୍ଷ ଟଙ୍କା ଏବଂ ଅପରାଧରେ ବ୍ୟବହୃତ ମୋଟରସାଇକଲ ଜବତ ହୋଇଛି। ଏହି ମାମଲାରେ ଅଭିଯୋଗକାରୀଙ୍କ ଠାରୁ ୨୦ଲକ୍ଷ ଟଙ୍କା ଡକାୟତି କରାଯାଇଥିଲା ବେଳେ ଏପର୍ଯ୍ୟନ୍ତ ୧୩ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଜବତ ହୋଇଛି। ପୂର୍ବରୁ ଏହି ମାମଲାରେ ଦୁଇ ଅଭିଯୁକ୍ତ ସରୋଜ ସୂତାର ଏବଂ ବବୁଲ ବେହେରା ଗିରଫ ହୋଇଥିଲେ। ଅଭିଯୋଗକାରୀ ପ୍ରଭାତ କୁମାର ସାହୁ କଟକରୁ ୨୦ଲକ୍ଷ ଟଙ୍କା ନେଇ ଭୁବନେଶ୍ୱର ଆସିଥିଲେ। କଟକ ଲିଙ୍କ ରୋଡ୍ ଠାରେ ସେ ତାଙ୍କ ଦୁଇ ବନ୍ଧୁ ସୁରେଶ ଏବଂ ସରୋଜ ସୂତାରଙ୍କୁ ଭେଟି ଥିଲେ। ଏହି ଦୁଇ ବନ୍ଧୁ ପ୍ରଭାତଙ୍କ ସହ କାରରେ ଭୁବନେଶ୍ୱର ପାତ୍ରପଡ଼ାସ୍ଥିତ ଏକ ତାରକା ହୋଟେଲର ଫୁଡ୍ କୋଟ୍‌କୁ ଖାଇଥିଲେ। ପ୍ରଭାତଙ୍କ ପାଖରେ ୨୦ଲକ୍ଷ ଟଙ୍କା ଦେଖି ସରରୋଜଙ୍କ ଲୋଭ ବଢ଼ିଥିଲା। ଡାକାୟତି ମାଧ୍ୟମରେ ଲୁଟ୍ କରିବାକୁ ଯୋଜନା କରିଥିଲେ। ସରୋଜ ଏଥିପାଇଁ ଏକ ଡକାୟତ ଗ୍ୟାଙ୍ଗ ସହାୟତାରେ ଏହି ଅପରାଧକୁ ଅନ୍ତିମ ରୂପ ଦେଇଥିଲେ। ବବୁଲ ଏବଂ ଜଗନ୍ନଥ ଉକ୍ତ ଗ୍ୟାଙ୍ଗର ସଦସ୍ୟ ଅଟନ୍ତି। ଶେଷର ଏହି ଗ୍ୟାଙ୍ଗ୍ ପ୍ରଭାତଙ୍କ ଠାରୁ ଖଣ୍ଡା ଲଗାଇ ୨୦ଲକ୍ଷ ଥିବା ବ୍ୟାଗ୍‌କୁ ଛଡାଇ ନେଇଥିଲେ।

## ତାଲା ଭାଙ୍ଗି ୪ ଲକ୍ଷ ଟଙ୍କା ଓ ସୁନାଗହଣା ଲୁଟ୍

ଭୁବନେଶ୍ୱର, ୫।୧୨ (ସମିସ): ଏୟାରପୋର୍ଟ ଥାନା ଅଞ୍ଚଳରେ ଆତଙ୍କ ଖେଳାଇଛନ୍ତି ଦୁର୍ବୃତ୍ତ। ଘରେ କେହି ନଥିବା ବେଳେ ତାଲା ଭାଙ୍ଗି କଳା କନା ବୁଲାଇଛନ୍ତି। ସୁନାଗହଣା ସହିତ ଲକ୍ଷାଧିକ ଟଙ୍କା ନେଇ ଯାଇଛନ୍ତି। ଏନେଇ ବିଜୟ କୁଅଁର ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଅଭିଯୋଗ ଅନୁଯାୟୀ, ବିଜୟ ପରିବାର ସହିତ ନିୟୁ ଫରେଷ୍ଟ ପାର୍କ ଅଞ୍ଚଳରେ ରହୁଛନ୍ତି। ଗତମାସ ୨୪ ତାରିଖ ଦିନ ଘରେ ତାଲା ପକାଇ ସପରିବାର ପୈତୃକ ଗାଁକୁ ଯାଇଥିଲେ। ଏହାରି ଭିତରେ ଦୁର୍ବୃତ୍ତ ମାନେ ତାଙ୍କ କବାଟର ତାଲା ଭାଙ୍ଗି ଘରେ ପଶିଥିଲେ। ଘର ଭିତରେ ଥିବା ୧୦ଟି କୁମ୍ଭି, ୨ଟି ସୁନା ମୁଦି, ସୁନା ଚୁଡ଼ି ୨ ହଳ ଓ ଅନ୍ୟାନ୍ୟ ଜିନିଷପତ୍ର ଲୁଟି ନେଇଥିଲେ। ଗତ ୧ ତାରିଖ ଦିନ ବିଜୟ ଗାଁରୁ ଫେରିବା ବେଳକୁ ଘର ତାଲା ଭଙ୍ଗା ହୋଇଥିଲା। ଘର ଭିତରେ ଜିନିଷପତ୍ର ଏଣେତେଣେ ପଡ଼ିଥିବା ବେଳେ ୧୦ଟି କୁମ୍ଭିରେ ଥିବା ୪ ଲକ୍ଷ ଟଙ୍କା ଓ ସୁନାଗହଣା ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ଏନେଇ ସେ ଅଭିଯୋଗ କରିବା ପରେ ଏୟାରପୋର୍ଟ ଥାନା ପୁଲିସ ମାମଲା ରୁଜୁ କରିଛି।

## ଏଟିଏମ୍ ଚୋରି କରି ନେଇଗଲେ ୬୦ ହଜାର

ଭୁବନେଶ୍ୱର, ୫।୧୨ (ସମିସ): ଏଟିଏମ୍ କାର୍ଡ ଚୋରି କରିବା ପରେ ଟଙ୍କା ଉଠାଇଛନ୍ତି ଲୁଟେରା। ଏଭଳି ଚୋରିର ଶିକାର ହୋଇଥିବା ପଞ୍ଚସଖା ନଗରର ପ୍ରଫୁଲ୍ଲ କୁମାର ଜେନା ଖଣ୍ଡଗିରି ଥାନାରେ ଏତଲା ଦେଇଛନ୍ତି। ଅଭିଯୋଗ ଅନୁଯାୟୀ, ପଞ୍ଚସଖା ନଗରର ପ୍ରଫୁଲ୍ଲ କିଣାକିଣି କରିବାକୁ ସ୍ଥାନୀୟ ବଜାରକୁ ଯାଇଥିଲେ। ଗହଳିର ସୁଯୋଗ ନେଇ କେହି ତାଙ୍କ ଠାରୁ ଏଟିଏମ୍ କାର୍ଡ ଲୁଟି ନେଇଥିଲା। ଘରେ ଆସି ପହଞ୍ଚିବା ବେଳକୁ ଏଟିଏମ୍ କାର୍ଡ ପାଇ ନ ଥିଲେ। ପରେ ପରେ ଦୁର୍ବୃତ୍ତ ମାନେ ତାଙ୍କ ବ୍ୟାଙ୍କ ଆକାଉଣ୍ଟରୁ ୫୭ ହଜାର ଟଙ୍କା ଉଠାଇ ନେଇଥିଲେ। ଏନେଇ ଜାଣିବା ପରେ ପ୍ରଫୁଲ୍ଲ ଖଣ୍ଡଗିରି ଥାନାରେ ଅଭିଯୋଗ କରିଛନ୍ତି।

## ଚୋରି ଅଭିଯୋଗରେ ଜଣେ ଗିରଫ

ଭୁବନେଶ୍ୱର, ୫।୧୨(ସମିସ): ଚୋରି ଅଭିଯୋଗରେ କ୍ୟାପିଟାଲ ଥାନା ପୁଲିସ ଢେଙ୍କାନାଳ ଜିଲ୍ଲାର ଧୁଷାସନ ଅଙ୍କୁଡା ତଳ ସାହି ଗ୍ରାମର ସ୍ୱାଇଁଙ୍କୁ ଗିରଫ କରିଛି। ତାଙ୍କ ଠାରୁ ପୁଲିସ ସୁନା ଲକେଟ ଜବତ କରିଛି। ପୁଲିସ ସୂଚନା ମୁତାବକ, ଅଭିଯୋଗକାରୀ ଗୋଠପାଟଣା ଅଞ୍ଚଳରେ ରୁହନ୍ତି। ଗତ ୧୯ ସନ୍ଧ୍ୟାରେ ସେ ନିଜର କିଛି ବନ୍ଧୁଙ୍କ ସହ ମିଶି ଭୋଜିଭାତ କରିବା ସହ ଶିବ ରଣାଙ୍କ ଘରେ ବିଶ୍ରାମ ନେଉଥିଲେ। ଧୁଷାସନ ଓରଫ ଧୁଷା ମଧ୍ୟ ସେମାନଙ୍କ ସହ ଉକ୍ତ ଘରେ ବିଶ୍ରାମ ନେଇଥିଲେ। କିଛି ସମୟ ପରେ ଅଭିଯୋଗକାରୀ ନିଦରୁ ଉଠି ବେକରେ ପିନ୍ଧିଥିବା ସୁନା ଚେନ କେହି ଚୋରୀକରି ନେଇ ଯାଇଥିବା ଜାଣିବାକୁ ପାଇଥିଲେ। ପରେ ସେ ଉକ୍ତ ଘରେ ବିଶ୍ରାମ ନେଉଥିବା ସମସ୍ତ ବନ୍ଧୁଙ୍କୁ ସୁନା ଚେନ ଚୋରୀ ସମ୍ପର୍କରେ ପଚାରି ବୁଝିଥିଲେ ମଧ୍ୟ କେହି ସନ୍ତୋଷଜନକ ଉତ୍ତର ଦେଇଥିଲେ। ପରେ ସେ ବାଧ ହୋଇ ଥାନାରେ ଅଭିଯୋଗ କରିଥିଲେ।

## ଗଞ୍ଜେଇ ଜବତ; ୨ ଗିରଫ

ଭୁବନେଶ୍ୱର, ୫।୧୨(ସମିସ): ଅବକାରୀ ବିଭାଗ ଏବଂ ରେଳ ସୁରକ୍ଷା ବଳ ପକ୍ଷରୁ ଭୁବନେଶ୍ୱର ରେଳ ଷ୍ଟେସନରେ ଚଡଉ କରାଯାଇଥିଲା। ଗଞ୍ଜେଇ ଚୋରା ଚାଲାଣ ଅଭିଯୋଗରେ ଦୁଇ ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ରୋଶନ କୁମାର ଏବଂ ସୁମିତ କୁମାର। ଏମାନଙ୍କ ଠାରୁ ୧୨କେଜି ଗଞ୍ଜେଇ ଜବତ ହୋଇଛି। ଅଭିଯୁକ୍ତମାନେ ଟ୍ରେନ୍‌ରେ ଗଞ୍ଜେଇ ଚାଲାଣ କରୁଥିଲେ।

## ବାପା ଓ ଭଉଣୀକୁ ହାଣି ବନ୍ଧାହେଲା



ଭୁବନେଶ୍ୱର, ୫।୧୨ (ସମିସ): ବାପା ଓ ଭଉଣୀକୁ ଖଣ୍ଡାରେ ଆକ୍ରମଣ କରିଥିବା ଅଭିଯୋଗରେ ପୁଅକୁ ଗିରଫ କରିଛି ଏୟାରଫିଲ୍ଡ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି କଲ୍ୟାଣ ପ୍ଲାଜା ଆପାର୍ଟମେଣ୍ଟରେ ରହୁଥିବା ଜିତେନ୍ଦ୍ର ପ୍ରଧାନ ଓରଫ୍ ଜିତୁ (୨୮)।

ପୁଲିସ ସୂଚନାନୁସାରେ, କିଛିଦିନ ପୂର୍ବେ ଜିତୁ ଏକ ବାଇକ୍ କିଣିଥିଲା। ହେଲେ ସାନଭାଇ ଉକ୍ତ ବାଇକକୁ ତା'ର ସାଙ୍ଗ ଶୁଭମ୍ ଓ ପ୍ରୀତିରଞ୍ଜନକୁ ଦେଇଥିଲା। ଗତ ସୋମବାର ରାତିରେ ଶୁଭମ୍ ଓ ପ୍ରୀତିରଞ୍ଜନ ଯାଉଥିବା ବେଳେ ବଡ଼ଗଡ଼ କଟ୍ ନିକଟରେ ଡିଭାଇଡରକୁ ପିଟି ପ୍ରାଣ ହରାଇଥିଲେ। ଫଳରେ ପୁଲିସ ବାଇକକୁ ମଧ୍ୟ ଜବତ କରିଥିଲା।

ଏହି ଘଟଣାରେ ଜିତୁ ଉତକ୍ଷିପ୍ତ ହୋଇ ବାପାମାଆଙ୍କୁ ଟଙ୍କା ଓ ବାଇକ୍ ଆଣିବାକୁ ଦାବି କରିଥିଲା। ସେମାନେ ଟଙ୍କା ଦେବା ଲାଗି ମନା କରିବା ସହ ସାନ୍ତ୍ୱନା ଦେବାକୁ ଚେଷ୍ଟା କରିଥିଲେ ମଧ୍ୟ ଜିତୁ ବୁଝି ନ ଥିଲା। ଓଲଟି ବାପା, ମାଆ ଓ ଭଉଣୀଙ୍କୁ ଗାଳିଗୁଲଜ କରିଥିଲା। ମାଡ଼ ମାରିବାରୁ ମାଆ ଛିଡ଼ି ପଳାଇଥିଲେ। ହେଲେ ଜିତୁ ତାର ବାପା ଓ ଭଉଣୀଙ୍କୁ ଗୋଡ଼ାଇ ଗୋଡ଼ାଇ ଖଣ୍ଡାରେ ଆକ୍ରମଣ କରିଥିଲା। ଏଥିସହିତ ପଥର ମାଡ଼ କରି ଜୀବନରେ ମାରିଦେବାକୁ ଉଦ୍ୟମ କରିଥିଲା। ଏହି ଆକ୍ରମଣରେ ତାଙ୍କ ବାପା ଓ ଭଉଣୀ ଗୁରୁତର ଆହତ ହୋଇଥିଲେ। ଖବରପାଇ ପିସିଆର ଓ ଥାନା କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଜିତୁକୁ କାବୁ କରିବା ସହ ବାପା ଓ ଭଉଣୀଙ୍କୁ ଚିକିତ୍ସା ପାଇଁ ହସ୍ପିଟାଲକୁ ପଠାଇଥିଲେ। ସେହି ସମୟରେ ଜିତୁ ପୁଲିସ କର୍ମଚାରୀମାନଙ୍କୁ ଧକ୍କା ମାରିବା ସହ ଜେଲରୁ ଫେରିଲେ ସମସ୍ତଙ୍କୁ ଜୀବନରୁ ମାରିଦେବ ବୋଲି ଧମକ ଦେଇଥିଲା। ଭଉଣୀ ପ୍ରିୟଙ୍କା ଏନେଇ ଅଭିଯୋଗ କରିବା ପରେ ଏୟାରଫିଲ୍ଡ ଥାନା ପୁଲିସ ମାମଲା ରୁଜୁ କରିବା ସହ ଜିତୁକୁ କୋର୍ଟ ଚାଲାଣ କରିଛି। ତା' ଠାରୁ ଖଣ୍ଡା ଓ ଛୁରି ଜବତ କରିଛି।

## ଏକତରଫା ପ୍ରେମ କରି ଯୁବକ ଗିରଫ

ଭୁବନେଶ୍ୱର, ୫।୧୨ (ସମିସ): ଏକତରଫା ପ୍ରେମ କରି ଯୁବତୀଙ୍କୁ ପିଛା କରିବା ମହଙ୍ଗା ପଡ଼ିଲା। ଅଭିଯୋଗ ପାଇବା ପରେ ଅଭିଯୁକ୍ତକୁ ଗିରଫ କରିଛି ଖାରବେଳ ନଗର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ୟୁନିଟ୍ ୪ ମା ମଙ୍ଗଳା ବସ୍ତିର ସିକେନ୍ଦ୍ର ବେହେରା ଓରଫ୍ ସିକୁ (୪୦)।

ପୁଲିସ ସୂଚନା ଅନୁସାରେ, ସିକୁ ସ୍ଥାନୀୟ ଅଞ୍ଚଳରେ ଜଣେ ଯୁବତୀଙ୍କୁ ଏକତରଫା ପ୍ରେମ କରୁଥିଲା। ବିଭିନ୍ନ ସମୟରେ ତାଙ୍କୁ ପିଛା କରିବା ସହ ପ୍ରେମ ନିବେଦନ କରୁଥିଲା। ହେଲେ ଯୁବତୀ ଜଣକ ସିକୁର ନିବେଦନକୁ ପ୍ରତ୍ୟାଖ୍ୟାନ କରିଥିଲେ। ନିକଟରେ ଯୁବତୀଙ୍କ ବାପାଙ୍କ ଦୋକାନକୁ ଆସି ତାଙ୍କ ଝିଅକୁ ବିବାହ କରିବ ବୋଲି କହିଥିଲା। ପ୍ରସ୍ତାବରେ ରାଜି ନହେଲେ ଯୁବତୀଙ୍କ ଫଟୋ ଏଡିଟିଙ୍ଗ କରି ଭାଇରାଲ କରିଦେବାକୁ ଧମକ ଦେଇଥିଲା। ସିକୁ ଗତମାସ ୨୧ ତାରିଖ ଦିନ ଯୁବତୀଙ୍କୁ ଟଣାଓଟରା କରିଥିଲା। ଏନେଇ ପୀଡ଼ିତାଙ୍କ ବାପା ଖାରବେଳ ନଗର ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ଆଜି ସିକୁକୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ଗାଡ଼କଣରେ ଜବରଦଖଲ ଉଚ୍ଛେଦ



ଭୁବନେଶ୍ୱର, ୫।୧୨(ସମିସ): ବିଡିଏ ବିଜ୍ଞପ୍ତି ସଂଖ୍ୟା ୨୩୫୪୦ ଅନୁଯାୟୀ ଗାଡ଼କଣ ମୌଜା ପ୍ଲଟ ନମ୍ବର ୪୩ (ପି), ୨୬୨, ୨୬୩/୯୮୮୦, ୨୬୩, ୨୬୪, ୨୬୩/୯୮୭୯, ୪୩/୧୦୫୭୭, ୪୩/୧୦୫୭୪, ୨୦୪, ୨୦୫ ଓ ୨୦୮ରୁ ଜବରଦଖଲ ଉଚ୍ଛେଦ କରାଯାଇଛି। ବିଡିଏ ଜମି ବିଭାଗ ଓଏସଡିଙ୍କ ଦ୍ୱାରା କରାଯାଇଥିବା ଏହି ଚିଠିରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଉଚ୍ଛେଦରେ ୧୪ଟି ଆଜବେଷ୍ଟ ଘର ସହ ୪ଟି ଟିଣ ଘର ପଥରେ ନିର୍ମିତ ଗୁହାଳ, ୭ଟି ଶୌଚାଳୟ, ୨ଟି ଲୁହା ଗ୍ରିଲ୍, ୨ଟି ପାଣି ଟାଙ୍କି, ଗୋଟିଏ ନିର୍ମାଣାଧୀନ ଘର ସହ ୩୦୦ ଫୁଟର ବାଉଁଶ ବାଡ଼ ଭଙ୍ଗାଯାଇଛି। ପାଖାପାଖି ୩ ଡିସିମିଲର ସରକାରୀ ଜମି ଜବରଦଖଲରୁ ମୁକ୍ତ ହୋଇଥିବାବେଳେ ଉଚ୍ଛେଦରେ ବିଡିଏ ଓ ବିଏମସିର ଗୋଟିଏ ଲେଖାଏଁ ଜେସିବି ସହ ବିଡିଏ ଅଧିକାରୀ ଓ କମିଶନରେଟ୍ ପୁଲିସ ବଳ ପ୍ରମୁଖ ଉପସ୍ଥିତ ଥିଲେ।



ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଆନ୍ଦୋଳନରତ ପ୍ରାଥମିକ ଶିକ୍ଷକ ରାତିରେ ଖୋଲା ଆକାଶ ତଳେ ପଡ଼ି ରହିଛନ୍ତି। (ଫଟୋ: ସନ୍ତୋଷ)

### ଖେଳାଳିଙ୍କ ପାଇଁ ଭୁବନେଶ୍ୱରରେ ତ୍ରିସ୍ତରୀୟ ସୁରକ୍ଷା

## ମୁତୟନ ହେବେ ୨୨ ପ୍ଲାଟୁନ୍ ଫୋର୍ସ, ୧୧୧ ସ୍ୱତନ୍ତ୍ର ଅଧିକାରୀ

ଭୁବନେଶ୍ୱର, ୫।୧୨(ସମିସ): ଭୁବନେଶ୍ୱରରେ ଖେଳାଳିଙ୍କ ସୁରକ୍ଷା ପାଇଁ କମିସନରେଟ୍ ପୁଲିସ ତ୍ରିସ୍ତରୀୟ ସୁରକ୍ଷା କରାଯାଇଛି। ଏଥିପାଇଁ ସହରରେ ୨୨ ପ୍ଲାଟୁନ ଫୋର୍ସ ମୁତୟନ କରାଯିବ। ଏହାସହ ୧୧୧ ସ୍ୱତନ୍ତ୍ର ପୁଲିସ ଅଧିକାରୀ ସୁରକ୍ଷା ବ୍ୟବସ୍ଥା ପରିଚାଳନା କରିବେ ବୋଲି ପୁଲିସ୍ କମିସନର ଏସ ଦେବଦତ୍ତ ସିଂହ କହିଛନ୍ତି। ପୁଲିସ୍ କମିଶନରଙ୍କ ସୂଚନାରେ ସୁରକ୍ଷା ବେଳେ ଏରିଏଲ ସର୍ଭେ କରାଯିବ। ଖେଳାଳି ଭୁବନେଶ୍ୱରରେ ପହଞ୍ଚିବା ପରେ ଏୟାରପୋର୍ଟଠାରୁ ଆରମ୍ଭ କରି ହୋଟେଲ ଓ ହୋଟେଲରୁ ଆରମ୍ଭ କରି ଷ୍ଟାଡିୟମ ପର୍ଯ୍ୟନ୍ତ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ରହିବ। ଯିବା ଆସିବା ବାଟ, ଷ୍ଟାଡିୟମ ଓ ଷ୍ଟାଡିୟମ ଭିତରେ ଡ୍ରୋନ୍ ନଜର ରଖିବ। ଏହି କ୍ୟାମେରାଗୁଡ଼ିକ କଣ୍ଟ୍ରୋଲ ରୁମ୍ ସହ ସଂଯୋଗ କରାଯାଇ ସେଠାରୁ ନିୟନ୍ତ୍ରଣ କରାଯିବ। ପୁଲିସ ସହ ମେଡିକାଲ୍ ଟିମ୍ ଓ ଅଗ୍ନିଶମ ଟିମ୍ ନିୟୋଜିତ ହେବେ। ବକ୍ସିବଜାର ଅଗ୍ନିଶମ କେନ୍ଦ୍ର ପକ୍ଷରୁ ଏକ ୬ ଜଣିଆ ଟିମ୍ ନିୟୋଜିତ ହେବେ। ଏଥିରେ ଗୋଟିଏ ଅଗ୍ନିଶମ ଗାଡ଼ି ରହିବ। ହଜାର ହଜାର କ୍ରୀଡ଼ା ପ୍ରେମୀ ଏକାଠି ହେବାକୁ ଥିବାବେଳେ କୌଣସି ଅଘଟଣ ଏଡ଼ାଇବାକୁ ଉଭୟ ଅଗ୍ନିଶମ ଓ ଡାକ୍ତରୀ ଟିମ୍ ସଜାଗ ନେଇ ପୁଲିସ କମିସନର୍ ସୂଚନା ଦେଇଛନ୍ତି।





ତେବେ ୮ ତାରିଖରେ ଅଭ୍ୟାସ ମ୍ୟାଚ୍ ଓ ୯ ତାରିଖରେ ବାରବାଟୀ ଷ୍ଟାଡିୟମରେ ଭାରତ-ଦକ୍ଷିଣ ଆଫ୍ରିକା ମଧ୍ୟରେ ଏକ ଟି-୨୦ ମ୍ୟାଚ୍ ଖେଳାଯିବ। ଏହାକୁ ଦୃଷ୍ଟିରେ ରଖି କମିସନରେଟ ପୁଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ସୂଚନାଯୋଗ୍ୟ, ଖେଳାଳି, ଭିଆଇପି ଓ ଦର୍ଶକଙ୍କ ସୁରକ୍ଷା ତଥା ଟ୍ରାଫିକ ବ୍ୟବସ୍ଥାକୁ ଶୃଙ୍ଖଳିତ ଭାବେ ପରିଚାଳନା କରିବାକୁ ପୁଲିସ ପକ୍ଷରୁ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଇଛି।

### ଇଣ୍ଡିଗୋ ବିମାନ ବାତିଲ ଯୋଗୁଁ ହନ୍ତସନ୍ତ ହଜାର ହଜାର ଯାତ୍ରୀ

# ଫ୍ଲାଇଟ୍ ବାତିଲ: ଅନ୍‌ଲାଇନ୍‌ରେ ହେଲା ବାହାଘର ରିସେପସନ୍

ଭୁବନେଶ୍ୱର, ୫।୧୨(ସମିସ): ସରିଥିଲା ବାହାଘର, ହୋଇଥାଆନ୍ତା ରିସେପସନ୍। ହେଲେ ଇଣ୍ଡିଗୋ ବିମାନ ବାତିଲ ଯୋଗୁଁ ହଟହଟା ହୋଇଛନ୍ତି ନବଦମ୍ପତି। ଫ୍ଲାଇଟ୍ ବାତିଲ ଯୋଗୁଁ ନବ ଦମ୍ପତି ଆସିନପାରି ଶେଷରେ ରିସେପସନ୍ ପାର୍ଟିରେ ଭର୍ଚୁଆଲରେ ଯୋଗଦେଲେ। ପେଶାରେ ଆଇଟି ଇଞ୍ଜିନିୟର ଥିବା ବେଙ୍ଗାଲୁରୁ ହୁବଲୀର ମେଧା କ୍ଷୀରସାଗରଙ୍କ ସହ ଭୁବନେଶ୍ୱରର ସଙ୍ଗମ ଦାସଙ୍କର ବିବାହ ହୋଇଥିଲା। ତେବେ ଆଜି ମେଧାଙ୍କ ହୋମ୍‌ଟାଉନରେ ଗ୍ରାଣ୍ଡ ରିସେପସନ୍ ଥିଲା। ଭୋର୍ ୪ ଟାରେ ସେମାନେ ଯିବାକୁ ଥିବା ବିମାନକୁ ବାତିଲ କରିଥିଲା ଇଣ୍ଡିଗୋ। ଟିକଟ୍ ବୁକ୍ ହୋଇନଥିବା ଇଣ୍ଡିଗୋ ଫ୍ଲାଇଟ୍ ଉଡ଼ାଣ ରଦ୍ଦ ହେବାରୁ ସେମାନେ ରିସେପନ୍‌ରେ ପହଞ୍ଚି ପାରି ନ ଥିଲେ। ଫଳରେ ଏହି ଦମ୍ପତ୍ତି ଭିଡିଓକଲ୍‌ରେ ରିସେପସନ୍‌କୁ ସମ୍ବୋଧିତ କରିଥିଲେ। ଯାହା ମାଧ୍ୟମରେ ବନ୍ଧୁ ପରିଜନମାନଙ୍କ ଠାରୁ ଆଶିର୍ବାଦ ଓ ଶୁଭେଚ୍ଛା ଗ୍ରହଣ କରିଥିଲେ। ଏପରି ଏକ ନିଆରା ରିସେପସନ୍ ସାମାଜିକ ଗଣମାଧ୍ୟରେ ବେଶ୍ ଚର୍ଚ୍ଚାର ଖୋରାକ ଯୋଗାଇଛି। ଦେଶବ୍ୟାପୀ କର୍ମଚାରୀ ଅଭାବ ଯୋଗୁଁ ଦେଶବ୍ୟାପୀ ଇଣ୍ଡିଗୋ ବିମାନ ଉଡ଼ାଣ ରଦ୍ଦ ହେବାରୁ ଅନେକ ଯାତ୍ରୀମାନେ ହନ୍ତସନ୍ତ ହେଉଥିବା ଦେଖିବାକୁ ମିଳିଛି। ତେବେ ଏହି ନବ ଦମ୍ପତି ନୁହନ୍ତି ଇଣ୍ଡିଗୋ ବିମାନ ଉଡ଼ାଣରେ ବିଭ୍ରାଟରୁ ଏମିତି ହନ୍ତସନ୍ତ ହୋଇଛନ୍ତି ହଜାର ହଜାର ଯାତ୍ରୀ।

**■ ସିଡ୍ୟୁଲ ଦେଖି ଘରୁ ବାହାରିବାକୁ ନିବେଦନ କଲେ ବିମାନବନ୍ଦର କର୍ତ୍ତୃପକ୍ଷ**



ସୂଚନା ଅନୁସାରେ, କ୍ରମାଗତ ଚତୁର୍ଥ ଦିନ ପାଇଁ ବିମାନ ବାତିଲ ପରେ ଭୁବନେଶ୍ୱର ଅନ୍ତର୍ଜାତୀୟ ବିମାନ ବନ୍ଦରରେ ମଧ୍ୟ ଯାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳିଛି। କେତେବେଳେ ନିଜ ଫ୍ଲାଇଟ ଚାଲିବ ଏବଂ ଯାତ୍ରୀମାନେ ନିଜ ଲକ୍ଷ୍ୟସ୍ଥଳକୁ ଯିବେ ସେବିଷୟରେ ବୁଝିବାକୁ ବିଭିନ୍ନ କାଉଣ୍ଟରରେ ଭିଡ ଜମିବା ସହ ଯାତ୍ରୀଙ୍କ ଭିତରେ ପ୍ରବଳ ଅସନ୍ତୋଷ ଓ ଆକ୍ରୋଶ ଦେଖିବାକୁ ମିଳିଛି। ଅନ୍ୟ ବିମାନ ଗୁଡିକର ଟିକଟ୍ ଦର ବି ଆକାଶଛୁଆଁ ହୋଇଛି। ଜରୁରୀ କାମ ପାଇଁ କିଏ କ୍ୟାବ କରି ଭୁବନେଶ୍ୱରରୁ କୋଲକାତା ନିଜ ଘରକୁ ଫେରୁଛି ତ କିଏ ୫ଗୁଣା ଟଙ୍କା ଦେଇ ଅନ୍ୟ ଫ୍ଲାଇଟରେ ଯିବାକୁ ବାଧ ହେଉଛି। ଦେଶରେ ବଡ଼ ବଡ଼ ସହର ମୁମ୍ବାଇ, ଦିଲ୍ଲୀ, ବେଙ୍ଗାଲୁରୁ, ହାଇଦ୍ରାବାଦ ଓ କୋଲକାତା ଭଳି ଭୁବନେଶ୍ୱର ବିମାନ ବନ୍ଦରରେ ମଧ୍ୟ ଯାତ୍ରୀମାନେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସେପଟେ ବିମାନ ଯାତ୍ରୀମାନେ ଘରୁ ବାହାରିବା ଆଗରୁ, ନିଜ ବିମାନର ସିଡ୍ୟୁଲ ଦେଖି, ଘରୁ ବାହାରିବାକୁ ନିବେଦନ କରିଛନ୍ତି ଭୁବନେଶ୍ୱର ବିମାନବନ୍ଦର ନିର୍ଦ୍ଦେଶକ।

ସକାଳ
THE SAKALA

# ସମ୍ପାଦକୀୟ



ଯଦି କୃଷି ବିପର୍ଯ୍ୟସ୍ତ ହୁଏ, ତେବେ ଦେଶର ଅନ୍ୟ ସବୁ ବ୍ୟବସ୍ଥା ବିଗିଡ଼ି ଯିବ।
-ଏମ୍ ଏସ୍ ସ୍ୱାମୀନାଥନ୍

## ପୁଣି ପ୍ରତିଶ୍ରୁତି ହୁଡ଼ିଲେ

ଗତ ନିର୍ବାଚନ ବେଳେ ରାଜ୍ୟର ଚାଷୀମାନଙ୍କର ସମର୍ଥନ ହାସଲ ପାଇଁ ବିଜେପି ଧାନ କ୍ରୟ ଉପରେ ଏମ୍‌ଏସ୍‌ପି ବାଦ କ୍ୱିଣ୍ଟାଲ୍ ପିଛା ୮୦୦ ଟଙ୍କା ବୋନସ (ଇନ୍‌ପୁଟ୍ ସବ୍‌ସିଡି) ଦେବା ସକାଶେ ପ୍ରତିଶ୍ରୁତି ଦେଇଥିଲା। ବଡ଼ କଥା ହେଲା, କ୍ଷମତାକୁ ଆସିବା ପରେ ଦଳ ତା'ର ପ୍ରତିଶ୍ରୁତି ରକ୍ଷା କରିଛି। ଚଳିତ ଖରିଫ୍ ଋତୁ ପାଇଁ କେନ୍ଦ୍ର ସରକାର ଧାନର ଏମ୍‌ଏସ୍‌ପି କ୍ୱିଣ୍ଟାଲ୍ ପିଛା ୬୯ ଟଙ୍କା ବୃଦ୍ଧି କରିଥିବାରୁ ସେହି ଅନୁପାତରେ ଓଡ଼ିଶା ଚାଷୀ କ୍ୱିଣ୍ଟାଲ୍ ପିଛା ୩୧୬୯ ଟଙ୍କା ପାଇବା କଥା। କିନ୍ତୁ ୩୧୦୦ ଟଙ୍କା ହିଁ ଚାଷୀ ପାଇବେ ବୋଲି ରାଜ୍ୟ ସରକାର ସ୍ପଷ୍ଟ କରିଛନ୍ତି। ସହାୟକ ମୂଲ୍ୟ ଯେତେ ବଢ଼ିଲେ ମଧ୍ୟ ଧାନ କ୍ୱିଣ୍ଟାଲ ସେହି ୩୧୦୦ ଟଙ୍କାରେ ସୀମିତ ରଖିବା ନୀତି ଯେ ପ୍ରତିଶ୍ରୁତିର ଖିଲାପ ଏକଥା ସ୍ୱୀକାର କରିବାକୁ ପଡ଼ିବ। ଏହାର ସାଧାସିଧା ଅର୍ଥ ହେଲା ସରକାର ୮ ଶହ ଟଙ୍କା ବଦଳରେ ଚାଷୀଙ୍କୁ ଏଥର କ୍ୱିଣ୍ଟାଲ ପିଛା ୭୩୧ ଟଙ୍କା ବୋନସ ଦେଉଛନ୍ତି। ଆଗକୁ ଯଦି କେନ୍ଦ୍ର ସରକାର ବଜାର ଦର ଓ ଚାଷର ବ୍ୟୟଭାରକୁ ବିଚାର କରି ଧାନର ଏମଏସପି ବଢ଼ାନ୍ତି ତେବେ ରାଜ୍ୟ ସରକାର କ'ଣ ତାଙ୍କ ପ୍ରତିଶ୍ରୁତି ବୋନସ ରାଶିରୁ ତାହାକୁ କାଟି ସଂଗ୍ରହ ଦର ଧାର୍ଯ୍ୟ କରିବେ? ସରକାରଙ୍କ ଏପ୍ରକାର ପ୍ରତାରଣା ସଂପର୍କରେ ଧାନ ଚାଷୀ ବିଚାର କରିବାର ସମୟ ଏବେ ଉପସ୍ଥିତ।

ଆମ ରାଜ୍ୟରେ ପ୍ରତ୍ୟକ୍ଷ ଭାବେ ଚାଷ ଓ ଅମଳ ସହ ସଂପୃକ୍ତ ବଡ଼ ଚାଷୀଙ୍କ ସଂଖ୍ୟା ଅପେକ୍ଷାକୃତ କମ୍। ଅସଲରେ ଭାଗଚାଷୀ ଓ କ୍ଷୁଦ୍ରଚାଷୀଙ୍କ ହାତରେ ରହିଛି ଧାନ ଚାଷ। ଏବେ ସରକାର ଯେଉଁ ୨ ଲକ୍ଷ ୧୭ ହଜାର ଅଧିକ ଚାଷୀ ଚଳିତ ଖରିଫ ଋତୁ ଧାନ ଚାଷ କରିଥିବା ଦର୍ଶାଇଛନ୍ତି ତାହା ପ୍ରକୃତରେ ସେହି ବଡ଼ ଚାଷୀଙ୍କ ଜମି ଚଷିଥିବା ଭାଗ ଚାଷୀ। ତେଣୁ ଧାନ ବିକିବା ପାଇଁ ପଞ୍ଜୀକରଣ କରିଥିବା ଚାଷୀଙ୍କ ସଂଖ୍ୟା ବଢ଼ିବା ସ୍ୱାଭାବିକ। ସରକାର ଭାବି ପାରନ୍ତି କ୍ୱିଣ୍ଟାଲ ପିଛା ୮୦୦ ଟଙ୍କା ବୋନସ ପାଇଁ ଚାଷୀ ଉତ୍ସାହୀ ହୋଇପଡ଼ିଛନ୍ତି। ଏତଦ୍‌ବ୍ୟତୀତ ପଞ୍ଜିକରଣ ଜନିତ ସମସ୍ୟା ପାଇଁ ବହୁ ଚାଷୀ ଏହି ଧାନ ସଂଗ୍ରହ ପ୍ରକ୍ରିୟାରୁ ବଞ୍ଚିତ ହେଉଛନ୍ତି। ଚଳିତ ଋତୁରେ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହେବାରେ ବିଳମ୍ବ ପରିଲକ୍ଷିତ ହୋଇଛି। ପଶ୍ଚିମ ଓଡ଼ିଶାରେ କେବଳ କାଁ ଭାଁ ମଣ୍ଡି ଖୋଲିଛି। ଏହି ବିଳମ୍ବ ପାଇଁ ରାଜ୍ୟରେ ଧାନର ଅଭାବୀ ବିକ୍ରି ହେଉଛି। କାରଣ ଏବେ ମଧ୍ୟ ଛୋଟ ଚାଷୀ ମହାଜନୀ ଋଣ ବା କରଜ ଉପରେ ନିର୍ଭର କରନ୍ତି। ତେଣୁ ଧାନ ଅମଳ ହେବା ପରେ ପରେ ତାହା ଉପରେ କରଜ ପରିଶୋଧ ପାଇଁ ଜୁଲମ ଆରମ୍ଭ ହୋଇଯାଏ। ସରକାର ଏ ପର୍ଯ୍ୟନ୍ତ ମିଲରଙ୍କ ଷ୍ଟକ୍ ଯାଞ୍ଚ କରିନାହାନ୍ତି। ଏଫ୍‌କ୍ୟୁ ଧାନର ମାନ ଯାଞ୍ଚ ସକାଶେ ଶସ୍ୟ ପରୀକ୍ଷଣ ମେସିନ୍ ମଧ୍ୟ ମଣ୍ଡିରେ ପହଞ୍ଚିନାହିଁ। ପ୍ରତିବାଦ ଓ ପ୍ରତିରୋଧ ସତ୍ତ୍ୱେ ଆରମ୍ଭରୁ ମିଲରଙ୍କ କଥାରେ କଟ୍‌ନୀ ଛଟନୀ ଚାଲିଛି। ଅସଲରେ ମିଲରମାନେ ହିଁ ଚାଷୀଙ୍କଠାରୁ ଧାନ ସଂଗ୍ରହ କରୁଛନ୍ତି। ସରକାର ସେମାନଙ୍କ ଉପରେ ନିର୍ଭରଶୀଳ ହୋଇଥିବାରୁ ସଂଗ୍ରହକୁ ନେଇ ବିଭ୍ରାଟ ଓ ବିଭ୍ରାନ୍ତ ସୃଷ୍ଟି ହେଉଛି। ଏହାପଛରେ ସରକାର ଓ ମିଲରଙ୍କ ମଧୁଚନ୍ଦ୍ରିକା ଥିବା ଅଭିଯୋଗକୁ ମଧ୍ୟ ଅସ୍ୱୀକାର କରିହେବ ନାହିଁ। ●

## ଦୁର୍ବଳ ମୁଦ୍ରା

ବାଣିଜ୍ୟ ନିଅଣ୍ଟ ଦିନକୁ ଦିନ ବୃଦ୍ଧି ପାଉଥିବା ବେଳେ ଦେଶର ଆଭ୍ୟନ୍ତରୀଣ ଚାହିଦା ପୂରଣ ସକାଶେ ବୈଦେଶିକ ବିନିମୟ ମୁଦ୍ରାଭଣ୍ଡାର ଉପରେ ଚାପ ବଢ଼ିଛି। ସେହି ସମୟରେ ଆମେରିକାର ଟାରିଫ ବଢ଼ିଛି ଏବଂ ଦେଶକୁ ଆସୁଥିବା ବୈଦେଶିକ ମୁଦ୍ରାର ପ୍ରବାହ ମଧ୍ୟ ହ୍ରାସ ପାଇଛି। ତେଣୁ ଭାରତୀୟ ମୁଦ୍ରା ବା ଟଙ୍କା ଡଲାର ତୁଳନାରେ ଦୁର୍ବଳ ହେବାରେ ଲାଗିଛି। ରିଜର୍ଭ ବ୍ୟାଙ୍କ ଡଲାର କିଣି ସ୍ଥିତି ସମ୍ଭାଳିବାରେ ୪ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ କରିଥିଲେ ମଧ୍ୟ ଦିନକୁ ଦିନ ସ୍ଥିତି ବିଗିଡ଼ିବାରେ ଲାଗିଛି। ଗତ ବୁଧବାର ଡଲାର ତୁଳନାରେ ଟଙ୍କାର ଦୁର୍ବଳ ସ୍ଥିତି ପଦାରେ ପଡ଼ିଯାଇଛି। ୧ ଡଲାରର ମୂଲ୍ୟ ୯୦.୧୫ ଟଙ୍କା ହୋଇଥିବା ବେଳେ ପରଦିନ ତାହା ୯୦.୪୩କୁ ବୃଦ୍ଧି ପାଇଛି। ଏହି ସ୍ଥିତି ପ୍ରଥମ ଥର ଉପୁଜିଛି କହିଲେ ଭୁଲ ହେବ। ବରଂ ଟଙ୍କାର ଦୁର୍ବଳ ସ୍ଥିତି କ୍ରମାଗତ ରେକର୍ଡ କରିଚାଲିଛି। ଅନ୍ୟ ଏକ ଦିଗ ହେଲା, ଭାରତୀୟ ପୁଞ୍ଜି ବଜାରରୁ ବିଦେଶୀ ନିବେଶକମାନେ କ୍ରମାଗତ ଅଂଶଧନ ପ୍ରତ୍ୟାହାର କରିନେଉଥିବାରୁ ଟଙ୍କା ଚାପରେ ରହିଛି। ଭାରତୀୟ ବଜାରରେ ବିଦେଶୀ ପ୍ରତ୍ୟକ୍ଷ ପୁଞ୍ଜି ନିବେଶର ଆକର୍ଷଣ ମଧ୍ୟ ହ୍ରାସ ପାଇଛି। ଏହା ଆମର କୂଟନୈତିକ ଓ ବାଣିଜ୍ୟ ନୀତିର ଦୁର୍ବଳ ଦିଗକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି।

ଭାରତୀୟ ମୁଦ୍ରାର ଏହି ଦୁର୍ବଳ ସ୍ଥିତି ପ୍ରଭାବଶୂନ୍ୟ ବୋଲି ଯେତେ ଯୁକ୍ତି ବାଢ଼ିଲେ ମଧ୍ୟ ପେଟ୍ରୋଲ, ଡିଜେଲ, ଖାଇବା ତେଲ ଓ ସ୍ମାର୍ଟ ଫୋନ ମୂଲ୍ୟ ତ ନିଶ୍ଚୟ ଆଗାମୀ ଦିନରେ ବଢ଼ିବ। ବର୍ଦ୍ଧିତ ଓ ପରିବହନ ଖର୍ଚ୍ଚର ପ୍ରଭାବ ଅନ୍ୟାନ୍ୟ ସାମଗ୍ରୀ ଉପରେ ଅନୁଭୂତ ହେବ। ସେହିଭଳି ବିଦେଶ ଯାତ୍ରା ଓ ବିଦେଶରେ, ବିଶେଷକରି ଆମେରିକାରେ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀଙ୍କ ବ୍ୟୟଭାର ଅଭିଭାବକଙ୍କୁ ନିଶ୍ଚୟ ବାଧିବ। ଏସବୁ ହେଲା ପ୍ରତ୍ୟକ୍ଷ ପ୍ରଭାବ। ପରୋକ୍ଷରେ ଆମର ମୁଦ୍ରାସ୍ଫୀତି ଓ ଜିଡିପି ସ୍ଥିତିରେ ଯେଉଁ ଅସ୍ଥିରତା ସୃଷ୍ଟି ହେବ ତାହାକୁ ସୁଧାରିବା ଏତେ ସହଜ ହେବ ନାହିଁ। ମୁଖ୍ୟ ଅର୍ଥ ପରାମର୍ଶଦାତା ଭି. ଅନନ୍ତ ନାଗେଶ୍ୱରନ୍ କହିଛନ୍ତି ଯେ ଦେଶର ଆମଦାନୀ ଓ ମୁଦ୍ରାସ୍ଫୀତିକୁ ଏହା ପ୍ରଭାବିତ କରିବ ନାହିଁ। ୨୦୨୬ରେ ଟଙ୍କାର ଏହି ଦୁର୍ବଳ ସ୍ଥିତି ସୁଧୁରିଯିବ। ଭବିଷ୍ୟତ ଅନିଶ୍ଚିତ। ବର୍ତ୍ତମାନର ସମସ୍ୟାକୁ ପ୍ରତିହତ କରିବାରେ ଆମ ବ୍ୟବସ୍ଥାର ଅସାମର୍ଥ୍ୟ ପଦାରେ ପଡ଼ିଯାଉଛି। ଏହାର ତୁରନ୍ତ ପ୍ରଭାବରେ ସେନ୍‌ସେକ୍ସ ଓ ନିଫ୍ଟି ସୂଚକାଙ୍କ ହ୍ରାସ ପାଇଥିବା ପରିଲକ୍ଷିତ ହୋଇଛି।

ଆତ୍ମନିର୍ଭର ଭାରତ ଗଠନ ସପକ୍ଷରେ ଆମେ ଯେତେ ଆହ୍ୱାନ ଦେଲେ ମଧ୍ୟ ଆମର ଆମଦାନୀ ବଢୁଛି। ରପ୍ତାନି କ୍ଷେତ୍ରରେ ବିଶ୍ୱବଜାରରେ ଆମେ ଅନ୍ୟ ପ୍ରତିଯୋଗୀଙ୍କ ସମକକ୍ଷ ହୋଇପାରିନେ। ତେଣୁ ବାଣିଜ୍ୟ ନିଅଣ୍ଟ ବଢ଼ି ଚାଲିଥିବାରୁ ଡଲାର ଉପରେ ନିର୍ଭରଶୀଳତା ହ୍ରାସ ପାଇବା ସମ୍ଭାବନା ଊଣା। ଏହି ଦୃଶ୍ୟପଟ୍ଟରେ ଅର୍ଥ ପରାମର୍ଶଦାତା ଯେଉଁ ସମ୍ଭାବନାର ଅଙ୍କ କଷି ଚାଲିଛନ୍ତି ତାହା କେତେଦୂର ସଫଳ ହେବ ସେ ନେଇ ସନ୍ଦେହ ଉଙ୍କି ମାରିବା ସ୍ୱାଭାବିକ।

ବଜାର ଅର୍ଥନୀତି ସମଗ୍ର ବିଶ୍ୱରେ ମୁକ୍ତ ବାଣିଜ୍ୟ କାରବାର ପାଇଁ ସୁଯୋଗ ସୃଷ୍ଟି କରିଛି। ତେବେ ବାଣିଜ୍ୟିକ କାରବାର ପ୍ରମୁଖ ମାଧ୍ୟମ ହେଉଛି ଡଲାର। ଡଲାର ତୁଳନାରେ ଭାରତୀୟ ମୁଦ୍ରାର ଏହି ଦୁର୍ବଳସ୍ଥିତିରୁ ଆମେ ଅନୁମାନ କରିପାରିବା ଭାରତୀୟ ଅର୍ଥନୀତିର ଗତି ଓ ଦୁର୍ଗତି। ସମଗ୍ର ବିଶ୍ୱରେ ଭାରତ ଚତୁର୍ଥ ବୃହତ୍ ଅର୍ଥନୀତି। ସେଥିରେ ପୁଣି ୧୪୦ କୋଟି ଲୋକଙ୍କ ବିଶାଳ ବଜାର ଆମ ହାତରେ ଅଛି। ପରିଲକ୍ଷିତ ମୁଦ୍ରାଗତ ବିଲକ୍ଷଣକୁ ରୋକିବାରେ ଆମ ଦୁର୍ବଳତାକୁ ଅଗ୍ରାଧିକାର ଭିତ୍ତିରେ ସୁଧାରିବା ଜରୁରୀ। ●

# ଜଳ-ସଂକଳ୍ପ: କାହାରେ ଦାୟ?

**ସୌଭାଗ୍ୟ ସୁନ୍ଦରରାୟ**

ଶିଳ୍ପାୟନ ଓ ସହରୀକରଣ ଯୋଗୁଁ ବିଶ୍ୱବ୍ୟାପୀ ନଦୀ ଓ ଜଳ ଉତ୍ସ ପ୍ରଦୂଷିତ ହେବାରେ ଲାଗିଛି। ଓଡ଼ିଶାର ପ୍ରାୟ ନଦୀର ମଧ୍ୟ ସମଦଶା। ରାଜ୍ୟ ବିଧାନସଭାର ଚଳିତ ଅଧିବେଶନରେ ଏକ ପ୍ରଶ୍ନର ଉତ୍ତର ରଖି ରାଜ୍ୟର ୧୬ ଟି ସ୍ଥାନରେ ନଦୀଜଳ ବ୍ୟବହାର ମାନଯୁକ୍ତ ନୁହେଁ ବୋଲି ସରକାର କହିଛନ୍ତି। ଏହି ସ୍ଥାନଗୁଡ଼ିକ ମଧ୍ୟରେ କଟକ, ଭିଙ୍ଗାରପୁର, ଗୋପ, ଭୁବନେଶ୍ୱର, ରାଉରକେଲା ରହିଛି। ଅର୍ଥାତ ଭିଙ୍ଗାରପୁର ଓ ଗୋପ ନିକଟରେ କୁଶଭଦ୍ରା ଜଳ ପ୍ରଦୂଷିତ। ଭୁବନେଶ୍ୱର ନିକଟରେ ଦୟା ଜଳ ପ୍ରଦୂଷିତ। କଟକ ନିକଟରେ କାଠଯୋଡ଼ି ଜଳ ପ୍ରଦୂଷିତ ଏବଂ ରାଉରକେଲା ନିକଟରେ ବ୍ରାହ୍ମଣୀ ଜଳ ବ୍ୟବହାର ଅନୁପଯୁକ୍ତ।

ଏପରି ସ୍ଥଳେ ରାଜ୍ୟ ସରକାର 'ଜଳ ପ୍ରଦୂଷଣ ଓ ନିବାରଣ ଆଇନ-୨୦୨୪' ଉପରେ ଏକ ସଂକଳ୍ପ ଆଗତ କରିଛନ୍ତି। ଏହି ସଂକଳ୍ପରେ ପ୍ରଦୂଷଣକାରୀ ସଂସ୍ଥା ବିରୋଧରେ ଫୌଜଦାରୀ ମାମଲା ଆଉ ଦାୟର କରାଯିବ ନାହିଁ। କେବଳ ଜୋରିମାନା ଆଦାୟ କରାଯିବ। ମଣିଷ, ପ୍ରକୃତି, ପରିବେଶ ଓ ଜୀବଜନ୍ତୁଙ୍କ ପ୍ରତି ବିପଦ ସୃଷ୍ଟି କରୁଥିବା ଲାଭଖୋର ଶିଳ୍ପାନୁଷ୍ଠାନ ଏହି ଆଇନ ଦ୍ୱାରା ଅଧିକ ଉପକୃତ ହେବା ପରି ଜଣାପଡୁଛି। ଏକଥା ମଧ୍ୟ ବିଭାଗୀୟ ମନ୍ତ୍ରୀଙ୍କ ବକ୍ତବ୍ୟରୁ ସ୍ପଷ୍ଟ ହେଉଛି। କାରଣ ଦୀର୍ଘଦିନ ଧରି ଅଦାଲତରେ ପରିବେଶ ସଂପର୍କିତ ମାମଲା ପଡ଼ି ରହିଥିବାରୁ ଶିଳ୍ପାୟନ ବାଧାପ୍ରାପ୍ତ ହେଉଛି। ଏହାଦ୍ୱାରା ଶିଳ୍ପ ସଂସ୍ଥାଗୁଡ଼ିକର ମଧ୍ୟ କ୍ଷତି ହେଉଛି। ଏହି କାରଣରୁ ସରକାର ଏପ୍ରକାର ପଦକ୍ଷେପ ଗ୍ରହଣ କରିଛନ୍ତ ବୋଲି ମନ୍ତ୍ରୀ କହିଛନ୍ତି।

ତେବେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଯେଉଁ ୧୬ଟି ସ୍ଥାନର ଜଳ ନିମ୍ନମାନର ବୋଲି ଉଲ୍ଲେଖ କରିଛନ୍ତି ତା'ଠାରୁ ଢେର ଅଧିକ ସ୍ଥାନର ଜଳ ନିମ୍ନମାନର, ଯାହା ସ୍ଥାନୀୟ ଅଞ୍ଚଳବାସୀ ଅନୁଭବ କରୁଛନ୍ତି। ବ୍ରାହ୍ମଣୀର ପ୍ରଦୂଷଣ କେବଳ ରାଉରକେଲା ନିକଟରେ ବୋଲି ଉଲ୍ଲେଖ କରାଯାଇଛି। ବାସ୍ତବରେ ବ୍ରାହ୍ମଣୀର ପ୍ରଦୂଷଣ ରାଉରକେଲା ନିକଟରୁ ଆରମ୍ଭ ହୋଇଛି। ଏଠାରେ ରାଉରକେଲା ଇସ୍ପାତ କାରଖାନା ରହିଛି। ବ୍ରାହ୍ମଣୀର ଉତ୍ପତ୍ତି ସ୍ଥଳ ରାଉରକେଲାର ବେଦବ୍ୟାସ। ଏହି ନଦୀ ଅନୁଗୁଳ ଜିଲ୍ଲାର ତାଳଚେର ନିକଟରେ ସର୍ବାଧିକ ପ୍ରଦୂଷିତ। ତାଳଚେର ଅଞ୍ଚଳର କୋଇଲା ଖଣି, ତାପଜ ବିଦ୍ୟୁତ କେନ୍ଦ୍ର, ବନ୍ଦ ହୋଇ ରହିଥିବା ସାର କାରଖାନା, ଇସ୍ପାତ କାରଖାନା, ଆଲୁମିନିୟମ ସ୍ମେଲଟର ଏବଂ ଅନ୍ୟାନ୍ୟ ଛୋଟ କଳକାରଖାନା ବ୍ରାହ୍ମଣୀ ଜଳକୁ ଅଧିକ ପ୍ରଦୂଷିତ କରୁଛି। ସୁକିନ୍ଦା ଅଞ୍ଚଳରେ କ୍ରୋମାଇଟ ଖଣି ରହିଛି। ଏଥିଯୋଗୁଁ ବ୍ରାହ୍ମଣୀରେ ଅଧିକ ପରିମାଣର କ୍ରୋମିୟମ, ସୀସା, କାଡମିୟମ, ପାରଦ ଓ ଲୁହାପଥର ପରି ଭାରି ଦ୍ରବ୍ୟ ରହୁଛି। ଏଣୁ ଅନୁଗୁଳ-ତାଳଚେର ଅଞ୍ଚଳରେ ବ୍ରାହ୍ମଣୀ ସର୍ବାଧିକ ପ୍ରଦୂଷିତ ବୋଲି କୁହାଯାଇପାରେ।

ଉତ୍ତରରେ ମହାନଦୀ ପ୍ରଦୂଷଣ ବିଷୟ କିଛି ଉଲ୍ଲେଖ କରାଯାଇ ନାହିଁ। ମହାନଦୀର ଦୁଇଟି ଉପନଦୀ ହେଲା ଭେଡେନ ଓ ଇବ୍। ସଂପ୍ରତି ଏହି ଦୁଇଟି ନଦୀର ଜଳର ପ୍ରଦୂଷିତ ବୋଲି କେନ୍ଦ୍ରୀୟ ଭୂତଳ ଜଳ ବୋର୍ଡ ଅନୁଧ୍ୟାନରୁ ଜଣାପଡ଼ିଛି। ସଂସ୍ଥା ପକ୍ଷରୁ ଝାରସୁଗୁଡ଼ାର କୋଲାବିରା ଓ ସମ୍ବଲପୁରର ରେଙ୍ଗାଲି ବ୍ଲକରେ ହୋଇଥିବା ଅନୁଧ୍ୟାନରୁ ଜଣାପଡ଼ିଛି ଯେ, ଏଠାକାର ଝରଣା, ପୋଖରୀ, ନାଳ ଆଦି ଭୂ-ପୃଷ୍ଠ ଜଳ ଉତ୍ସରେ ନାଇଟ୍ରେଟ ଓ ଫ୍ଲୋରାଇଡ୍ ମାତ୍ରା ଅଧିକ ରହୁଛି। ସମ୍ବଲପୁରର ହୀରାକୁଦଠାରେ ଶିଳ୍ପାନୁଷ୍ଠାନ ରହିଛି। ସେହିପରି ଝାରସୁଗୁଡ଼ାରେ କୋଇଲା ଖଣି ସମେତ ତାପଜ ବିଦ୍ୟୁତ କେନ୍ଦ୍ର, ଆଲୁମିନିୟମ ବିଶୋଧନ କେନ୍ଦ୍ର ରହିଛି। ଏହି ସଂସ୍ଥାର ବର୍ଜ୍ୟ ଯୋଗୁଁ ସଂପୃକ୍ତ ଅଞ୍ଚଳର ଜଳାଶୟ ଓ ଭୂ-ତଳ ଜଳ ପ୍ରଦୂଷିତ ହେଉଛି। ମହାନଦୀ ସମ୍ବଲପୁର ଅତିକ୍ରମ କରିବା ପରେ ପାରାଦ୍ୱୀପ ନିକଟରେ ଏକାଧିକ କଳକାରଖାନାର ବର୍ଜ୍ୟ ଆହରଣ କରୁଛି। ପାରାଦ୍ୱୀପ ବନ୍ଦରରେ ବାର୍ଷିକ ପ୍ରାୟ ୧୦୦ ନିୟୁତ ଟନ୍ ପଣ୍ୟ କାରବାର ହୋଇଥାଏ। କୋଇଲା, ଚୂନପଥର, ଲୁହାପଥର, କୋକ୍, କ୍ରୋମ୍, ଫେରୋ କ୍ରୋମ, ତୈଳ ଆଦି ଏଠାରେ ଥିବା ବିଭିନ୍ନ ବର୍ଥରୁ ଆମଦାନୀ ଓ ରପ୍ତାନୀ ହୋଇଥାଏ। ଦୁଇଟି ଫସ୍‌ଫେଟଭିତ୍ତିକ ସାର କାରଖାନା ଏଠାରେ ରହିଛି, ଯାହାର ଉପଜାତ ଦ୍ରବ୍ୟ ଭାବେ ଜିପସମ୍ ବାହାରିଥାଏ। ଜିପସମର ଗୁଣ ହେଉଛି ଅମ୍ଳ। ଏଠାରେ ତୈଳ ବିଶୋଧନ କେନ୍ଦ୍ର ଓ ଇସ୍ପାତ କାରଖାନା ମଧ୍ୟ ରହିଛି। ବର୍ଷା ଦିନେ ବିଭିନ୍ନ ଖଣିଜ ଦ୍ରବ୍ୟର ଗୁଣ୍ଡ ଧୋଇହୋଇ ମହାନଦୀ ଓ ଅଠରବାଙ୍କୀ କ୍ରିକରେ ମିଶୁଛି। କେନ୍ଦ୍ରୀୟ ପ୍ରଦୂଷଣ ବୋର୍ଡ ରିପୋର୍ଟ ଅନୁଯାୟୀ ପାରାଦ୍ୱୀପ ସାର କାରଖାନା ଆଖପାଖ ଅଞ୍ଚଳର ଭୂ-ତଳ ଜଳରେ ଅଧିକ ମାତ୍ରାରେ ଫ୍ଲୋରାଇଡ ରହୁଛି। ଫ୍ଲୋରାଇଡ ଓ ଆମୋନିଆ ଗ୍ୟାସ ପ୍ରଭାବରେ ଖରାଦିନେ ଲଟାବୁଦା, ପତ୍ର ଆଦି ଶୁଖି ଯାଉଥିବା ଦେଖାଯାଉଛି। ପାରାଦ୍ୱୀପ ସହରାଞ୍ଚଳର ବର୍ଜ୍ୟ ଜଳ ଅଠରବାଙ୍କୀ ଓ ସାନ୍ତ୍ରା କ୍ରିକ୍‌ରେ ମିଶୁଛି।

ରାୟଗଡ଼ାରେ ଏକ ଘରୋଇ ଶିଳ୍ପସଂସ୍ଥା ବିରୋଧରେ ଜାତୀୟ ସବୁଜ ଟ୍ରିବ୍ୟୁନାଲରେ ମାମଲା ଦାୟର କରାଯାଇଥିଲା। ପ୍ରଦୂଷିତ ଜଳ ବ୍ୟବହାର କରି ୨୦୨୨ ମସିହାରେ ଏ ଅଞ୍ଚଳରେ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ୭ ଜଣ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିବା ବେଳେ ୭୨ ଜଣଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସହରାଞ୍ଚଳର ଅଣବିଶୋଧିତ ଜଳ ଦ୍ୱାରା ବିଶେଷ ଭାବେ ବୁଢ଼ାବଳଙ୍ଗ ନଦୀ ପ୍ରଦୂଷିତ ହେଉଥିବା ଜଣାପଡ଼ିଛି।

ଏପରି ସ୍ଥଳେ ପ୍ରଦୂଷଣକାରୀ ସଂସ୍ଥା ବିରୋଧରେ ସରକାର କଠୋର ମନୋଭାବ ପ୍ରଦର୍ଶନ କରିବା ପରିବର୍ତ୍ତେ ନମନୀୟ ମନୋଭାବ ପ୍ରଦର୍ଶନ କରିବା ଏକ ଯୁକ୍ତିସଙ୍ଗତ ବିଷୟ ନୁହେଁ। ଅଦାଲତରେ ମାମଲା ବିଳମ୍ବ ହେଉଥିବା କାରଣରୁ ମଣିଷ, ଜୀବଜନ୍ତୁ ଓ ପରିବେଶକୁ କ'ଣ ମୃତ୍ୟୁମୁହଁକୁ ଠେଲି ଦିଆଯିବ? ବିଭିନ୍ନ ସମୟରେ ନାଲକୋ ଆସ୍ ପାଇପ ଓ ପୋଖରୀ ଫାଟି ବିସ୍ତୀର୍ଣ୍ଣ ଅଞ୍ଚଳର ଚାଷଜମିରେ ପାଉଁଶ ପାଣି ମାଡ଼ିଯାଉଛି। ଭୂତଳ ଜଳ ପ୍ରଦୂଷଣ ଯୋଗୁଁ ଜନସାଧାରଣ ଝାଡ଼ାବାନ୍ତି ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁମୁଖରେ ପଡୁଛନ୍ତି। 'ଦି ଲାନସେଟ'ର ୨୦୧୯ ମସିହାରେ ପ୍ରକାଶିତ ଏକ ସର୍ବେକ୍ଷଣ ଆଧାରିତ ରିପୋର୍ଟ ଅନୁଯାୟୀ, ବିଶ୍ୱରେ ବାର୍ଷିକ ପ୍ରାୟ ୧.୪ ନିୟୁତ ଜଳ ପ୍ରଦୂଷଣ ରୋଗରେ ଆକ୍ରାନ୍ତ ହୋଇ ପ୍ରାଣ ହରାଉଛନ୍ତି। ସେଥିମଧ୍ୟରୁ ଝାଡ଼ାବାନ୍ତିରେ ପ୍ରାୟ ୮ ଲକ୍ଷ ଏବଂ ପ୍ରଦୂଷିତ ପାନୀୟ ଜଳ ଯୋଗୁଁ ୩ ଲକ୍ଷ ପ୍ରାଣ ହରାଉଛନ୍ତି।

ଏହାଛଡ଼ା ରାଜ୍ୟର ବିଭିନ୍ନ ସ୍ଥାନରେ ବହୁସଂଖ୍ୟାରେ କ୍ରସର ୟୁନିଟ ଓ ସିମେଣ୍ଟ କାରଖାନା ମଧ୍ୟ ରହିଛି। ଏଥିରୁ ନିର୍ଗତ ବର୍ଜ୍ୟ କଣିକା ଚାଷ ଜମି ଓ ଜଳାଶୟରେ ପଡ଼ି ଜଳ ଉତ୍ସ ପ୍ରତି ବିପଦ ସୃଷ୍ଟି କରୁଛି। ଏହି ଜଳ ବ୍ୟବହାର କରି ଗୃହପାଳିତ ପଶୁ ରୋଗାକ୍ରାନ୍ତ ହେଉଛନ୍ତି। ବିଭିନ୍ନ ସ୍ଥାନରେ ମେଡିକାଲ୍ ବର୍ଜ୍ୟ ମଧ୍ୟ ଜଳାଶୟକୁ ଛାଡ଼ି ଦିଆଯାଉଛି। ଏଣୁ ଜୀବଜଗତ ପ୍ରତି କ୍ଷତି ପହଞ୍ଚାଉଥିବା ସଂସ୍ଥାଗୁଡ଼ିକ ପ୍ରତି କୋହଳ ମନୋଭାବ ପୋଷଣ କରିବା ବାଞ୍ଛନୀୟ ନୁହେଁ। ଅଦାଲତରେ ବହୁ ମାମଲାର ବିଳମ୍ବ ଘଟୁଛି। ସରକାରଙ୍କ ସମେତ ସାଧାରଣ ଜନତା ମଧ୍ୟ ଏହାର ଶିକାର ହେଉଛନ୍ତି। ଏହାର ଅର୍ଥ ନୁହେଁ ଯେ ନ୍ୟାୟପାଳିକାକୁ ଏଡ଼ାଇ ଆମେ ମନମୁଖି ଭାବେ କାର୍ଯ୍ୟ କରିବା। ସଂକଳ୍ପରେ ଜରିମାନା ରାଶି ପରିମାଣ ଯାହା ଧାର୍ଯ୍ୟ କରାଯାଇଛି ତାହା ହାସ୍ୟାସ୍ପଦ। ମାତ୍ର ୧୦ରୁ ୧୫ ଲକ୍ଷ ଟଙ୍କା। ପ୍ରକୃତି ଓ ପରିବେଶର କ୍ଷତି ସାଧନ କରୁଥିବା ଅପରାଧୀଙ୍କ ପ୍ରତି ଜରିମାନା ପରିମାଣ କ'ଣ ପାଇଁ ଏତେ କମ୍ ରହିବ? ୧୫ ଲକ୍ଷ ଟଙ୍କା ବିନିମୟରେ ସେଗୁଡ଼ିକ ୧୦୦ କୋଟିର ପ୍ରଦୂଷଣ କରିବାରେ ସମର୍ଥ।

ପରିବେଶ ପ୍ରଦୂଷଣ ଦିଗରେ ରାଜ୍ୟ ପ୍ରଦୂଷଣ ବୋର୍ଡ, କେନ୍ଦ୍ର ପ୍ରଦୂଷଣ ବୋର୍ଡ ଓ ଏନଜିଟି ଆଦି ଅନେକ ସରକାରୀ ସଂସ୍ଥା କାର୍ଯ୍ୟ କରୁଛନ୍ତି। ରାଜ୍ୟ ସରକାରଙ୍କ ପଦକ୍ଷେପ ଯୋଗୁଁ ଏହି ନିୟନ୍ତ୍ରଣକାରୀ ସଂସ୍ଥାଗୁଡ଼ିକର କାର୍ଯ୍ୟାନୁଷ୍ଠାନ ପ୍ରଭାବ ହ୍ରାସ ପାଇବାର ଆଶଙ୍କା ରହିଛି। ସେହିପରି ଜରିମାନା ମୂଲ୍ୟ ସରକାରୀ ଅଧିକାରୀ ଧାର୍ଯ୍ୟ କରିବେ। ତେବେ ନିର୍ଦ୍ଦିଷ୍ଟ ପ୍ରଦୂଷଣର ମୂଲ୍ୟ କେତେ ହେବ ତାହା ସରକାରୀ ଅଧିକାରୀ କେଉଁ ମାନଦଣ୍ଡରେ ଆକଳନ କରିବେ ତାହା ଏକ ବଡ଼ ପ୍ରଶ୍ନ। ଏକ୍ଷେତ୍ରରେ ସରକାର ମନମୁଖି ଭାବେ ଜରିମାନା ଲାଗୁ କରିପାରନ୍ତି ବୋଲି ଉଠିଥିବା ଅଭିଯୋଗ ନିରାଧାର ନୁହେଁ। ଏଣୁ ଉଭୟ ବେସରକାରୀ ଓ ସରକାରୀ ସଂସ୍ଥା ଯଥା ନଗରପାଳିକା ଆଦି ପ୍ରଦୂଷଣକାରୀ ଅନୁଷ୍ଠାନ ପ୍ରତି ଅନୁକମ୍ପା ପ୍ରଦାନ କରିବାକୁ ଯାଇ ସରକାର ସଂକଳ୍ପ ଜରିଆରେ ଅଯଥା ଦ୍ୱନ୍ଦ୍ୱ ସୃଷ୍ଟି ନକରି ଏହାର ପୁନର୍ବିଚାର କଲେ ବୃହତ୍ତର ସମାଜର ମଙ୍ଗଳ ହେବ। ନଚେତ୍ ଏହା ଏକ ପରିବେଶ ମାରଣ ସଂକଳ୍ପରେ ପରିଣତ ହେବାରେ ବିଳମ୍ବ ହେବ ନାହିଁ। ●

ବରିଷ୍ଠ ସାମ୍ବାଦିକ
କଟକ, ମୋ: ୯୪୩୭୨୨୯୨୩୩

# ମୁଁ 'ଖବରକାଗଜ' କହୁଛି

**ସରୋଜ କୁମାର ଶତପଥୀ**

ମୁଁ ଖବର କାଗଜ। ଶତାବ୍ଦୀ ଶତାବ୍ଦୀ ଧରି ସମାଜର ଦର୍ପଣ ଭାବେ ନିଜ କର୍ତ୍ତବ୍ୟ ସମ୍ପାଦନ କରିଛି। ସତ୍ୟକୁ ପ୍ରକାଶ କରିବା ପାଇଁ ନିଷ୍ଠା ଓ ନୈତିକତାକୁ ଜୀବନର ପାଥେୟ କରିଛି। ଦିନ ଥିଲା, ଘର ଦୁଆରେ ମୋର ଆବିର୍ଭାବ ହେବା ମାତ୍ରେ ଘରର ପରିବେଶ ଜୀବନ୍ତ ହୋଇ ଯାଉଥିଲା। ଚା' ଓ ଚର୍ଚ୍ଚାର ଅଂଶ ଥିଲି ମୁଁ। ସମାଜ, ରାଜନୀତି, କ୍ରୀଡ଼ା, ସଂସ୍କୃତି, ପର୍ଯ୍ୟଟନ, ଯାହା କହିବେ ସେ ସବୁ ମୋର ପୃଷ୍ଠାରେ ପ୍ରତିଫଳିତ ହେଉଥିଲା। ମୁଁ କେବଳ ଖବର ବହନକାରୀ ନୁହେଁ, ସତ୍ୟ, ସଚେତନତା ଓ ଜନମତର ବାର୍ତ୍ତାବହ ଥିଲି। ମୁଁ ସ୍ୱାଧୀନତା ସଂଗ୍ରାମ ଦେଖିଛି, ଦେଶ ବିଭାଜନ ଦେଖିଛି, ଅନେକ ବିପ୍ଳବ ଓ ପ୍ରଳୟର ମୂକସାକ୍ଷୀ ହୋଇ ପ୍ରତିଦିନ ଲୋକଙ୍କ ଜୀବନ ସହ ଜଡ଼ିତ ଥିଲି।

ମୁଁ ଥିଲି ଜ୍ଞାନର ଶକ୍ତି, ଜନତାର ଅଧିକାର ଓ ଗଣତନ୍ତ୍ରର ଶ୍ୱାସ। ପ୍ରତିଦିନ ଲୋକମାନଙ୍କ ପାଖକୁ ଯାଉଥିବା ମୋର ଲକ୍ଷ୍ୟ କେବଳ ଖବର ପହଞ୍ଚାଇବା ନୁହେଁ, ସମାଜର ନଜର ଉପରେ ଆଙ୍ଗୁଠି ରଖିବା, ଉଚିତକୁ ଉଚିତ ବୋଲି କହିବା ଏବଂ ଅନ୍ୟାୟକୁ ପ୍ରଶ୍ନ କରିବା। କିନ୍ତୁ ମୋର ଅକ୍ଷରସବୁ ସମୟ ସାନ୍ତ୍ୱନାରେ ଲେଖାଯାଏ ନାହିଁ। ମୋର ଅକ୍ଷରରେ ଲୁହ ଥାଏ, ରକ୍ତ ଥାଏ, ମୋର ପୃଷ୍ଠାରେ ଥାଏ ପ୍ରକୃତି, ପରିଚୟ, ପ୍ରେମ, ସଂସ୍କୃତି, ପରମ୍ପରା। ଗାଢ଼ ଅନ୍ଧାରରେ ଲୁଚିଥିବା ଅନ୍ୟାୟର ଚିତ୍କାର ମଧ୍ୟ ଥାଏ।



ଆଜି ବି ମୁଁ ଅଛି ସତ, ମାତ୍ର ମୋର ସେଇ ପୁରୁଣା ଦିନ ଆଉ ନାହିଁ। ମୋତେ ଦେଖିଲେ ଲୋକେ ଆଗ ଭଳି ଆଦର କରୁ ନାହାନ୍ତି। ଲୋକ ଆଉ ପଢ଼ିବାକୁ ସମୟ ଦେଉନାହାନ୍ତି। ଚିନ୍ତା ଓ ବିବେଚନାକୁ ଛାଡ଼ି, ମତକୁ ସତ୍ୟ ଭାବି ଗ୍ରହଣ କରୁଛନ୍ତି। ଆଜି ପରିସ୍ଥିତି ପରିବର୍ତ୍ତିତ। ସାମାଜିକ ଗଣମାଧ୍ୟମର ବେପରୁଆ ବିସ୍ତାର ମୋର ମହତ୍ତ୍ୱକୁ ତଳକୁ ଚାପି ଦେଉଛି। ଡିଜିଟାଲ ଯୁଗର ଆଗମନ ସହ ମୋର ସମ୍ମାନ ଅପେକ୍ଷାକୃତ କମିଛି। ମୋର ପୃଷ୍ଠାକୁ ଫାଡ଼ିଦେଲେ ମଧ୍ୟ କେହି ଆଜି ଆଶ୍ଚର୍ଯ୍ୟ ହୁଅନ୍ତି ନାହିଁ। ଏବେ ଲୋକଙ୍କ ହାତରେ ମୋବାଇଲ, ଆଙ୍ଗୁଳିରେ ଫେସବୁକ, ୟୁଟ୍ୟୁବ, ଇନ୍‌ଷ୍ଟାଗ୍ରାମ। ରିଲସ ହେଉଛି ନୂଆ ଖବର। ଲାଇକ୍ ଓ କମେଣ୍ଟ ହେଉଛି ନୂଆ ମତାମତ।

ସାମାଜିକ ଗଣମାଧ୍ୟମ ଆସିବା ସହିତ ବଢ଼ିଛି ତଥ୍ୟ ବିକୃତି ଓ ଚାଲାକିପୂର୍ଣ୍ଣ ଖବରର ହାର। ଏବେ ତୁରନ୍ତ ଖବର ଦେବା ଓ ପ୍ରଥମେ ପ୍ରସାରଣ କରିବାର ଦୌଡ଼ରେ ମୁଁ ଉପେକ୍ଷିତ ହୋଇପଡ଼ିଛି। ଖବର ପଢ଼ିବାର ଅଭ୍ୟାସ ହ୍ରାସ ପାଇଛି। ମଣିଷ ୧୦ ସେକେଣ୍ଡରେ ଖବର ନେଉଛି ଏବଂ ୧ ସେକେଣ୍ଡରେ ଭୁଲି ଯାଉଛି। ଏହି ପରିବର୍ତ୍ତନ ମୋତେ ଦୁଃଖୀ କରୁ ନାହିଁ ବରଂ ଚିନ୍ତାରେ ପକାଇ ଦେଉଛି। କାରଣ ଶୀଘ୍ର ତଥ୍ୟର ଲହରୀ ମଧ୍ୟରେ ସତ୍ୟ ଓ ଅସତ୍ୟର ତଫାତ ଦୃଶ୍ୟାତୀତ ହେଇଯାଉଛି। ସାମାଜିକ ଗଣମାଧ୍ୟମରେ ତଥ୍ୟର ନିଜସ୍ୱ ଜୀବନ ନାହିଁ। ସେ କେବଳ ମତାମତ, ଭୟ, କ୍ରୋଧ ଓ ଭ୍ରମର ଅସ୍ଥିର ତରଙ୍ଗ। ମୋର ପୃଷ୍ଠାରେ ଧୂଳି ପଡୁଥିବା ସତ୍ତ୍ୱେ ମୋର ନୈତିକତା ଓ ଆଦର୍ଶର ଶକ୍ତି ଅସୀମ।

ତଥାପି ମୁଁ ଆଶାବାଦୀ। ଆଜି ମୋର ଅସ୍ତିତ୍ୱ ପ୍ରଶ୍ନରେ ତଥାପି ମୋର ଆତ୍ମଗ୍ଳାନି ନାହିଁ। କାରଣ ସତ୍ୟର ମୂଲ୍ୟ କେବେ ମରେ ନାହିଁ। ମୋର ଦାୟିତ୍ୱରେ ଆଜି ମଧ୍ୟ ପରିବର୍ତ୍ତନ ହୋଇନି। ମୁଁ ସତ୍ୟର ପକ୍ଷରେ ଅବିଚଳ। ଡିଜିଟାଲ ମାଧ୍ୟମର ଉଦୟ ସତ୍ତ୍ୱେ ମୋର ଅସ୍ତିତ୍ୱ ସଂପୂର୍ଣ୍ଣ ରୂପେ ଅମୂଲ୍ୟ ବା ଅନାବଶ୍ୟକ ହୋଇ ଯାଇନାହିଁ। ମୁଁ ଆଜି ମଧ୍ୟ ଗମ୍ଭୀର ଖବର ପ୍ରସାରଣ ଏବଂ ଆଞ୍ଚଳିକ ସମାଚାର ଦେବାରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି। ମୋ ପରି ଅନେକ ଖବରକାଗଜ ସଫଳତାର ସହିତ ଅନଲାଇନ ପ୍ଲାଟଫର୍ମକୁ ରୂପାନ୍ତର ହୋଇଛି।

ମୁଁ ଆଜି ବି ରହିଛି ସତ୍ୟର ପ୍ରହରୀ, ସମାଜ ସଚେତନତାର ଯୋଦ୍ଧା, ଗଣତନ୍ତ୍ରର ସୁରକ୍ଷାକର୍ତ୍ତା। ସମୟ ବଦଳିଛି, ଯୁଗ ବଦଳିଛି, ସୂଚନାର ଦୌଡ଼ ହଠାତ୍ ବଢ଼ିଛି, କିନ୍ତୁ ସତ୍ୟର ମୂଲ୍ୟ, ନିର୍ଭରତା ଓ ବିଶ୍ୱାସର ପାଥେୟ ଅବିଚଳ ରହିଛି। ତୁରନ୍ତ ତଥ୍ୟର ଝଡ଼ ମଧ୍ୟରୁ ଯେତେବେଳେ ସତ୍ୟକୁ ଖୋଜିବା ଦୁର୍ବଳ ହେଉଛି, ସେତେବେଳେ ମୋର ଅସ୍ତିତ୍ୱ ଆହୁରି ଆବଶ୍ୟକ, ଆହୁରି ମୂଲ୍ୟବାନ। ହେ ମଣିଷ! ଯଦି ବିବେଚନା, ଚିନ୍ତନ ଓ ଜ୍ଞାନର ମାର୍ଗକୁ ଶକ୍ତିଶାଳୀ କରିବାକୁ ଚାହୁଁଛ, ତା'ହେଲେ ମୋର ପୃଷ୍ଠା ଖୋଲ, ମୋର ଅକ୍ଷରରେ ଭରସା କର। ମୋର ପାଠକ ହେବା ମାନେ କେବଳ ଖବର ପଢ଼ିବା ନୁହେଁ; ସଚେତନ ନାଗରିକ ହେବାର ପଥ ଚୟନ। ମୋର ବାର୍ତ୍ତା - ପୁନଃ ଆସ, ପୁନଃ ପଢ଼, ପୁନଃ ଭାବ। ପ୍ରତିଦିନ ୧୦ ମିନିଟ ସମୟ ମୋ ପାଇଁ ଦିଅ। ପ୍ରସଙ୍ଗଗତ ଖବର ଖୋଜ, ବିଶ୍ଳେଷଣ ପଢ଼, ତଥ୍ୟକୁ ପରୀକ୍ଷା କର। ଆଲୋଚନା କର, ପ୍ରଶ୍ନ କର, ନିର୍ଦ୍ଦେଶିତ ଡିଜିଟାଲ ଦୁନିଆରେ ନିଜ ମତ ନିଜେ ତିଆରି କର।

ମୁଁ ପୁଣି ଆସିବି ତୁମେ ଡାକିଲେ। ସେଇ ଦିନ ପାଇଁ ମୁଁ ଅପେକ୍ଷା କରୁଛି। ଆପଣଙ୍କ ପୁରୁଣା ମିତ୍ର - 'ଖବରକାଗଜ'। ●

(ପରିଚାଳକ, ଜୟଦେବ ଭବନ)
ଭୁବନେଶ୍ୱର, ମୋ: ୯୩୪୮୧୨୭୪୪୭

# ପଦ୍ମସମ୍ଭବଙ୍କ ମହାପରିନିର୍ବାଣ ସ୍ଥଳ

**ପ୍ରବୀର କୁମାର ପଟ୍ଟନାୟକ**

*ପୂର୍ବପ୍ରକାଶିତ ଉତ୍ତାରୁ...*

ବର୍ତ୍ତମାନର ମନ୍ଦିରଟିର ପୀଠସ୍ଥଳଟି ଏକ ପୁରାତନ ବୌଦ୍ଧ ମନ୍ଦିରର ମୂଳଭାବେ ଜଣାଯାଏ। ଉଭୟ ବୌଦ୍ଧ ଓ ଅସମୀୟ ପରମ୍ପରା ଅନୁଯାୟୀ ପ୍ରାଚୀନ ମୂଳ ବୌଦ୍ଧ ମନ୍ଦିର ଉପରେ ନୂତନ ମନ୍ଦିର ଆଧୁନିକ ଯୁଗରେ ହିଁ ନିର୍ମିତ ହୋଇଛି। ହିନ୍ଦୁ ବ୍ରାହ୍ମଣମାନେ ପୂଜା କରୁଥିବା ଦେବତା ବା ଠାକୁରଙ୍କୁ 'ମାଧବ' କହୁଥିବା ବେଳେ ବୌଦ୍ଧମାନେ ତାଙ୍କୁ ମହାମୁନି ବୁଦ୍ଧ ବୋଲି କହିଥା'ନ୍ତି। ପ୍ରକୃତପକ୍ଷେ ଏହା ପ୍ରସ୍ତର ନିର୍ମିତ ଏକ ବିଶାଳ ବୁଦ୍ଧ ମୂର୍ତ୍ତି। ବର୍ତ୍ତମାନ ଯୁଗରେ ଏହି ମୂଳମୂର୍ତ୍ତିକୁ ଲୁଚାଇ ଦେବା ଉଦ୍ଦେଶ୍ୟରେ ରୁପାର ଆଖି ଓ ନାକ ଇତ୍ୟାଦି ଏଥିରେ ଲଗାଇ ବସ୍ତ୍ର ଆଦି ଚାରିଆଡ଼େ ଢାଙ୍କି ଦେଇ ଅବଶିଷ୍ଟ ଖୋଲା ଭାଗକୁ ସବୁବେଳେ ଫୁଲରେ ଘୋଡ଼ାଇ ଦିଆଯାଇଛି।

ବୁଦ୍ଧଙ୍କର ଏହି ବିଶାଳ ପ୍ରତିମୂର୍ତ୍ତିଙ୍କୁ ତିବ୍ବତର ଯେଉଁ ଅତ୍ୟନ୍ତ ବିଦ୍ୱାନ ଲାମାମାନେ ପୀଠ ଦର୍ଶନରେ ଆସିଥା'ନ୍ତି ସେମାନେ 'ମୁନିର ମୁନି ମହାମୁନି' ବୋଲି କହିଥା'ନ୍ତି। ମୂଳ ବୁଦ୍ଧଙ୍କ ପ୍ରତିମୂର୍ତ୍ତିକୁ ଗୋପନରେ 'ମାଧବ' ଭାବେ ହିନ୍ଦୁମାନେ ଯେପରି ତାଙ୍କୁ ପରିବର୍ତ୍ତନ କରାଇଲେ ତାହା ଇତିହାସରେ ଖ୍ରୀ୧୬୬୧ରେ ମୁସଲମାନମାନଙ୍କ ଆକ୍ରମଣ ଯୋଗୁଁ କରାଯାଉଥିବା କୁହାଯାଉଛି। ମୁସଲମାନ ସେନାପତି ମୀର ଜୁମ୍‌ଲା ବିଭିନ୍ନ ପ୍ରତିମା ରହିଥିବା ମନ୍ଦିର ସବୁ ଭାଙ୍ଗି ଦେଇ ସେଠାରେ ମସ୍‌ଜିଦ୍‌ମାନ ନିର୍ମାଣ କରିବା ନିମନ୍ତେ ଆଦେଶ ଦେଇଥିଲେ। ବୁଦ୍ଧଙ୍କ ପ୍ରତିମୂର୍ତ୍ତି ସହ ଅନ୍ୟ ଯେଉଁ ପଥର ପ୍ରତିମାଗୁଡ଼ିକ ତାଙ୍କ ପାର୍ଶ୍ୱରେ ରଖାଯାଇଛନ୍ତି ସେଗୁଡ଼ିକର ସଂଖ୍ୟା ଚାରିଗୋଟି। ଏହି ପ୍ରତିମା ସବୁ ମଧ୍ୟ ବଡ଼ ଆକାରର। ଲାମା ତୀର୍ଥଯାତ୍ରୀଙ୍କ ମତରେ ସେସବୁ ମଧ୍ୟ ବୌଦ୍ଧ ପ୍ରତିମା। ସେହି ଚାରିଗୋଟି ବୁଦ୍ଧ ପ୍ରତିମୂର୍ତ୍ତି ହେଉଛନ୍ତି 'ଡାକ୍ତୀୟାନ ଗୁରୁ' (ପଦ୍ମସମ୍ଭବ) ମହାମୁନି ବୁଦ୍ଧଙ୍କ ବାସ କଡ଼ରେ, ଦର୍ଜେ ଡୋଲୋ (ବୁଦ୍ଧଙ୍କ ଡାହାଣ କଡ଼ରେ), ଶାକ୍ୟ ଥୁବା (ଡାହାଣ ପାଖରେ ଦ୍ୱିତୀୟରେ) ଓ ସେଞ୍ଚା ମୁନି (ଡାହାଣ ପାଖରେ ତୃତୀୟ ସ୍ଥାନରେ)।



ଦ୍ୱିତୀୟ-ବୁଦ୍ଧ କଥା

ଅନ୍ୟ ପକ୍ଷରେ ହିନ୍ଦୁମାନେ ସମସ୍ତ ଦେବଦେବୀଙ୍କୁ 'ପଞ୍ଚମାଧବ' ଭାବରେ ବର୍ଣ୍ଣନା କରିଥା'ନ୍ତି। ଦ୍ୱିତୀୟ ମାଧବ, ଲାଲ କହ୍ନେୟା ବାଙ୍କବିହାରୀ, ବାସୁଦେବ, ହୟଗ୍ରୀବ ମାଧବ ଏବଂ ଗରୁଡ଼ ବିଷ୍ଣୁ ବାହନ। ଏହା ନିଶ୍ଚିତ ଯେ ହୁଏନସାଂ ସପ୍ତମ ଶତାବ୍ଦୀରେ କାମରୂପ ଭ୍ରମଣରେ ଆସିଥିବା ସମୟରେ ଏଡି ହଜୋ ସ୍ଥାନରେ କୌଣସି ବୌଦ୍ଧ ଅନୁଷ୍ଠାନ ନ ଥିଲା। କାରଣ ସେ ନିର୍ଦ୍ଦିଷ୍ଟ ଭାବରେ ଦର୍ଶାଇଛନ୍ତି କି ଏଠାରେ (କାମରୂପ ରାଜ୍ୟରେ ଅଥବା ଆସାମରେ) ଲୋକମାନେ ବୌଦ୍ଧ ଧର୍ମରେ ବିଶ୍ୱାସ କରନ୍ତି ନାହିଁ କି ଏଠାରେ କୌଣସି ଗୋଟିଏ ବି ବୌଦ୍ଧ ବିହାର ଆଦି ନିର୍ମିତ ହୋଇନାହିଁ।

ଏସବୁ ଆଲୋଚନା ପରେ ଏହା ନିଶ୍ଚିତ ଭାବେ କୁହାଯାଇପାରିବ ଯେ ବୁଦ୍ଧଙ୍କର ମହାପରିନିର୍ବାଣ ଆସାମରେ କେବେହେଲେ ଘଟିନାହି। ଏହା ପ୍ରତିଷ୍ଠିତ ତଥ୍ୟ କି ବୁଦ୍ଧଙ୍କର ମହାପ୍ରୟାଣ ଗୋରଖପୁର ନିକଟ କୁଶୀନଗରରେ ହିଁ ଘଟିଛି। ଏହା ମଧ୍ୟ ନିଶ୍ଚିତ ଯେ ଯାହା ବି ବୌଦ୍ଧକୀର୍ତ୍ତି ଏବଂ ବୌଦ୍ଧ ଅନୁଷ୍ଠାନ ଆଦି ଆସାମରେ ରହିଛି ବା ଦେଖାଯାଉଛି ତାହା ନିଶ୍ଚିତ ଭାବେ ସପ୍ତମ ଶତାବ୍ଦୀର ପରବର୍ତ୍ତୀ କାଳରେ ହୁଏନସାଂଙ୍କ ପରେ। (କ୍ରମଶଃ...) ●

ଭୁବନେଶ୍ୱର, ମୋ: ୭୨୦୫୦୨୨୭୯୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଭାରତ-ରୁଷ...

ବରଫାବୃତ ସାମୁଦ୍ରିକ ଅଞ୍ଚଳରେ ଜାହାଜ ଚଳାଇବାର ପ୍ରଶିକ୍ଷଣ, ନୂଆଁ ସିପିଂ ଲେନ୍‌ରେ ନିବେଶ, ସିଭିଲ-ନ୍ୟୁକ୍ଲିୟର ଶକ୍ତି ଏବଂ ଗୁରୁତ୍ୱପୂର୍ଣ୍ଣ ଖଣିଜ (କ୍ରିଟିକାଲ ମିନେରାଲ୍ସ)ଉପରେ ଏମଓୟୁ ସ୍ୱାକ୍ଷର ହୋଇଛି। ରାତିରେ ରାଷ୍ଟ୍ରପତି ଭବନରେ ନୈଶ୍ୟ ଭୋଜି ପରେ ପୁତିନ ରୁଷ୍ ଫେରି ଯାଇଛନ୍ତି।

ଆତଙ୍କବାଦ ବିରୋଧରେ କୌଣସି ଗୁପ୍ତ ଏଜେଣ୍ଡା ଏବଂ ଦୋମୁହାଁ ନୀତି ନ ଆପଣାଇ ବୈଶ୍ୱିକ ଲଢ଼େଇ କରିବାକୁ ଦୁଇ ଦେଶ ଆହ୍ୱାନ ଦେଇଛନ୍ତି। ଆତଙ୍କବାଦୀ ଅନୁପ୍ରବେଶ ଏବଂ ଏହାକୁ ସହାୟତା ଦେଉଥିବା ବ୍ୟକ୍ତି ତଥା ସଂଗଠନ ସହିତ ସବୁ ପ୍ରକାଶ ଆତଙ୍କବାଦର ମିଳିତ ମୁକାବିଲା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ରାଷ୍ଟ୍ରପତି ଦୃଢ଼ ପ୍ରତିବଦ୍ଧତା ପ୍ରକାଶ କରିଛନ୍ତି।

ଜାତିସଂଘ ସୁରକ୍ଷା ପରିଷଦ (ୟୁଏନ୍‌ଏସସି)ରେ ଭାରତର ସ୍ଥାୟୀ ସଦସ୍ୟତାକୁ ମଧ୍ୟ ପୁତିନ ସମର୍ଥନ ଦେଇଛନ୍ତି। ସେହିପରି ପୁତିନଙ୍କ ସାମ୍‌ନାରେ ମୋଦୀ ରୁଷ୍ ସେନାରେ ସାମିଲ ଭାରତୀୟଙ୍କ ପ୍ରସଙ୍ଗ ଉଠାଇ ଥିଲେ। ଭାରତୀୟଙ୍କ ସୁରକ୍ଷିତ ପ୍ରତ୍ୟାବର୍ତ୍ତନ ପାଇଁ ମୋଦୀ ଦାବି କରିଥିଲେ। ଏବେ ରୁଷ ସେନାରେ ୪୪ ଭାରତୀୟ ଫସି ରହିଥିବା ବୈଦେଶିକ ମନ୍ତ୍ରାଳୟ ସୂଚନା ଦେଇଥିଲା।

ଚଢ଼ା ଶୁଳ୍କ ଲଗାଇବା ପରେ ରୁଷ୍‌ଠାରୁ ଅଶୋଧିତ ତୈଳ ନ କିଣିବା ଲାଗି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ ଉପରେ କ୍ରମାଗତ ଭାବେ ଚାପ ପକାଇ ଚାଲିଛନ୍ତି। ଏପରି ସମୟରେ ରୁଷ୍ ରାଷ୍ଟ୍ରପତି ଭାରତ ଗସ୍ତରେ ଆସି ଆମେରିକାର ଏକପାଖିଆ କାର୍ଯ୍ୟାନୁଷ୍ଠାନ ଏବଂ ଦୋମୁହାଁ ନୀତିକୁ ପୁତିନ ଅନୁଚିତ ବୋଲି କହିଛନ୍ତି। ଏହି ଗସ୍ତ ଉପରେ ସାରା ବିଶ୍ୱର ନଜର ରହିଛି। ପ୍ରଧାନମନ୍ତ୍ରୀ ମୋଦୀ ଏବଂ ରାଷ୍ଟ୍ରପତି ପୁତିନ ଗତ ୨୪ ଘଣ୍ଟା ମଧ୍ୟରେ ପରସ୍ପରକୁ ତିନି ଥର ଭେଟିଛନ୍ତି। ଉଭୟେ ନୈଶ୍ୟଭୋଜି, ଦ୍ୱିପାକ୍ଷିକ ଆଲୋଚନା, ମିଳିତ ସାମ୍ବାଦିକ ସମ୍ମିଳନୀ ଏବଂ ଭାରତ-ରୁଷ ବ୍ୟବସାୟିକ ଫୋରମକୁ ସମ୍ବୋଧିତ କରିଛନ୍ତି। ତେବେ ଏହି ସମୟରେ ଦୁଇ ଦେଶ ମଧ୍ୟରେ କୌଣସି ପ୍ରତିରକ୍ଷା ଚୁକ୍ତି ସ୍ୱାକ୍ଷର ହୋଇପାରି ନାହିଁ। ଏହା ପୂର୍ବରୁ ଲଢୁଆ ବିମାନ କିମ୍ବା ବଡ଼ ପ୍ରତିରକ୍ଷା ଚୁକ୍ତି ହେବ ବୋଲି କୁହାଯାଉଥିଲା। ମାତ୍ର ବ୍ୟବସାୟ ବୃଦ୍ଧି ପାଇଁ ଭାରତ-ରୁଷ ମଧ୍ୟରେ ୧୯ଟି ଚୁକ୍ତିରେ ମୋହର ବାଜିଛି। ଦୁଇ ଦେଶ ମଧ୍ୟରେ ଜାହାଜ ନିର୍ମାଣ, ଭାରତୀୟ ନାବିକଙ୍କୁ ବରଫାବୃତ ସାମୁଦ୍ରିକ ଅଞ୍ଚଳରେ ଜାହାଜ ଚଳାଇବାର ପ୍ରଶିକ୍ଷଣ, ନୂଆଁ ସିପିଂ ଲେନ୍‌ରେ ନିବେଶ, ସିଭିଲ-ନ୍ୟୁକ୍ଲିୟର ଶକ୍ତି ଏବଂ ଗୁରୁତ୍ୱପୂର୍ଣ୍ଣ ଖଣିଜ (କ୍ରିଟିକାଲ ମିନେରାଲ୍ସ) ଉପରେ ଏମଓୟୁ ସ୍ୱାକ୍ଷର ହୋଇଛି।

ଆଜି ମିଳିତ ସାମ୍ବାଦିକ ସମ୍ମିଳନୀରେ ପୁତିନଙ୍କୁ ସବୁଠାରୁ ଘନିଷ୍ଠ ସହଯୋଗୀ ବୋଲି ମୋଦୀ କହିଥିଲେ। ଭାରତ ଏବଂ ରୁଷ ସମ୍ବନ୍ଧ ଧ୍ରୁବ ତାରା ଭଳି ସ୍ଥିର ଏବଂ ଅଟଳ । ମେକ ଇନ ଇଣ୍ଡିଆ ଅଧୀନରେ ରୁଷ ଜାହାଜ ନିର୍ମାଣରେ ସହଯୋଗ କରିବ। ୟୁରୋସିଆନ ଆର୍ଥିକ ସଂଘ ସହିତ ମୁକ୍ତ ବାଣିଜ୍ୟ ଚୁକ୍ତି (ଏଫଟିଏ) ନେଇ ମଧ୍ୟ ଆଲୋଚନା ଜାରି ରହିଛି। ରୁଷରେ ଦୁଇଟି ନୂଆ ବାଣିଜ୍ୟ ଦୂତାବାସ ଖୋଲିବା ସହିତ ଏହି ଦେଶର ନାଗରିକଙ୍କୁ ୩୦ ଦିନ ପାଇଁ ମାଗଣା ଇ-ଟୁରିଷ୍ଟ ଭିସା ଏବଂ ଗ୍ରୁପ-ଟୁରିଷ୍ଟ ଭିସା ଦିଆଯିବ ବୋଲି ମୋଦୀ ଘୋଷଣା କରିଛନ୍ତି। ୨୦୩୦ ପୂର୍ବରୁ ଦୁଇ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟ କାରବାର ଶହେ ବିଲିୟନ ଡଲାର ଛୁଇଁବ ବୋଲି ମୋଦୀ କହିଛନ୍ତି। ସେହିପରି ପୁତିନ କହିଥିଲେ ଯେ କେବଳ ତୈଳ ଏବଂ ଗ୍ୟାସ ଉପରେ ଆଲୋଚନା ପାଇଁ ସେ ଭାରତ ଗସ୍ତରେ ଆସିନାହାନ୍ତି। ଭାରତ ସହ ପ୍ରତ୍ୟେକ କ୍ଷେତ୍ରରେ ସମ୍ପର୍କ ଏବଂ ବାଣିଜ୍ୟ ବଢ଼ାଇବାକୁ ଚାହୁଁଛି। ବିନା ସମସ୍ୟାରେ ଇନ୍ଧନ ଯୋଗାଣ ଜାରି ରହିବ ବୋଲି ପୁତିନ ସ୍ପଷ୍ଟ କରିଛନ୍ତି। ଏବେ ଦୁଇ ଦେଶ ମଧ୍ୟରେ ୬୦ ବିଲିୟନ ଡଲାର କାରବାର ହେଉଛି। ଦ୍ୱିପାକ୍ଷିକ ବ୍ୟବସାୟ ବର୍ଷେ ମଧ୍ୟରେ ୧୨ ପ୍ରତିଶତ ବୃଦ୍ଧି ପାଇଛି। ଆଗକୁ ଏହା ୧୦୦ ବିଲିୟନ ଡଲାରକୁ ବଢ଼ିବ। ରୁଷ-ଭାରତ ମିଶି କୁଡ଼ନକୁଲମରେ ସବୁଠାରୁ ବଡ଼ ପରମାଣୁ କେନ୍ଦ୍ର ନିର୍ମାଣ କରୁଛନ୍ତି। ନୂଆ ଅନ୍ତର୍ଜାତୀୟ ପରିବହନ ମାର୍ଗ ମଧ୍ୟ ନିର୍ମାଣ ଚାଲିଛି। ଏହା ମାଧ୍ୟମରେ ବେଲାରୁଷ ଦେଇ ସାମଗ୍ରୀ ସିଧା ଭାରତ ମହାସାଗରରେ ପହଞ୍ଚିବ। ଏହା ସହିତ ଭାରତରେ ରୁଷ ଟୁଡେ ଚ୍ୟାନେଲ ଲଞ୍ଚ କରାଯିବ ବୋଲି ପୁତିନ କହିଛନ୍ତି। ସେ ଆମେରିକାର ଦୋମୁହାଁ ନୀତିକୁ ପ୍ରଶ୍ନ ଉଠାଇଛନ୍ତି। ରୁଷଠାରୁ ରିଆକ୍ଟର ଫୁଏଲ କିଣୁଥିବା ଆମେରିକା ଭାରତକୁ ଟାର୍ଗେଟ କରିବା ଅନୁଚିତ ବୋଲି ସେ କହିଛନ୍ତି। ଯଦି ଏହା କିଣି ଆମେରିକା ଠିକ୍ କରୁଛି ତେବେ ଭାରତର ଭୁଲ୍ କ'ଣ ରହିଲା ବୋଲି ପୁତିନ ଏକ ସାକ୍ଷାତକାରରେ କହିଛନ୍ତି। ଭାରତର ପ୍ରଭାବ ବୃଦ୍ଧି ଆମେରିକା ପାଇଁ ଅସହ୍ୟ ହୋଇଯାଇଥିବା ସେ ଉଲ୍ଲେଖ କରିଛନ୍ତି।

ଶୁକ୍ରବାର ରାତିରେ ରାଷ୍ଟ୍ରପତି ଭବନରେ ଆୟୋଜିତ ନୈଶଭୋଜିରେ ପୁତିନ ଯୋଗ ଦେଇଥିଲେ। ପ୍ରଧାନମନ୍ତ୍ରୀ ମୋଦୀଙ୍କ ସମେତ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଏଥିରେ ଉପସ୍ଥିତ ଥିବାବେଳେ ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଏବଂ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେଙ୍କୁ ଆମନ୍ତ୍ରଣ କରାଯାଇ ନ ଥିଲା। କିନ୍ତୁ କଂଗ୍ରେସ ସାଂସଦ ଶଶୀ ଥରୁରଙ୍କୁ ଡକା ଯାଇଥିଲା। ଏହା ପୂର୍ବରୁ ବିଦେଶରୁ ଆସୁଥିବା ନେତାଙ୍କ ସହ ସାକ୍ଷାତ କରିବାକୁ ସରକାର ଦେଉନାହାନ୍ତି ବୋଲି ରାହୁଲ ଅଭିଯୋଗ କରିଥିଲେ। ଆଜିର ଏହି ଘଟଣା ପୁଣି ଏକ ନୂଆ ବିବାଦ ସୃଷ୍ଟି କରିଛି।

### ଡିଜିସିଏର ତଦନ୍ତ...

ଚଳାଚଳ ସ୍ୱାଭାବିକ ହେବ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ବିମାନ ସେବାରେ ଅବ୍ୟବସ୍ଥାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛି।

ଅନ୍ୟପକ୍ଷରେ ଯାତ୍ରୀ ସେବାକୁ ସୁଗମ କରିବା ପାଇଁ ପାଇଲଟଙ୍କୁ ସାପ୍ତାହିକ ବିଶ୍ରାମ ବଦଳରେ କୌଣସି ଆଶ୍ୱସ୍ତି ନ ଦେବା ନିଷ୍ପତ୍ତିକୁ ପ୍ରତ୍ୟାହାର କରି ନିଆଯାଇଛି। ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ଏହି ନିୟମରୁ ଇଣ୍ଡିଗୋକୁ ଫେବୃଆରୀ ୧୦ ପର୍ଯ୍ୟନ୍ତ ଆଶ୍ୱସ୍ତି ଦେଇଛି। ଏବେ କ୍ରୁ ସଦସ୍ୟଙ୍କୁ ପୂର୍ବ ଭଳି ୩୬ ଘଣ୍ଟା ବିଶ୍ରାମ ମିଳିବ।

### ପରୀକ୍ଷା ପୂର୍ବରୁ...

କରାଯାଇଛି। ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି।

ସୂଚନାଯୋଗ୍ୟ ଯେ ଶୁକ୍ରବାର ଅପରାହ୍ନରେ ବିଜେଡି ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଉପରୋକ୍ତ ପ୍ରସଙ୍ଗ ଉଠାଇଥିଲେ। ଏହି ଘଟଣାରେ ସ୍ୱାସ୍ଥ୍ୟମନ୍ତ୍ରୀ ଗୃହରେ ବିବୃତି ରଖିବାକୁ ବାଚସ୍ପତି ରୁଲିଂ ପ୍ରଦାନ କରିବାକୁ ସେ ଦାବି କରିଥିଲେ। ଏହାପରେ ବିଜେଡି ବିଧାୟକମାନେ ଗୃହର ମଧ୍ୟଭାଗକୁ ଆସି ପ୍ରବଳ ନାରାବାଜି କରିଥିଲେ। କଂଗ୍ରେସ ସଦସ୍ୟମାନେ ମଧ୍ୟ ନିଜ ନିଜ ଆସନରେ ଛିଡ଼ା ହୋଇ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ବିବୃତି ଦାବି କରିଥିଲେ। ଫଳରେ ବାଚସ୍ପତି ସୁରମା ପାଢ଼ୀଙ୍କୁ ଗୃହକୁ ୨ଟି ପର୍ଯ୍ୟାୟରେ ୨୦ ମିନଟ ମୁଲତବୀ କରିବାକୁ ପଡ଼ିଥିଲା। ଗୃହରେ ସ୍ୱାସ୍ଥ୍ୟମନ୍ତ୍ରୀ ବିବୃତି ରଖିବେ ବୋଲି ବାଚସ୍ପତି ରୁଲିଂ ଦେବା ପରେ ଗୃହକାର୍ଯ୍ୟ ସ୍ୱାଭାବିକ ହୋଇଥିଲା। ଅପରପକ୍ଷେ ଆଜି ମୁଲତବୀ ଆଲୋଚନା ଚାଲିଥିବା ବେଳେ କଂଗ୍ରେସ ବିଧାୟକ ଡ. ସିଏସ୍ ରାଜନ ଏକ୍କା ପଏଣ୍ଟ ଅଫ୍ ଅର୍ଡର ଜରିଆରେ ସମାନ ପ୍ରସଙ୍ଗ ଗୃହରେ ଉଠାଇଥିଲେ।

---

ରାଜ୍ୟରେ ବାରମ୍ବାର ପରୀକ୍ଷା ବିଭ୍ରାଟ ମେଧାବୀ ଛାତ୍ରଛାତ୍ରୀଙ୍କୁ ହତୋତ୍ସାହିତ କରୁଛି। ସେମାନଙ୍କ ଅଭିଯୋଗ ଅନୁଯାୟୀ, ଦିନରାତି ପରିଶ୍ରମ କରି ପରୀକ୍ଷା ପାଇଁ ପ୍ରସ୍ତୁତି କରୁଥିଲେ ମଧ୍ୟ ସ୍ୱଚ୍ଛତାର ସହ ପରୀକ୍ଷା କରାଇବାରେ ସରକାର ବିଫଳ ହୋଇଛନ୍ତି। ଏହା ପୂର୍ବରୁ ଏକାଧିକ ପରୀକ୍ଷାରେ ପ୍ରଶ୍ନପତ୍ର ଲିକ୍ ଓ ପରୀକ୍ଷା ପରିଚାଳନାରେ ବିଭ୍ରାଟ ପରି ଘଟଣା ପରୀକ୍ଷାର୍ଥୀଙ୍କୁ ବିଚଳିତ କରିଛି। ପୁଲିସ୍ ଏସ୍‌ଆଇ ଚାକିରି ବିକ୍ରି ଘଟଣା ପଦାକୁ ଆସିବା ପରେ ଆଶାୟୀଙ୍କ ମେରୁଦଣ୍ଡ ଦୋହଲି ଯାଇଥିଲା। ଏତେ ବଡ଼ ସ୍ତରରେ କେଲେଙ୍କାରୀ ହେଉଥିବା ଜଣାପଡ଼ିବା ପରେ ସେମାନଙ୍କ ମନୋବଳ ଭାଙ୍ଗି ଯାଇଛି। ଏବେ ଯେକୌଣସି ନିଯୁକ୍ତି ପରୀକ୍ଷାକୁ ନେଇ ସେମାନଙ୍କ ମନରେ ସନ୍ଦେହ ଉପୁଜୁଥିବା ବେଳେ ସରକାର ସକାରାତ୍ମକ ପରିବେଶ ସୃଷ୍ଟି କରିବାରେ ବିଫଳ ହେଉଛନ୍ତି। ଅପରପକ୍ଷେ, ଗୋଟିଏ ପରେ ଗୋଟିଏ ପରୀକ୍ଷା ବିଭ୍ରାଟ ହେଉଥିବାରୁ ସରକାରଙ୍କ ଆନ୍ତରିକତା ନେଇ ମଧ୍ୟ ସେମାନେ ପ୍ରଶ୍ନ ଉଠାଇଛନ୍ତି। ରାଜ୍ୟରେ ସରକାର ବଦଳିବା ପରେ ପରୀକ୍ଷା ବିଭ୍ରାଟ ଉତ୍କଟ ରୂପ କିପରି ନେଇଛି ବୋଲି ପ୍ରଶ୍ନ କରିଛନ୍ତି।

### କମିଲା ସୁଧ...

ସଞ୍ଜୟ ମାଲହୋତ୍ରା ଆଜି ଘୋଷଣା କରିଛନ୍ତି। ରେପୋ ହାରରେ ହ୍ରାସ ପରେ ଋଣ ଶସ୍ତା ହେବା ସହ ଇଏମ୍‌ଆଇ କମିବ। ଫଳରେ ଆଗାମୀ ଦିନରେ ଗୃହ ଏବଂ ଅଟୋ ଋଣ ଶସ୍ତା ହେବ।

ସୂଚନାଯୋଗ୍ୟ ଯେ, ଚଳିତବର୍ଷ ରିଜର୍ଭ ବ୍ୟାଙ୍କ ରେପୋ ହାର ୪ ଥର ହ୍ରାସ ଘଟାଇଛି। ଆର୍‌ବିଆଇ ଫେବୃଆରୀ ପରଠାରୁ ତିନୋଟି କିସ୍ତିରେ ମୋଟ ୧% ରେପୋ ହାର ହ୍ରାସ କରିଛି। ନୀତିଗତ ସୁଧ ହାରରେ ଆହୁରି ହ୍ରାସ ଘଟିବ ବୋଲି ପୂର୍ବରୁ ଆର୍‌ବିଆଇ ଗଭର୍ଣ୍ଣର ସୂଚନା ଦେଇଥିଲେ। ସୁଧ ହାର ହ୍ରାସ ଯୋଗୁ ଆଗାମୀ ଦିନରେ ବଜାରରେ ଗୃହ ଏବଂ ଅଟୋ ଭଳି ଋଣ ୦.୨୫% ଶସ୍ତା ହେବ।

ସୂଚନାଯୋଗ୍ୟ, ଚଳିତ ବର୍ଷ ରେପୋ ହାର ଚାରି ଥରରେ ୧.୨୫% ହ୍ରାସ ପାଇଛି। ଆର୍‌ବିଆଇ ଫେବୃଆରୀ ବୈଠକରେ ସୁଧ ହାର ୬.୫%ରୁ ୬.୨୫%କୁ ହ୍ରାସ କରିଥିବାବେଳେ ଏପ୍ରିଲ ବୈଠକରେ ଦ୍ୱିତୀୟ ଥର ପାଇଁ ସୁଧ ହାର ୦.୨୫% ହ୍ରାସ କରାଯାଇଥିଲା। ଜୁନ୍ ମାସରେ ତୃତୀୟ ଥର ପାଇଁ ସୁଧ ହାର ୦.୫୦% ହ୍ରାସ କରାଯାଇଥିବାବେଳେ, ଏବେ ପୁଣି ଥରେ ଏଥିରେ ୦.୨୫% ହ୍ରାସ କରାଯାଇଛି।

### ଦୁର୍ଘଟଣାରେ ଗଲା...

ପାଇ ଯୋଡ଼ା ପୁଲିସ ପହଞ୍ଚି ଶବଗୁଡ଼ିକୁ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏହି ଘଟଣାରେ ପୁଲିସ ଦୁର୍ଘଟଣା ଘଟାଇଥିବା ଟ୍ରେଲର୍‌କୁ ଜବତ କରି ଚାଳକକୁ ଅଟକ ରଖିଛି।

ସେହିପରି ଅନ୍ୟ ଏକ ଘଟଣା ସନ୍ଧ୍ୟା ପ୍ରାୟ ୬ଟା ୪୫ରେ ଘଟିଥିଲା। ଗୁଆଲିଗୁଡା ସାହି ଅଞ୍ଚଳର ଧ୍ରୁବଚରଣ ନାଏକ ନିଜ ଜନ୍ମଦିନ ପାଇଁ କୋଇଡ଼ାରୁ କେକ୍ କିଣି ବାଇକ୍‌ରେ ଫେରୁଥିବା ବେଳେ ରୁଗୁଡ଼ି ଥାନା ଅନ୍ତର୍ଗତ ଗନ୍ଧଲପଦା ନିକଟରେ ଏକ ହାଇୱା ତାଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ହିଁ ଧ୍ରୁବଙ୍କ ମୃତ୍ୟୁ ହୋଇଯାଇଥିଲା। ଧ୍ରୁବ ରାସ୍ତାର ଭୁଲ ପାର୍ଶ୍ୱରେ ଦ୍ରୁତଗତିରେ ଆସୁଥିବା ବେଳେ ଏହି ଦୁର୍ଘଟଣା ଘଟିଥିବା ରୁଗୁଡ଼ି ଥାନାଧିକାରୀ ସୂଚନା ଦେଇଛନ୍ତି।

### ୨ ବର୍ଷର ଶିଶୁକୁ...

ଲଳିତା ୮ ମାସର ଗର୍ଭବତୀ। ଆଜି ମଧ୍ୟାହ୍ନରେ ସେ ନିଜ ସ୍ୱାମୀ ଓ ଶିଶୁ ସହ ସ୍କୁଟିରେ ବ୍ରହ୍ମପୁର ବଡ଼ ମେଡ଼ିକାଲ ଯାଇଥିଲେ। ସେଠାରେ ସ୍ୱାସ୍ଥ୍ୟ ପରୀକ୍ଷା ପରେ ସନ୍ଧ୍ୟାରେ ଗାଁକୁ ଫେରୁଥିଲେ। ଗଣିଆନାଳ ଛକ ନିକଟସ୍ଥ ମାଁ କୁରେଇଶୁଣି ମନ୍ଦିର ସମ୍ମୁଖରେ ବିପରୀତ ଦିଗରୁ ଆସୁଥିବା ସୁନୀଲଙ୍କ ବାଇକ୍ ସହ ସ୍କୁଟିଟି ଧକ୍କା ହୋଇଥିଲା। ସମସ୍ତେ ରାସ୍ତାର ଉଭୟ ପାର୍ଶ୍ୱରେ ଛିଟିକି ପଡ଼ିଥିଲେ। ସ୍ଥାନୀୟ ଲୋକେ ସମସ୍ତଙ୍କୁ ରକ୍ତ ଜୁଡ୍ଡୁବୁଡ୍ଡୁ ଅବସ୍ଥାରେ ଉଦ୍ଧାର କରି ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। କିନ୍ତୁ ଡାକ୍ତର ସେଠାରେ ଲଳିତାଙ୍କୁ ମୃତ ଘୋଷଣା କରିଥିଲେ। ସେହିପରି ଗୁରୁତର ସୁନୀଲଙ୍କ ଚିକିତ୍ସା କରାଯାଉଛି। ଖବର ପାଇ ଦିଗପହଣ୍ଡି ପୁଲିସ ମେଡିକାଲରେ ପହଞ୍ଚି ମୃତଦେହଦ୍ୱୟକୁ ଜବତ କରି ତଦନ୍ତ ଚଳାଇବା ସହ ଦୁର୍ଘଟଣାଗ୍ରସ୍ତ ଗାଡ଼ି ଦୁଇଟିକୁ ଜବତ କରିଛି। ଶନିବାର ସକାଳୁ ଶବ ବ୍ୟବଚ୍ଛେଦ କରାଯିବ ବୋଲି ଥାନା ଅଧିକାରୀ ତଥା ଡିଏସ୍‌ପି ପ୍ରଶାନ୍ତ କୁମାର ପାତ୍ର ସୂଚନା ଦେଇଛନ୍ତି।

### ଫେବୃଆରୀ ୧୯ରୁ...

ବୋର୍ଡ ପକ୍ଷରୁ ଛାତ୍ରଛାତ୍ରୀଙ୍କୁ ପରିଷଦର ୱେବ୍‌ସାଇଟ୍‌ରେ ଉପଲବ୍ଧ ଥିବା ଅଫିସିଆଲ୍ ସମୟ ସୂଚୀକୁ ଯତ୍ନର ସହ ଯାଞ୍ଚ କରିବାକୁ ଏବଂ ନିର୍ଦ୍ଧାରିତ ସମୟ ପୂର୍ବରୁ ପରୀକ୍ଷା କେନ୍ଦ୍ରରେ ଉପସ୍ଥିତ ହେବାକୁ ପରାମର୍ଶ ଦିଆଯାଇଛି। ଉଲ୍ଲେଖଯୋଗ୍ୟ, ମାଟ୍ରିକ୍ ପରୀକ୍ଷା ସହ ବିଏସ୍‌ଇ ଓଡ଼ିଶା ପକ୍ଷରୁ ରାଜ୍ୟ ମୁକ୍ତ ବିଦ୍ୟାଳୟ ପ୍ରମାଣପତ୍ର ପରୀକ୍ଷା ୨୦୨୬ ଏବଂ ମାଧ୍ୟମା ସଂସ୍କୃତ ପରୀକ୍ଷା ୨୦୨୬ର ସୂଚୀ ମଧ୍ୟ ପ୍ରକାଶ କରାଯାଇଛି।

### ସରକାରୀ ସହାୟତା...

ବଢ଼ିଥିଲା। ଏହାପରେ ସେ ଆଉ ପଛକୁ ଫେରି ନାହାନ୍ତି। ଦିଲ୍ଲୀରେ ଆୟୋଜିତ 'ବୀର କ୍ଲାସିକ୍ ଚାମ୍ପିଅନସିପ'ରେ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଗାଜିଆବାଦରେ ଆୟୋଜିତ 'ମିଷ୍ଟର ଇଣ୍ଡିଆ ୱିମେନ୍ ବଡି ବିଲଡିଂ ଚାମ୍ପିଅନ୍‌ସିପ୍'ରେ ମଧ୍ୟ ସେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ସେହିପରି ୨୦୨୫ ମେ' ମାସରେ ବ୍ୟାଙ୍କକ୍‌ରେ ଆୟୋଜିତ 'ଇଣ୍ଟରନ୍ୟାସନାଲ ବଡି ବିଲଡିଂ ଆଣ୍ଡ ଫିଟନେସ୍ ଚାମ୍ପିଅନସିପ୍ ୫୨ କେଜି ୱେଟ୍ କାଟାଗୋରୀରେ ପ୍ରଥମ ସ୍ଥାନ ଅଧିକାର କରି ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଏହାସହ ୧୭୨ ସେଣ୍ଟିମିଟର ଫିଟନେସ୍ କାଟାଗୋରୀରେ ମଧ୍ୟ ସେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ତେବେ ସେ ବିକ୍‌ନି, ଫିଟନେସ୍, ବଡି ବିଲଡିଙ୍ଗ କ୍ଷେତ୍ରରେ ନିଜର ଦକ୍ଷତା ପ୍ରତିପାଦିତ କରିଛନ୍ତି। ଏ ୩ଟି ବିଭାଗରେ ସେ ପ୍ରଥମ ସ୍ଥାନ ଅଧିକାର କରିବା ସହ ରାଜ୍ୟ ଓ ଦେଶର ଗୌରବ ବୃଦ୍ଧି କରିଥିଲେ।

କିନ୍ତୁ ଏହି ବିଶ୍ୱ ବିଜେତାଙ୍କ ଲାଗି ଓଡ଼ିଶା ସରକାର ନିଜର ସହାୟତାର ବାଟ ବନ୍ଦ କରିଦେଇଥିଲେ। ଏବେ କ୍ରୀଡ଼ା ନୀତି ଅନୁଯାୟୀ ଏକାଧିକ ଅଣ ଅଲିମ୍ପିଆଡ୍ ପଦକ ବିଜେତାଙ୍କୁ, ଅଂଶଗ୍ରହଣ କରିବାକୁ ସରକାର ହାତ ଖୋଲି ଦେଇଛନ୍ତି। କିନ୍ତୁ ଏକ କଷ୍ଟସାଧ ଖେଳରେ ତାଙ୍କୁ ସହାୟତା, ପ୍ରୋତ୍ସାହନ ରାଶି ଦେବାତ ଦୂରର କଥା ସାମାନ୍ୟ ଅଭିନନ୍ଦନ କିମ୍ବା ଶୁଭେଚ୍ଛା ବାର୍ତ୍ତାଟିଏ ଜଣାଇ ନାହାନ୍ତି ଓଡ଼ିଶା କ୍ରୀଡ଼ା ଓ ଯୁବ ସେବା ବିଭାଗ କିମ୍ବା କିମ୍ବା ମୁଖ୍ୟମନ୍ତ୍ରୀ। ଏବେ ଦେଶ ବିଦେଶରେ ସଫଳତା ପାଉଥିବା ଦଳ କିମ୍ବା କ୍ରୀଡ଼ାବିତ୍‌ଙ୍କୁ ବିଭାଗ, ବିଭାଗୀୟ ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ଶୁଭେଚ୍ଛା ଓ ଅଭିନନ୍ଦନରେ ପୋତି ପକାଉଛନ୍ତି। ଏଭଳି କ୍ଷେତ୍ରରେ ପିଙ୍କିଙ୍କ ପ୍ରତି ମନ୍ତ୍ରୀ ଓ ପ୍ରଶାସକ କାହିଁକି ଚୁପ୍ ରହିଛନ୍ତି ତାହା ସନ୍ଦେହ ସୃଷ୍ଟି କରିଛି। ବିନା ସହାୟତା କିମ୍ବା ପ୍ରୋତ୍ସାହନରେ ବଲି ବିଲ୍ଡିଂ ଭଳି କ୍ରୀଡ଼ାରେ ତିଷ୍ଠି ରହିବା ସମ୍ଭବ ନୁହେଁ। ଏହାର ଅଭାବରେ ପିଙ୍କି ଯେ ଏବେ ଖେଳ ଛାଡ଼ିବାକୁ ଚିନ୍ତା କରିବା ନିଶ୍ଚିତ ଭାବେ ରାଜ୍ୟ ଲାଗି ଖରାପ ପରମ୍ପରା ସୃଷ୍ଟି କରିବ। ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଭାଗ ନେବା ପୂର୍ବରୁ ପିଙ୍କି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟିଥିଲେ। ପିଙ୍କିଙ୍କ ମୁଣ୍ଡରେ ହାତ ରଖି ଆଶୀର୍ବାଦ ଦେବା ସହ ତାଙ୍କ ଲାଗି କିଛି ବ୍ୟବସ୍ଥା କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଏହି ପ୍ରତିଶ୍ରୁତି ୯ ମାସ ପୂରିବାକୁ ବସିଲାଣି। ପିଙ୍କି କିନ୍ତୁ ସହାୟତା ଓ ପ୍ରୋତ୍ସାହନ ଅଭାବରେ ଖେଳ ଛାଡ଼ିବାକୁ ବସିଲେଣି। ଖୋର୍ଦ୍ଧା ଜିଲ୍ଲାର ଝିଅ ଓ ଡେଲାଙ୍ଗର ବୋହୁ ଏବେ ଡୁମୁଡୁମାର ବାସିନ୍ଦା। ସରକାରୀ ସହାୟତା ବିନା ସେ ତାଙ୍କ ସ୍ୱପ୍ନ ପୂରଣ କରିବାରେ ସମର୍ଥ ହେବେ ନାହିଁ।

---

## ବେଢ଼ାକୁଦର ଡାକ ଜମାଖାତାରୁ ଟଙ୍କା ଗାଏବ

# ୧୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହେର୍‌ଫେର୍

ବାଙ୍ଗିରିପୋଷି, ୫।୧୨(ସମିସ): ବାଙ୍ଗିରିପୋଷି ସବ୍-ପୋଷ୍ଟ ଅଫିସ ଅଧୀନରେ ଥିବା ବେଢ଼ାକୁଦର ଉପ-ଡାକଘରୁ ଜମାକାରୀମାନଙ୍କ ଆକାଉଣ୍ଟରୁ ଟଙ୍କା ଗାଏବ ହେଉଥିବା ଜଣାପଡ଼ିଛି। ଜମାକାରୀମାନେ ବାଙ୍ଗିରିପୋଷି ସବ୍-ପୋଷ୍ଟ ଅଫିସକୁ ଟଙ୍କା ଉଠାଣ ପାଇଁ ଆସି ଆକାଉଣ୍ଟରେ ଟଙ୍କା ନଥିବାର ଜାଣିବାକୁ ପାଇ ନିରାଶ ହେଉଛନ୍ତି। ଯୋଗୀବନ୍ଧ ଗ୍ରାମର ଚିତ୍ତରଞ୍ଜନ ମହାନ୍ତ ଟଙ୍କା ଉଠାଇବାକୁ ଆସି ଖାତାରେ ଟଙ୍କା ନ ଥିବା ଜାଣି ହତାଶ ହୋଇ କାକୁତିମିନତି ହୋଇ ସବ୍ ପୋଷ୍ଟମାଷ୍ଟରଙ୍କୁ ଗୁହାରି କରିଥିଲେ। ଏହାକୁ ନେଇ ସବ୍ ପୋଷ୍ଟମାଷ୍ଟର ରାଇରଙ୍ଗପୁର ପୋଷ୍ଟାଲ ସୁପରିଣ୍ଟେଣ୍ଡେଣ୍ଟଙ୍କୁ ଉକ୍ତ ଘୋଟାଲା ସମ୍ପର୍କରେ ଅବଗତ କରିଥିବାର ଜଣାପଡ଼ିଛି। ଏବେ ବି ବହୁ ଗରିବ ଖଟିଖିଆ ଲୋକ ବ୍ୟାଙ୍କ ବଦଳରେ ସରକାରଙ୍କ ସବୁଠାରୁ ଭରସାଯୋଗ୍ୟ ସଂସ୍ଥା ଡାକଘରେ ଟଙ୍କା ଜମା ରଖିଛନ୍ତି। କିନ୍ତୁ ଲୋକଙ୍କ କଷ୍ଟ ଉପାର୍ଜିତ ଟଙ୍କା ତାଙ୍କୁ ଠିକ୍ ସମୟରେ ମିଳୁନାହିଁ କିମ୍ବା ତାଙ୍କ ଜମାଖାତାରେ ଟଙ୍କା ମଧ୍ୟ ରହୁ ନ ଥିବା ଦେଖିବାକୁ ମିଳିଛି। ତେଣୁ ଜମାକାରୀଙ୍କ ଭରସା ତୁଟିବାରେ ଲାଗିଛି। ପ୍ରାୟ ୧୫ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହେର୍‌ଫେର୍ ହୋଇଥିବା ନେଇ ସୂଚନା ମିଳିଛି। ତେବେ ଆଗକୁ ଅଧିକ ଖୋଳତାଡ଼ ହେଲେ ତଳୁ ଉପର ପର୍ଯ୍ୟନ୍ତ କିଏ କିଏ ଏଥିରେ ସମ୍ପୃକ୍ତ ଅଛନ୍ତି ଜଣାପଡ଼ିବା ସହ ଆହୁରି ଅନେକ ଦୁର୍ନୀତି ଧରାପଡ଼ିବ ବୋଲି ସାଧାରଣରେ ଆଲୋଚନା ହେଉଛି। ଅନ୍ୟପକ୍ଷେ ବେଢ଼ାକୁଦର ଡାକଘର ଦାୟିତ୍ୱରେ ଥିବା ଅମିତ ମହାନ୍ତଙ୍କୁ ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲେ ହେଁ ସେ ଫୋନ୍ ଉଠାଇ ନ ଥିଲେ।

**ପୋଷ୍ଟମାଷ୍ଟରଙ୍କ ସମ୍ପୃକ୍ତି ଥିବା ନେଇ ସନ୍ଦେହ**

---


**ପୂର୍ବ ତଟ ରେଳପଥ**

'ଇ' କ୍ରୟ ପ୍ରଣାଳୀ

ଟେଣ୍ଡର ବିଜ୍ଞପ୍ତି ସଂ. PCMM/EP/2025-26/17, ତା.02.12.2025ରିଖ

**କ୍ରମ ସଂ.01 :** ଟେଣ୍ଡର ନଂ.02251446, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : ସିଲିଣ୍ଡ୍ରିକାଲ ରୋଲର ବିୟରିଂ ସେଟ୍, ପରିମାଣ : T.S. ଅନୁସାରେ ।

**କ୍ରମ ସଂ.02 :** ଟେଣ୍ଡର ନଂ.03251794A, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : ଡବଲ ଆକ୍ଟିଙ୍ଗ୍ ହାଇଡ୍ରୋଲିକ୍ ସକ୍(Shock) ଅବଶୋଷକ, ପରିମାଣ : 1000 ଗୋଟି ।

**କ୍ରମ ସଂ.03 :** ଟେଣ୍ଡର ନଂ.09253605A, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : 3 ମିଟର ଲମ୍ବରେ ଏମ୍ ଏସ୍ ଫ୍ଲାଟ୍ ସାଇଜ୍ 40mm x 6mm, ପରିମାଣ : T.S. ଅନୁସାରେ ।

**କ୍ରମ ସଂ.04 :** ଟେଣ୍ଡର ନଂ.03253925B, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : ବ୍ରେକ୍ କାଲିପର ୟୁନିଟ୍, ପରିମାଣ : 104 ଗୋଟି ।

**କ୍ରମ ସଂ.05 :** ଟେଣ୍ଡର ନଂ.03251470A, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : LHB କୋଚ୍‌ଗୁଡ଼ିକ ନିମନ୍ତେ CBC କପଲର ନୁକଲ (Knuckle), ପରିମାଣ : 233 ଗୋଟି ।

**କ୍ରମ ସଂ.06 :** ଟେଣ୍ଡର ନଂ.04251001A, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : ଭାଲ୍ୱ ରେଗୁଲେଟେଡ୍ ଲିଡ୍ ଏସିଡ୍ ବ୍ୟାଟେରୀ, ପରିମାଣ : T.S. ଅନୁସାରେ ।

**କ୍ରମ ସଂ.07 :** ଟେଣ୍ଡର ନଂ.06255429, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : 8.5 ରେ 1 ୱେଲ୍ଡଯୁକ୍ତ ସିଏମ୍ଏସ୍ କ୍ରସିଙ୍ଗ୍ B.G, ପରିମାଣ: T.S. ଅନୁସାରେ ।

**କ୍ରମ ସଂ.08 :** ଟେଣ୍ଡର ନଂ.02251711, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : କଣ୍ଟ୍ରୋଲ ପୋର୍ସନ ER 787776-1994 ନିମନ୍ତେ ଓଭରହାଲିଙ୍ଗ୍ କିଟ୍, ପରିମାଣ : T.S. ଅନୁସାରେ ।

**କ୍ରମ ସଂ.09 :** ଟେଣ୍ଡର ନଂ.04254313A, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : ବ୍ରସଲେସ୍ ସେନ୍‌ସର ବିହୀନ DC ରେଲୱେ କ୍ୟାରେଜ୍ ଫ୍ୟାନ୍ସ, ପରିମାଣ : 3906 ଗୋଟି ।

**ଟେଣ୍ଡର ଖୋଲାଯିବା ତାରିଖ :** ତା.15.12.2025ରିଖ (କ୍ରମ ସଂ.1 ଏବଂ 5 ପାଇଁ), ତା.18.12.2025ରିଖ (କ୍ରମ ସଂ.2 ଏବଂ 3 ପାଇଁ), ତା.16.12.2025ରିଖ (କ୍ରମ ସଂ.4 ପାଇଁ), ତା.29.12.2025ରିଖ (କ୍ରମ ସଂ.6 ଏବଂ 7 ପାଇଁ), ତା.17.12.2025ରିଖ (କ୍ରମ ସଂ.8 ପାଇଁ) ଏବଂ ତା.05.01.2026ରିଖ (କ୍ରମ ସଂ.9 ପାଇଁ) ।

ସମ୍ପୂର୍ଣ୍ଣ ବିଜ୍ଞପ୍ତି, ଇଏମ୍‌ଡି, କ୍ରୟ ପ୍ରତିବନ୍ଧକ ଏବଂ ସମ୍ପୂର୍ଣ୍ଣ ଟେଣ୍ଡର ସର୍ତ୍ତାବଳୀ ସମ୍ବନ୍ଧରେ ଦୟାକରି ୱେବ୍‌ସାଇଟ୍ www.ireps.gov.in ଏବଂ www.eastcoastrail.indianrailways.gov.in ଅବଲୋକନ କରନ୍ତୁ ।

ପ୍ରମୁଖ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ/ ଭୁବନେଶ୍ୱର

PR-873/Q/25-26

**AFFIDAVIT**

I,Parbin Nesha W/o Jafar Iqbal Mohammad, residing at Kuranga Pradhan, Po-Raipur, PS-Sadar, Dist-Cuttack, PIN-754001, Odisha, declared that my husband name has been mistakenly mentioned as Jafar Iqbal Mohammed in my passport. The correct name is Jafar Iqbal Mohammad. In all future reference, he should be known as Jafar Iqbal Mohammad by this affidavit on dtd.16/06/2025

**NOTICE**

By virtue of an affidavit sworn before Executive Magistrate, Talcher, dated 07/11/2025. I, MAMI MOHARANA, Address: Vill/PO-Ghantapada,PS-Colliery ,Dist.-Angul,Odisha-759103 declare that I have changed my name from MAMATA MAHARANA to MAMI MOHARANA. Henceforth, I shall be known as **MAMI MOHARANA** for all purposes.

MAMI MOHARANA

**WALK-IN-INTERVIEW**

**REJUVENE URO NEPHRO HOSPITAL,** Mangalabag, Cuttack required GDMO (Negotiable Salary),OT Technician, OT Incharge, GNM ICU Incharge (15k TO 20K and above Negotiable) ANM, Receptionist, GJAY Executive, OPD Staff (12K TO 15K) and above Negotiable. Minimum Experience-2Yrs

**1st walk in interview on 7th December 2025**
**2nd walk in interview on 27th December 2025**
**Walk in interview timing-10:30AM TO 2:30PM**

Interview Venue- **REJUVENE URO NEPHRO HOSPITAL**
**Ring Road, Mangalabag, Cuttack-753001, M-8763145837/ 9124948026, Mail ID-rejuveneuronephro@gmail.com**

**NOTICE FOR MINOR**

By virtue of an affidavit sworn before Executive Magistrate, Gop, dated 29/10/2025, I **DEBENDRA SWAIN**, S/o Purnachandra Swain permanent resident of Village-Nuakholamara Gadasahi, Po: Lalitapahandi, Ps - Gop, Dist- Puri, State- Odisha, Pin- 752045 declare that I have changed my minor Son's name from **PRADUMNA SWAIN** (Old Name) to **PRADYUMNA SWAIN** (New Name). Henceforth, he shall be known as **PRADYUMNA SWAIN** for all future purposes.

(Sd- DEBENDRA SWAIN)

**AFFIDAVIT**

By virtue of an affidavit sworn before the Notary Public Jeypore, dated 03.12.2025 I, JASPAL SINGH BHOGAL, S/o-Late Sohan Singh resident of new Street 1st lane, Po./Ps.-Jeypore, Dist.-Koraput, Odisha state that, in the Birth Certificate and Passport of my daughter ISHPREET KAUR my name has been wrongly mentioned as JASPAL SINGH. That **JASPAL SINGH** and **JASPAL SINGH BHOGAL** is one and same person.

Sd/- Jaspal Singh Bhogal

**VEHICLE FOR SALE**

NEW HOLAND 3230 TRACTOR, Model - 2022, Registration No-OD-04-S-2096, in as is where is condition, Contact: M/S Sundaram Finance Limited, JAJPUR ROAD BRANCH, Ph:94371 02409 within 7 days

**AFFIDAVIT**

By virtue of an affidavit No.3059, sworn before the Executive Magistrate, Sukinda on dtd-04/12/2025, I **Dharanidhar Mohapatra,** S/o Late Nilamani Mahapatra, resident of At/Po/Ps-Sukinda, Dist- Jajpur, Odisha, Pin- 755018 declared that I have changed my minor son's name from **Surja Prakash Mahapatra** (old name) to **Surya Prakash Mohapatra** (new name). Henceforth he shall be known as **Surya Prakash Mohapatra** for all future purposes.

**Dharanidhar Mohapatra**

**AFFIDAVIT**

I Deepak Jena s/o- Jagannath Jena AT/Po- Chakeisab, Ps-Kamarda, Dist- Balasore, Odisha, declared by affidavit before Executive Magistrate , Bhograi No.4084/9.10. 2025, that I have changed my name Shiba Shankar Jena to Deepak Jena s/o Jagannath Jena and I shall be treated as same and one person. Hence my name as Deepak Jena for all future purpose.

**AFFIDAVIT**

By virtue of an affidavit before the Notary Public, Titilagarh, on dated-05/12/2025. I, **Muralidhar Chhura** (applicant name), S/o- Nirakar Chhura, permanent resident of AT- Gunchitara, PO- Tentulikhunti, PS- Titilagarh, Dist- Balangir, (Odisha), PIN- 767037 now residing at the same place declare that I have changed my minor daughter's name from **Premanjal Chhura** (old name) to **Premanjali Chhura** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion she shall be known as **Premanjali Chhura** (new name) for all future purposes.

**Muralidhar Chhura**

**FOR SALE**

1 Number of Tractor – TAFE MF 246 DYNATRACK, Registration No.- OD-01-AU-9930, Model-2023, ENGINE NO – S3255N74848, CHASSIS NO – MEAAACD5LP2514869, For Details, contact – 94370 55763, 9437966073, SUNDARAM FINANCE LTD., First floor, Choudhury Nivas, SAHADEVKHUNTA, BALASORE,756001, PH. NO-06782-266658

**FOR SALE**

1 Number of TRACTOR –ESCORTS PT EURO 45 4WD, Registration No.- OD-17-AC-4681, Model 2024, - ENGINE NO – E3761024, CHASIS NO – T053669670FM, For Details, contact – 9437577742, SUNDARAM FINANCE LTD., 1ST Floor, Naik Bhaban, Ward No-18, NH-6, Near -Bhatli Chowk, DIST- BARGARH-768028(Odisha).

**AFFIDAVIT**

By virtue of an affidavit (CF No. 02, dtd- 05/12/2025) sworn before the Executive Magistrate, Padampur. I, Narayan Benchhor, S/o Rajkumar Benchhor, permanent & current resident of AT/Po Paikmal, PS- Paikmal, Dist- Bargarh, PIN-768039, Odisha declare that I have changed my name from Narayan Benchhor to Narayana Benchhor. Henceforth, I shall be known as Narayana Benchhor (new name) for all purposes.

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar, dated 05/05/2025, I **KARTIK JENA**, S/o Sarbeswar Jena permanent resident of Village- Batol, Po: Gadamotari, Ps - Delanga, Dist- Puri, State-Odisha, Pin- 752015 declare that I have changed my name from **KARTTIK PATTANAYAK (Old Name)** to **KARTIK JENA (New Name).** Henceforth, I shall be known as **KARTIK JENA** for all future purposes.

(Sd- **KARTIK JENA**)

**NOTICE**

By virtue of an Affidavit sworn before Executive Magistrate, Bhubaneswar. dated 29.11.2025, CF No.01, I, **Trinath Sahoo,** aged about 45 years, S/o: Sankar Sahoo, residing at Totapada, PO: Baku, PS: Gadisagada, Dist: Puri, PIN: 752019, Aadhaar No.45606087 3983 currently residing at above address, declare that I have changed my daughter's name from **Somali Sahoo** (old name) to **Sonali Sahoo** (new name). Henceforth she shall be known as **Sonali Sahoo** for all purposes.

Sd/- Trinath Sahoo

**AFFIDAVIT**

By virtue of an affidavit sworn before The Executive Magistrate, Bhubaneswar, CF.NO- 33, dated 03-06-2025 I, **BIPLAB DASS,** S/o Muralidhar Mallik Permanent resident of At- Jagannathpur, Anantapur, Infront of MK Fly Ash Bricks, Po/Ps- Phulnakhara, Dist-Khordha, State- Odisha, PIN-754001, declare that I have changed my name from **BIPLAB MALLIK** (Old name) to **BIPLAB DASS** (New name), Henceforth, I shall be known as **BIPLAB DASS** for all purposes.

Sd-( **BIPLAB DASS** )

**ADMISSION NOTICE-2025-26**

**Manjari Devi College**

Affiliated to Utkal University, OUHS, PCI, OSBP & DMLT/RTEB

**Campus:** 262, Puranpadhan, Balakati, Bhubaneswar

Mob. 7019799641, 7978608747 9853801459

Email: mdscnbbsr@gmail.com

- **B. Pharm** Rs. 58,000/- P.A. Eligibility: +2 Sc. (PCB/M & OJEE Appeared)
- **D. Pharm** Rs. 48,000/- P.A. Eligibility: +2 Sc. (PCB/M)
- **B.M.L.T.** Rs. 58,000/- P.A. Eligibility: +2 Sc. (PCB/M with 50 % Mark)
- **D.M.L.T.** Rs. 48,000/- P.A. Eligibility: +2 Sc. Pass (PCB/M)
- **M.P.H.** Rs. 42,000/- P.A. Eligibility: Any Graguate

ALL COURSE FEES ARE EXCLUDING HOSTEL

ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ, ଓଡ଼ିଶା ସରକାର
Housing & Urban Development Department, Govt. of Odisha
**ଜଟଣୀ ପୌରପରିଷଦ, ଜଟଣୀ**
**OFFICE OF THE MUNICIPAL COUNCIL: JATANI**
ସ୍ଥାନ- ଜଟଣୀ, ଜିଲ୍ଲା- ଖୋର୍ଦ୍ଧା, ୭୫୨୦୫୦
At/Ps- Jatani, Dist-Khordha (Odisha), Pin-752050
E-mail – municipalityjatni@gmail.com, Phone. No. 0674- 2490826

**ସର୍ବସାଧାରଣ ନିମନ୍ତେ ସୂଚନା**

ଏତଦ୍ ଦ୍ୱାରା ଜଟଣୀ ପୌରାଂଚଳ ସମସ୍ତ ଜନସାଧାରଣ ମାନଙ୍କୁ ଜଣାଇ ଦିଆଯାଉଛି କି,

- ଜଟଣୀ ସହରକୁ ସରଳ ସୁନ୍ଦର କରିବା ପାଇଁ ସମସ୍ତ ରାସ୍ତା ଓ ଗଳିକୁ ସଫା ରଖିବା ସହ ପରିବେଶ ପରିଷ୍କାର ରଖନ୍ତୁ ।
- ଘରର ସମସ୍ତ ଓଦା ଓ ଶୁଖିଲା ଅଳିଆକୁ ପୃଥକ ଭାବେ ପରିଷଦର ସ୍ୱଚ୍ଛ ବାହନ ଗାଡ଼ିରେ ଦିଅନ୍ତୁ ।
- ପ୍ଲାଷ୍ଟିକ ଓ ପଲିଥିନ ବ୍ୟବହାର କରନ୍ତୁନାହିଁ । ଯଦି କରନ୍ତି ତେବେ ପରିଷଦ ଜୋରିମାନା ରାଶି ଆଦାୟ ସହ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ।
- ଆପଣ ମାନଙ୍କ ଠାରୁ ସଂଗୃହିତ ହେଉଥିବା ଅଳିଆରୁ ଉତ୍କୃଷ୍ଟ ମାନର ଜୈବିକ ଖତ ପ୍ରସ୍ତୁତ ହେଉଅଛି । ଏହାର ଉପଯୋଗ କରନ୍ତୁ ।
- ନୂତନ ଘର ନିର୍ମାଣ କରିବା ପୂର୍ବରୁ ଗୃହର ପ୍ଲାନ୍ ପରିଷଦ ଠାରୁ ମଞ୍ଜୁର କରାଇ ନିଅନ୍ତୁ । ଏବଂ ଗୃହ ସମାପ୍ତ ପରେ ତାହାକୁ ପଞ୍ଜିକରଣ କରାଇନିଅନ୍ତୁ ।
- ବ୍ୟବସାୟୀ ମାନେ ନିଜର ବ୍ୟବସାୟ ପ୍ରତିଷ୍ଠାନର ନୂତନ ଟ୍ରେଡ୍ ଲାଇସେନ୍ସ ଓ ନବିକରଣ ନିମନ୍ତେ ସୁଜୋଗ ପୋର୍ଟାଲ ରେ ଅନ୍‌ଲାଇନ ରେ ଆବେଦନ କରାଇନିଅନ୍ତୁ ଓ ବିଭିନ୍ନ ଟିକସ ଯଥା Holding Tax, User Fee, Hoarding Fee ଓ ଅନ୍ୟାନ୍ୟ ଟ୍ୟାକ୍ସ ଠିକ ସମୟରେ ପୈଠ କରନ୍ତୁ ।
- ଭୂମି ଅଧିକାର ସାବ୍ୟସ୍ତ ନିମନ୍ତେ ଭୂମିର ସର୍ବେକ୍ଷଣ (ନକ୍ସା) କାର୍ଯ୍ୟକ୍ରମରେ ସାମିଲ ହୁଅନ୍ତୁ ।
- ବାଣିଜ୍ୟିକ ପ୍ରତିଷ୍ଠାନର ସୂଚନା ଫଳକ (Display Board ) ୬୦ ଭାଗ ଓଡ଼ିଆ ଭାଷାରେ ସେପ୍ଟେମ୍ବର ମାସ ତା ୩୦.୦୯.୨୦୨୫ ରିଖ ସୁଧା ଲେଖନ୍ତୁ । ନଚେତ୍ ପରିଷଦ ସରକାରଙ୍କ ନିର୍ଦ୍ଦେଶ ମୁତାବକ ଲେଖା ନ ସରିବା ପର୍ଯ୍ୟନ୍ତ ପ୍ରତି ଦିନ ୫୦୦ଶହ ଟଙ୍କା ଜୋରିମାନା ରାଶି ଆଦାୟ କରିବେ ।
- ପାଇଖାନା ଟାଙ୍କି ସଫା ନିମନ୍ତେ ପରିଷଦର ସେସ୍ ପୁଲ ଗାଡ଼ି ପାଇଁ ଟୋଲ୍ ଫ୍ରି ନଂ ୧୪୪୨୦ରେ ଯୋଗାଯୋଗ କରନ୍ତୁ ।
- ରାସ୍ତା ବଡ଼ ଡ୍ରେନ୍ କୁ ଜବର ଦଖଲ କରନ୍ତୁ ନାହିଁ । ଯଦି କରନ୍ତି ତେବେ ପରିଷଦ ଉକ୍ତ ଜବରଦଖଲ କୁ ଉଚ୍ଛେଦ କରିବା ସହ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବେ ।
- ପରିଷଦ ଇଲାକାରେ ଥିବା ପୈଇରାତ (ପୋଖରୀ) ଗୁଡ଼ିକୁ ପରିଷ୍କାର ରଖନ୍ତୁ ।

ନିଖିଳ ଭାରତୀୟ ସ୍ୱାୟତ ଶାସନ ଦିବସ ୨୦୨୫ ଉପଲକ୍ଷେ ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।

ଶ୍ରୀମତୀ ଆରତୀ ରାଉତ, ଉପାଧ୍ୟକ୍ଷା, ଜଟଣୀ ପୌର ପରିଷଦ
ଶ୍ରୀମତୀ ଆକ୍ରିତୀ ଗୋଏଙ୍କା, ନିର୍ବାହୀ ଅଧିକାରୀ, ଜଟଣୀ ପୌର ପରିଷଦ
ଶ୍ରୀଯୁକ୍ତ ଅନନ୍ତ ବେହେରା, ଅଧ୍ୟକ୍ଷ, ଜଟଣୀ ପୌର ପରିଷଦ

**ବିଶ୍ୱ ପ୍ରସିଦ୍ଧ ଧନୁଯାତ୍ରା, ବରଗଡ଼**

ଦରଖାସ୍ତ ଆହ୍ୱାନ

ବିଜ୍ଞପ୍ତି ସଂଖ୍ୟା- ୫୫୯୩, ତା. ୦୪.୧୨.୨୦୨୫

ବରଗଡ ଧନୁଯାତ୍ରା ନିମନ୍ତେ ଜର୍ଜ ହାଇସ୍କୁଲ ପଡିଆ ଓ ବରଗଡ଼ ଆର.ଏମ.ସି. ଅଫିସ ପ୍ରାଙ୍ଗଣ ଠାରେ ମୀନାବଜାର, ଦୋଳି, ଝୁଲା ଏବଂ ଅନ୍ୟାନ୍ୟ ମନୋରଞ୍ଜନ କାର୍ଯ୍ୟକ୍ରମ ଇତ୍ୟାଦି ପାଇଁ ଉପଯୋଗୀ କେବିନ/ ଖାଲି ଜାଗା ଓ ପଡିଆ ଗୁଡିକ ନିର୍ଦ୍ଦିଷ୍ଟ ସର୍ତ୍ତ ମାଧ୍ୟମରେ ଇଚ୍ଛୁକ ବ୍ୟକ୍ତିମାନଙ୍କୁ ସର୍ତ୍ତାବଳୀ ସହ ଯୋଗେଇ ଦିଆଯିବ ।

ଉପ-ଜିଲ୍ଲାପାଳ, ବରଗଡଙ୍କ କାର୍ଯ୍ୟାଳୟରେ ଅଫିସ ସମୟ ମଧ୍ୟରେ (ସକାଳ ୧୧ ଘଟିକାରୁ ଅପରାହ୍ନ ୪ ଘଟିକା ସୁଦ୍ଧା) ତା. ୦୫.୧୨.୨୦୨୫ ଠାରୁ ତା.୧୨.୧୨.୨୦୨୫ (ଛୁଟିଦିନ ବ୍ୟତୀତ) ଅସ୍ଥାୟୀ କେବିନ ଦୋକାନ ଓ ଖାଲି ଜାଗା ପାଇଁ ଟ. ୧୦୦.୦୦(ଏକ ଶହ ଟଙ୍କା ମାତ୍ର) ବିନିମୟରେ ଆବଶ୍ୟକୀୟ ଫର୍ମ ଯୋଗେଇ ଦିଆଯିବ । ଇଚ୍ଛୁକ ବ୍ୟକ୍ତି ମାନେ ସଂପୃକ୍ତ ସ୍ଥାନ ମାନଙ୍କର ପ୍ରସ୍ତୁତ ନକ୍ସା, ପ୍ଲାନ ଏବଂ ସର୍ତ୍ତାବଳୀ ଉପ-ଜିଲ୍ଲାପାଳ, ବରଗଡଙ୍କ କାର୍ଯ୍ୟାଳୟର ନୋଟିସ ବୋର୍ଡରେ ଦେଖିପାରିବେ ।

ଉପଲବଧ କେବିନ, ଝୁଲା ଏବଂ ଖାଲି ଜାଗା ଲଟେରୀ ମାଧ୍ୟମରେ ଆବଣ୍ଟିତ ହେବ । ଖାଲିଜାଗା ତଥା ଅସ୍ଥାୟୀ କେବିନ ଦୋକାନ ପାଇଁ ଆସନ୍ତା ତା. ୧୨.୧୨.୨୦୨୫ ରିଖ ଅପରାହ୍ନ ୫.00 ଘଟିକା ସମୟରେ ପ୍ରକ୍ରିୟା ଶେଷ ହେବ ।

ପ୍ରକାଶ ଥାଉକି, କୌଣସି କାରଣ ନ ଦର୍ଶାଇ ଯେ କୌଣସି ପକ୍ଷଙ୍କ ଆବେଦନକୁ ରଦ୍ଦ କରିବାର କ୍ଷମତା ଅଧିକାରୀଙ୍କର ରହିଅଛି । ସବିଶେଷ ବିବରଣୀ ଜିଲ୍ଲା Website-http://bargarh.odisha.gov.in ରେ ମଧ୍ୟ ଉପଲବ୍ଧ ହେବ ।

ଉପ-ଜିଲ୍ଲାପାଳ ତଥା ଆବାହକ
ଜମି-ଆବଣ୍ଟନ କମିଟି,
ଧନୁଯାତ୍ରା ମହୋତ୍ସବ ସମିତି, ବରଗଡ଼

# ଟେଷ୍ଟିଂରେ ଅଟକିଛି ଲାଇଟ୍ ଆଣ୍ଡ ସାଉଣ୍ଡ ସୋ

## ଏଥର ପର୍ଯ୍ୟଟନ ଋତୁରେ ବି ଖଣ୍ଡଗିରି-ଉଦୟଗିରି ପର୍ଯ୍ୟଟକ ନିରାଶ

ଭୁବନେଶ୍ୱର, ୫।୧୨(ସମିସ): ପଦ୍ମ ଘୁଞ୍ଚିଲା ପରି ଘୁଞ୍ଚିଘୁଞ୍ଚି ଯାଉଛି ଖଣ୍ଡଗିରି- ଉଦୟଗିରି ଲାଇଟ ଆଣ୍ଡ ସାଉଣ୍ଡ ସୋ। ଏପଟେ ପର୍ଯ୍ୟଟନ ଋତୁ ଆରମ୍ଭ ହୋଇଥିବା ବେଳେ ପର୍ଯ୍ୟଟକଙ୍କ ସଂଖ୍ୟା ବି ବଢୁଛି। ଲାଇଟ୍ ଆଣ୍ଡ ସାଉଣ୍ଡ ଶୋ' ଦେଖିବାକୁ ପର୍ଯ୍ୟଟକଙ୍କ ମଧ୍ୟରେ ଉତ୍କଣ୍ଠା ବଢୁଥିବା ବେଳେ ପ୍ରତିବର୍ଷ ଭଳି ଏଥର ମଧ୍ୟ ନିରାଶ ହୋଇଛନ୍ତି ଶହ ଶହ ପର୍ଯ୍ୟଟକ। କାରଣ ମାସ ପରେ ମାସ ବିତୁଛି କିନ୍ତୁ ଏଯାଏ ଆରମ୍ଭ ହୋଇପାରୁନି ଖଣ୍ଡଗିରି-ଉଦୟଗିରି ଲାଇଟ ଆଣ୍ଡ ସାଉଣ୍ଡ ସୋ। ଗତବର୍ଷରୁ ଇନଷ୍ଟଲେସନ୍ ପରେ ମଧ୍ୟ ବିଜୁଳି ସଂଯୋଗ ହୋଇ ନ ଥିବାରୁ ଏହି ସୋ ଆରମ୍ଭ ହୋଇପାରୁନି ନଥିବା ବେଳେ ଚଳିତ ବର୍ଷ ପର୍ଯ୍ୟଟନ ଋତୁ ପ୍ରାରମ୍ଭରୁ ଏହା କାର୍ଯ୍ୟକ୍ଷମ ହେବ ବୋଲି ବିଭାଗ ପକ୍ଷରୁ କୁହାଯାଇଥିଲା। ହେଲେ ଏପର୍ଯ୍ୟନ୍ତ ତାହା ହୋଇପାରି ନାହିଁ।



ରାଜ୍ୟର ପ୍ରମୁଖ ଐତିହାସିକ ପର୍ଯ୍ୟଟନସ୍ଥଳୀ ମଧ୍ୟରେ ରହିଛି ଖଣ୍ଡଗିରି-ଉଦୟଗିରି। ଏଠାକୁ କେବଳ ଭୁବନେଶ୍ୱର ନୁହେଁ ବରଂ ଜିଲ୍ଲା ତଥା ରାଜ୍ୟ ବାହାରୁ ବହୁ ସଂଖ୍ୟାରେ ପର୍ଯ୍ୟଟକ ବର୍ଷ ତମାମ ଆସିଥାନ୍ତି। ପର୍ଯ୍ୟଟକଙ୍କ ଆଗମନକୁ ଦୃଷ୍ଟିରେ ରଖି ୨୦୧୫ରେ ରାଜ୍ୟ ସରକାର ଓ ଇଣ୍ଡିଆ ଟୁରିଜିମ୍ ଡେଭେଲପ୍‌ମେଣ୍ଟ କର୍ପୋରେସନ୍ ବା ଭାରତୀୟ ପର୍ଯ୍ୟଟନ ଉନ୍ନୟନ ନିଗମ(ଆଇଟିଡିସି) ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା। ଏଥିପାଇଁ ୬.୧୫କୋଟି ଟଙ୍କାର ବଜେଟ୍ କରାଯାଇଥିଲା। ସେଥିରୁ କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରଣାଳୟ ୫କୋଟି ଟଙ୍କା ସହଯୋଗ କରିଥିବା ସୂଚନା ରହିଛି। ଏହି ସୋ'ରେ ରାଜ୍ୟର କଳାସଂସ୍କୃତି, ଜୈନ ଧର୍ମ ଏବଂ ଖାରବେଳଙ୍କ ଗାରିମା ସମ୍ପର୍କରେ ଅବଗତ କରିବା ଲାଗି ବଲିଉଡ୍ ସୁପରଷ୍ଟାର ଅମିତାଭ ବଚ୍ଚନଙ୍କ କଣ୍ଠରେ ରହିଥିବା ଅଡିଓ ଭଏସ୍‌ରେ ଶୁଣିବାକୁ ମିଳିବ। ଇଂରାଜୀ, ଓଡ଼ିଆ ଓ ବଙ୍ଗାଳୀ ଭାଷାରେ ଏହି ଶୋ' ହେବାର ଯୋଜନା ନୂତନ ଭାବେ ମେସିନ୍‌ଗୁଡ଼ିକ ଇନଷ୍ଟଲ୍ କରାଯାଇଛି। ଏଥିପାଇଁ କଣ୍ଟ୍ରୋଲ ରୁମ୍, ସଫ୍ଟୱେର ଆଣ୍ଡ ହାର୍ଡୱେର ସାଗମ୍ରୀ ଗୁଡ଼ିକର ସମସ୍ତ କାର୍ଯ୍ୟ ମଧ୍ୟ ଶେଷ ହୋଇଛି। ହେଲେ ବିଜୁଳି ସଂଯୋଗ ହୋଇନଥିବାରୁ ସୋ ଆରମ୍ଭ ହୋଇପାରୁନଥିବା ବେଳେ ଆଇଟିଡିସି ଏହି ପ୍ରକଳ୍ପ ପ୍ରସ୍ତୁତ କରିଥିବା ବେଳେ ଖୁବଶିଘ୍ର ଡିଜି ସେଟଅପ୍ କାମ ଶେଷ ହୋଇ ସୋ ଆରମ୍ଭ ହେବ ବୋଲି ବିଭାଗ ପକ୍ଷରୁ କୁହାଯାଇଥିଲା। ଏଥିପାଇଁ ୬୦ କିଲୋୱାଟ ବିଦ୍ୟୁତ ଆବଶ୍ୟକ ରହିଥିବା ବେଳେ ଏଠାରେ ୧୧କେଭି ଡିଜି ସେଟଅପ୍ ସହ ଟ୍ରାନ୍ସଫରମର ନିମନ୍ତେ ୬୫ ଲକ୍ଷର ଟେଣ୍ଡର ବି ହୋଇଥିବା ସୂଚନା ରହିଛି। ୧୦୦ କେଭିର ଡିଜି ସେଟ୍ ବସି ସାରିଥିବା ବେଳେ ରାସ୍ତା ପାଇଁ ପୂର୍ତ୍ତ ବିଭାଗକୁ ଅନୁମତି ମଗାଯିବା ସହ ଟାଟା ପାୱାର ଟ୍ରାନ୍ସଫରମର ପାଇଁ ମଧ୍ୟ ଅନୁମତି ମଗାଯାଇଥିଲା। ତେବେ କେଉଁ କାରଣ ପାଇଁ ତାହା ଆରମ୍ଭ ହୋଇପାରୁ ନାହିଁ ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏନେଇ ପର୍ଯ୍ୟଟନ ଅଧିକାରୀ ଅଞ୍ଜନ ବାରିକ୍ କହିଛନ୍ତି ଯେ, ବର୍ତ୍ତମାନ ଏକ୍ସଟରନାଲ ଇଲେକ୍ଟ୍ରିଫିକେସନ୍ କାମ ଶେଷ ହୋଇଥିବା ବେଳେ ଖୁବଶିଘ୍ର ଆରମ୍ଭ ହେବ। ଏହି ସୋ ଆରମ୍ଭ ହେଲେ ଉଦୟଗିରି ପାହାଡ଼ ଗୁମ୍ଫା ସମ୍ମୁଖରେ ଏହି ସୋ ଚାଲିବ। ଦର୍ଶକମାନେ ସାଉଣ୍ଡ ସାଙ୍ଗକୁ ପାହାଡ଼ ଉପରେ ଭିଜୁଆଲ ଦେଖିବାର ମଜା ନେବେ ପର୍ଯ୍ୟଟକ।



ବିଧାନସଭା ଅଧିବେଶନ ଚାଲିଥିବା ବେଳେ ବିଭିନ୍ନ ଅଞ୍ଚଳରୁ ଆସିଥିବା ବିକ୍ଷୋଭକାରୀଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଖୋଲିଛି ଅସ୍ଥାୟୀ ମିନି ମାର୍କେଟ୍ (ଫଟୋ-ସନ୍ତୋଷ)

## ସିୱାଇଏସ୍‌ଡି ଆନୁକୂଲ୍ୟରେ ଆନ୍ତର୍ଜାତୀୟ ସ୍ୱେଚ୍ଛାସେବୀ ଦିବସ



ଭୁବନେଶ୍ୱର, ୫।୧୨(ସମିସ): ୧୭ତମ ଅନ୍ତର୍ଜାତୀୟ ସ୍ୱେଚ୍ଛାସେବୀ ଦିବସ ସିୱାଇଏସ୍‌ଡି ଅଡିଟୋରିୟମ୍‌ରେ ପାଳିତ ହୋଇଯାଇଛି। ଚଳିତବର୍ଷ ଏହି ଦିବସର ମୁଖ୍ୟ ବିଷୟ ବସ୍ତୁ 'ସଲିଡାରିଟି ଥ୍ରୋ ଭଲ୍ୟୁଣ୍ଟରିଂ' ରହିଥିଲା। ଏହି ଉପଲକ୍ଷେ ଜଳବାୟୁ, ବିପର୍ଯ୍ୟୟ ପରିଚାଳନା, ଶାନ୍ତି-ସମନ୍ୱୟ, ଓ ମାନସିକ ସ୍ୱାସ୍ଥ୍ୟ ବିଷୟରେ ଗୋଷ୍ଠୀ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ସିୱାଇଏସଡି ସହସଂସ୍ଥାପକ ଡ. ଜଗଦାନନ୍ଦ ଯୋଗ ଦେଇଥିବା ବେଳେ ପ୍ରସିଦ୍ଧ ଚିନ୍ତକ ଡ. ଭଗବାନ ପ୍ରକାଶ ଯୋଗଦେଇ ସିୱାଇଏସଡିକୁ ଯୁବ ସେବାକାର୍ଯ୍ୟରେ ଅବଦାନ ପାଇଁ କୃତଜ୍ଞତା ଜଣାଇଥିଲେ। ଏଥିରେ ସିୱାଇଏସଡି ପକ୍ଷରୁ ପି.କେ. ସାହୁ ଯୁବମାନେ ସମାଜର ମୂଳଭିତ୍ତି ଓ ମେରୁଦଣ୍ଡ ବୋଲି କହି ଗୋପବନ୍ଧୁ ଦାସ, ରମାଦେବୀଙ୍କ ଭଳି ପ୍ରେରଣାଦାୟୀ ନେତାମାନଙ୍କ ଉଦାହରଣ ଦେଇଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଡ. ବିଶ୍ୱମୋହନ ଜେନା, ବକୁଳ ଫାଉଣ୍ଡେସନ୍‌ର ଅଧ୍ୟକ୍ଷ ସୁଜିତ ମହାପାତ୍ର ଉପସ୍ଥିତ ରହି ଆତ୍ମସେବା ଓ ଅନ୍ତର୍ନିହିତ ସେବାଭାବ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ରାଜ୍ୟର ବିଭିନ୍ନ ସ୍ଥାନରୁ ୧୫ ଜଣ ସେବକଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଡ. ନମିତା ପଟ୍ଟନାୟକ ପରିଚାଳନା କରିଥିବା ବେଳେ ଶୁଭ୍ରସୀମା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ଡ.ଅନସୂୟା ନାଥଙ୍କୁ 'ମାର୍ଗଶିରର ମହକ'



ଭୁବନେଶ୍ୱର, ୫।୧୨(ସମିସ): ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଗ୍ରିକଲଚରାଲ ସାଇନସେସ୍ (ଆଇଏଏସ୍)ର ସାମାଜିକ ଓ ସାଂସ୍କୃତିକ ଶାଖା କ୍ରିଆଟିଭୋ ପକ୍ଷରୁ ଗୁରୁବାର ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କଣ୍ଠଶିଳ୍ପୀ ତଥା ଗଣିତ ବିଭାଗର ପ୍ରଫେସର ଡ. ଅନସୂୟା ନାଥଙ୍କୁ 'ମାର୍ଗଶିରର ମହକ ସମ୍ମାନ' ରେ ସମ୍ମାନିତ କରାଯାଇଛି। କ୍ରିଆଟିଭୋର ଆବାହକ ଡ. ଭୁବନାନନ୍ଦ ଅଧିକାରୀଙ୍କ ସଂଯୋଜନାରେ ଆୟୋଜିତ ଏହି ଉତ୍ସବରେ ସୋଆ ଛାତ୍ରମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ, ଆଇଏଏସ୍‌ର ଡିନ୍ ପ୍ରଫେସର ସନ୍ତୋଷ କୁମାର ରାଉତ, ସୋଆ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଭେଟେରିନାରୀ ସାଇନସେସ୍ ଆଣ୍ଡ ଆନିମଲ ହଜବ୍ୟାଣ୍ଡେରୀ (ଆଭିଏସ୍‌ଏଏଚ) ର ଡିନ୍ ପ୍ରଫେସର ସୁଶାନ୍ତ ଦାସ ଓ ପ୍ରଫେସର ସରୋଜ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ଡ. ଦୀପାଳି ଦାଶ ସ୍ୱାଗତଭାଷଣ ଦେଇଥିବା ବେଳେ ଲୋପାମୁଦ୍ରା ମହାନ୍ତି ଧନ୍ୟବାଦ ପ୍ରଦାନ କରିଥିଲେ। ପୂର୍ବ ଆୟୋଜିତ ସାଧାରଣ ଜ୍ଞାନ ଓ ଝୋଟି ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

## ରାଜ୍ୟସ୍ତରୀୟ ବିଶ୍ୱ ମୃତ୍ତିକା ଦିବସ

ଭୁବନେଶ୍ୱର, ୫।୧୨(ସମିସ): ରାଜ୍ୟସ୍ତରୀୟ ବିଶ୍ୱ ମୃତ୍ତିକା ଦିବସ ଶୁକ୍ରବାର କୃଷି ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ (କୃଷି ଓ କୃଷକ ସଶକ୍ତୀକରଣ ଏବଂ ଶକ୍ତି ମନ୍ତ୍ରୀ) କନକ ବର୍ଦ୍ଧନ ସିଂହଦେଓ ଯୋଗ ଦେଇଥିଲେ। କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ପ୍ରମୁଖ ଶାସନ ସଚିବ ଡ଼ ଅରବିନ୍ଦ କୁମାର ପାଢ଼ୀ, କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ଶୁଭମ ସକ୍‌ସେନା ମଧ୍ୟ ଯୋଗ ଦେଇଥିଲେ। ବିଶ୍ୱ ମୃତ୍ତିକା ଦିବସ ଉପରେ ଏକ ବୃତ୍ତଚିତ୍ର ପ୍ରଦର୍ଶିତ ହେବା ସହିତ 'ମାନୁଆଲ୍ ଅନ୍ ଆଗ୍ରିକଲଚରାଲ୍ ପ୍ରଡକ୍ସନ୍ ଟେକ୍ନୋଲୋଜି – ରବି ୨୦୨୫-୨୬' ପୁସ୍ତିକାର ଉନ୍‌ମୋଚନ ଅତିଥିମାନଙ୍କ ଦ୍ୱାରା କରାଯାଇଥିଲା। ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ନିର୍ଦ୍ଦେଶକ ସୁବ୍ରତ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ରାଜଧାନୀ ମହାବିଦ୍ୟାଳୟରେ ମା' ରମାଦେବୀଙ୍କ ଜୟନ୍ତୀ



ଭୁବନେଶ୍ୱର, ୫।୧୨(ସମିସ): ରାଜଧାନୀ ମହାବିଦ୍ୟାଳୟର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ଆନୁକୂଲ୍ୟରେ ରମାଦେବୀଙ୍କ ଜୟନ୍ତୀ ମହାବିଦ୍ୟାଳୟର ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ସରୋଜକାନ୍ତ ଚୌଧୁରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ଡ. ନିରଞ୍ଜନ ସାହୁ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ମୁଖ୍ୟ ଡ. ମନ୍ମଥନାଥ ଘଡ଼େଇ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ସ୍ନାତକୋତ୍ତର ପ୍ରଥମ ବର୍ଷର ଛାତ୍ରୀ ସ୍ନେହାଙ୍ଗିନୀ ସ୍ୱାଇଁ, ସୁନୀତା ଦାସଙ୍କ ଦ୍ୱାରା ମଞ୍ଚ ପରିଚାଳନା କରିଥିଲେ। ରାଜଶ୍ରୀ ବେହେରାଙ୍କ ଧନ୍ୟବାଦ ଅର୍ପଣ କରିଥିଲେ।

## ସ୍ନିଗ୍ଧା ସାହୁଙ୍କ ଗଳ୍ପ ପୁସ୍ତକ 'କଥା ପ୍ରଜାପତି' ଲୋକାର୍ପିତ



ଭୁବନେଶ୍ୱର, ୫।୧୨(ସମିସ): ଅଭିମାନ ପ୍ରକାଶନ ଦ୍ୱାରା ପ୍ରକାଶିତ ଗାଳ୍ପିକା ସ୍ନିଗ୍ଧା ସାହୁଙ୍କ ଗଳ୍ପ ପୁସ୍ତକ 'କଥା ପ୍ରଜାପତି' ନରାଜ ଠାରେ ଉନ୍ମୋଚିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ କବି ଓ ଉପନ୍ୟାସିକ ପବିତ୍ର ମୋହନ ଦାଶ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଗାଳ୍ପିକ ପୀତବାସ ରାଉତରାୟ ଯୋଗ ଦେଇଥିଲେ। ଲେଖିକା ଜଣେ ଚିତ୍ରଶିଳ୍ପୀ ହୋଇଥିବାରୁ ତାଙ୍କ ଗଳ୍ପ ପୁସ୍ତକରେ ଚିତ୍ର ଓ କଥା ସ୍ଥାନ ପାଇ ପୁସ୍ତକକୁ ଆହୁରି ଆକର୍ଷଣୀୟ କରି ଗଢ଼ି ତୋଳିଛି। ସମ୍ମାନୀତା ଅତିଥି କବି ଓ ଗାଳ୍ପିକା ଡ. ସୁଷମା ମିଶ୍ର ଗଳ୍ପର ଶୈଳୀ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ପାଠକଙ୍କୁ ବାନ୍ଧି ରଖିବାକୁ ସମର୍ଥ ଅଛି ବୋଲି ଦର୍ଶାଇଥିଲେ। ପ୍ରକାଶିକା ତଥା ସାହିତ୍ୟକା ମାନମୟୀ ଦାଶ ରଥ ଗାଳ୍ପିକାଙ୍କ ଗଳ୍ପ କଳାରେ କୋମଳତା ଓ କମନୀୟତା ତାଙ୍କ ଗଳ୍ପ କଳାର ବିଶେଷତ୍ୱ ବୋଲି ଦର୍ଶାଇଥିଲେ। ସମ୍ମାନୀତା ବକ୍ତା ଗାଳ୍ପିକା ମଞ୍ଜୁବାଳା ପଣ୍ଡା ଓ ସସ୍ମିତା ମହାନ୍ତି ଗାଳ୍ପିକାଙ୍କ ଗଳ୍ପରେ ସ୍ପଷ୍ଟ ଓ ଭାବଗର୍ଭକ ଉପାଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ଗାଳ୍ପିକାଙ୍କ ଜୀବନ ଓ ସାହିତ୍ୟ ସୃଷ୍ଟି ସମ୍ପର୍କରେ କାନନବାଳା ସାହୁ, ପଦ୍ମଜା ସାହୁ, ଦେବଦୀପ୍ତା ମିଶ୍ର, ମୀନାକ୍ଷୀ ରାଉତରାୟ ପ୍ରମୁଖ ଆଲୋଚନା କରିଥିଲେ। ଶେଷରେ ଅନୁଭା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ୪ର୍ଥ ଦିନରେ ମିଳିତ ଶ୍ରମିକ ସଂଗଠନର ଆନ୍ଦୋଳନ

ଭୁବନେଶ୍ୱର, ୫।୧୨(ସମିସ): ସମଗ୍ର ଦେଶରେ ଏବେ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାଟି ପୁଞ୍ଜିପତି ତଥା କେତେକ ପୁଞ୍ଜିପତି ତଥା କର୍ପୋରେଟ ହାଉସ ଦ୍ୱାରା ନିୟନ୍ତ୍ରିତ ହେଉଅଛି। ସାଧାରଣ ମଣିଷର ବଞ୍ଚିବାର ଅଧିକାରରୁ ଶ୍ରମିକ, କୃଷକ ଓ ଗରୀବ ଶ୍ରେଣୀ ବଞ୍ଚିତ ହେଉଛନ୍ତି ଏବଂ ଶ୍ରମିକ, କୃଷକ ଆଦିବାସୀ ଓ ଦଳିତ ଚାଷୀ ଗଣଧାରଣା, ଗଣବିକ୍ଷୋଭ କଲାବେଳେ ପୁଲିସ ଓ ପ୍ରଶାସନ ସେମାନଙ୍କ ନାମରେ ମିଥ୍ୟା ମାମଲା ରୁଜୁ କରି କମ୍ପାନୀ ସ୍ୱାର୍ଥରେ ଜେଲ୍‌କୁ ପଠାଉଛନ୍ତି, ଫଳରେ ଡବଲ ଇଞ୍ଜିନ ସରକାର ଏହି ପୁଞ୍ଜିପତି କମ୍ପାନୀଙ୍କ ସ୍ୱାର୍ଥକୁ ଆଖିରେ ରଖି ଇଂରେଜ ବିରୋଧରେ ସଂଘର୍ଷ କରି ହାସଲ କରିଥିବା ଶ୍ରମ ଆଇନଗୁଡିକୁ କୋଡରେ ପରିଣତ କରି ପୁଞ୍ଜିପତିମାନଙ୍କ ପାଖରେ ପୁଣି ଦାସତ୍ୱର ବେଡି ପକାଇବା ପାଇଁ କେନ୍ଦ୍ର ସରକାର ଚେଷ୍ଟା କରୁଥିବା ଅଭିଯୋଗ କରିଛି ବିଭିନ୍ନ ଶ୍ରମିକ ସଂଗଠନ।

ଏପରିସ୍ଥଳେ ଶ୍ରମକୋଡକୁ ରଦ୍ଦ କରି ପୁନର୍ବାର ୪୪ଟି ଶ୍ରମ ଆଇନକୁ ଲାଗୁ କରିବା ଦାବିରେ ଜିଲ୍ଲା ସ୍ତରରେ ମିଳିତ ଆନ୍ଦୋଳନକୁ ବ୍ୟାପକ କରିବା, ଜଙ୍ଗଲ ଜମି ତଥା ଆଦିବାସୀଙ୍କ ଜମିକୁ କର୍ପୋରେଟଙ୍କୁ ହସ୍ତାନ୍ତର କରିବା ବନ୍ଦ କରିବା, ୮ ଘଣ୍ଟା କାର୍ଯ୍ୟଦିବସକୁ ପୁନଃ ବାହଲ କରିବା, ମହିଳାମାନଙ୍କୁ ରାତ୍ରରେ କାମ କରିବା ନିଷ୍ପତ୍ତି ପ୍ରତ୍ୟାହାର କରିବା ଆଦି ଦାବିରେ ଶ୍ରମିକ ସଂଗଠନର ମିଳିତ ବୈଠକରେ ଶ୍ରମିକ ନେତା ମଦନ ମୋହନ ଧଳ, ସୁର ଜେନା, ବିଏନ୍ ମହାପାତ୍ର, ବିଷ୍ଣୁ ମହାନ୍ତି, ଜୟସେନ ମେହେର, ବଂଶିଧର ପରିଡ଼ା ଓ ଜ୍ୟୋତିରଞ୍ଜନ ମହାପାତ୍ର ନେତୃତ୍ୱ ନେଇଥିଲେ।

ଆନ୍ଦୋଳନର ୪ର୍ଥ ଦିନରେ ବିଭିନ୍ନ କେନ୍ଦ୍ରୀୟ ଶ୍ରମିକ ସଂଗଠନ ଯଥା ଆଇଏନ୍‌ଟିୟୁସି, ଏଆଇଟିୟୁସି, ଏଚ୍‌ଏମ୍‌ଏସ, ସିଆଇଟିୟୁ, ଏଆଇୟୁଟିୟୁସି, ଏଆଇସିସିଟିୟୁ, ଟିୟୁସିସି, ଏଲପିଏଫର ଶ୍ରମିକନେତାମାନେ ଶ୍ରମକୋଡକୁ କେନ୍ଦ୍ର ସରକାର ତୁରନ୍ତ ରଦ୍ଦ କରି ଶ୍ରମିକ ସଂଗଠନ ମାନଙ୍କ ସହିତ ଏକ ସ୍ୱତନ୍ତ୍ର ଆଲୋଚନା କରିବା ପାଇଁ ଦାବି କରିଥିଲେ। ଶେଷରେ ୩ ଦଫା ଦାବି ସମ୍ବଳିତ ଏକ ସ୍ମାରକ ପତ୍ର ସଂଯୋଜକ ମହେନ୍ଦ୍ର ପରିଡ଼ାଙ୍କ ନେତୃତ୍ୱରେ ଘନ ସବର, ହରିଶ ମହାନ୍ତି, ବି.ଏନ୍. ମହାପାତ୍ର, ସୁରେଶ ସ୍ୱାଇଁ, ଜୟସେନ ମେହେର, ଜ୍ୟୋତିରଞ୍ଜନ ମହାପାତ୍ର ପ୍ରମୁଖ ରାଜ୍ୟପାଳଙ୍କୁ ସ୍ମାରକ ପତ୍ର ପ୍ରଦାନ କରିଥିଲେ।

## ସଙ୍ଗୀତ ସନ୍ଧ୍ୟା 'ମେରା ଦେଶ ମହାନ'



ଭୁବନେଶ୍ୱର, ୫।୧୨(ସମିସ): ସୁଷମା ସଙ୍ଗୀତ ସଦନ ପକ୍ଷରୁ ଏକ ସଙ୍ଗୀତ ଭିତ୍ତିକ କାର୍ଯ୍ୟକ୍ରମ ଦେଶାତ୍ମବୋଧ ଗୀତ 'ମେରା ଦେଶ ମହାନ' ରବୀନ୍ଦ୍ର ମଣ୍ଡପରେ ଅନୁଷ୍ଠିତ ହୋଇଛି। ଏହି ଅବସରରେ କଣ୍ଠଶିଳ୍ପୀ ଆଦ୍ୟାଶା ଦାସ, ଦେବାଶିଷ ମହାପାତ୍ର, ବନ୍ଦୀସି ପାଳିତ, ମିତାଲି ଚିନାରା, ମହାପ୍ରସାଦ କର ପ୍ରମୁଖ ସଙ୍ଗୀତ ପରିବେଷଣ କରିଥିଲେ। ଯେଉଁଥିରେ ମେରା ଦିଲ ହେ ଭାରତ, ଦେଶ ମେରା, ଶୂନ ଗୌର ସେ, ବନ୍ଦେ ମହାତରମ, ଏଇ ଦେଶ ଏଇ ମାଟି, ଆମେ ହିନ୍ଦୁ ଆମେ ମୁସଲମାନ ଆଦି ପରିବେଷଣ ହୋଇଥିଲା। ସନ୍ଧ୍ୟାରେ ଅତିଥି ଭାବେ ପଦ୍ମଶ୍ରୀ ଶିଳ୍ପୀ ଗୁରୁ ସୁଦର୍ଶନ ସାହୁ, ଜଗନ୍ନାଥ ପ୍ରଧାନ, ସୁରେନ୍ଦ୍ର ଦାସ, ଭରତ ଭୂଷଣ ସେଠି ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ସଭାପତି ରୋଟାରିୟାନ ସଭାପତି ସଙ୍ଘମିତ୍ରା ରଥ, ମନୋଜ କୁମାର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ମଞ୍ଚ ପରିଚାଳନା କରିଥିଲେ ଲକ୍ଷ୍ମୀକାନ୍ତ ପାଳିତ।

## ଓଡ଼ିଆ ଭାଷା ପଦଯାତ୍ରାରେ ଆକର୍ଷଣ ସାଜିବ ଶବର ଶବରୁଣୀ ନାଟ

ଭୁବନେଶ୍ୱର, ୫।୧୨(ସମିସ): ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ପକ୍ଷରୁ ଏକାମ୍ର ୱାଲକ୍ସର ଓଡ଼ିଆ ଭାଷା ପଦଯାତ୍ରା ପ୍ରତ୍ୟେକ ରବିବାର ଦିନ ୧୧:୩୦ ରୁ ଆରମ୍ଭ କରି ୨:୩୦ ଘଟିକା ପର୍ଯ୍ୟନ୍ତ ଚାଲିବ। ଏହି ସପ୍ତାହାନ୍ତର ମୁଖ୍ୟ ଆକର୍ଷଣ ରହିବ ବୌଦ୍ଧର ଏକ ଲୋକଦଳ ଦ୍ୱାରା ପାରମ୍ପରିକ ଶବର ଶବରୁଣୀ ନାଟ ପରିବେଷିତ ହେବ। ଏଥିସହିତ ଏହି ପଦ ଯାତ୍ରାରେ ପ୍ରଖ୍ୟାତ କାହାଣୀକାର ପଣ୍ଡିତ ଗୋଦାବରୀ ମହାପାତ୍ର ଏକ ଗଳ୍ପଭିନୟ ମଧ୍ୟ ରହିବ।। ଏହି କାର୍ଯ୍ୟକ୍ରମରେ ଡ଼. ଦେବାଶିଷ ମହାପାତ୍ରଙ୍କ ଦ୍ୱାରା 'ଓଡ଼ିଆ ଲିପି ଓ ଭାଷାର କ୍ରମବିକାଶ' ବିଷୟରେ ଏକ ବିଶେଷ ବ୍ୟାଖ୍ୟାନ ମଧ୍ୟ ଅନୁଷ୍ଠିତ ହେବ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସହ ମିଳିତ ଆନୁକୂଲ୍ୟରେ ଆୟୋଜିତ ହେଉଥିବା ଏହି କାର୍ଯ୍ୟକ୍ରମ ଦ୍ୱାରା, ସାର୍ବଜନୀନ ପରମ୍ପରା ପ୍ରବନ୍ଧନରେ ଅଞ୍ଚଳୀୟ ଓ ଆଦିବାସୀ କଳାରୂପକୁ ସମ୍ମିଳିତ କରିବା ଦ୍ୱାରା ଓଡ଼ିଶାର ସଜୀବ ପରମ୍ପରାର ସୁରକ୍ଷା ରହିବା ସହିତ ସାଂସ୍କୃତିକ ସଚେତନତାର ବିସ୍ତାରକୁ ଉଦ୍ଧୃତ କରାଯାଇପାରିବ।

## ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ଦାୟିତ୍ୱ ନେଲେ ପ୍ରକାଶ ଜେନା



ଭୁବନେଶ୍ୱର, ୫।୧୨(ସମିସ): ନବ ନିଯୁକ୍ତ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ପ୍ରକାଶ ଜେନା ବିଧିବଦ୍ଧ ଭାବେ କଂଗ୍ରେସ ଭବନରେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଭବନ ସଭାଗୃହରେ ଆୟୋଜିତ ନବ ନିର୍ବାଚିତ ଭୁବନେଶ୍ୱର ଜିଲ୍ଲା ସଭାପତିଙ୍କୁ ସମ୍ବର୍ଦ୍ଧନା ତଥା ଜିଲ୍ଲା କଂଗ୍ରେସର ନୂତନ ଗୃହ ଉଦଘାଟନ ଉତ୍ସବରେ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ସମେତ କଂଗ୍ରେସ ଦଳର ବହୁ ବରିଷ୍ଠ ନେତୃବୃନ୍ଦ ଏବଂ ଭୁବନେଶ୍ୱର ଜିଲ୍ଲାର ବହୁ ଯୁବ କର୍ମକର୍ତ୍ତାଗଣ ଯୋଗ ଦେଇଥିଲେ।

ଏହି ସମ୍ବର୍ଦ୍ଧନା ସଭାରେ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ କର୍ମକର୍ତ୍ତାଙ୍କୁ ସମ୍ବୋଧିତ କରି ପିସିସି ସଭାପତି ଦାସ କହିଲେ, ଭୁବନେଶ୍ୱର ଜିଲ୍ଲା ସଭାପତି ଶ୍ରୀ ଜେନାଙ୍କ ନେତୃତ୍ୱରେ କଂଗ୍ରେସକୁ ସୁଦୃଢ଼ କରିବା ପାଇଁ କାମ କରନ୍ତୁ। ଏହି ଉତ୍ସବରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା, ପୂର୍ବତନ ଲୋକସଭା ସଦସ୍ୟ ଅନନ୍ତ ଚରଣ ସେଠୀ, ପୂର୍ବତନ ମନ୍ତ୍ରୀ ସୁରେଶ ରାଉତରାୟ, ପୂର୍ବତନ ମନ୍ତ୍ରୀ ଶରତ ରାଉତ, ବରିଷ୍ଠ ଆଇନଜୀବୀ ଶିବାନନ୍ଦ ରାୟ ପ୍ରମୁଖ ଉପସ୍ଥିତ ଥିଲେ। ସଭା ପ୍ରାରମ୍ଭରେ ନବ ନିଯୁକ୍ତ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ପ୍ରକାଶ ଜେନା, ସୁରେଶ କୁମାର ରାଉତରାୟ, ସେବାଦଳ ଅଧ୍ୟକ୍ଷ ଶୁଭେନ୍ଦୁ ମହାନ୍ତି ପ୍ରମୁଖ ଇନ୍ଦିରା ଗାନ୍ଧୀ ପାର୍କରେ ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ପରେ ଏକ ଶୋଭାଯାତ୍ରାରେ କଂଗ୍ରେସ ଭବନ ଆସି ସେଠାରେ ଥିବା ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳୀ ଜଣାଇଥିଲେ।

## ଚାଲିଛି ନାଟକ ଋତୁ | ନଭେମ୍ବରରେ ୨୦ ମଞ୍ଚ ନାଟକ

ଭୁବନେଶ୍ୱର, ୫।୧୨(ସମିସ): ଓଡ଼ିଆ ନାଟକ ଏବଂ ଥିଏଟର ଶୋ ପ୍ରତି ପୂର୍ବରୁ ଲୋକଙ୍କ ଦେଖିବାରେ ଏବଂ ପରିବେଷଣ କରିବାରେ ରୁଚି ରହି ଆସିଛି। ସେହି ପରିପେକ୍ଷୀରେ ଆରମ୍ଭ ହୋଇଯାଇଛି ନାଟକ ଋତୁ। ମିଳିଥିବା ସୂଚନା ଅନୁଯାୟୀ ନଭେମ୍ବର ମାସରେ ରାଜଧାନୀର ବିଭିନ୍ନ ମଞ୍ଚରେ ୨୦ରୁ ଅଧିକ ନାଟକ ମଞ୍ଚସ୍ଥ

### ମଞ୍ଚ ବୁକିଂରେ ବ୍ୟସ୍ତ ଅନୁଷ୍ଠାନ

ହୋଇଥିବା ବେଳେ ଡିସେମ୍ବର ଏବଂ ଜାନୁୟାରୀରେ ଏହି ସଂଖ୍ୟା ବୃଦ୍ଧି ପାଇବ ବୋଲି ଆକଳନ କରାଯାଇଛି। ପର୍ଯ୍ୟଟନ ଋତୁକୁ ଦୃଷ୍ଟିରେ ରଖି ମଞ୍ଚ ବୁକିଂ ପାଇଁ ବିଭିନ୍ନ ଅନୁଷ୍ଠାନ ଆଗେଇ ଆସିଲେଣି।

କଥାଟି ହେଲା ପର୍ଯ୍ୟଟନ ସମୟରେ ଥିଏଟର ଶୋ ଏବଂ ନାଟକ ପରିବେଷଣ ପାଇଁ ଅଧିକ ବୁକିଂ ରହିଥାଏ। ବିଶେଷକରି ନଭେମ୍ବରର ପ୍ରଥମ ସପ୍ତାହରୁ ଆରମ୍ଭକରି ଫେବୃଆରୀ ଶେଷ ଯାଏଁ ସବୁଠୁ ଅଧିକ ନାଟକ ପରିବେଷଣ ହୋଇଥାଏ। ତେଣୁ ଏହି ସମୟକୁ ନାଟକ ଋତୁ ବୋଲି କୁହାଯାଏ। କାରଣ ବୁକିଂ ସାଙ୍ଗକୁ କଳାକାରମାନଙ୍କୁ ମଧ୍ୟ ଅଧିକ ଖୋଜା ପଡ଼ିଥାଏ। ସଙ୍ଗୀତ ନାଟକ ଏକାଡେମୀ ଏବଂ ବିଭିନ୍ନ ଅନୁଷ୍ଠାନ ତଥା ନାଟ୍ୟଧାରା, ମନନ, ଶତାବ୍ଦୀର କଳାକାର, ଉତ୍ତର ପୁରୁଷ, ରଙ୍ଗମ, ବିଜୁ ନାଟ୍ୟ ସଂସ୍ଥା, ପଞ୍ଚଧ୍ୱନି ଏବଂ ସମ୍ରାଟ ସିଏ କଳାର ପୂଜାରୀ ଆଦି ଅନୁଷ୍ଠାନ ପକ୍ଷରୁ ଏହି ସମୟରେ ଅଧିକ ନାଟକ ପରିବେଷଣ ହୋଇଥାଏ। ସେଥିପାଇଁ ରବୀନ୍ଦ୍ର ମଣ୍ଡପ ଏବଂ ଭଞ୍ଜକଳା ମଣ୍ଡପରେ ଆଗୁଆ ବୁକିଂ ଆରମ୍ଭ ହୋଇଗଲାଣି। ଯେଉଁ ନାଟ୍ୟ ପ୍ରେମୀମାନେ ରାଜଧାନୀରେ ରହୁଛନ୍ତି, ତାଙ୍କ ମନୋରଞ୍ଜନ ପାଇଁ ଏହା ପ୍ରମୁଖ ସ୍ଥାନ ପାଲଟିଥାଏ। ଏହି ସମୟରେ ଦର୍ଶକଙ୍କ



ସଂଖ୍ୟା ମଧ୍ୟ ବଢ଼ିବାର ପରିଲକ୍ଷିତ ହେଉଛି। କେବଳ ନାଟ୍ୟ ଅନୁଷ୍ଠାନ ନୁହଁ ବରଂ ସଙ୍ଗୀତ ମହାବିଦ୍ୟାଳୟର ବିଭାଗ ଛାତ୍ରଛାତ୍ରୀଙ୍କ ଦ୍ୱାରା ମଧ୍ୟ ସମୟ ସମୟରେ ନାଟକ ପରିବେଷଣ ହେଉଛି। ଏକ ଅନୁଶୀଳନୀ ଦେଖିଲେ ଜଣା ଯାଏ ଗତ ନଭେମ୍ବର ମାସ ମଧ୍ୟରେ ପାଖାପାଖି ୨୦ରୁ ଅଧିକ ନାଟକ ରବୀନ୍ଦ୍ର ମଣ୍ଡପ ଏବଂ ଭଞ୍ଜକଳା ମଣ୍ଡପରେ ପରିବେଷଣ ହୋଇଛି। ଏଥିପାଇଁ ଭାଷା, ସାହିତ୍ୟ ଏବଂ ସଂସ୍କୃତି ବିଭାଗ ଅନୁଷ୍ଠାନଗୁଡିକର ସହଯୋଗ କରୁଛି। ଶେଷ ଶ୍ରାବଣ, ମାନବୀ, ବ୍ରେନ ଗେନ ଡଟ କମ, ବାସନ୍ତୀ, ଅପୂର୍ବ ଅପୂ, ନୋସ୍କପାୟରି, ସୁନା କନିଆଁ ଆଦି ନାଟକ ମଞ୍ଚସ୍ଥ ହୋଇଛି। ବିଶେଷକରି ଉପନ୍ୟାସରୁ ଅନୁବାଦ ହେଉଥିବା ନାଟକ ବେଶୀ ପସନ୍ଦ ହେଉଛି ବୋଲି ଦର୍ଶକଙ୍କ ମୁହଁରୁ ଶୁଣିବାକୁ ମିଳୁଛି।

ବର୍ଷରେ ଅନେକ ସମୟରେ ନାଟକ ପରିବେଷଣ ହେଉଥିଲେ ହେଁ ପର୍ଯ୍ୟଟନ ଋତୁରେ ନାଟକ ଦେଖିବାକୁ ଅଧିକ ଦର୍ଶକ ଆସିଥାନ୍ତି। ତାକୁ ନଜରରେ ରଖି ଅନୁଷ୍ଠାନଗୁଡିକ ମଧ୍ୟ ପୂର୍ବ ପ୍ରସ୍ତୁତିରେ ମଣ୍ଡପ ବୁକିଂ କରିସାରିଛନ୍ତି। ସେଥିପାଇଁ ଡ୍ରାମା ବିଭାଗର ଛାତ୍ରଛାତ୍ରୀଙ୍କ ମଧ୍ୟରେ ରୁଚି ବଢୁଥିବାବେଳେ ବର୍ଷକୁ ପାଖପାଖି ୨୫୦ ପାଖାପାଖି ପିଲା ନାମ ସେହି ବିଭାଗରେ ନାମ ଲେଖାଉଛନ୍ତି। ଖାଲି ସେତିକି ନୁହଁ ବରଂ ପାଠ୍ୟକ୍ରମ ସାରି ବିଭିନ୍ନ ଅନୁଷ୍ଠାନ ସହ ସାମିଲ ହୋଇ ରାଜଧାନୀ ତଥା ବିଭିନ୍ନ ଜିଲ୍ଲାରେ ମଧ୍ୟ ପରିବେଷଣ କରିବାକୁ ଯାଉଛନ୍ତି।

**ମୁଦ୍ରା ବିନିମୟ ମୂଲ୍ୟ**

ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୮.୭୫ • ପାଉଣ୍ଡ ୧୧୬.୯୬
- ୟୁରୋ ୧୦୨.୭୭ • ୟେନ୍ ୦.୫୭

**ସୁନା, ରୁପା ଦର (ଟଙ୍କାରେ)**

୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୧୯,୮୦୦ (ନୂଆଦିଲ୍ଲୀ)
- ରୁପା : ୧,୯୪,୦୦୦ (କେଜି)

**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୫,୭୧୨.୦୦
- ନିଫ୍ଟି ୨୬,୧୮୬.୦୦

**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦

# ପାନ-ମସଲା, ସିଗାରେଟ୍ ଉପରେ ନୂଆ ଟିକସ




**ଲୋକସଭାରେ ବିଲ୍ ଗୃହୀତ**

**ରାଜ୍ୟଙ୍କୁ ମିଳିବ ସ୍ୱାସ୍ଥ୍ୟ ଓ ନ୍ୟାସନାଲ ସିକ୍ୟୁରିଟି ସେସ୍‌ର ଅଂଶ**

**ସେସ୍‌ରୁ ପ୍ରାପ୍ତ ରାଜସ୍ୱ ସ୍ୱାସ୍ଥ୍ୟ ସମ୍ବନ୍ଧୀତ ଯୋଜନାରେ ହେବ ଖର୍ଚ୍ଚ**

ନୂଆଦିଲ୍ଲୀ,୫।୧୨(ଏଜେନ୍ସି): ସଂସଦର ଶୀତକାଳୀନ ଅଧିବେଶନରେ ଆଜି ଲୋକସଭାରେ 'ହେଲ୍‌ଥ ସିକ୍ୟୁରିଟି ସେ ନ୍ୟାସନାଲ୍ ସିକ୍ୟୁରିଟ୍ ସେସ୍' ବିଲ୍ ଗୃହୀତ ହୋଇଛି। ଏହି ବିଲ୍ ଆଇନରେ ପରିଣତ ହେବା ପରେ ସିଗାରେଟ୍-ପାନ ମସଲା ପରି ଉତ୍ପାଦ ଉପରେ ସରକାର ସେସ୍ ବା ଉପକର ଲଗାଇବେ। ସରକାରଙ୍କ ମତରେ ଏହି ବର୍ଦ୍ଧିତ ଟିକସକୁ ଆଗାମୀ ବଜେଟକୁ ରାଷ୍ଟ୍ରୀୟ ସୁରକ୍ଷା ପାଇଁ ବ୍ୟବହାର କରାଯିବ। ଶୁକ୍ରବାର ଅର୍ଥ ମନ୍ତ୍ରୀ ନିର୍ମଳା ସୀତାରମଣ ଲୋକସଭାରେ ଏହି ସୂଚନା ଦେଇଛନ୍ତି।

ଅର୍ଥମନ୍ତ୍ରୀ ଲୋକସଭାରେ ଆଲୋଚନା ପାଇଁ ସ୍ୱାସ୍ଥ୍ୟ ସୁରକ୍ଷା-ଜାତୀୟ ସୁରକ୍ଷା ସେସ୍ ବିଲ୍ ୨୦୨୫ ଆଗତ କରିବା ସମୟରେ କହିଥିଲେ ଯେ ସେସ୍ ବା ଉପକରରୁ ସୃଷ୍ଟି ହୋଇଥିବା ରାଜସ୍ୱ ରାଜ୍ୟମାନଙ୍କ ସହିତ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଯୋଜନା ଉପରେ ଖର୍ଚ୍ଚ କରିବା ପାଇଁ ବାଣ୍ଟି ଦିଆଯିବ। ଏହି ସେସ୍ କେବଳ ପାନ ମସଲା ଭଳି ବିପଦପୂର୍ଣ୍ଣ ସାମଗ୍ରୀ ପାଇଁ ପ୍ରଯୁଜ୍ୟ ହେବ, ଅତ୍ୟାବଶ୍ୟକ ସାମଗ୍ରୀ ପାଇଁ ନୁହେଁ। ମନ୍ତ୍ରୀ ସ୍ପଷ୍ଟ କରିଥିଲେ ଯେ ପ୍ରସ୍ତାବିତ ସେସ୍ ହେଉଛି ବିପଦପୂର୍ଣ୍ଣ ସାମଗ୍ରୀ ଉପରେ ଏକ ସେସ୍, ଅତ୍ୟାବଶ୍ୟକ ସାମଗ୍ରୀ ଉପରେ ନୁହେଁ। ସେ କହିଥିଲେ ଯେ ଏହାର ପ୍ରାଥମିକ ଉଦ୍ଦେଶ୍ୟ ହେଉଛି ପାନ ମସଲା ଭଳି ଉତ୍ପାଦର ବ୍ୟବହାର ଦ୍ୱାରା ସୃଷ୍ଟି ହେଉଥିବା ସ୍ୱାସ୍ଥ୍ୟ ବିପଦକୁ ହ୍ରାସ କରିବା, ଯାହାର କ୍ଷତିକାରକ ପ୍ରଭାବ ସ୍ପଷ୍ଟ ଭାବରେ ସ୍ପଷ୍ଟ। ସେ କହିଥିଲେ, ଏହି ସେସ୍ ଲଗାଇବା ଦ୍ୱାରା ପାନ ମସଲାର ମୂଲ୍ୟ ବୃଦ୍ଧି ପାଇବ। ଆମେ ବିଶ୍ୱାସ କରୁଛୁ ଏହା ବ୍ୟବହାର ହ୍ରାସ କରିବ। ଏହାର ଉଦ୍ଦେଶ୍ୟ ହେଉଛି ଏକ ପ୍ରତିରୋଧକ ଭାବରେ କାର୍ଯ୍ୟ କରିବା। ଏହାର ଦ୍ୱିତୀୟ ଉଦ୍ଦେଶ୍ୟ ଜାତୀୟ ସୁରକ୍ଷା ସହିତ ଜଡିତ, ଯାହା ପାଇଁ ନିରନ୍ତର ନିବେଶ ଆବଶ୍ୟକ। ଏହା ସାଧାରଣ ନାଗରିକଙ୍କ ଦ୍ୱାରା ବ୍ୟବହୃତ ଅତ୍ୟାବଶ୍ୟକ ସାମଗ୍ରୀ ଉପରେ ବୋଝ ନ ପକାଇ ଗୁରୁତ୍ୱପୂର୍ଣ୍ଣ ଜାତୀୟ ପ୍ରାଥମିକତା ପାଇଁ ପାଣ୍ଠି ସଂଗ୍ରହ କରିବା ପାଇଁ ଡିଜାଇନ୍ କରାଯାଇଛି। ସେସ୍‌ରୁ ସୃଷ୍ଟି ହେଉଥିବା ରାଜସ୍ୱ ସାଧାରଣତଃ କେନ୍ଦ୍ର ସରକାର ରଖନ୍ତି, କିନ୍ତୁ ଏହି ରାଜସ୍ୱ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଯୋଜନା ପାଇଁ ରାଜ୍ୟମାନଙ୍କ ସହିତ ବାଣ୍ଟି ଦିଆଯିବ। ଏହା ରାଜ୍ୟଗୁଡ଼ିକୁ ସଚେତନତା ଅଭିଯାନ ଏବଂ ସମାନ କାର୍ଯ୍ୟକ୍ରମ ଚଲାଇବାରେ ସକ୍ଷମ କରିବ।

ଏହି ବିଲ୍ ଗୃହୀତ ହେବା ପରେ ପାନ ଗୁଟଖା ପରି ସାମଗ୍ରୀ ଅଧିକ ମହଙ୍ଗା ହେବ। ଏହି ବିଲ୍ ଉପରେ ଆଲୋଚନା ବେଳେ ସଂସଦରେ ଲମ୍ବା ବିତର୍କ ହୋଇଥିଲା। ତେବେ ଦୁଇ ଦିନର ବିତର୍କ ପରେ ବିଲ୍ ଲୋକସଭାରେ ଅନୁମୋଦନ ଲାଭ ହୋଇଛି। ସେ କହିଛନ୍ତି ଯେ ଏହି ବିଲ୍ ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ମଜଭୁତ କରିବାର ରାସ୍ତା ଖୋଲିବ।

# ଭାରତୀୟ ବଜାରରେ ରୁଷିଆ ନିବେଶକଙ୍କୁ ମିଳିବ ସୁଯୋଗ

**ସବରବ୍ୟାଙ୍କ-ଏନ୍‌ଏସ୍‌ଇ ଅଭିଯାନ**

ଭୁବନେଶ୍ୱର, ୫।୧୨ (ସମିସ): ରୁଷିଆର ସବୁଠାରୁ ବଡ଼ ବ୍ୟାଙ୍କ ସବରବ୍ୟାଙ୍କ ଓ ଜେଏସସି ଫାର୍ଷ୍ଟ ଆସେଟ ମ୍ୟାନେଜମେଣ୍ଟ ମିଳିତ ଭାବେ ଏକ ନୂଆ ମ୍ୟୁଚୁଆଲ ଫଣ୍ଡ ଆରମ୍ଭ କରିଛନ୍ତି ଯାହାର ନାମ ହେଉଛି 'ଫାଷ୍ଟ-ଇଣ୍ଡିଆ'। ଏହି ଫଣ୍ଡ ରୁଷିଆର ସାଧାରଣ ନିବେଶକମାନଙ୍କୁ ଭାରତର ଷ୍ଟକ ବଜାରରେ ନିବେଶ କରିବାର ସୁଯୋଗ ଦେଉଛି। ଏହା ଏନଏସଇର ମୁଖ୍ୟ ସୂଚକାଙ୍କ ନିଫ୍ଟି୫୦ର କାର୍ଯ୍ୟଦକ୍ଷତାକୁ ଅନୁସରଣ କରୁଛି। ନିଫ୍ଟି୫୦ ହେଉଛି ଦେଶର ବଜାର ମୂଲ୍ୟ ଅନୁସାରେ ଶ୍ରେଷ୍ଠ ୫୦ଟି କମ୍ପାନିର ସୂଚକାଙ୍କ। ଏହି ଉଦ୍ୟୋଗର ଘୋଷଣା ସବରବ୍ୟାଙ୍କ ସିଇଓ ତଥା କାର୍ଯ୍ୟନିର୍ବାହୀ ବୋର୍ଡର ଅଧ୍ୟକ୍ଷ ହର୍ମାନ ଗ୍ରେଫଙ୍କ ଭାରତ ଗସ୍ତ ସମୟରେ ନ୍ୟାସନାଲ ଷ୍ଟକ ଏକ୍ସଚେଞ୍ଜ ଅଫ ଇଣ୍ଡିଆ (ଏନଏସଇ)ରେ କରାଯାଇଥିଲା। ଏହି ଅଭିଯାନ ପୁଞ୍ଜି ପ୍ରବାହକୁ ମଜବୁତ କରିବ ଏବଂ ଭାରତର ଇକ୍ୱିଟି ବୃଦ୍ଧିକୁ ରୁଷିଆର ନିବେଶକମାନଙ୍କ ପାଇଁ ଖୋଲିବ। ଏହି ଉଦ୍ୟୋଗ ଭାରତୀୟ ବଜାର ପ୍ରତି ଦୃଢ଼ ବିଶ୍ୱାସକୁ ପ୍ରତିଫଳିତ କରୁଛି ଏବଂ ଭାରତ-ରୁଷିଆ ଆର୍ଥିକ ସହଯୋଗକୁ ଆହୁରି ଗଭୀର କରୁଛି। ଏନଏସଇ ସବରବ୍ୟାଙ୍କ ସହ ମିଶି ବଜାର ସଂଯୋଗକୁ ବଢ଼ାଇବା, ନିୟାମକ ଓ ନିବେଶକ ସୁରକ୍ଷା ମାନକକୁ ବଜାୟ ରଖିବା ଏବଂ ଦୁଇ ଦେଶର ନିବେଶକମାନଙ୍କ ପାଇଁ ନୂଆ ସୁଯୋଗ ସୃଷ୍ଟି କରିବାକୁ ପ୍ରତିଶ୍ରୁତିବଦ୍ଧ।

**ଇଡିର ପୁଣି ବଡ଼ କାର୍ଯ୍ୟାନୁଷ୍ଠାନ**

# ଅନୀଲ ଅମ୍ବାନୀଙ୍କ ଗ୍ରୁପ୍‌ର ୧୧୨୦ କୋଟିର ସମ୍ପତ୍ତି ଜବତ




ନୂଆଦିଲ୍ଲୀ,୫।୧୨(ଏଜେନ୍ସି): ପୁଣି ବଢ଼ିଲା ଅନୀଲ ଅମ୍ବାନୀଙ୍କ ଅଡୁଆ। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଶୁକ୍ରବାର ପୁଣି ଅନୀଲ ଅମ୍ବାନୀଙ୍କ ୧,୧୨୦ କୋଟି ଟଙ୍କା ମୂଲ୍ୟର ୧୮ରୁ ଅଧିକ ସମ୍ପତ୍ତି ଜବତ କରିଛି। ଏହି ସମ୍ପତ୍ତି ଜବତ ୟେସ୍ ବ୍ୟାଙ୍କ ସହ ଜଡ଼ିତ ଠକେଇ ମାମଲା ସହ ସମ୍ପୃକ୍ତ। ଇଡି ଅସ୍ଥାୟୀ ଭାବରେ ସିଜ୍ କରିଥିବା ସମ୍ପତ୍ତି ମଧ୍ୟରେ ରହିଛି, ରିଲାଏନ୍ସ ହୋମ୍ ଫାଇନାନ୍ସ ଲିମିଟେଡ୍, ରିଲାଏନ୍ସ କମର୍ସିଆଲ୍ ଫାଇନାନ୍ସ ଲିମିଟେଡ୍‌ର ୧୮ରୁ ଅଧିକ ସମ୍ପତ୍ତି, ଫିକ୍ସ ଡିପୋଜିଟ୍, ବ୍ୟାଙ୍କ୍ ବାଲାନ୍ସ, ସେୟାରହୋଲ୍ଡିଂ ଏବଂ ରିଲାଏନ୍ସ ଅନିଲ ଅମ୍ବାନୀ ଗ୍ରୁପ୍ର କିଛି ନିବେଶ।

ରିପୋର୍ଟ ଅନୁସାରେ, ରିଲାଏନ୍ସ ଇନଫ୍ରାଷ୍ଟ୍ରକ୍ଚର ଲିମିଟେଡର ୭ ସମ୍ପତ୍ତି, ରିଲାଏନ୍ସ ପାୱାର ଲିମିଟେଡର ୨ଟି ସମ୍ପତ୍ତି, ରିଲାଏନ୍ସ ଭାଲ୍ୟୁ ସର୍ଭିସେସ୍ ପ୍ରାଇଭେଟ୍ ଲିମିଟେଡର ୯ଟି ସମ୍ପତ୍ତି, ରିଲାଏନ୍ସ ଭାଲ୍ୟୁ ସର୍ଭିସେସ୍ ପ୍ରାଇଭେଟ୍ ଲିମିଟେଡ୍, ରିଲାଏନ୍ସ ଭେଞ୍ଚର ଆସେଟ୍ ମ୍ୟାନେଜମେଣ୍ଟ ପ୍ରାଇଭେଟ୍ ଲିମିଟେଡ୍, ମେସର୍ସ ଫି ମ୍ୟାନେଜମେଣ୍ଟ ସଲ୍ୟୁସନ୍ସ ପ୍ରାଇଭେଟ୍ ଲିମିଟେଡ୍, ମେସର୍ସ ଆଧାର ପ୍ରପର୍ଟି କନସଲ୍ଟାନ୍ସି ପ୍ରାଇଭେଟ୍ ଲିମିଟେଡ୍, ମେସର୍ସ ଗାମେସା ଇନଭେଷ୍ଟମେଣ୍ଟ ମ୍ୟାନେଜମେଣ୍ଟ ପ୍ରାଇଭେଟ୍ ଲିମିଟେଡ୍ ନାମରେ ଫିକ୍ସଡ ଡିପୋଜିଟ ରହିଛି। ଏହା ସହ ଅନେକ ବେନାମୀ ନିବେଶକୁ ଜବତ କରାଯାଇଛି।

ସୂଚନାଥାଉକି, ପୂର୍ବରୁ ଇଡି ଅନୀଲଙ୍କ ୫୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ସମ୍ପତ୍ତି ଜବତ କରିଥିଲା। ଯେଉଁଥିରେ ରିଲାଏନ୍ସ କମ୍ୟୁନିକେସନ୍ସ ଲିମିଟେଡ୍ (ଆର୍‌କମ୍), ରିଲାଏନ୍ସ କମର୍ସିଆଲ୍ ଫାଇନାନ୍ସ ଲିମିଟେଡ୍ ଏବଂ ରିଲାଏନ୍ସ ହୋମ୍ ଫାଇନାନ୍ସ ଲିମିଟେଡ୍ ସହିତ ଜଡ଼ିତ ବ୍ୟାଙ୍କ ଠକେଇ ମାମଲାରେ ୮,୯୯୭ କୋଟି ଟଙ୍କା ରହିଛି। ଏମିତିରେ ମୋଟ ଗ୍ରୁପ୍ର ସମୁଦାୟ ସିଜ୍ ସମ୍ପତ୍ତି ମୂଲ୍ୟ ୧୦,୧୧୭ କୋଟି ଟଙ୍କାରେ ପହଞ୍ଚିଛି। ଇଡି, ରିଲାଏନ୍ସ କମ୍ୟୁନିକେସନ୍ସ ଲିମିଟେଡ୍, ରିଲାଏନ୍ସ ହୋମ୍ ଫାଇନାନ୍ସ ଲିମିଟେଡ୍ (ଆର୍‌ଏଚ୍‌ଏଫ୍‌ଏଲ୍), ରିଲାଏନ୍ସ କମର୍ସିଆଲ୍ ଫାଇନାନ୍ସ ଲିମିଟେଡ୍ (ଆର୍‌ସିଏଫ୍‌ଏଲ୍), ରିଲାଏନ୍ସ ଇନଫ୍ରାଷ୍ଟ୍ରକ୍ଚର ଲିମିଟେଡ୍ (ଆର୍‌ଆଇଏଲ୍) ଏବଂ ରିଲାଏନ୍ସ ପାୱାର ଲିମିଟେଡ୍ (ଆର୍‌ଏଚ୍‌ଏଫ୍‌ଏଲ୍) ସମେତ ଅନେକ ରିଲାଏନ୍ସ ଅନିଲ ଅମ୍ବାନୀ ଗ୍ରୁପ୍ କମ୍ପାନୀ ଦ୍ୱାରା, ମିଳିଥିବା ଫଣ୍ଡ ହେରଫେର କରିଥିବା ଜାଣିବାକୁ ପାଇଛି।

**ଇଣ୍ଡିଗୋ ସଙ୍କଟ: ସୁନା ମୂଲ୍ୟ ପରି ବଢୁଛି ବିମାନ ଭଡ଼ା**

# ଦିଲ୍ଲୀ-ବେଙ୍ଗାଲୁରୁ ୭୦ ହଜାର, ଲଣ୍ଡନ ୨୫ ହଜାର

ନୂଆଦିଲ୍ଲୀ,୫।୧୨(ଏଜେନ୍ସି): ଦିଲ୍ଲୀରୁ ବେଙ୍ଗାଲୁରୁକୁ ବିମାନ ଭଡ଼ା ଏତେ ମହଙ୍ଗା ହୋଇଯାଇଛି ଯେ ଲୋକମାନେ ମତ ଦେଉଛନ୍ତି ଯେ ସେମାନେ ଥାଇଲ୍ୟାଣ୍ଡ, ଭିଏତ୍‌ନାମ, ଲଣ୍ଡନ କିମ୍ବା ସିଙ୍ଗାପୁର ଯିବା ଭଲ ହେବ। ଏହା ସବୁ ଇଣ୍ଡିଗୋ ଏୟାରଲାଇନ୍ସର ଏକ ବଡ଼ ତ୍ରୁଟି ଯୋଗୁଁ ହୋଇଛି, ଯାହା ଫଳରେ ଶହ ଶହ ବିମାନ ବାତିଲ ହୋଇଛି। ବିମାନବନ୍ଦରରେ ଯାତ୍ରୀମାନଙ୍କୁ ବହୁତ ଅସୁବିଧା ଭୋଗିବାକୁ ପଡୁଛି। ଶୁକ୍ରବାର, ଇଣ୍ଡିଗୋ ମଧ୍ୟରାତ୍ରି ପର୍ଯ୍ୟନ୍ତ ଦିଲ୍ଲୀରୁ ସମସ୍ତ ବିମାନ ବାତିଲ କରିଛି। ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ (ଡିଜିସିଏ) ଅନୁଯାୟୀ, ଇଣ୍ଡିଗୋ ନୂତନ କ୍ରୁ ଡ୍ୟୁଟି ନିୟମ ଅନୁଯାୟୀ ଏହାର ବର୍ତ୍ତମାନର ସମୟସୂଚୀ ପରିଚାଳନା ପାଇଁ ଆବଶ୍ୟକ ପାଇଲଟଙ୍କ ସଂଖ୍ୟା ଭୁଲ ହିସାବ କରିଥିବା ସ୍ୱୀକାର କରିଛି। ଇଣ୍ଡିଗୋ ସଙ୍କଟ ମଧ୍ୟରେ ଇତିମଧ୍ୟରେ ବିଭିନ୍ନ ରୁଟ୍‌କୁ ଟିକଟ ଦର ସୁନା ମୂଲ୍ୟ ପରି ବଢ଼ିବାରେ ଲାଗିଛି। ଏମିତିକ ଏହାର ପ୍ରଭାବରେ ଶୁକ୍ରବାର ଦିଲ୍ଲୀରୁ ଲଣ୍ଡନ୍, ବେଙ୍ଗାଲୁରୁ, ପୁଣେ, ଲକ୍ଷ୍ନୌ ଏବଂ ଗୋଆ ଭଳି ସହରକୁ ବିମାନ ଭଡ଼ା ଆକାଶଛୁଆଁ ହୋଇଛି। ଏହି ସ୍ଥାନଗୁଡ଼ିକର ଭଡ଼ା ସାଧାରଣତଃ ୧୦ ହଜାରରୁ ୧୫ ହଜାର ଟଙ୍କା ମଧ୍ୟରେ ହୋଇଥାଏ। ଚାହିଦା ଏବଂ ପର୍ବପର୍ବାଣୀ ଉପରେ ନିର୍ଭର କରି ଭଡ଼ାରେ ସାମାନ୍ୟ ପରିବର୍ତ୍ତନ ହୋଇପାରେ।

ତଥାପି, ସେହି ଦିନ ଭଡ଼ା ହାରାହାରି ୨୬ ହଜାରରୁ ୩୦ ହଜାର ଟଙ୍କା ପର୍ଯ୍ୟନ୍ତ ପହଞ୍ଚିଥିଲା। ଦିଲ୍ଲୀରୁ ବେଙ୍ଗାଲୁରୁକୁ ଏକପାଖିଆ ଟିକଟ୍ ୭୦ ହଜାର ଟଙ୍କା ପର୍ଯ୍ୟନ୍ତ ବିକ୍ରି ହୋଇଥିଲା। ଏକ ଟ୍ରାଭେଲ୍ ପୋର୍ଟାଲ୍ ଡିସେମ୍ବର ୫ ପାଇଁ ଏୟାର ଇଣ୍ଡିଆର ଦ୍ରୁତତମ ଦିଲ୍ଲୀ-ବେଙ୍ଗାଲୁରୁ ସଂଯୋଗକୁ ପ୍ରାୟ ୭୦ ହଜାର ଟଙ୍କା ତାଲିକାଭୁକ୍ତ କରିଥିଲା, ଯାହା ପରେ ୩୨ ହଜାର ଟଙ୍କାକୁ ହ୍ରାସ ପାଇଥିଲା। ତଥାପି, ଏହା ସାଧାରଣ ଭଡ଼ା ୧୦ରୁ ୧୫ ହଜାର ଟଙ୍କା ଭଡ଼ା ପରିସରଠାରୁ ବହୁତ ଅଧିକ ଥିଲା।

ଏହି ପରିସ୍ଥିତି କେବଳ ଦିଲ୍ଲୀ-ବେଙ୍ଗାଲୁରୁ ପର୍ଯ୍ୟନ୍ତ ସୀମିତ ନ ଥିଲା। ଘରୋଇ ରୁଟ୍‌ରେ ବିମାନ ଯାତ୍ରା ପାଇଁ ମଧ୍ୟ ସମାନ ପରିସ୍ଥିତି ଥିଲା। ଦିଲ୍ଲୀରୁ ଗୋଆକୁ ଏୟାର ଇଣ୍ଡିଆର ଦ୍ରୁତତମ ବିକଳ୍ପ ୫୬ ହଜାର ଟଙ୍କାରୁ ଅଧିକ ଥିଲା। ଦିଲ୍ଲୀ-ପୁଣେ ଭଡ଼ା ୩୦ ରୁ ୪୦ ହଜାର ଟଙ୍କା ପର୍ଯ୍ୟନ୍ତ ଥିଲା। ଏୟାର ଇଣ୍ଡିଆ ଏକ୍ସପ୍ରେସରେ ଦିଲ୍ଲୀ-ଲକ୍ଷ୍ନୌ ଟିକଟ୍ ମୂଲ୍ୟ ୨୦ ହଜାର ଟଙ୍କା ଅତିକ୍ରମ କରିଥିଲା। ଏହି ସମୟରେ, ଇଣ୍ଡିଗୋ ସିଟ୍ ୯୦୦୦ ରୁ ୧୭,୦୦୦ ଟଙ୍କାରେ ବିକ୍ରି ହେଉଥିଲା। ଏହାର ସମ୍ପୂର୍ଣ୍ଣ ବିପରୀତରେ, ଅନ୍ତର୍ଜାତୀୟ ବିମାନଗୁଡ଼ିକ ବହୁତ ସୁଲଭ ମନେ ହେଉଥିଲା। ଏୟାର ଇଣ୍ଡିଆରେ ଦିଲ୍ଲୀରୁ ଲଣ୍ଡନକୁ ଭଡ଼ା ୨୫ ହଜାର ଟଙ୍କାରୁ ମାତ୍ର ଆରମ୍ଭ ହୋଇଥିଲା, ଯେତେବେଳେ ଲୁଫ୍‌ଥାନସା ଏବଂ ସ୍ୱିସ୍ ଏୟାରଲାଇନ୍ସର ଟିକେଟ ୭୦ ହଜାରରୁ କମ୍ ଥିଲା।

**ଏସ୍ପିରିଟ୍ ଟୟୋଟାର ନିଆରା ପ୍ରୟାସ**

# ହିଲକ୍ସ ପ୍ରିମିୟମର ଏକ୍ସପେରିଏନ୍ସିଆଲ୍ ଡ୍ରାଇଭ୍ ଆଜି

ଭୁବନେଶ୍ୱର/କଟକ, ୫।୧୨(ସମିସ): ଏସ୍ପିରିଟ୍ ଟୟୋଟା ପକ୍ଷରୁ ଦୁଇ ଦିନ ଧରି ଏକ୍ସପେରିଏନ୍ସିଆଲ୍ ଡ୍ରାଇଭ୍ ଅନୁଷ୍ଠିତ ହେବାକୁ ଯାଉଛି। ଆଜି ଏବଂ ଆସନ୍ତାକାଲି ନନ୍ଦନକାନନ ନିକଟବର୍ତ୍ତୀ ଦାରୁଠେଙ୍ଗାର ଜୁଝାଗଡାରେ ଏକ ସ୍ୱତନ୍ତ୍ର ହାଇଲକ୍ସ ପ୍ରିମିୟମ୍ ଅଫ୍-ରୋଡର ଏକ୍ସପେରିଏନ୍ସିଆଲ୍ ଡ୍ରାଇଭ୍ ଆୟୋଜନ ହୋଇଛି। ଏହ ପୂର୍ବାହ୍ନ ୧୦ ଟା ରୁ ସନ୍ଧ୍ୟା ୫ ଘଟିକା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ପାଣି , କାଦୁଅ ,ପାହାଡ ଓ ଦନ୍ତୁରିତ ଭଳି ପ୍ରତିକୂଳ ରାସ୍ତାରେ ଟୟୋଟା ହାଇଲକ୍ସ କାରକୁ କିଭଳି ଚଳାଇବାକୁ ପଡ଼ିବ ଏବଂ ଗାଡ଼ିର ପ୍ରକୃତ କ୍ଷମତା କେତେ ଅନୁଭବ କରିବାର ନିଆରା ସୁଯୋଗ ପାଇବେ ଏଥିରେ ଅଂଶଗ୍ରହଣ କରିଥିବା ଦୁଃସାହାସିକ ଚାଳକ। ଏହି ଅଭିଜ୍ଞତା ଡ୍ରାଇଭ୍ ହିଲକ୍ସର ଶକ୍ତିଶାଳୀ ପ୍ରଦର୍ଶନ, ଦୃଢ଼ ଅଫ୍-ରୋଡ୍ ଦକ୍ଷତା ଏବଂ ପ୍ରିମିୟମ୍ ବୈଶିଷ୍ଟ୍ୟଗୁଡ଼ିକୁ ପ୍ରତିପାଦିତ କରିବ। ତାଲିମ ପ୍ରାପ୍ତ ଅଭିଜ୍ଞ ଡ୍ରାଇଭର୍ ଏବଂ ଉତ୍ପାଦ ବିଶେଷଜ୍ଞମାନେ ଅଂଶ ଗ୍ରହଣକାରୀମାନଙ୍କୁ ସ୍ୱତନ୍ତ୍ର ଭାବରେ ଡିଜାଇନ୍ କରାଯାଇଥିବା ଅଫ୍-ରୋଡ୍ ଟ୍ରାକ୍ ମାଧ୍ୟମରେ ମାର୍ଗଦର୍ଶନ କରିବେ, ଯାନର ଅତୁଳନୀୟ ସ୍ଥାୟୀତ୍ୱ,



ନିୟନ୍ତ୍ରଣ ଏବଂ ବହୁମୁଖୀତା ପ୍ରଦର୍ଶନ କରିବେ। ଗ୍ରାହକ, ଦୁଃସାହସିକ ଉତ୍ସାହୀ ଏବଂ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଏହି ରୋମାଞ୍ଚକର କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବାକୁ ଏବଂ ସାହସିକତାର ମନୋଭାବକୁ ପାଳନ କରିବା ଏବଂ ଟୟୋଟାର ଶକ୍ତିଶାଳୀ ଏସୟୁଭି ଲାଇନଅପ୍ ପ୍ରଦର୍ଶନ କରିବା ପାଇଁ ନିମନ୍ତ୍ରିତ କରାଯାଇଛି।

# ବେଦାନ୍ତ ଆଲୁମିନିୟମ୍‌ର କର୍ମଚାରୀ-ନେତୃତ୍ୱାଧୀନ ସମ୍ପ୍ରଦାୟ ପ୍ରସାର ପଦକ୍ଷେପ

ଭୁବନେଶ୍ୱର, ୫।୧୨(ସମିସ): ବେଦାନ୍ତ ଆଲୁମିନିୟମ ଏହାର ସର୍ବବୃହତ କର୍ମଚାରୀ-ନେତୃତ୍ୱାଧୀନ ସମ୍ପ୍ରଦାୟ ପ୍ରସାର ପଦକ୍ଷେପ ଘୋଷଣା କରି ଆର୍ଥିକ ଏବଂ ସାମାଜିକ ବିକାଶ ପାଇଁ ଅନ୍ତର୍ଜାତୀୟ ସ୍ୱେଚ୍ଛାସେବକ ଦିବସ ପାଳନ କରିଛି। ୧୮୦୦ କର୍ମଚାରୀ ୪୦୦୦ ଘଂଟା ଉତ୍ସର୍ଗ କରିଛନ୍ତି, ଯାହାକି ପ୍ରାୟ ୧୬୭ ଦିନର ସେବା ସହିତ ସମାନ, ଯଦ୍ୱାରା ଓଡ଼ିଶା, ଛତିଶଗଡ଼ ଏବଂ ଆନ୍ଧ୍ର ପ୍ରଦେଶରେ ଏହାର କାର୍ଯ୍ୟକ୍ଷମ ସୁବିଧାଗୁଡ଼ିକରେ ୭ ଲକ୍ଷରୁ ଅଧିକ ଜୀବନକୁ ସକାରାତ୍ମକ ଭାବରେ ପ୍ରଭାବିତ କରିଛି। ଏହି ଆନ୍ଦୋଳନ ବେଦାନ୍ତର;ସମ୍ପ୍ରଦାୟକୁ ପରିବର୍ତ୍ତନ କରିବା ଦର୍ଶନକୁ ପ୍ରତିଫଳିତ କରେ, ଯାହା ବେଦାନ୍ତ ଆଲୁମିନିୟମର ସଂସ୍କୃତିରେ ଗଭୀର ଭାବରେ ସନ୍ନିହିତ। ଏହା ଉପରେ ମତ ରଖି ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି, ବେଦାନ୍ତ ଆଲୁମିନିୟମରେ, ଆମେ ଏକ




ଦାଇତ୍ୱବାନ କର୍ପୋରେଟ୍ ଭାବରେ ଦାୟିତ୍ୱ ପ୍ରତି ପ୍ରତିବଦ୍ଧ। ଏହା ସମ୍ପ୍ରଦାୟରେ ଅର୍ଥପୂର୍ଣ୍ଣ, ସ୍ଥାୟୀ ପ୍ରଭାବ ସୃଷ୍ଟି କରିବା ବିଷୟରେ ଯାହା ଆମର ଅଭିବୃଦ୍ଧିକୁ ସମ୍ଭବ କରିଥାଏ। ଚଳିତ ବର୍ଷ ଆମେ ଦେଖିଥିବା ସ୍ୱେଚ୍ଛାସେବକ ଅଂଶଗ୍ରହଣର ପରିମାଣ ଆମର କର୍ମଚାରୀ ଏବଂ ବ୍ୟବସାୟିକ ସହଭାଗୀମାନେ ସେମାନଙ୍କ ସହିତ ବହନ କରୁଥିବା ଉଦ୍ଦେଶ୍ୟର ଗଭୀର ଭାବନାକୁ ପ୍ରତିଫଳିତ କରେ।

# ରତନ ଟାଟାଙ୍କ ସାବତ ମା' ସିମୋନ୍‌ଙ୍କ ପରଲୋକ

**'ଲାକ୍‌ମୀ'କୁ ଦେଇଥିଲେ ଗ୍ଲୋବାଲ ବ୍ରାଣ୍ଡର ପରିଚୟ**

ମୁମ୍ବଇ,୫।୧୨(ଏଜେନ୍ସି): ରତନ ଟାଟାଙ୍କ ସାବତ ମା' ଏବଂ ନୋଏଲ ଟାଟାଙ୍କ ମାଆ ସିମୋନ୍ ଡୁନୋୟର ଟାଟାଙ୍କ ପରଲୋକ ଘଟିଛି। ସେ ୯୫ ବର୍ଷ ବୟସରେ ମୁମ୍ବାଇର ବ୍ରିଚ୍ କ୍ୟାଣ୍ଡି ହସ୍ପିଟାଲରେ ଚିକିତ୍ସିତ ଅବସ୍ଥାରେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ସ୍ୱିଜରଲ୍ୟାଣ୍ଡରେ ଜନ୍ମଗ୍ରହଣ କରିଥିବା ସିମୋନ୍ ନାଭାଲ ଟାଟାଙ୍କୁ ବିବାହ କରିବା ପରେ ଭାରତ ଚାଲି ଆସିଥିଲେ। ସେ କେବଳ ଟାଟା ପରିବାରରେ ନିଜକୁ ପ୍ରତିଷ୍ଠା କରି ନ ଥିଲେ ବରଂ 'ଲାକ୍‌ମି' ଭଳି କସମେଟିକ କମ୍ପାନୀକୁ ଏକ ଗ୍ଲୋବାଲ ବ୍ରାଣ୍ଡ କରିଥିଲେ।

ସିମୋନ୍ ଟାଟା ସ୍ୱିଜରଲ୍ୟାଣ୍ଡର ଜେନେଭାରେ ଜନ୍ମଗ୍ରହଣ କରିଥିଲେ। ତାଙ୍କର ପୂରା ନାଁ ସିମୋନ୍ ନାଭାଲ ଡୁନୋୟର ଥିଲା। ୧୯୫୩ରେ ସେ ଭାରତ ଗସ୍ତରେ ଆସିଥିଲେ ଏବଂ ୧୯୫୫ରେ ଜେଆରଡି ଟାଟାଙ୍କ ସାବତ ଭାଇ ନାଭାଲ ଏଚ୍. ଟାଟାଙ୍କୁ ବିବାହ କରିଥିଲେ। ନାଭାଲ ଟାଟାଙ୍କ ପ୍ରଥମ ପତ୍ନୀ, ସୋନି କମିଶନାରିଆଟଙ୍କଠାରୁ ତାଙ୍କର ଦୁଇଟି ପୁଅ, ରତନ ଟାଟା ଏବଂ ଜିମି ଟାଟା ହୋଇଥିଲେ। ନାଭାଲଙ୍କ ବିୟୋଗ ପରେ




ତାଙ୍କ ଦ୍ୱିତୀୟ ପତ୍ନୀ ସିମୋନ୍ ପରିବାରକୁ ଏକତ୍ର ରଖିଥିଲେ। ସେମାନଙ୍କ ପୁଅ, ନୋଏଲ୍ ଟାଟା ବର୍ତ୍ତମାନ ଟାଟା ଟ୍ରଷ୍ଟରେ ଗୁରୁତ୍ୱପୂର୍ଣ୍ଣ ପଦବୀରେ ଅଛନ୍ତି। ସିମୋନ୍ ୧୯୬୦ ଦଶକରେ ଟାଟା ଗ୍ରୁପ୍‌ରେ ଯୋଗ ଦେଇଥିଲେ। ସେ ଟାଟା ଅଏଲ୍ ମିଲ୍ସ କମ୍ପାନୀ (ଟମ୍‌କୋ)ର ଏକ ସହାୟକ କମ୍ପାନୀ ଲାକ୍‌ମିର ବୋର୍ଡରେ ଯୋଗଦେଇଥିଲେ। ସେହି ସମୟରେ, ଲାକ୍‌ମି ଏକ ଛୋଟ କମ୍ପାନୀ ଥିଲା। ସେଥିରୁ ହମାମ୍, ଓକେ ଭଳି ପ୍ରଡକ୍ଟ ଉତ୍ପାଦନ ହେଉଥିଲା। ହେଲେ ସିମୋନ୍ ଏହାକୁ ଭାରତୀୟ ମହିଳାମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ପ୍ରସାଧନ ସାମଗ୍ରୀ ବ୍ରାଣ୍ଡରେ ପରିଣତ କରିବାର ଏକ ଭିଜନ୍ ନେଇ କାମ କରିଥିଲେ। ସେ ୧୯୮୨ ରେ ଲାକ୍‌ମିର ଅଧ୍ୟକ୍ଷା ହୋଇଥିଲେ। ଉଦାରୀକରଣ ପରେ, ୧୯୯୬ ମସିହାରେ, ଲାକମେ ଏବଂ ହିନ୍ଦୁସ୍ତାନ ୟୁନିଲିଭର୍ ସହ ମିଶି ୫୦-୫୦ ପାର୍ଟନରସିପ୍‌ରେ ଏକ ମିଳିତ ଉଦ୍ୟୋଗ ଗଠନ କରିଥିଲେ। ଏହାର ନାଁ ଲାକ୍‌ମି ୟୁନିଲିଭର୍ ଲିମିଟେଡ୍ ରଖାଯାଇଥିଲା। ୧୯୯୮ ମସିହାରେ ଲାକ୍‌ମି ଏହାର ୫୦% ଅଂଶଧନ ହିନ୍ଦୁସ୍ତାନ ୟୁନିଲିଭରକୁ ୨୦୦ କୋଟିରେ ବିକ୍ରି କରି ଦେଇଥିଲା। ପରବର୍ତ୍ତୀ ସମୟରେ ଲାକ୍‌ମୀ ଏହାର ବ୍ୟବସାୟ ବଦଳାଇ ଆପେରଲ ରିଟେଲିଂରେ ପ୍ରବେଶ କରିଥିଲା।

**ମୂଲ୍ୟ ବୃଦ୍ଧିର ପ୍ରଭାବ**

# ସପ୍ତାହକରେ ୧୦୦ ଟନ୍ ରୁପା ବିକିଲେ ଭାରତୀୟ

ନୂଆଦିଲ୍ଲୀ,୫।୧୨(ଏଜେନ୍ସି): ଘରୋଇ ବଜାରରେ ସୁନା ସହ ତାଳ ଦେଇ ରୁପା ମୂଲ୍ୟ ଦ୍ୟ ହୁ ହୁ ହୋଇ ବଢ଼ିବାରେ ଲାଗିଛି। ଏହାର ଲାଭ ଉଠାଇବା ପାଇଁ ଭାରତୀୟ ମାନେ ଏବେ ପୁରୁଣା ରୁପା ବିକ୍ରି କରିବାରେ ଲାଗିଛନ୍ତି। ଇଣ୍ଡିଆ ବୁଲିଅନ୍ ଆଣ୍ଡ ଜୁଏଲର୍ସ ଆସୋସିଏସନ୍ (ଆଇବିଜେଏ) ଅନୁଯାୟୀ, ଭାରତୀୟମାନେ ଗୋଟିଏ ସପ୍ତାହରେ ପ୍ରାୟ ୧୦୦ ଟନ୍ ପୁରୁଣା ରୁପା ବିକ୍ରି କରିଛନ୍ତି। ବୁଧବାର, ଏହି ଧାତୁ ମୂଲ୍ୟରେ ରେକର୍ଡ ବୃଦ୍ଧି ରେକର୍ଡ ହୋଇଛି। ସାଧାରଣତଃ, ପ୍ରତି ମାସରେ କେବଳ ୧୦-୧୫ ଟନ୍ ପୁରୁଣା ରୁପା ଭାରତୀୟ ବଜାରରେ ପହଞ୍ଚିଥାଏ।

ଆଇବିଜେଏର ଜାତୀୟ ସଚିବ ସୁରେନ୍ଦ୍ର ମେହେଟ୍ଟା ପୁରୁଣା ରୁପା ବିକ୍ରୟରେ ବୃଦ୍ଧି ପାଇଁ ପ୍ରଫିଟ୍ ବୁକିଂ ଏବଂ



**ସ୍କ୍ରାପ୍ ରୁପା ଓ ବାସନକୁସନର ବଡ଼ ଯୋଗଦାନ**

ଚଳିତ ବିବାହ ଋତୁ ଏବଂ ଛୁଟିଦିନ ଯାତ୍ରା ଯୋଗୁଁ ଘରୋଇ ନଗଦ ଚାହିଦାକୁ ଦାୟୀ କରିଛନ୍ତି। ସେ କହିଛନ୍ତି ଯେ ଏହି ବିକ୍ରିର ଏକ ବଡ଼ ଅଂଶ ସ୍କ୍ରାପ୍ ରୁପା ପାତ୍ର ଏବଂ ବାସନକୁସନ। ବୁଧବାର ଦିନ ଖୁଚୁରା ବଜାରରେ ରୂପା ପ୍ରତି କିଲୋଗ୍ରାମ ୧,୭୮,୬୮୪ ଟଙ୍କାର ରେକର୍ଡ ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି। ଯଦିଓ ଗୁରୁବାର ମୂଲ୍ୟ ୧,୭୫,୭୩୦ ଟଙ୍କାକୁ ହ୍ରାସ ପାଇଛି। ତଥାପି ଏହା ସାମ୍ପ୍ରତିକ ସର୍ବନିମ୍ନ ସ୍ତର ତୁଳନାରେ ପ୍ରାୟ ୨୦% ଅଧିକ। ବିଶ୍ଳେଷକମାନେ କହିଛନ୍ତି ଯେ ପ୍ରଫିଟ୍-ବୁକିଂ ବୃଦ୍ଧି ପାଇପାରେ, କାରଣ ନିକଟ ଭବିଷ୍ୟତରେ ମୂଲ୍ୟ ୨ ଲକ୍ଷ ଟଙ୍କା ଛୁଇଁପାରେ। ଯୋଗାଣ ଅଭାବ ଆମେରିକାରେ ସୁଧ ହାର ହ୍ରାସର ଆଶା ବୃଦ୍ଧି ଏବଂ ପ୍ରମୁଖ ବିଶ୍ୱ ମୁଦ୍ରା ଏବଂ ଟଙ୍କା ବିରୁଦ୍ଧରେ ଡଲାରର ପ୍ରତିକୂଳ ପ୍ରଦର୍ଶନ ଯୋଗୁଁ ରୂପା ମୂଲ୍ୟ ବୃଦ୍ଧି ପାଇଛି। ବିଶ୍ୱ ସ୍ତରରେ ଡଲାର ଦୁର୍ବଳ ହୋଇଛି, କିନ୍ତୁ ଭାରତୀୟ ମୁଦ୍ରା ତୁଳନାରେ ଏହା ମଜବୁତ ହୋଇଛି। ମେହଟ୍ଟା କହିଛନ୍ତି ଯେ ଦୀପାବଳି ଏବଂ ଧନତେରସ ସମୟରେ ରୁପା ପ୍ରତି କିଲୋଗ୍ରାମ ୧.୭୮ ଲକ୍ଷ ଟଙ୍କାରେ ପହଞ୍ଚିଥିଲା। ଏବେ ମୂଲ୍ୟ ପୁଣି ବୃଦ୍ଧି ପାଉଥିବାରୁ ଲୋକମାନେ ପୁରୁଣା ରୁପା ବିକ୍ରି କରୁଛନ୍ତି।

### ଶହେଶଯ୍ୟା ବିଶିଷ୍ଟ ହସ୍ପିଟାଲ କୋଠା ନିର୍ମାଣରେ ଅନିୟମିତତା

## ଭୁଶୁଡ଼ିଲା ଛାତ; ୪ ଶ୍ରମିକ ଗୁରୁତର

ଗଣିଆ, ୫।୧୨(ସମିସ): ଗଣିଆ ମେଡିକାଲ ପରିସରରେ ନିର୍ମାଣାଧୀନ ଥିବା ୧୦୦ ଶଯ୍ୟା ବିଶିଷ୍ଟ ହସ୍ପିଟାଲ କୋଠା ପୋର୍ଟିକ ଭୁଶୁଡ଼ି ପଡ଼ିଛି। ଏଥିରେ ୪ଜଣ ଶ୍ରମିକ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କୁ ଗଣିଆ ମେଡିକାଲରେ ଭର୍ତ୍ତି କରାଯାଇଛି। ଗୁରୁତର ଶ୍ରମିକମାନେ ହେଲେ, ନୟାଗଡ଼ ଶରଧାପୁର କାଳିଆ ଜେନା, ଦିଲ୍ଲୀପ ନାୟକ, ରାଜା ପ୍ରଧାନ, କାଳିଆ ପ୍ରଧାନ। ସେମାନେ ଛାତ ଉପରେ ଚଢ଼ି କାମ କରୁଥିବା ବେଳେ ହଠାତ୍ ଏକ ଭୀଷଣ ଶବ୍ଦ କରି ଭୁଶୁଡ଼ି ପଡ଼ିଥିଲା। ଶ୍ରମିକ କାଳିଆ ପ୍ରଧାନଙ୍କର ଅଣ୍ଟା ଏବଂ ପିଠିରେ ଗଭୀର ଆଘାତ ଲାଗିଥିବା ଜଣାପଡ଼ିଛି। ଅତ୍ୟନ୍ତ ନିମ୍ନମାନର କାର୍ଯ୍ୟ ଯୋଗୁଁ ଏଭଳି ଘଟିଥିବା ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି। ଠିକାଦାର ଏବଂ ଯନ୍ତ୍ରୀଙ୍କ ମଧ୍ୟରେ ସଲାସୁତରା ଯୋଗୁଁ ଏଭଳି ନିମ୍ନମାନର କାର୍ଯ୍ୟ ହୋଇଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଠିକାଦାରଙ୍କ ମନମୁଖୀ କାର୍ଯ୍ୟ ତଥା ପୂର୍ତ୍ତ ବିଭାଗ ଅଧିକାରୀଙ୍କ ଅପାରଗତା ଏଥିପାଇଁ ଦାୟୀ ବୋଲି ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି। ଅପରପକ୍ଷେ, ଏହାକୁ ନେଇ ମେଡିକାଲ ପରିସରରେ ପ୍ରବଳ ଉତ୍ତେଜନା ପ୍ରକାଶ ପାଇଛି। ଛାତ ପଡୁଥିବା ବେଳେ ଯନ୍ତ୍ରୀ କିମ୍ବା ଠିକାଦାର କେହି ବି ଉପସ୍ଥିତ ନଥିବା ଅଭିଯୋଗ ହୋଇଛି। ଶ୍ରମିକମାନେ ଛାତ ଉପରେ କାମ କରୁଥିବା ବେଳେ ବିନା ହେଲ୍‌ମେଟ୍‌ରେ କାମ କରୁଥିବା ଜଣାପଡ଼ିଛି। ଉକ୍ତ ମେଡିକାଲ ନିର୍ମାଣକୁ ବର୍ଷବର୍ଷ ଲାଗି ଯାଇଥିବାବେଳେ ସମ୍ପୂର୍ଣ୍ଣ ହୋଇପାରିନାହିଁ। ପୋର୍ଟିକ ଯଦି ଭୁଶୁଡ଼ି ପଡୁଛି ତେବେ ନିର୍ମାଣାଧୀନ ଛାତର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

### ଦୁଇ ଦଫା ଦାବିରେ ରାଜଧାନୀରେ ଗର୍ଜିଲେ ପ୍ରାଥମିକ ଶିକ୍ଷକ

# ବିଧାନସଭା ସମ୍ମୁଖରେ ଅହୋରାତ୍ର ଧାରଣା




ଭୁବନେଶ୍ୱର, ୫।୧୨(ସମିସ): ରାଜ୍ୟର ହଜାର ହଜାର ପ୍ରାଥମିକ ଶିକ୍ଷକ ଦୁଇ ଦଫା ଦାବିରେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ମୂଳ ପଦକୁ ଅପଗ୍ରେଡ୍ କରିବା ସହ ୪୨ଶହ ଗ୍ରେଡ୍‌ପେ ପ୍ରଦାନ ଏବଂ ପ୍ରାଥମିକ ଶିକ୍ଷାରୁ ଠିକା ବ୍ୟବସ୍ଥା ଉଚ୍ଛେଦ କରି ଠିକା କାର୍ଯ୍ୟକାଳକୁ ମୂଳ ଚାକିରିରେ ଗଣନା କରିବା ସହ ନୋସନାଲ୍ ଇନ୍‌କ୍ରିମେଣ୍ଟ ପ୍ରଦାନ କରିବାକୁ ଦାବି କରିଛନ୍ତି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନରୁ ହଟିବେ ନାହିଁ ବୋଲି କହିବା ସହ ପ୍ରାଥମିକ ଶିକ୍ଷକମାନେ ଅହୋରାତ୍ର ଧାରଣାରେ ବସିଛନ୍ତି।

'ପ୍ରାଥମିକ ଶିକ୍ଷକ ମହାସଂଘ' ବ୍ୟାନର୍‌ରେ ଆନ୍ଦୋଳନକୁ ଓହ୍ଲାଇଥିବା ଶିକ୍ଷକଙ୍କ ଅଭିଯୋଗ ଅନୁଯାୟୀ, ପ୍ରାଥମିକ ଶିକ୍ଷକଙ୍କ ଏହି ଦୁଇଟି ଦାବିନେଇ ବହୁବାର ଆନ୍ଦୋଳନ ହୋଇଛି। ଆନ୍ଦୋଳନ ସମୟରେ ସରକାରଙ୍କ ସହ ଆଲୋଚନା ହୁଏ ଏବଂ ଦାବି ପୂରଣ ପାଇଁ ସରକାର ପ୍ରତିଶ୍ରୁତି ଦିଅନ୍ତି। ପ୍ରତିଶ୍ରୁତି ପାଇ ଆନ୍ଦୋଳନରୁ ଓହରିବା ପରେ ସରକାର ସେମାନଙ୍କ ସହ ପ୍ରତାରଣା କରୁଛନ୍ତି। ଏଣୁ ନିର୍ଣ୍ଣାୟକ ଆନ୍ଦୋଳନ ପାଇଁ ମାନସିକ ସ୍ତରରେ ପ୍ରସ୍ତୁତ ହୋଇ ସେମାନେ ଆନ୍ଦୋଳନକୁ ଓହ୍ଲାଇଥିବା ସଂଘ ପକ୍ଷରୁ କୁହାଯାଇଛି। ଅପରପକ୍ଷରେ ଶିକ୍ଷକଙ୍କ ଆନ୍ଦୋଳନ ପାଇଁ ଶିକ୍ଷାଦାନ ଗୁରୁତର ଭାବେ ପ୍ରଭାବିତ ହୋଇଛି। ବିଦ୍ୟାଳୟରେ ମାତ୍ର ଜଣେ ଲେଖାଏଁ ଶିକ୍ଷକ ଥିବାବେଳେ ଅନ୍ୟ ସମସ୍ତ ଶିକ୍ଷକ ଆନ୍ଦୋଳନରେ ଯୋଗଦେଇଛନ୍ତି। ଫଳରେ ପାଠପଢ଼ା ଏକପ୍ରକାର ଠପ୍ ହୋଇଯାଇଛି। ଆଗକୁ ସେମାନଙ୍କ ପରୀକ୍ଷା ଥିବାରୁ ଅଭିଭାବକମାନେ ମଧ୍ୟ ଚିନ୍ତାରେ ପଡ଼ିଛନ୍ତି। ଶିକ୍ଷାଦାନ ପ୍ରଭାବିତ ହେବା ସମ୍ପର୍କରେ ମହାସଂଘର ଆବାହକ ରାମଲାଲ୍ ପଟେଲ୍ କହିଛନ୍ତି ଯେ ସରକାର ଯେତେ ଶୀଘ୍ର ସେମାନଙ୍କ ଦାବି ପୂରଣ କରିବେ, ସେତେ ଶୀଘ୍ର ସେମାନେ ଶ୍ରେଣୀଗୃହକୁ ଫେରି ଶିକ୍ଷାଦାନ କରିବେ।

**୨ ଦଫା ଦାବି ପୂରଣ ନ ହେଲେ ଆନ୍ଦୋଳନରୁ ହଟିବେ ନାହିଁ: ମହାସଂଘ**

**ବିଧାନସଭାରେ ପ୍ରସଙ୍ଗ ଉଠାଇଲେ ବିଜେଡି ବିଧାୟକ ଗୌତମବୁଦ୍ଧ ଦାସ**

ଅପରପକ୍ଷରେ ବିଧାନସଭା ଶୂନ୍ୟକାଳରେ ବିଜେଡି ବିଧାୟକ ଗୌତମ ବୁଦ୍ଧ ଦାସ ଏହି ପ୍ରସଙ୍ଗକୁ ଉଠାଇବା ସହ ଉଦବେଗ ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ ରାଜ୍ୟରେ ପ୍ରାୟ ଦେଢ଼ଲକ୍ଷ ପ୍ରାଥମିକ ଶିକ୍ଷକ ଶିକ୍ଷାଦାନ କରୁଛନ୍ତି। ପୂର୍ବରୁ ସେମାନଙ୍କ ଶିକ୍ଷାଗତ ଯୋଗ୍ୟତା ମାଟ୍ରିକ୍ ସିଟି ଥିବାବେଳେ ସେମାନେ ୨୨୦୦ ଗ୍ରେଡ୍-ପେ'ରେ ଦରମା ପାଉଥିଲେ। ମାତ୍ର ୨୦୧୭ରେ ସେମାନଙ୍କ ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା ଯୁକ୍ତ ଦୁଇ ସିଟି କରାଯାଇଛି। ସେହି ଅନୁସାରେ ସେମାନେ ସର୍ବନିମ୍ନ ୨୮୦୦ ଗ୍ରେଡ୍-ପେ' ପାଇବା କଥା। ଏନେଇ ସେମାନେ ବହୁବାର ଆନ୍ଦୋଳନ କରିଥିଲେ ମଧ୍ୟ ସେମାନଙ୍କ ଦାବି ପୂରଣ ହୋଇପାରି ନାହିଁ। ବର୍ତ୍ତମାନ ୨୨ଟି ରାଜ୍ୟର ପ୍ରାଥମିକ ଶିକ୍ଷକମାନେ ୪୨୦୦ଗ୍ରେଡ୍-ପେ ପାଇଥିବାବେଳେ ରାଜ୍ୟର ପ୍ରାଥମିକ ଶିକ୍ଷକଙ୍କ ଦାବି ମଧ୍ୟ ପୂରଣ କରିବା ପାଇଁ ସରକାର ପଦକ୍ଷେପ ନେବାକୁ ଶ୍ରୀ ଦାସ ଗୃହରେ ଦାବି କରିଛନ୍ତି।

## ୯ ମାସରେ ୮୫ ଶିଳ୍ପ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ

ଭୁବନେଶ୍ୱର, ୫।୧୨(ସମିସ): ଗତ ଜାନୁଆରୀ ୨୮ ଓ ୨୯ ତାରିଖରେ ରାଜ୍ୟ ସରକାର ଉତ୍କର୍ଷ ଓଡ଼ିଶା: ମେକ୍-ଇନ୍-ଓଡ଼ିଶା ସମ୍ମିଳନୀ ଆୟୋଜନ କରିଥିଲେ। ସମ୍ମିଳନୀରେ ୧୬ ଲକ୍ଷ ୭୩ ହଜାର କୋଟି ଟଙ୍କାରୁ ଊର୍ଦ୍ଧ୍ୱ ମୂଲ୍ୟର ୫୯୩ଟି ପ୍ରକଳ୍ପ ନିବେଶ ପ୍ରସ୍ତାବ ସରକାରଙ୍କ ହସ୍ତଗତ ହୋଇଥିଲା। ତନ୍ମଧ୍ୟରେ ଗତ ୯ ମାସରେ ରାଜ୍ୟ ସରକାର ୮୫ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନା କରିଛନ୍ତି। ଏହାର ମୂଲ୍ୟ ପ୍ରାୟ ୨ଲକ୍ଷ ୪ହଜାର କୋଟି ଟଙ୍କା ହେବ ବୋଲି ଗୃହରେ ତଥ୍ୟ ରଖିଛନ୍ତି ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ।

ଆଜି ପ୍ରଶ୍ନକାଳରେ ବିଧାୟକ ଅରବିନ୍ଦ ମହାପାତ୍ର ଗତ ୨୦୨୪ ମସିହା ଏପ୍ରିଲ ମାସରୁ ଗତ ନଭେମ୍ବର ଯାଏଁ ରାଜ୍ୟରେ ମୋଟ ଶିଳ୍ପ ପ୍ରତିଷ୍ଠା ସମ୍ପର୍କରେ ପ୍ରଶ୍ନ କରିଥିଲେ। ସେହିପରି କେନ୍ଦ୍ରାପଡ଼ାରେ ନିପ୍ପନ ଷ୍ଟିଲ କାରଖାନା ପ୍ରତିଷ୍ଠା ନେଇ ମଧ୍ୟ ମନ୍ତ୍ରୀଙ୍କ ସ୍ପଷ୍ଟୀକରଣ ଲୋଡ଼ିଥିଲେ। ଉତ୍ତରରେ ମନ୍ତ୍ରୀ କହିଥିଲେ ଯେ ଏହି ଅବଧି ମଧ୍ୟରେ ୩୨୪ ବୃହତ୍, ମଧ୍ୟମ ପ୍ରକଳ୍ପକୁ ସରକାର ଅନୁମୋଦନ ଦେଇଛନ୍ତି। ଏହାଦ୍ୱାରା ୭ ଲକ୍ଷ ୬ ହଜାର ୨୦୯ କୋଟି ନିବେଶ ହେବାକୁ ଥିବା ବେଳେ ମୋଟ ୪ ଲକ୍ଷ ୫୭ହଜାର ୨୫୨ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି।

**କେନ୍ଦ୍ରାପଡ଼ାରେ ନିପ୍ପନ ଷ୍ଟିଲ ପାଇଁ ମିଳିନି ପରିବେଶ ଅନୁମୋଦନ**

**ପାରିପାର୍ଶ୍ୱିକ ବିକାଶ ଜାରି ରଖିଛନ୍ତି ସରକାର**

ସେହିପରି, ନିପ୍ପନ ଷ୍ଟିଲ ବିଷୟରେ ମନ୍ତ୍ରୀ କହିଥିଲେ ଯେ ପାରାଦୀପ ଓ ମହାକାଳପଡ଼ାଠାରେ ଆର୍ସେଲର ମିତ୍ତଲ-ନିପ୍ପନ ଷ୍ଟିଲ ନିଜର କାରଖାନା ପ୍ରତିଷ୍ଠା କରିବାକୁ ଯାଉଛି। ଏଥିପାଇଁ ସରକାରୀ ସ୍ତରରେ ପ୍ରକ୍ରିୟା ଜାରି ରହିଛି। ଉପରୋକ୍ତ ପ୍ରକଳ୍ପ ପ୍ରତିଷ୍ଠା ପାଇଁ ସରକାର ଭିତ୍ତିଭୂମି ବିକାଶ ଜାରି ରଖିଛନ୍ତି। ମହାକାଳପଡ଼ାରେ ପ୍ରକଳ୍ପ ପାଇଁ ରାସ୍ତା, ବିଦ୍ୟୁତ୍ ଯୋଗାଣର ବ୍ୟବସ୍ଥା କରାଯାଉଛି। ତେବେ ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟର ଅନୁମୋଦନ ଏଯାଏଁ ମିଳପାରିନାହିଁ। ଉପରୋକ୍ତ ଅନୁମୋଦନ ମିଳିଲା ପରେ ସରକାର ପ୍ରକଳ୍ପର ଶିଳାନ୍ୟାସ କରିବେ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି।

ବିଧାୟକ ଇରାଶିଷ ଆଚାର୍ଯ୍ୟ ରାଜ୍ୟରେ ବୟନ ଶିଳ୍ପର ସ୍ଥିତି ସମ୍ପର୍କରେ ପ୍ରଶ୍ନ କରିଥିଲେ। ଉତ୍ତରରେ ମନ୍ତ୍ରୀ କହିଥିଲେ ଯେ ରାଜ୍ୟରେ ନୂଆ ସରକାର ଆସିବା ପରେ ୫୦ଟି ବୟନ ଶିଳ୍ପକୁ ଅନୁମୋଦନ ଦିଆଯାଇଛି। ସେହିପରି ନିକଟରେ ରାଜ୍ୟ ସରକାର ଓଡ଼ିଶା ଟେକ୍ସ ସମ୍ମିଳନୀ ୨୦୨୫ ଆୟୋଜନ କରିଥିଲେ। ଏଥିରେ ୬ ଜିଲ୍ଲାରେ ଆଧୁନିକ ଟେକ୍ସଟାଇଲ ପାର୍କ ପ୍ରତିଷ୍ଠା କରିବାକୁ ସ୍ଥିର ହୋଇଛି। ସେହିପରି ସମ୍ମିଳନୀରେ ମୋଟ ୭୮୦୮ କୋଟି ଟଙ୍କାର ନିବେଶ ପାଇଁ ଏମ୍‌ଓୟୁ ହୋଇଥିବା ବେଳେ ଏହାଦ୍ୱାରା ୪୯ ହଜାର ନିଯୁକ୍ତି ପ୍ରଦାନ ଲକ୍ଷ୍ୟ ରଖାଯାଇଛି ବୋଲି ମନ୍ତ୍ରୀ ଉତ୍ତର ରଖିଛନ୍ତି।

ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ, ଯେଉଁ କମ୍ପାନୀ ପ୍ରକଳ୍ପ ପାଇଁ ଜମି ନେଉଛନ୍ତି, ପରବର୍ତ୍ତୀ ମୁହୂର୍ତ୍ତରେ ଶିଳ୍ପ ପ୍ରତିଷ୍ଠା କରୁନାହାନ୍ତି, ସେହି ଜମିର ମାଲିକାନା ପରିବର୍ତ୍ତନ କ୍ଷେତ୍ରରେ ସରକାରଙ୍କ ପଦକ୍ଷେପ ସଂପର୍କରେ ପ୍ରଶ୍ନ କରିଥିଲେ। ଉତ୍ତରରେ ମନ୍ତ୍ରୀ କହିଥିଲେ ଯେ ପ୍ରକଳ୍ପ ପାଇଁ ଜମି ବ୍ୟବହାର ନହେଲେ ଉକ୍ତ ଜମି ଇଡକୋ ଲ୍ୟାଣ୍ଡ ବ୍ୟାଙ୍କ ନିକଟକୁ ଫେରସ୍ତ ହୋଇଆସୁଛି। ନିକଟରେ ଅନୁଗୋଳରେ ମେସର୍ସ ମୋନେଟ୍ ନିକଟରୁ ୫୬୪ ଏକର ଜମି ସରକାର ଫେରସ୍ତ ଆଣିଛନ୍ତି। ସେହିପରି ଗତ ୪ବର୍ଷ ମଧ୍ୟରେ ରାଜ୍ୟରେ ୨୦୦୦ରୁ ଊର୍ଦ୍ଧ୍ୱ ଯୁବକ/ଯୁବତୀ ରାଜ୍ୟରେ ବିଭିନ୍ନ ଷ୍ଟାର୍ଟ-ଅପ୍ ପ୍ରତିଷ୍ଠା କରିଛନ୍ତି ବୋଲି ମନ୍ତ୍ରୀ ଗୃହରେ ସୂଚନା ରଖିଛନ୍ତି।

## ଭିଜିଲାନ୍ସ ଜାଲରେ ଫରେଷ୍ଟର



ଝାରସୁଗୁଡ଼ା/ଇବ ଥର୍ମାଲ, ୫।୧୨(ସମିସ): ୫ ହଜାର ଟଙ୍କା ଲାଞ୍ଚ ନେଇ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି ଝାରସୁଗୁଡ଼ା ଜିଲ୍ଲା ବନ୍ଧବାହାଲ ଫରେଷ୍ଟର୍ ଗୌରାଙ୍ଗ ସାହୁ। ବନ୍ଧବାହାଲ ଅଞ୍ଚଳରେ ମୋହିତ ପ୍ରଧାନଙ୍କୁ ଗଛକଟା ଅନୁମତି ଦେବା ପାଇଁ ଫରେଷ୍ଟର୍ ଶ୍ରୀ ସାହୁ ଆଜି ନିଜ ଅଫିସ୍‌ରେ ଲାଞ୍ଚ ଟଙ୍କା ନେଉଥିବା ବେଳେ ସେଠାରେ ପୂର୍ବରୁ ଛପି ରହିଥିବା ଅଧିକାରୀମାନେ ତାଙ୍କୁ ମାଡ଼ି ବସିଥିଲେ। ସୂଚନାନୁଯାୟୀ, ବନ୍ଧବାହାଲ ଅଞ୍ଚଳରେ ନିଜ ଜମିରେ ଥିବା ଏକ ଶୁଖିଲା ନୀଳଗିରି ଗଛକୁ କାଟିବା ଏବଂ ପରିବହନ କରିବା ପାଇଁ ମୋହିତ ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗର ରେଞ୍ଜ ଅଧୀନ ବନ୍ଧବାହାଲ ସେକ୍ସନର ଫରେଷ୍ଟରଙ୍କ ନିକଟରେ ଆବେଦନ କରିଥିଲେ। ଅନୁମତି ଦେବା ପାଇଁ ଫରେଷ୍ଟର ଗୌରାଙ୍ଗ ଆବେଦନକାରୀ ମୋହିତଙ୍କୁ ୫ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଲାଞ୍ଚ ନ ଦେଲେ କାମ ହେବ ନାହିଁ ବୋଲି ରୋକଠୋକ୍ ମନା କରିଦେଇଥିଲେ। ଏନେଇ ମୋହିତ ଭିଜିଲାନ୍ସର ଦ୍ୱାରସ୍ଥ ହେବା ପରେ ଫରେଷ୍ଟର୍‌ଙ୍କୁ ଧରିବା ପାଇଁ ଜାଲ ବିଛାଯାଇଥିଲା।

## ଦାଦନ ସମସ୍ୟା: ନିଜ ଫାଶରେ ଫସିଲେ ସରକାର

**ସ୍ଲୋଗାନରେ ସୀମିତ ଦାଦନ ମୁକ୍ତ ରାଜ୍ୟ: ବିଜେଡି**

**ସରକାରଙ୍କ ପାଖରେ ନାହିଁ ରୋଡମ୍ୟାପ : କଂଗ୍ରେସ**

**ରାଜ୍ୟରେ ଦାଦନ ଏବେକାର ସମସ୍ୟା ନୁହେଁ: ଶାସକ**

ଭୁବନେଶ୍ୱର, ୫।୧୨(ସମିସ): ଓଡ଼ିଶାରେ ଖଣି, ପାଣି ପ୍ରାକୃତିକ ସମ୍ପଦ ଭରପୂର ମାତ୍ରାରେ ମହଜୁଦ ଅଛି। ଏହାସତ୍ତ୍ୱେ କାମ ନ ପାଇ ପ୍ରତିବର୍ଷ ଲକ୍ଷ ଲକ୍ଷ ଶ୍ରମିକ କାମ ଖୋଜିବାକୁ ଅନ୍ୟ ରାଜ୍ୟକୁ ଯାଉଛନ୍ତି। ଦାଦନ ମୁକ୍ତ ରାଜ୍ୟ ଏବେ କେବଳ ସ୍ଲୋଗାନରେ ସୀମିତ। ଏହାକୁ ରୋକିବା ପାଇଁ ସରାକାରଙ୍କ ପାଖରେ କୌଣସି ନିର୍ଦ୍ଦିଷ୍ଟ ରୋଡମ୍ୟାପ ନାହ ବୋଲି ବିଧାନସଭାରେ ସରକାରଙ୍କ ଉପରେ ବର୍ଷିଛନ୍ତି ବିରୋଧୀ। ଅପରପକ୍ଷେ ସରକାରଙ୍କ ସପକ୍ଷରେ ଯୁକ୍ତି ବାଢ଼ି ଶାସକ ଦଳ ବିଧାୟକମାନେ ଦାଦନ ସମସ୍ୟା ବହୁ ପୁରୁଣା ଓ ଏହାର ସମାଧାନ ପାଇଁ ସରକାର ପ୍ରତିବଦ୍ଧତାର ସହ ଆଗକୁ ବଢୁଛନ୍ତି ବୋଲି ଯୁକ୍ତି ବାଢ଼ିଛନ୍ତି।

ଦାଦନ ସଂକ୍ରାନ୍ତ ମୁଲତବୀ ଆଲୋଚନାକୁ ଆରମ୍ଭ କରି କଂଗ୍ରେସ ବିଧାୟକ ଅଶୋକ ଦାସ କହିଥିଲେ ଯେ ପ୍ରତିବର୍ଷ ୩ ରୁ ୫ ଲକ୍ଷ ଶ୍ରମିକ ବାହାର ରାଜ୍ୟକୁ ରୋଜଗାର ପାଇଁ ଯାଉଛନ୍ତି। ଏପଟେ ଆମ ରାଜ୍ୟର ଶିଳ୍ପସଂସ୍ଥାରେ ବାହାର ଲୋକଙ୍କୁ ନିଯୁକ୍ତି ଦେଉଛନ୍ତି। ୨୦୨୪ ମେ ୩ ସୁଦ୍ଧା ୧୧ ଲକ୍ଷ ୪ ହଜାର ୨୨୯ ନିଯୁକ୍ତି ଆଶାୟୀ ବିଭିନ୍ନ ନିୟୋଜନ କାର୍ଯ୍ୟାଳୟରେ ନାମ ପଞ୍ଜୀକରଣ କରିଥିବାବେଳ ଆହୁରି ଲକ୍ଷଲକ୍ଷ ନିଜର ନାମ ପଞ୍ଜୀକରଣ କରିନାହାନ୍ତି। ମାତ୍ର ରାଜ୍ୟ ସରକାର ନିଜ ଦୋଷ ଢ଼ାଙ୍କିବା ପରିବର୍ତ୍ତେ ସବୁବେଳେ ପୂର୍ବ ସରକାରଙ୍କୁ ଦୋଷ ଦେଉଛନ୍ତି। ବିଧାୟିକା ସୋଫିଆ ଫିର୍ଦ୍ଦୋଶ କହିଥିଲେ ଯେ ଏବେ ରାଜ୍ୟର ବେକାରୀ ସ୍ଥିତି ଉତ୍କଟ। ୫ମ ଶ୍ରେଣୀ ଯୋଗ୍ୟତା ଥିବା ହୋମଗାର୍ଡ ପଦବୀ ପାଇଁ ଇଞ୍ଜିନିୟରିଂ ପିଲା ଆବେଦନ କରିଛନ୍ତି। ପରୀକ୍ଷା ଦୁର୍ନୀତି ଆମ ରାଜ୍ୟକୁ ବଦନାମ କରିଛି। ଇଜ୍ ଅଫ ଡୁଇଂ ବିଜନେସରେ ଓଡ଼ିଶା ବହୁ ପଛରେ ରହିଛି ବୋଲି ସେ କହିଛନ୍ତି। ବିଜେଡି ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି ଯେ ବିଜେପି ସରକାର ଦାଦନ ମୁକ୍ତି କରିବା ନାରା ଦେଇ ଶାସନକୁ ଆସିଥିଲେ। ହେଲେ ସରକାରଙ୍କର ଗତିବିଧିରୁ ତାହା ପୂରଣ ହେବା ଭଳି ଲାଗୁନାହିଁ। ଉପ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଟାସ୍କ ଫୋର୍ସ କମିଟି କଣ ସୁପାରିଶ କରିଛନ୍ତି, ମନ୍ତ୍ରୀ ଗୃହକୁ ଜଣାନ୍ତୁ। କେନ୍ଦ୍ର ସରକାର ମନରେଗା ଯୋଜନାକୁ ପଙ୍ଗୁ କରିସାରିଲେଣି। ଯାହା ପରୋକ୍ଷରେ ଦାଦନ ସମସ୍ୟାକୁ ବୃଦ୍ଧି କରୁଛି ବୋଲି ରଣେନ୍ଦ୍ର କହିଛନ୍ତି। ସେହିପରି ବିଜେଡି ବିଧାୟକ ପ୍ରଦୀପ ସାହୁ ବେକାରୀ ସମସ୍ୟା ପାଇଁ ରାଜ୍ୟରେ ଅପରାଧ ବଢ଼ି ଚାଲିଛି ବୋଲି ଯୁକ୍ତି ବାଢ଼ିଛନ୍ତି।

ଶାସକ ଦଳ ପକ୍ଷରୁ ଆଲୋଚନାରେ ଭାଗ ନେଇ ବିଜେପି ବିଧାୟକ ପ୍ରତାପ ଚନ୍ଦ୍ର ନାୟକ କହିଥିଲେ ଯେ ଦାଦନ ସମସ୍ୟା ଦୀର୍ଘ ଦିନର । ପୂର୍ବ ସରକାରର ଇଚ୍ଛାଶକ୍ତିର ଅଭାବ ଥିଲା। ସେଥିପାଇଁ ଆଜି ଏତେ ସଂଖ୍ୟାରେ ସରକାରୀ ପଦବୀ ଖାଲି ପଡ଼ିଛି ବୋଲି ବିଜେପି ବିଧାୟକ ଯୁକ୍ତି ବାଢ଼ି ଥିଲେ। ସେହିଭଳି ବିଜେପି ବିଧାୟକ କହ୍ନେଇ ଡ଼ାଙ୍ଗ, ସନତ ଗଡତିଆ, ରଘୁନାଥ ଜଗଦଳା ପ୍ରମୁଖ ଆଲୋଚନାରେ ଭାଗ ନେଇ ନୂଆ ସରକାର ଲୋକଙ୍କୁ ନିଯୁକ୍ତି ଦେବା ପ୍ରତିଶ୍ରୁତି ପୂରଣ କରିବେ ବୋଲି ଦୃଢ଼ୋକ୍ତି ବାଢ଼ିଛନ୍ତି।

# ଧାନ ବିଲରେ ମୃତ ହାତୀ ଛୁଆ



କେନ୍ଦୁଝର, ୫।୧୨(ସମିସ): କେନ୍ଦୁଝର ବନଖଣ୍ଡ ଭୂୟାଁ ଜୁଆଙ୍ଗ ପିଢ଼ ରେଞ୍ଜ କସଡ଼ା ଗାଁ ନିକଟସ୍ଥ ଏକ ଚାଷ ବିଲରୁ ମାଇ ହାତୀ ଛୁଆର ଶବକୁ ଜବତ କରାଯାଇଛି। ବନବିଭାଗ ଟିମ ହାତୀ ଛୁଆଟିର ମୃତ୍ୟୁ କାରଣ ଖୋଜୁଛି। ଛୁଆର ବୟସ ୮ରୁ ୧୦ବର୍ଷ ହେବ। ମୃତ୍ୟୁର କାରଣ ବ୍ୟବଚ୍ଛେଦ ପରେ ଜଣାପଡ଼ିବ ବୋଲି ବନବିଭାଗ କହିଛି। ଶନିବାର ହାତୀ ଛୁଆଟିର ଶବ ବ୍ୟବଚ୍ଛେଦ କରାଯିବ। ଶୁକ୍ରବାର ଅପରାହ୍ଣରେ ଖବର ପାଇ ଭୂୟାଁ ଜୁଆଙ୍ଗ ପୀଢ ଏସିଏଫ୍ ଡ ସୁଦୀପ୍ତ ପଣ୍ଡା, ରେଞ୍ଜର ନୟନକାନ୍ତ ସାହୁ, ଶୁଆକାଟୀ ବିଟ୍ ଫରେଷ୍ଟର ଜ୍ୟୋତିର୍ମୟ ପଟ୍ଟନାୟକ, ଫରେଷ୍ଟ ଗାର୍ଡ ଚନ୍ଦ୍ରକାନ୍ତ ମହାନ୍ତ ଏବଂ ହାତୀ ସ୍କ୍ୱାଡ୍ ଘଟଣାସ୍ଥଳକୁ ଯାଇଥିଲେ। ସେ ଅଞ୍ଚଳରେ ବୁଲାବୁଲି କରୁଥିବା ୪୦ଟି ହାତୀ ମଧ୍ୟରୁ ଛୋଟ ମାଇ ହାତୀଟି ମୃତ୍ୟୁ ପରେ ଅଲଗା ହୋଇଥିବା ଅନୁମାନ କରାଯାଉଛି। ଉକ୍ତ ହାତୀ ଦଳ ନିକଟସ୍ଥ ଲୁଣଘର ଜଙ୍ଗଲ ଅଞ୍ଚଳରେ ରହିଥିବା ସୂଚନା ମିଳିଛି।

### ଘରକୁ ଫେରିବାର ବାଟ ଫିଟାଇଲା ଜୟ ଜଗନ୍ନାଥ ଧ୍ୱନି

# ୧୨ ବର୍ଷ ପରେ ବାଂଲାଦେଶରୁ ଫେରିବେ ନିଖୋଜ ସୁଦାମ



ବଡ଼ସାହି, ୫।୧୨(ସମିସ): ପାଖାପାଖି ୧୨ବର୍ଷ ତଳେ ନିଖୋଜ ହୋଇଯାଇଥିବା ସୁଦାମ ହେମ୍ବ୍ରମ (୪୦) ଆସନ୍ତାକାଲି (ଶନିବାର) ବାଂଲାଦେଶରୁ ନିଜ ଘରକୁ ଫେରିବେ। ସୁଦାମଙ୍କୁ ଘରକୁ ଫେରାଇ ଆଣିବା ପାଇଁ ସୁଦାମଙ୍କ ପୁତୁରା ଏବଂ ସମ୍ପର୍କୀୟ ଆଜି ଭାରତ-ବାଂଲାଦେଶ ସୀମା 'ବେନାପୋଲ' ବର୍ଡର୍‌କୁ ଗସ୍ତ କରିଛନ୍ତି। ଏହି ଖବର ପ୍ରଚାରିତ ହେବା ପରେ ସୁଦାମଙ୍କ ପରିବାର, ବନ୍ଧୁବାନ୍ଧବ ଓ ଗ୍ରାମବାସୀଙ୍କ ମଧ୍ୟରେ ଉତ୍ସାହ ପ୍ରକାଶ ପାଇଛି।

ସୁଦାମଙ୍କ ଘର ମୟୂରଭଞ୍ଜ ଜିଲ୍ଲା ବଡ଼ସାହି ବ୍ଲକ୍ ଅଧୀନ ପାଉଁଶିଆ ପଞ୍ଚାୟତ ଜଗନ୍ନାଥପୁର ଗ୍ରାମରେ। ୧୨ବର୍ଷ ତଳେ ତାଙ୍କ ବାପା କିଶୋରଙ୍କ ମୃତ୍ୟୁ ପରେ ତାଙ୍କର ମସ୍ତିଷ୍କ ବିକୃତି ବାହାରିଥିଲା। ପରେ ସେ କୁଆଡ଼େ ନିଖୋଜ ହୋଇଯାଇଥିଲେ। ବହୁ ଖୋଜାଖୋଜି କରିବା ପରେ ବି ତାଙ୍କର ପତ୍ତା ମିଳିନଥିଲା। ପରିବାରଲୋକେ ମଧ୍ୟ ତାଙ୍କର ଫେରିବା ଆଶା ଛାଡ଼ି ଦେଇଥିଲେ। ତେବେ ସୁଦାମ ଏପରି ବୁଲୁବୁଲୁ ଯାଇ ବାଂଲାଦେଶରେ ପହଞ୍ଚି ଯାଇଥିଲେ। ବିଭିନ୍ନ ରେଳଷ୍ଟେସନ୍, ବସ୍‌ଷ୍ଟାଣ୍ଡ, ରାସ୍ତାରେ ବୁଲୁଥିବା ବେଳେ ସେ ସବୁବେଳେ 'ଜୟ ଜଗନ୍ନାଥ, ଜୟ ଜଗନ୍ନାଥ' ଭଜି ହେଉଥିଲେ। ସୁଦାମଙ୍କ ଅବସ୍ଥା ଦେଖି ସେଠାକାର ଏକ ସାମାଜିକ ଅନୁଷ୍ଠାନ 'ମାନବ ସେବା ସଂଗଠନ'ର ସମାଜସେବୀ ଜନାବ ଅବ୍‌ଦୁଲ ଗିନି ଫିଟୁ ତାଙ୍କୁ ଉଦ୍ଧାର କରିଥିଲେ। ଚାଲିଚଳଣ ଓ ଭାଷାରୁ ଅବଦୁଲ ବୁଝିଯାଇଥିଲେ ଯେ ସୁଦାମ ଜଣେ ଭାରତୀୟ ନାଗରିକ ଏବଂ ତାଙ୍କ ଘର ଓଡ଼ିଶାରେ ହୋଇଥିବ। ସେ ତାଙ୍କର ଚୁଟି, ଦାଢ଼ି, ନଖ କାଟି ତାଙ୍କର ଚିକିତ୍ସା ଓ ଖାଦ୍ୟପେୟର ବ୍ୟବସ୍ଥା କରିଥିଲେ। ଏହାପରେ ହୋମ୍ ରେଡିଓରେ ପଶ୍ଚିମବଙ୍ଗ ରେଡିଓ କ୍ଲବ୍‌କୁ ଫଟୋ ପଠାଇବା ପରେ ତାଙ୍କ ପୁତୁରା ସୁବାସ ତାଙ୍କୁ ଭିଡିଓ ମାଧ୍ୟମରେ ଚିହ୍ନଟ କରିବାରୁ ତାଙ୍କ ଫେରିବା ପାଇଁ ବାଟ ଫିଟିଥିଲା। ହୋମ୍-ରେଡିଓରେ ପଶ୍ଚିମବଙ୍ଗର ସମ୍ପାଦକ ଅମ୍ବରୀଶ ନାଗ ବାଂଲାଦେଶ ହାଇକମିସନର୍ ଓ ଭାରତୀୟ ଦୂତାବାସ ସହ ଯୋଗଯୋଗ କରିଥିଲେ। ମାତ୍ର ଆଇନଗତ ଜଟିଳତା ଓ ଆର୍ଥିକ ଅନଟନ ସମସ୍ୟା ମୁଣ୍ଡ ଟେକିଥିଲା। କିନ୍ତୁ ସରକାରଙ୍କ ପକ୍ଷରୁ ଏହାକୁ ଦୂର କରାଯାଇଛି। ଫଳରେ ତାଙ୍କ ପୁତୁରା ଓ ସମ୍ପର୍କୀୟ ପ୍ରଶାସନ ମାଧ୍ୟମରେ ତାଙ୍କୁ ଘରକୁ ଫେରାଇବା ପାଇଁ ଭାରତ-ବାଂଲାଦେଶ ସୀମାକୁ ଗସ୍ତ କରିଛନ୍ତି। ଶନିବାର ସେମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିବା ପରେ 'ବେନାପୋଲ' ବର୍ଡର୍‌କୁ ଗସ୍ତ କରିବେ ବୋଲି ଜଣାଯାଇଛି।

# ଅଣସଂରକ୍ଷିତ କୀର୍ତ୍ତିରାଜି ଚିହ୍ନଟ ପାଇଁ ଗଠନ ହେବ କମିଟି

ଭୁବନେଶ୍ୱର, ୫।୧୨(ସମିସ): ରାଜ୍ୟର ୪୦୦୦ରୁ ଉଦ୍ଧ୍ୱର୍ କୀର୍ତ୍ତିରାଜି ଚିହ୍ନଟ ହୋଇଛି ଏବଂ ଏହା ଉପରେ ଗବେଷଣା ପାଇଁ ନିଷ୍ପତ୍ତି ହୋଇଛି ବୋଲି ଆଜି ପ୍ରଶ୍ନକାଳରେ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସୂଚନା ଦେଇଛନ୍ତି।

ମନ୍ତ୍ରୀଙ୍କ ସୂଚନା ଅନୁଯାୟୀ, ଅଣସଂରକ୍ଷିତ କୀର୍ତ୍ତିରାଜି ଚିହ୍ନଟ ପ୍ରକ୍ରିୟା ଆଗକୁ ନେବାପାଇଁ ସେଣ୍ଟର୍ ଫର୍ ହେରିଟେଜ୍ ଷ୍ଟଡିଜ ସହ ରାଜ୍ୟ ସରକାର ଏକ ଚୁକ୍ତି ସ୍ୱାକ୍ଷର କରିଛନ୍ତି। ଆଗକୁ ରାଜ୍ୟ ସରକାର ବିଭିନ୍ନ ବ୍ୟକ୍ତିବିଶେଷ, ବିଶେଷଜ୍ଞଙ୍କୁ ନେଇ ଏକ ଟିମ୍ ଗଠନ କରିବେ। ଏହି ଟିମ୍‌ର କାର୍ଯ୍ୟକାଳ ୩ ବର୍ଷ ରହିବ। ଟିମ୍‌ର ଚିହ୍ନଟ ପ୍ରକ୍ରିୟା ପରେ ସବୁ କ୍ଷେତ୍ରକୁ ବିଚାର କରି ଚିହ୍ନିତ କୀର୍ତ୍ତିରାଜିର ପାରିପାଶ୍ୱର୍ିକ ବିକାଶ କରାଯିବ ବୋଲି ମନ୍ତ୍ରୀ ଗୃହରେ ସୂଚନା ରଖିଛନ୍ତି।

**୩ ବର୍ଷରେ ସରିବ ଚିହ୍ନଟ ପ୍ରକ୍ରିୟା**

ଶୁକ୍ରବାର ପ୍ରଶ୍ନକାଳରେ ମୂଳ ପ୍ରଶ୍ନକର୍ତ୍ତା ମନୋରଞ୍ଜନ ଦ୍ୟାନ ସାମନ୍ତରାୟ ଏବଂ ଅନ୍ୟ ସଦସ୍ୟମାନେ ନିଜ ନିଜ ଅଞ୍ଚଳର ଐତିହ୍ୟ, କୀର୍ତ୍ତିରାଜି ସୁରକ୍ଷା ପାଇଁ ପଦକ୍ଷେପ ନେବାକୁ ଦାବି କରିଥିଲେ। ଉତ୍ତରରେ ମନ୍ତ୍ରୀ କହିଥିଲେ ଯେ ରାଜ୍ୟରେ କେନ୍ଦ୍ର ସରକାରଙ୍କ ଦ୍ୱାରା ୮୨ଟି ଐତିହ୍ୟ ଚିହ୍ନଟ କରାଯାଇଛି। ସେହିପରି ରାଜ୍ୟ ସରକାର ୨୧୨ଟି ଐତିହ୍ୟକୁ ମାନ୍ୟତା ଦେବା ସହ ଏହାର ସଂରକ୍ଷଣ କରୁଛନ୍ତି। ତେବେ ୪୦-୫୦ ବର୍ଷ ପୂର୍ବେ ଇନ୍‌ଟାକ୍ ଦ୍ୱାରା ଏକ ବେସରକାରୀ ସର୍ଭେ କରାଯାଇଥିଲା। ଏଥିରେ ରାଜ୍ୟରେ ୪୦୦୦ ଐତିହ୍ୟ ରହିଥିବା ନେଇ ରିପୋର୍ଟ ପ୍ରକାଶ ପାଇଥିଲା। ଐତିହ୍ୟ ଚୋରି କ୍ଷେତ୍ରରେ ଓଡ଼ିଶାର ନାମ ସର୍ବଭାରତୀୟ ସ୍ତରରେ ଖରାପ ଅଛି। ତେଣୁ ପ୍ରତ୍ୟେକ ଐତିହ୍ୟ, କୀର୍ତ୍ତିରାଜିର ଡକ୍ୟୁମେଣ୍ଟେସନ ହେବାର ଆବଶ୍ୟକତା ରହିଛି ବୋଲି ମନ୍ତ୍ରୀ କହିଛନ୍ତି।

ବିଧାୟକ ଅଶ୍ୱିନୀ ପାତ୍ରଙ୍କ ଏକ ପ୍ରଶ୍ନରେ ମନ୍ତ୍ରୀ କହିଛନ୍ତି ଯେ କଟକ ବାଲିଯାତ୍ରାକୁ ୟୁନେସ୍କୋ ଦ୍ୱାରା ମାନ୍ୟତା ଦେବା ପାଇଁ ସରକାର ପ୍ରୟାସ କରୁଛନ୍ତି। ସେହିପରି ସଦସ୍ୟ ଯୋଗେଶ ସିଂ, ପବିତ୍ର ସାଉନ୍ତା, ଭାସ୍କର ମଢ଼େଇ ପ୍ରମୁଖ ନିଜ ନିଜ ଅଞ୍ଚଳର ପୁରାତନ ମନ୍ଦିର, ପୁଷ୍କରିଣୀ ଏବଂ ଐତିହ୍ୟର ବିକାଶ ନେଇ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବାଚସ୍ପତି ସୁରମା ପାଢ଼ୀ ଏନେଇ ରୁଲିଂ ଦେଇ କହିଥିଲେ ଯେ ପ୍ରତ୍ୟେକ ନିର୍ବାଚନମଣ୍ଡଳୀରେ ଐତିହ୍ୟ କିର୍ତ୍ତୀରାଜି ରହିଛି। ପ୍ରାୟ ୧୫ ଜଣ ବିଧାୟକ ଏନେଇ ମନ୍ତ୍ରୀଙ୍କ ଧ୍ୟାନ ଆକର୍ଷଣ କରିବାକୁ ଚାହୁଁଛନ୍ତି। ତେଣୁ ସଦସ୍ୟମାନେ ଏନେଇ ମନ୍ତ୍ରୀଙ୍କୁ ଫର୍ଦ୍ଦକିଆ ନୋଟ୍ ପ୍ରଦାନ କରନ୍ତୁ ଏବଂ ମନ୍ତ୍ରୀ ଏହା ଉପରେ ଅନୁଧ୍ୟାନ କରନ୍ତୁ ବୋଲି ବାଚସ୍ପତି କହିଥିଲେ।

**ସୁକରପଡ଼ା ମଦ୍ରାସାରେ ମୌଲବି ପଦ ପାଇଁ ଦରଖାସ୍ତ ଆହ୍ୱାନ**

ସୁକରପଡ଼ା ସ୍ଥିତ ମଦ୍ରାସା ଇସଲାମିଆ ମୋହିଉଦ୍ଦିନ୍‌ରେ ଖାଲିଥିବା ଏକ ଗୋଟି ମୌଲବି ପଦବୀ ପୂରଣ ପାଇଁ ନିଯୁକ୍ତି ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ପଦ ପାଇଁ ଆବଶ୍ୟକୀୟ ଯୋଗ୍ୟତା ଥିବା ଇଚ୍ଛୁକ ପ୍ରାର୍ଥୀମାନଙ୍କୁ ସାକ୍ଷାତକାରରେ ଯୋଗଦେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ନିର୍ଦ୍ଧାରିତ ସୂଚୀ ଅନୁଯାୟୀ, ଆସନ୍ତା ତା ୧୫/୧୨/୨୦୨୫ ରିଖ ସୋମବାର ଦିନ ଦିବା ୧୦ ଘଟିକାରେ ସାକ୍ଷାତକାର ଅନୁଷ୍ଠିତ ହେବ। ଏଥିପାଇଁ ଇଚ୍ଛୁକ ପ୍ରାର୍ଥୀମାନେ ସେମାନଙ୍କ ଦରଖାସ୍ତ ଫର୍ମ, ଶିକ୍ଷାଗତ ଯୋଗ୍ୟତା ଏବଂ ବୟସ ସମ୍ବନ୍ଧୀୟ ସମସ୍ତ ପ୍ରମାଣପତ୍ରର ମୂଳ କପି ଏବଂ ଅବିକଳ ନକଲ ସହିତ ଉପସ୍ଥିତ ହେବାକୁ କୁହାଯାଇଛି। ମୌଲବି ପଦବୀ ପାଇଁ ଆବେଦନ କରୁଥିବା ପ୍ରାର୍ଥୀଙ୍କ ବୟସ ସୀମା ୧୮ ବର୍ଷରୁ କମ୍ କିମ୍ବା ୩୨ ବର୍ଷରୁ ଅଧିକ ହୋଇ ନ ଥିବ। ଶିକ୍ଷାଗତ ଯୋଗ୍ୟତା କ୍ଷେତ୍ରରେ, ପ୍ରାର୍ଥୀ ଓଡ଼ିଶା ମଦ୍ରାସା ବୋର୍ଡ଼ରୁ ମାହିର ଉତ୍ତୀର୍ଣ୍ଣ ହୋଇଥିବା ଅନିବାର୍ଯ୍ୟ। ଏହା ସହିତ ସାଧାରଣ ବିଇଡି ଯୋଗ୍ୟତା କିମ୍ବା ଓଟିଇଟି ଉତ୍ତୀର୍ଣ୍ଣ ହୋଇଥିବା ଆବଶ୍ୟକ। ଆବେଦନକାରୀମାନେ ସାକ୍ଷାତକାର ସମୟରେ ନଗଦ ୨୫୦ ଟଙ୍କା ଫି' ଆକାରରେ ଦାଖଲ କରିବେ ଏବଂ ଦରଖାସ୍ତ ସହିତ ସମସ୍ତ ଆବଶ୍ୟକୀୟ ପ୍ରମାଣପତ୍ରର ନକଲ ସଂଯୁକ୍ତ କରିବେ। ମଦ୍ରାସା କର୍ତ୍ତୃପକ୍ଷଙ୍କ ପକ୍ଷରୁ ଇଚ୍ଛୁକ ପ୍ରାର୍ଥୀମାନଙ୍କୁ ନିର୍ଦ୍ଧାରିତ ସମୟ ପୂର୍ବରୁ ଉପସ୍ଥିତ ରହିବାକୁ ସୂଚନା ଦିଆଯାଇଛି।

**MADRASA ISLAMIA MOHINDDIN**
**AT/PO-SUKARAPADA DIST-CUTTACK ODISHA**
**MOBILE-9938067758**

**OFFICE OF THE SORO MUNICIPALITY, SORO, BALASORE**

No. 5138 — Date 01.12.2025

C-1643

**"e" Procurement Notice**

**BID Identification No. SOROM_06_2025-26.**

Bid Documents consisting of Work, Estimated Cost, Cost of Tender Paper, EMD, time of completion, class of contractors and the set of terms and conditions of contract and other necessary documents can be seen in Government website i.e. www.tendersodisha.gov.in

| | | |
|---|---|---|
| 1. | Name of the Work | Construction of Civil work as mentinoed in DTCN |
| 2. | No. of works | 78 nos. |
| 3. | Estimated Cost | As per Work List |
| 4. | Period of Completion | 90 days. |
| 5. | Date &Time of availability of Bid documents in the Portal | 05.12.25 at 10.00 A.M. to 15.12.25 up to 5.00P.M. |
| 6. | Last date & time for receipt of bids in the portal | 15.12.2025 up to 05:00 P.M. |
| 7. | Bid received online shall be opened on | 16.12.2025 at 10:00 A.M. |
| 8. | Name and address of the officer inviting Bid | Executive Officer, Soro Municipality |

Further details can be seen from the procurement portal i.e. www.tendersodisha.gov.in

Executive Officer
Soro Municipality

OIPR-13166/11/0021/2526

## ଆଜିର ରାଶିଫଳ

**ମେଷ:** ଅଫିସ୍‌ରେ ସମସ୍ୟା ଦେଖା ଦେଇପାରେ। ଗୁରୁଜନଙ୍କ ସହ ଉତ୍ତମ ବୁଝାମଣା ରହିବ। ଆର୍ଥିକ ଦୃଷ୍ଟିରୁ ଦିନଟି ଉତ୍ତମ। ରୋଜଗାର ବୃଦ୍ଧି ହେବ। ମନ ପ୍ରସନ୍ନ ରହିବ। ଜୀବନସାଥୀଙ୍କ ସହଯୋଗ ମିଳିବ।

**ବୃଷ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। କୌଣସି କାର୍ଯ୍ୟ ବିଗିଡ଼ି ଯାଇପାରେ। ଧାର୍ମିକ କାର୍ଯ୍ୟ ପ୍ରତି ଆଗ୍ରହ ବଢ଼ିବ। ଆଚରଣରେ ନିୟନ୍ତ୍ରଣ ରକ୍ଷା କରିବେ। ଆତ୍ମବିଶ୍ୱାସର ସହ କାର୍ଯ୍ୟ କରିବେ।

**ମିଥୁନ:** ବିରୋଧୀଙ୍କ ସହ ମତାନ୍ତର ଦୂର ହେବ। ଆଇନ ସମ୍ବନ୍ଧୀୟ ମାମଲା ଆପଣଙ୍କ ସପକ୍ଷରେ ଯିବ। ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଭଲ। ଦୂରସ୍ଥାନକୁ ଯାତ୍ରା କରିପାରନ୍ତି।

**କର୍କଟ:** ଦାନଧର୍ମରେ ଦିନଟି ଅତିବାହିତ କରିବେ। ବିଦ୍ୟାର୍ଥୀ ବିଦେଶ ଯାତ୍ରା କରିବେ। ଗରିବଙ୍କୁ ସାହାଯ୍ୟ କରିବେ। ମାନସିକ ଶାନ୍ତି ମିଳିବ। ଖର୍ଚ୍ଚରେ ନିୟନ୍ତ୍ରଣ ରକ୍ଷା କରିବେ। ମାନ ସମ୍ମାନ ବୃଦ୍ଧି ପାଇବ।

**ସିଂହ:** ଆର୍ଥିକ ସମସ୍ୟା ସୃଷ୍ଟି ହେବ। ବ୍ୟବସାୟରେ ସଫଳତା ମିଳିବ। କାର୍ଯ୍ୟକ୍ଷେତ୍ରରେ ବିଶେଷ ଧ୍ୟାନ ଦେବେ। କାର୍ଯ୍ୟ ଧାରାରେ ପରିବର୍ତ୍ତନ ଆଣିବେ। ବିଦ୍ୟାର୍ଥୀ ଉଚ୍ଚଶିକ୍ଷା ନିମନ୍ତେ ବିଦେଶ ଯାତ୍ରା କରିପାରନ୍ତି।

**କନ୍ୟା:** ସମାଜରେ ମାନ ସମ୍ମାନ ବୃଦ୍ଧି ପାଇବ। ବନ୍ଧୁଙ୍କ ସହାୟତାରେ କାମ ପୂରା କରିବେ। ଛାତ୍ରଛାତ୍ରୀ ପଢ଼ାକୁ ନେଇ ଚିନ୍ତାରେ ରହିବେ। ସ୍ୱାସ୍ଥ୍ୟ ସମସ୍ୟା ଉପୁଜିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ତୁଳା:** ଦିନଟିରେ ସଫଳତା ମିଳିବ। ପୈତୃକ ବ୍ୟବସାୟରୁ ଲାଭବାନ ହେବେ। ସକାରାତ୍ମକ ଚିନ୍ତାଧାରାରେ ସମସ୍ତ କାର୍ଯ୍ୟ କରିବେ। ଆର୍ଥିକ ଲାଭ ମିଳିବ। କଣ୍ଠଶିଳ୍ପୀଙ୍କ ପାଇଁ ଦିନଟି ଭଲ।

**ବିଛା:** ବାଦବିବାଦରୁ ଦୂରେଇ ରହିବେ। ତରବରିଆ ଭାବେ ନିଷ୍ପତ୍ତି ନେବେ ନାହିଁ। କାମରୁ ଲାଭ ଓ ସଫଳତା ମିଳିବ। ବ୍ୟବସାୟରେ ଦୂରସ୍ଥାନକୁ ଯାତ୍ରା କରିବେ। ପ୍ରେମ ସମ୍ପର୍କ ସୁଖମୟ ହେବ।

**ଧନୁ:** କାର୍ଯ୍ୟକ୍ଷେତ୍ରରେ ଆତ୍ମବିଶ୍ୱାସର ଅଭାବ ରହିବ। ପରିଶ୍ରମ ଅନୁସାରେ ସଫଳତା ମିଳିବ। ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ଯୋଗ ରହିଛି। ମହିଳାମାନେ ଘର କାମରେ ବ୍ୟସ୍ତ ରହିବେ।

**ମକର:** ବିବାହ ପ୍ରସ୍ତାବ ଆସିବ। ଧନଲାଭ ଯୋଗ ଅଛି। କୌଣସି କଥାକୁ ନେଇ ଅଧିକ ଚିନ୍ତା କରିବେ ନାହିଁ। ଡାକ୍ତରୀ ଛାତ୍ରଛାତ୍ରୀଙ୍କୁ ନିଯୁକ୍ତି ସୁଯୋଗ ମିଳିବ। ଉଧାର ଟଙ୍କା ଫେରି ପାଇବେ।

**କୁମ୍ଭ:** ପରନିନ୍ଦାରୁ ଦୂରେଇ ରୁହନ୍ତୁ। ପ୍ରେମିକ-ପ୍ରେମିକାଙ୍କ ମଧ୍ୟରେ ମତାନ୍ତର ଦେଖା ଦେବ। ରଣନୀତିରେ କାମ କରିବେ ଏବଂ ସଫଳତା ପ୍ରାପ୍ତି ହେବ। ସ୍ୱାସ୍ଥ୍ୟ ସମସ୍ୟା ପାଇଁ ଖର୍ଚ୍ଚାନ୍ତ ହେବେ।

**ମୀନ:** ଅଫିସ୍‌ରେ ପ୍ରତିଷ୍ଠା ବଢ଼ିବ। ଆର୍ଥିକ ଦୃଷ୍ଟିରୁ ଦିନଟି ଶୁଭ। କାମ ଆରମ୍ଭ ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ବ୍ୟବସାୟୀ କୌଣସି ଶୁଭ ଖବର ପାଇବେ। ଚକ୍ଷୁ ସମସ୍ୟା ଭୋଗିପାରନ୍ତି।

## ଆଜିର ଇତିହାସ

- ୧୭୬୮ - ଏନ୍‌ସାଇକ୍ଲୋପିଡିଆ ବ୍ରିଟାନିଆର ପ୍ରଥମ ସଂସ୍କରଣ ପ୍ରକାଶିତ।
- ୧୯୧୭-ଫିନ୍‌ଲ୍ୟାଣ୍ଡ ଋଷରୁ ସ୍ୱାଧୀନ ହେଲା।
- ୧୯୫୬- ଭାରତୀୟ ସମ୍ବିଧାନର ଜନକ ବାବାସାହେବ ଆମ୍ବେଦକରଙ୍କ ନିଧନ।
- ୧୯୬୨- ରାଷ୍ଟ୍ରୀୟ ନିରାପତ୍ତା ପରିଷଦର ସ୍ଥାପନା।
- ୧୯୯୯-ଇଣ୍ଡୋନେସିଆ ଜେଲ୍‌ରୁ ୨୮୩ କଏଦୀ ଫେରାର୍।

# କାମ ନ ସାରିଲେ କାଫେରୁ ଆସିବା ମନା



ଅନେକ ଲୋକଙ୍କର କାମକୁ ସଙ୍ଗେ ସଙ୍ଗେ ସାରିବା ଅଭ୍ୟାସ ନ ଥାଏ। ସେଥିପାଇଁ ସେମାନେ ସମୟ ଗଡ଼ାଇ ଚାଲନ୍ତି। ହେଲେ ଜାପାନରେ ଏମିତି ଏକ କାଫେ ଅଛି, ଯାହାକି ଲୋକଙ୍କର ଏହି ଅଭ୍ୟାସରେ ସୁଧାର ଆଣିବାରେ ସଫଳ ହୋଇଛି କହିଲେ ଭୁଲ୍ ହେବ ନାହିଁ। କୋଏନଜିକିଟା ଅଞ୍ଚଳରେ ଥିବା ଏହି କାଫେର ନାଁ ହେଉଛି ମାନୁସ୍କ୍ରିପ୍ଟ ରାଇଟିଂ କାଫେ। କାଫେର ନିୟମ ଅନୁଯାୟୀ, ଥରେ ଏହା ଭିତରକୁ ପ୍ରବେଶ କଲେ କାମ ନ ସାରି ସେଠାରୁ ବାହାରିବା ମନା। ତେବେ ଜଣେ ଟ୍ରାଭେଲ ବ୍ଲଗର୍ ଏହାର ଭିଡିଓ ସାମାଜିକ ଗଣମାଧ୍ୟମରେ ସେୟାର୍ କରିବା ପରେ ଏହା ସମସ୍ତଙ୍କ ନଜରକୁ ଆସିଛି। ସମୟରେ କାମ ସାରି ପାରୁ ନ ଥିବା ଲୋକଙ୍କ ପାଇଁ ଏହି କାଫେ ଉଦ୍ଦିଷ୍ଟ ବୋଲି କୁହାଯାଉଛି। କାଫେ ଭିତରକୁ ପ୍ରବେଶ କରିବା ମାତ୍ରେ ଗୋଟିଏ କାଗଜରେ ନିଜ ନାଁ, କେଉଁ କାମ କରିବା ଲକ୍ଷ୍ୟ ରଖିଛନ୍ତି ଏବଂ କାମକୁ ପୂରା କରିବାର ସମୟ ଅବଧି ବିଷୟରେ ଲେଖିବାକୁ ହେବ। ସବୁଠୁ ବଡ଼ କଥା ହେଲା, କାମ ନ ସରିବା ପର୍ଯ୍ୟନ୍ତ କାଫେର କର୍ମଚାରୀ ଲୋକଙ୍କୁ ବାହାରକୁ ଛାଡ଼ନ୍ତି ନାହିଁ। ଏହି କାଫେରେ କେବଳ ୧୦ଟି ସିଟ୍ ଅଛି। ଏହା କେବଳ ଲେଖକ, ଏଡିଟର ଏବଂ କଳାକାରମାନଙ୍କ ପାଇଁ ହିଁ ଉଦ୍ଦିଷ୍ଟ। ସେହିପରି ଏଠାରେ ଜଣେ ସୁରୁଖୁରୁରେ କାମ କରିବା ପାଇଁ କାଫେ ପକ୍ଷରୁ ହାଇସ୍ପିଡ ୱାଇଫାଇ ସହ ଚାର୍ଜିଂ ପଏଣ୍ଟର ସୁବିଧା ବି ରହିଛି। କାଫେର ଅନ୍ୟତମ ବିଶେଷତ୍ୱ ହେଉଛି, ଏଠାରେ ଚା' ଓ କଫି ସମ୍ପୂର୍ଣ୍ଣ ମାଗଣା। ସେହିପରି କାମ କେତେ ବାଟ ଆଗକୁ ଗଲା କି ନାହିଁ, କାଫେର କର୍ମଚାରୀ ନଜର ରଖନ୍ତି। ତା'ସହ କାମରୁ ଧ୍ୟାନ ବିଚ୍ୟୁତ ହେଲେ ସେମାନେ କାମ କରିବା ଲାଗି ପ୍ରୋତ୍ସାହିତ କରନ୍ତି। ଅନ୍ୟପଟେ କରୋନାରେ ୱାର୍କ ଫର୍ମ ହୋମ୍ ଆରମ୍ଭ ହେବାରୁ ଏହି କାଫେର ଆରମ୍ଭ ହୋଇଥିଲା। କାରଣ ଘରେ ଲୋକେ କାମ କରିବା ବେଳେ ସେତେ ବେଶି ଧ୍ୟାନ କେନ୍ଦ୍ରିତ କରିପାରନ୍ତି ନାହିଁ। ଏଣୁ କାଫେ ମାଲିକ ଏମିତି ଏକ ସ୍ଥାନ ତିଆରି କଲେ, ଯେଉଁଠି କାମ ସାରିବାର ସମୟ ସୀମା ନିର୍ଦ୍ଧାରଣ କରାଗଲା। ଅବଶ୍ୟ କାମ ଏଠାରେ ଶେଷ ହେବା ପରେ ଗ୍ରାହକଙ୍କୁ ଏକ ଷ୍ଟିକର ମିଳେ ଏବଂ ଏହା କାମରୁ ମୁକ୍ତ ହେବା କଥାକୁ ସୂଚାଏ। ଅନ୍ୟପଟେ ଗ୍ରାହକଙ୍କୁ ଏଠାରେ ବସିବା ଲାଗି ଘଣ୍ଟା ପ୍ରତି ୨୫୦ ଟଙ୍କା ଦେବାକୁ ପଡ଼ିଥାଏ। ଲୋକେ କାଫେର ଏହି ନିୟମକୁ ନେଇ ଭିନ୍ନ ଭିନ୍ନ ପ୍ରତିକ୍ରିୟା ଦେଇଛନ୍ତି।

# ରାତିରେ ଲାଇଟ୍ ଜଳାଇ ଶୋଇବା କ୍ଷତିକାରକ



ଅନେକ ଲୋକ ରାତିରେ ଶୋଇବା ପୂର୍ବରୁ ଲାଇଟ୍ ବନ୍ଦ କରିକି ଶୁଅନ୍ତି। ଆଉ କେତେ ଜଣ ଅନ୍ଧାରକୁ ଡରି ରାତିରେ ଲାଇଟ୍ ଜଳାଇ ଶୁଅନ୍ତି। ତେବେ ହାଭାର୍ଡ ବିଶ୍ୱବିଦ୍ୟାଳୟର ଏକ ଗବେଷଣାରେ ରାତିରେ ଲାଇଟ୍ ଜଳାଇ ଶୋଇବା ଆଦୌ ଭଲ ନୁହେଁ ବୋଲି କୁହାଯାଇଛି। ବିଶ୍ୱବିଦ୍ୟାଳୟର ଗବେଷକମାନେ ଲୋକଙ୍କ ଶୋଇବା ଉପରେ ଏକ ଗବେଷଣା କରିଥିଲେ। ଏହି ଗବେଷଣାରୁ ସାମ୍ନାକୁ ଆସିଲା ଯେ, ରାତିରେ ଶୋଇବା ବେଳେ କୃତ୍ରିମ ଆଲୋକ ଆଖି ଉପରେ ପଡ଼ିଲେ ଏହାଦ୍ୱାରା ହୃଦୟ ଓ ମସ୍ତିଷ୍କ ପ୍ରଭାବିତ ହୋଇଥାଏ। ଗବେଷଣାରେ ଦେଖାଯାଇଛି ଯେ, ଶୋଇବା ବେଳେ ଅଳ୍ପ ଆଲୋକ ଯଦି ଆଖି ଉପରେ ପଡ଼େ, ମସ୍ତିଷ୍କ ସକ୍ରିୟ ହୋଇ ଉଠେ। ଏଥିଯୋଗୁଁ ଧମନୀରେ ରକ୍ତ ସଞ୍ଚାର ଦ୍ରୁତ ଗତିରେ ହୁଏ। ତେବେ ରକ୍ତ ପ୍ରବାହ ଦ୍ରୁତ ଗତିରେ ହେଲେ ଏହା ହୃଦୟ ଉପରେ ପ୍ରଭାବ ପକାଏ। ତେଣୁ ରାତିରେ ଲାଇଟ୍ ଲଗାଇ ଶୋଇବା ଉଭୟ ହୃଦୟ ଏବଂ ମସ୍ତିଷ୍କ ପାଇଁ କ୍ଷତିକାରକ। ରାତିରେ ଲାଇଟ୍ ଜଳାଇବା ଦ୍ୱାରା ଏହାର ପ୍ରଭାବ ପୂରା ଶରୀର ଉପରେ ପଡ଼େ। ଅନ୍ୟପଟେ ଲାଇଟ୍ ଲଗାଇ ରାତିରେ ଶୋଇବା ଅଭ୍ୟାସରେ ପରିବର୍ତ୍ତନ ଆଣିବାକୁ ଗବେଷକମାନେ ପରାମର୍ଶ ଦେଇଛନ୍ତି।

# ଜାନୁଆରୀ ୧୬ରେ 'ହ୍ୟାପି ପଟେଲ'



ବଲିଉଡ୍‌ର ମିଷ୍ଟର ପରଫେକ୍ସନିଷ୍ଟ ଅମିର୍ ଖାନ୍‌ଙ୍କ ପ୍ରଯୋଜିତ ଗୁଇନ୍ଦାଭିତ୍ତିକ ଫିଲ୍ମ 'ହ୍ୟାପି ପଟେଲ :ଖତରନାକ ଜାସୁସ୍'ର ବିଧିବଦ୍ଧ ଭାବେ ଘୋଷଣା କରାଯାଇଛି। ଜଣାଶୁଣା ଷ୍ଟାଣ୍ଡଅପ୍ କମେଡିଆନ୍ ବୀର ଦାସ ଏହି ଫିଲ୍ମ ମାଧ୍ୟମରେ ତାଙ୍କ ନିର୍ଦ୍ଦେଶନା କ୍ୟାରିୟର ଆରମ୍ଭ କରିଛନ୍ତି। ମୋନା ସିଂହ ଓ ବୀର ଦାସ ଏଥିରେ ଲିଡ୍ ରୋଲରେ ନଜର ଆସିବେ। ଫିଲ୍ମର ଟାଇଟଲ୍ ଭଳି ଏହାର ଆନାଉନ୍ସମେଣ୍ଟ ଭିଡିଓ ବି ବେଶ୍ ଆକର୍ଷଣୀୟ ହୋଇଛି। ଭିଡିଓରେ ଅମିର୍ ବୀରଙ୍କୁ ଫିଲ୍ମରେ ଆକ୍ସନ୍, ସ୍ପାଇ କାହିଁ ବୋଲି ପ୍ରଶ୍ନ କରିବା ସହ ଏହା ଏକ ଫ୍ଲପ୍ ଫିଲ୍ମ ହେବ ବୋଲି କହି ପିଟିଛନ୍ତି। ଏହି ସମୟରେ ସେଠାରେ ଦର୍ଶକ ପହଞ୍ଚି ଫିଲ୍ମର ପ୍ରଶଂସା କରିଛନ୍ତି। ଏହାପରେ ଅମିର୍‌ଙ୍କ ସ୍ୱର ବଦଳି ଯାଉଛି, ସେ ଦର୍ଶକଙ୍କ ହଁରେ ହଁ ମିଶାଇଛନ୍ତି। ବୀର ଓ ଅମିର୍‌ଙ୍କ ଏହି ପ୍ରମୋସନାଲ ଭିଡିଓ ଦର୍ଶକଙ୍କୁ ଖୁବ୍ ପସନ୍ଦ ଆସିଛି। ଏହି ଫିଲ୍ମ ଆସନ୍ତା ଜାନୁଆରୀ ୧୬ରେ ପରଦାକୁ ଆସିବ। ଏଠାରେ ପ୍ରକାଶ ଥାଉ କି, ଅମିର୍‌ଙ୍କ ପ୍ରଡକ୍ସନ୍ ହାଉସ୍ ବେଶ୍ ଦମ୍‌ଦାର୍ କାହାଣୀ ପରଦାକୁ ଆଣିଥାଏ। 'ଲଗାନ୍', 'ତାରେ ଜମିନ୍ ପର', 'ଦଙ୍ଗଲ' ଓ 'ସିକ୍ରେଟ୍ ସୁପରଷ୍ଟାର୍' ପରେ ଅମିର୍‌ଙ୍କ ପ୍ରଡକ୍ସନ କମ୍ପାନି ଦର୍ଶକଙ୍କୁ 'ହ୍ୟାପି ପଟେଲ' ମାଧ୍ୟମରେ ଏକ ନୂଆ ଅନୁଭୂତି ଦେବାକୁ ଯାଉଛି। 'ଦିଲ୍ଲୀ ବେଲି' ପରେ ବୀର ଓ ଅମିର୍ ପୁଣି ଥରେ ଏକାଠି କାମ କରୁଛନ୍ତି।

## ବହି ଆମର ସାଥୀ





ସୁଜିତ କୁମାର ମିଶ୍ର

ସକଳ ଜ୍ଞାନ ଅର୍ଜନ ପାଇଁ
ବହି ଆମର ସାଥୀ,
ରଖିବା ତାକୁ ସାଇତି ଆମେ
ଅତି ଆଦରେ ନିତି ।
ସବୁ ସପନ ସଫଳ ହୁଏ
ଥିଲେ ପାଖରେ ବହି,
ମନ ଭିତର ବହୁ ପ୍ରଶ୍ନର
ଉତ୍ତର ଦିଏ କହି ।
ବହି ପଢ଼ିକି କଲାମ୍ ହେଲେ
ସଂସାରେ ବୈଜ୍ଞାନିକ,
ଚମକିଲେ ସେ ସାରା ବିଶ୍ୱରେ
ହୋଇଲେ ବଡ଼ଲୋକ ।
ଜଗାଏ ବହି ଆତ୍ମବିଶ୍ୱାସ
ସନ୍ଦେହ କରି ଦୂର,
ସଫଳକାମୀ ମଣିଷ ଗଢ଼େ
ଶ୍ରଦ୍ଧାରେ ନିରନ୍ତର ।
ବହିଟି ପରା ଜଣା ଅଜଣା
ନୀତିଶିକ୍ଷାରେ ଭରା,
ଆମ ଜୀବନ ଚଲାପଥରେ
ସିଏ ଆଲୋକ ଧାରା ।
ଦୁଃଖ ବେଳାରେ ଥାଏ ସେ ପାଶେ
ଆପଣା ଲୋକ ହୋଇ,
ପଢ଼ିଲେ ପିଲେ ସୁଖର ହସ
ପରାଣୁ ଝରୁଥାଇ ।
ନ ଥିଲେ କେହି ପାଖରେ କେବେ
ବହିଟି ଆଶାବାଡ଼ି,
ତା' ପାଇଁ ସିନା ଆମ ଜୀବନ
ଆଗକୁ ଯାଏ ମାଡ଼ି ।■


ଜନାର୍ଦ୍ଦନପୁର ଶାସନ
କେନ୍ଦୁଝର
ମୋ- ୭୬୮୩୮୬୭୭୪୨

## ଶୀତ ଆଗମନେ



ଚିତ୍ତରଞ୍ଜନ ମହାନ୍ତି

ଶୀତ ଆସେ ପାଦ ଥାପି
ପୌଷ,ମାଘ ମାସ ଦୁଇ
ଶୀତକୁ ଯାଉନା ଡରି
ବୋଉ କୋଳ ଭରସି ।।
ଶୀତ ଆସେ ମଠେଇ
ମାଘ ଧରେ ଜଡ଼େଇ
ବୋଉ ଖୋଜେ ରେଜେଇ
ଶୀତ ଖେଳେ ଲୁଚକାଳି ।।
ସବୁରି ପ୍ରିୟ ଶୀତ
ରେଜେଇ କମ୍ବଳ ଖୋଜ
ଘୋଡ଼େଇ ଦେଲେ ଦେହ
ଶୀତ ସାଥେ ହୁଏ ମିତ ।।
ଥିଲେ ବି ଶୀତର ଜାଡ଼
ଏଦୁନିଆ ଦିଏ ଶ୍ରେଷ୍ଠ
ଚାଷୀଭାଇ ଓଠେ ହସ
ଦେଖି ତା'ର ସୁନା କ୍ଷେତ ।।
ଶୀତରେ ପରବ ସକଳ
ପିଠାପଣାର ମହକ !
ତରୁ ଲତା ଫୁଲ ଫଳ
ପନି ପରିବା ସବୁଜ ।।
ଶୀତ ଏମିତିକା ଋତୁ
ଥକୁନା କାମ କରିଯାଉ
ପ୍ରକୃତି ଶୋଭା ଅପରୂପା
ବଢେ ଜିଇଁବାର ଆଶା ।।
ଶୀତ ଲୋଡ଼େ ଉଷ୍ଣତା
ଗ୍ରୀଷ୍ମ ଲୋଡ଼େ ଶୀତଳତା
ଇଚ୍ଛାମତେ ସବୁ ମିଳେନା
ସବୁ ଈଶ୍ୱରଙ୍କ ରଚନା ।।■



ତଗିରା,ରାଣୀତାଲ, ଭଦ୍ରକ
ମୋ – ୯୪୩୮୬୭୦୧୫୦

## ପ୍ରହେଳିକା

- କେବେ କେବେ ଶୀତଦିନ ସକାଳେ
  ସୂରୁଜ ନ ଦିଶେ ଆକାଶ କୋଳେ
  ଅନ୍ଧାରୁଆ ଲାଗେ ବାଟ ଓ ଘାଟ
  ଦେହକୁ ଲାଗଇ ଶୀତ ବହୁତ
  ବୁନ୍ଦା ବୁନ୍ଦା ପାଣି ଝରି ପଡ଼ଇ
  ବର୍ଷା ନୁହେଁ ସିଏ ଦେହକୁ ଭିଜାଏ
  ପାରିବକି ତା'ର ନାମଟି କହି ।

  ଉତ୍ତର-କୁହୁଡ଼ି

- ଗରମ ପୋଷାକ ଅଟଇ ସିଏ
  ଶୀତଦିନ ହେଲେ ସେ ଦେଖା ଦିଏ
  ପିନ୍ଧିଲେ ଲାଗଇ ଭାରି ସୁନ୍ଦର
  ତା'ପାଇଁ ନଥାଏ ଶୀତକୁ ଡର
  ନାନା ରଙ୍ଗେ ମିଳେ ସିଏ
  ପିଲାଠାରୁ ବୁଢ଼ା ସଭିଏଁ ପିନ୍ଧନ୍ତି
  କୁହ ତା'ର ନାମ କିଏ ।

  ଉତ୍ତର-ସୁଇଟର୍

- ହେମାଳ ପବନ ଯେବେ ବହଇ
  ମୁଣ୍ଡରେ ପିନ୍ଧନ୍ତି ଭଉଣୀ ଭାଇ
  ମୁଣ୍ଡ କାନକୁ ସେ ଦିଏ ଘୋଡ଼େଇ
  ଶୀତର କୋପକୁ ଦିଏ ଦୂରେଇ
  କୋମଳ ଦରବଟିଏ
  ଶୀତ କୁହୁଡ଼ିରୁ ରକ୍ଷା କରେ ସିଏ
  କୁହ ତା'ର ନାମ କିଏ ।

  ଉତ୍ତର-ଶୀତ ଟୋପି

ରାମଚନ୍ଦ୍ର ବେହେରା
ତେନ୍ତୁଳିପଦା, ଜଗତସିଂହପୁର
ମୋ-୭୩୫୫୬୩୪୩୪୬

## ସୁମନ

# ଗୁରୁଙ୍କର ପରୀକ୍ଷା



ରମେଶ ଚନ୍ଦ୍ର ଦାଶ





ଭାଲୁର ବିଦ୍ୟାଳୟରେ ବିଲୁଆ, ଗୋଧି, ନେଉଳ, ଗଧ, ଅଜଗର ପ୍ରଭୃତି ପ୍ରାଣୀମାନେ ଛାତ୍ର ଥିଲେ। ସେ ବୁଢ଼ା ହୋଇଯିବାରୁ ଆଉ ପୂର୍ବଭଳି ପଢ଼ାଇ ପାରିଲା ନାହିଁ। ସେ ଅବସର ନେଇ ଘରେ ରହିଲା। ଦିନେ ସେ ଭାବିଲା- ମୁଁ ଏତେ ଛାତ୍ରଙ୍କୁ ପାଠ ପଢ଼ାଇଛି। ମୁଁ ସେମାନଙ୍କୁ କହି ମୋ ପାଇଁ ଗୋଟିଏ ଭଲ ଘରଟିଏ ତିଆରି କରାଇବି। ତେଣୁ ସେ ବିଲୁଆ, ଗୋଧି ଓ ନେଉଳଙ୍କୁ ଡାକି ତାର ମନକଥା କହିଲା। ସେମାନେ କହିଲେ-" ଏହା ଆମ ପାଇଁ ସାମାନ୍ୟ କଥା। ଆମେ ନିଶ୍ଚିତ ଭାବରେ ଖୁବ୍ ଶୀଘ୍ର ଆପଣଙ୍କ ରହିବା ପାଇଁ ଏମିତି ଘରଟିଏ ତିଆରି କରିଦେବୁ ଯେ ଯେମିତି ଅନ୍ୟମାନେ ଦେଖିଲେ ଆଶ୍ଚର୍ଯ୍ୟ ହୋଇଯିବେ।" ସେମାନଙ୍କ କଥାରେ ଭାଲୁର ମନ ଭାରି ଖୁସି ହୋଇଗଲା। ସେ ନୂଆଘରେ କେମିତି ରହିବ ସେହିକଥା ସଦାବେଳେ ଭାବିବାରେ ଲାଗିଲା। ପନ୍ଦରଦିନ ମଧ୍ୟରେ ଘର ତିଆରି କରିଦେବେ ବୋଲି ସ୍ଥିର ହେଲା। ତାପରେ ଯେ ଯେଉଁଆଡ଼େ ଚାଲିଗଲେ। ପନ୍ଦର ଦିନ ପୂରିଗଲା। ଘରକାମ ଆରମ୍ଭ ହେଲା ନାହିଁ। ଭାଲୁ ପଚାରିବାରୁ ବିଲୁଆ କହିଲା, "ଆପଣଙ୍କ ପାଇଁ ଯେତେବେଳେ ଘର ହେବ ତାହା ଗୋଟିଏ ଭଲଦିନ ଦେଖି ଆରମ୍ଭ କରାଯିବ। ଆମେ ସେହି ଭଲ ଦିନ ଅପେକ୍ଷାରେ ଅଛୁ।" ପୁଣି କିଛି ଦିନ ଗଲା। ଭାଲୁ ଗୋଧି ଦୁଆରେ ପହଞ୍ଚି ଘରକଥା ପଚାରିବାରୁ ସେ କହିଲା, "ବ୍ୟସ୍ତ ହୁଅନ୍ତୁ ନାହିଁ। ଆପଣଙ୍କର ଯଦି ବର୍ତ୍ତମାନ ରହିବାରେ ଅସୁବିଧା ହେଉଛି ତେବେ ଆମ ଘରେ ରହିପାରନ୍ତି। କିଛି ଅସୁବିଧା ନାହିଁ। ଆମେ ଖୁବ୍ ଶୀଘ୍ର ଆପଣଙ୍କ ଘର ତିଆରି ଆରମ୍ଭ କରୁଛୁ।" ସେ ଆଉ ନେଉଳ ପାଖକୁ ଗଲା ନାହିଁ। ନେଉଳ ବି ସେହିଭଳି କିଛି କହିବ ବୋଲି ଭାଲୁ ମନେକଲା। କିନ୍ତୁ ନେଉଳ ଅନ୍ୟ କେତେକ ପ୍ରାଣୀଙ୍କୁ ନେଇ ଭାଲୁ ପାଇଁ ଘରଟିଏ ତିଆରି କରି ଦିନେ ଭାଲୁ ଦୁଆରେ ପହଞ୍ଚି ତାକୁ ଡାକିଲା। ଭାଲୁ ଏସବୁ ବାବଦରେ କିଛି ଜାଣି ନ ଥାଏ। ସେ ଯେତେବେଳେ ଶୁଣିଲା ଯେ ନେଉଳ ଏକାକୀ ତା' ପାଇଁ ଘର ତିଆରି କରିଛି ସେ କହିଲା, "ମୁଁ ରହିବା ପାଇଁ ଘର ଚାହୁଁନଥିଲି। ପ୍ରକୃତରେ ତୁମେମାନେ ମୋଠାରୁ କେତେ କର୍ତ୍ତବ୍ୟବୋଧ ଓ ଦାୟିତ୍ୱବୋଧ ଶିକ୍ଷା କରିଛ, ତାହା ଜାଣିବା ପାଇଁ ଏପରି କହିଥିଲି।" ଭାଲୁ ନେଉଳକୁ ଆଶୀର୍ବାଦ ଦେଇ କହିଲା, "ଯେଉଁମାନେ ନିଜ କଥା ଅନୁସାରେ କାମ କରନ୍ତି; ସେମାନେ ଦୁନିଆରେ କୌଣସି ପରିସ୍ଥିତିରେ ହାରନ୍ତି ନାହିଁ। ଯେଉଁମାନେ ଏପରି ନ କରି ଠକିବାର ବାହାନା କରନ୍ତି ସେମାନେ ନିଜକୁ ନିଜେ ଠକି ହୋଇଥାନ୍ତି।" ■

ଶିକ୍ଷାଶ୍ରୀ ଲେନ୍, କୁମ୍ଭାରପଡ଼ା, ପୁରୀ
ମୋ - ୯୭୭୬୨୩୮୫୨୨





ଇଭାଂଶୀ ମିଶ୍ର
ଦ୍ୱିତୀୟ ଶ୍ରେଣୀ
ଡିଏଭି ପବ୍ଲିକ୍ ସ୍କୁଲ
ପୋଖରୀପୁଟ, ଭୁବନେଶ୍ୱର





ପ୍ରଶଂସା ତ୍ରିପାଠୀ
ଅଷ୍ଟମ ଶ୍ରେଣୀ
ଓଡ଼ିଶା ଆଦର୍ଶ ବିଦ୍ୟାଳୟ
ଉତ୍ତରବାଡ଼
ଭଣ୍ଡାରିପୋଖରୀ





କୀର୍ତ୍ତି କ୍ରିଷ୍ଣା ରାଉତ
ଅଷ୍ଟମ ଶ୍ରେଣୀ
ଓଡ଼ିଶା ଆଦର୍ଶ ବିଦ୍ୟାଳୟ
ହଂସପଡ଼ା, ପୁରୀ





ସିଦ୍ଧ ମନୀଷ ସାହୁ
ପଞ୍ଚମ ଶ୍ରେଣୀ
ଗାଇଡାନ୍ସ ଇଂଲିଶ୍ ମିଡିୟମ୍ ସ୍କୁଲ
ଡୁମୁଡୁମା, ଭୁବନେଶ୍ୱର


## ଭାରତ-ଦକ୍ଷିଣ ଆଫ୍ରିକା ଶେଷ ଦିନିକିଆ ଆଜି

# ଟସ୍ ଓ କୁହୁଡ଼ି ହେବ ନିର୍ଣ୍ଣାୟକ

ବିଶାଖାପାଟଣା, ୫।୧୨(ଏଜେନ୍ସି)

ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଚାଲିଥିବା ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ନିର୍ଣ୍ଣାୟକ ସ୍ଥିତିରେ ପହଞ୍ଚିଛି। ଏହି ସିରିଜ୍‌ର ପ୍ରଥମ ମ୍ୟାଚ୍‌ରେ ଭାରତ ୧୭ ରନ୍‌ରେ ଓ ଦ୍ୱିତୀୟ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ୪ ୱିକେଟରେ ବିଜୟୀ ହେବା ଫଳରେ ସିରିଜ୍ ୧-୧ ବରାବର ସ୍ଥିତିରେ ରହିଛି। ଏଠାରେ ଆସନ୍ତାକାଲି ସିରିଜ୍‌ର ତୃତୀୟ ତଥା ନିର୍ଣ୍ଣାୟକ ମୁକାବିଲା ହେବ। ଏଥିରେ ଯେଉଁ ଦଳ ବିଜୟୀ ହେବ ସେହି ଦଳ ୨-୧ ବ୍ୟବଧାନରେ ସିରିଜ୍ କବ୍‌ଜା କରିବ। ଏହା ପୂର୍ବରୁ ଖେଳାଯାଇଥିବା ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌କୁ ଦକ୍ଷିଣ ଆଫ୍ରିକା ୨-୦ରେ କ୍ଲିନ୍ ସୁଇପ୍ କରିଥିଲା। ଏଣୁ ଏଠାରେ ଶେଷ ଦିନିକିଆରେ ବିଜୟୀ ହୋଇ ଭାରତ କ୍ରମାଗତ ଦୁଇଟି ସିରିଜ୍ ପରାଜୟ ଏଡ଼ାଇବାକୁ ସମସ୍ତ ପ୍ରକାର ଉଦ୍ୟମ କରିବ। ଏହି ମ୍ୟାଚ୍‌ରେ ଟସ୍ ଓ କୁହୁଡ଼ି ଯେ ମ୍ୟାଚ୍‌ରେ ଶେଷ ମୁକାବିଲାରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ ଏଥିରେ ସନ୍ଦେହ ନାହିଁ।





ରାୟପୁରରେ ଖେଳାଯାଇଥିବା ଦ୍ୱିତୀୟ ଦିନିକିଆରେ ପ୍ରଥମେ ବ୍ୟାଟିଂ କରି ଭାରତ ୩୫୮ ରନ୍ କରିଥିଲେ ମଧ୍ୟ ଏହି ମୁକାବିଲାକୁ ହାରିଯାଇଥିଲା। ଭ୍ରମଣକାରୀ ଦଳର ବ୍ୟାଟିଂ ଲାଇନ୍ ଏତେ ଶକ୍ତିଶାଳୀ ଯେ, କ୍ୱାଲିଟୀ ବୋଲିଂ ନ ହେଲେ ଯେତେବଡ଼ ଟାର୍ଗେଟକୁ ହାସଲ କରିବାର ଦକ୍ଷତା ରଖିଛି। ଫ୍ଲାଟ ପିଚ୍‌ରେ ଦକ୍ଷିଣ ଆଫ୍ରିକାକୁ ହରାଇବା ଭାରତ ଲାଗି କଷ୍ଟକର। ଘରୋଇ ମାଟିରେ ସ୍ପିନରଙ୍କୁ ଖେଳିବା ଭ୍ରମଣକାରୀ ଦଳ ଲାଗି ସହଜ ହୋଇଯାଇଛି। ଜାଡେଜା, ସୁନ୍ଦର ଓ କୁଲଦୀପଙ୍କୁ ନେଇ ଗଠିତ ଭାରତର ସ୍ପିନ୍ ବାହିନୀ ଆଦୌ ବିପଦ ସୃଷ୍ଟି କରୁନାହିଁ। ଏଣୁ ଭାରତ ବ୍ୟାଟିଂ ଉପରେ ନିର୍ଭର କରୁଛି। ଦଳ ଦିନିକିଆ ମ୍ୟାଚ୍‌ରେ କ୍ରମାଗତ ୧୯ଟି ଟସ୍ ହାରିଛି। ଭାରତରେ ଏବେ ପ୍ରବଳ କୁହୁଡ଼ି ପଡୁଛି। ପଛରେ ବୋଲିଂ ଓ ଫିଲ୍ଡିଂ କରିବା କଷ୍ଟକର ହେଉଛି। ଏଣୁ ଆସନ୍ତାକାଲି ମ୍ୟାଚ୍‌ରେ ଯେଉଁ ଦଳ ଟସ୍ ଜିତିବ, ସେହିଦଳ ନିଶ୍ଚିତ ଭାବେ ପ୍ରତିପକ୍ଷ ଦଳକୁ ପ୍ରଥମେ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରିବ। କ୍ରମାଗତ ୨୦ତମ ମୁକାବିଲାରେ ଭାରତ ଯଦି ଟସ୍ ନ ଜିତେ ତେବେ ଏହି ସିରିଜ୍ ଜିତିବା ଦଳ ଲାଗି ସ୍ୱପ୍ନ ହୋଇ ରହିଯିବ। ଅନ୍ୟ ପକ୍ଷରେ ଦ୍ୱିତୀୟ ଦିନିକିଆ ମ୍ୟାଚ୍ ଖେଳୁଥିବାବେଳେ ଦକ୍ଷିଣ ଆଫ୍ରିକାର ଦୁଇଜଣ ଖେଳାଳି ତଥା ଫାଷ୍ଟ ବୋଲର ନାନ୍ଦ୍ରେ ବର୍ଗର ଓ ବ୍ୟାଟର ଟୋନି ଡି ଜୋର୍ଜିଙ୍କ ହାମଷ୍ଟ୍ରିଙ୍ଗ୍ ଇଞ୍ଜୁରୀ ହୋଇଛି। ଏମାନେ ଫିଟ୍ ହେବେ ବୋଲି ଆଶା କମ୍। ବର୍ଗରଙ୍କ ସ୍ଥାନରେ ଓଟ୍ନେଲ ବାର୍ଟମ୍ୟାନ୍ ଓ ଡି ଜୋର୍ଜିଙ୍କ ସ୍ଥାନରେ ରିୟାନ ରିକେଲଟନଙ୍କ ଖେଳିବା ସମ୍ଭାବନା ରହିଛି।

**ଖେଳ ଆରମ୍ଭ : ଦିନ ୧ଟା ୩୦**

**ପ୍ରସାରଣ : ଷ୍ଟାର୍‌ସ୍ପୋର୍ଟ୍ସ ନେଟ୍‌ୱର୍କ**

**ଲାଇଭ୍ ଷ୍ଟ୍ରିମିଂ : ଜିଓହଟ୍‌ଷ୍ଟାର**

**ସମ୍ଭାବ୍ୟ ଖେଳାଳି ଦଳ**

**ଭାରତ**: ଜୟସ୍ୱାଲ, ରୋହିତ, କୋହଲି, ଗାଏକ୍ୱାଡ୍, ରାହୁଲ (ଅଧିନାୟକ), ସୁନ୍ଦର, ଜାଡେଜା, ରାଣା, କୁଲଦୀପ, ଅର୍ଶଦୀପ ଓ ପ୍ରସିଦ୍ଧ କ୍ରିଷ୍ଣା। ବେଞ୍ଚ- ପନ୍ତ, ଜୁରେଲ, ରେଡ୍ଡୀ ଓ ବର୍ମା।

**ଦକ୍ଷିଣ ଆଫ୍ରିକା**: ମାରକ୍ରମ, ଡି କକ, ରିକେଲଟନ, ବଭୁମା (ଅଧିନାୟକ), ବ୍ରିଜ୍‌କେ, ବ୍ରେଭିସ୍, ଜାନ୍‌ସେନ, ବୋଶ୍ଚ, ମହାରାଜ, ଏନ୍‌ଗିଡି, ବାର୍ଟମ୍ୟାନ୍। ବେଞ୍ଚ- ହର୍ମନ, ଡି ଜୋର୍ଜି, ବର୍ଗର, ଏନ୍‌ଗିଡି, ସୁବ୍ରାୟେନ୍।

● ଏଫ୍ଆଇଏଚ୍ ଜୁନିଅର ହକି ବିଶ୍ୱକପ୍

## ସେମିରେ ଭାରତ-ବେଲଜିୟମ୍

ଚେନ୍ନାଇ, ୫।୧୨(ଏଜେନ୍ସି): ଭାରତ ଓ ଡିଫେଣ୍ଡିଂ ଚାମ୍ପିଅନ ଜର୍ମାନୀ ମଧ୍ୟରେ ଏଫ୍ଆଇଏଚ୍ ପୁରୁଷ ଜୁନିଅର ହକି ବିଶ୍ୱକପ୍‌ର ସେମିଫାଇନାଲ ମୁକାବିଲା ଡିସେମ୍ବର ୭ରେ ଖେଳାଯିବ। ଏହି ଦିନ ଅନ୍ୟ ଏକ ସେମିରେ ସ୍ପେନ୍ ସହ ଆର୍ଜେଣ୍ଟିନା ଖେଳିବ। ସ୍ଥାନୀୟ ମେୟର ରାଧାକ୍ରିଷ୍ଣନ ଷ୍ଟାଡିୟମ୍‌ରେ ଶୁକ୍ରବାର ଖେଳାଯାଇଥିବା ଉତ୍କଣ୍ଠାପୂର୍ଣ୍ଣ କ୍ୱାର୍ଟର ଫାଇନାଲରେ ଭାରତ ୪-୩ ପେନାଲ୍ଟି ସୁଟ୍‌ଆଉଟରେ ଶକ୍ତିଶାଳୀ ବେଲଜିୟମକୁ ପରାସ୍ତ କରିଥିଲା। ଉଭୟ ଦଳ ନିର୍ଦ୍ଧାରିତ ସମୟରେ ୨-୨ ଓ ପେନାଲ୍ଟି ସୁଟ୍‌ଆଉଟରେ ପ୍ରଥମ ୩ଟିରେ ଗୋଲ ସ୍କୋର କରିଥିଲେ। ଉଭୟ ଦଳର ଚତୁର୍ଥ ସଟ୍‌କୁ ଗୋଲକିପର ଅଟକାଇଦେଇଥିଲେ। ପଞ୍ଚମ ସଟ୍‌କୁ ମଧ୍ୟ ଭାରତୀୟ ଗୋଲରକ୍ଷକ ବିକ୍ରମଜିତ ସିଂ ଅଟକାଇ ଭାରତକୁ ଜିତିବା ଆଶା ଦେଇଥିଲେ। ପଞ୍ଚମ ସଟ୍ ମାରିଥିବା ଅଙ୍କିତ ପାଲ କାହାରିକୁ ନିରାଶ ନ କରି ଏହାକୁ ଗୋଲରେ ପରିଣତ କରିବା ସହ ଭାରତୀୟ ଶିବିରରେ ଆନନ୍ଦ ଖେଳାଇ ଦେଇଥିଲେ। ନିର୍ଦ୍ଧାରିତ ସମୟରେ ଶାରଦାନନ୍ଦ ତିୱାରୀ ଓ ଅଧିନାୟକ ରୋହିତ ଗୋଲ ଦେଇଥିଲେ। ଅନ୍ୟ କ୍ୱାର୍ଟର ଫାଇନାଲରେ ଜର୍ମାନୀ ୩-୧ ପେନାଲ୍ଟିରେ ଫ୍ରାନ୍ସକୁ, ସ୍ପେନ୍ ୪-୩ରେ ନ୍ୟୁଜିଲାଣ୍ଡକୁ ଓ ଆର୍ଜେଣ୍ଟିନା ୧-୦ ଗୋଲରେ ନେଦରଲାଣ୍ଡକୁ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଥିଲେ।

**ମହିଳା ଦଳର ବୃହତ୍ ବିଜୟ**: ସାଣ୍ଟିଆଗୋଠାରେ ଚାଲିଥିବା ଏଫ୍ଆଇଏଚ୍ ମହିଳା ଜୁନିଅର ହକି ବିଶ୍ୱକପ୍‌ରେ ଆଜି ଅନୁଷ୍ଠିତ ମ୍ୟାଚ୍‌ରେ ଭାରତ ୪-୦ ଗୋଲରେ ଆୟର୍ଲାଣ୍ଡକୁ ପରାସ୍ତ କରି ଗ୍ରୁପ୍‌ରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛି। ଏହି ଗ୍ରୁପ୍‌ରେ ଜର୍ମାନୀ ହ୍ୟାଟ୍ରିକ ବିଜୟ ସହ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି।

● ଇନ୍ଦୋରରେ ହୋଟେଲ ଅଭାବ

## ଏସ୍‌ଏମ୍‌ଏଟି ନକ୍‌ଆଉଟ୍ ପୁଣେକୁ ସ୍ଥାନାନ୍ତରିତ

ମୁମ୍ବଇ, ୫।୧୨(ଏଜେନ୍ସି): ଖେଳାଳିଙ୍କ ରହିବା ଲାଗି ଇନ୍ଦୋରରେ ଥିବା ହୋଟେଲ ଗୁଡିକରେ ରୁମ୍‌ର ଅଭାବ ଯୋଗୁଁ ଡିସେମ୍ବର ୧୨ରୁ ୧୮ ଯାଏ ଏଠାରେ ଖେଳାଯିବାକୁ ଥିବା ସୟଦ ମୁସ୍ତାକ ଅଲି ଟି-୨୦ (ଏସ୍‌ଏମ୍‌ଏଟି) ନକ୍ ଆଉଟ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟକୁ ପୁଣେ ସ୍ଥାନାନ୍ତରିତ କରାଯାଇଛି। ନକ୍‌ଆଉଟରେ ୮ଟି ଦଳର କିଛି ସୁପରଷ୍ଟାରଙ୍କ ସମେତ ଶ୍ରେଷ୍ଠ ଖେଳାଳି ଅଂଶଗ୍ରହଣ କରିବେ। ଏହି ସମୟରେ ଅର୍ଥାତ୍ ଡିସେମ୍ବର ୯ରୁ ୧୨ ତାରିଖ ଯାଏ ଡାକ୍ତରମାନଙ୍କର ଏକ ବିଶ୍ୱ ସମ୍ମିଳନୀ ଆୟୋଜିତ ହେଉଥିବାରୁ ହୋଟେଲ ରୁମ୍ ଆଗୁଆ ବୁକ୍ ହୋଇଯାଇଛି।

## ବାରବାଟୀରେ ଟିକଟ କିଣିବା ପାଇଁ ସଂଘର୍ଷ











## ଭୁବନେଶ୍ୱରରେ ପହଞ୍ଚିଲେ ଦକ୍ଷିଣ ଆଫ୍ରିକା ଟି-୨୦ ଖେଳାଳି

ଭୁବନେଶ୍ୱର, ୫।୧୨(ସମିସ): କଟକର ବାରବାଟୀ ଷ୍ଟାଡିୟମ୍‌ରେ ଭାରତ ସହ ପ୍ରଥମ ଟି-୨୦ ମ୍ୟାଚ୍ ଖେଳିବାକୁ ଦକ୍ଷିଣ ଆଫ୍ରିକାର ୫ଜଣ ଖେଳାଳି ଏଠାରେ ଆଜି ଆସି ପହଞ୍ଚିଛନ୍ତି। ଏହି ଖେଳାଳିମାନେ ହେଲେ ଓପନର ରୀଜା ହେଣ୍ଡ୍ରିକ୍ସ, ୱିକେଟକିପର ଡୋନୋଭାନ ଫେରେରା, ଅଲରାଉଣ୍ଡର ଡେଭିଡ୍ ମିଲର, ସ୍ପିନର ଜର୍ଜ ଲିଣ୍ଡେ ଓ ଫାଷ୍ଟ ବୋଲର କ୍ୱେନା ମାଫକା। ଏମାନେ ଏଠାରେ ହୋଟେଲରେ ରହିବେ। ଡିସେମ୍ବର ୭ରେ ଦକ୍ଷିଣ ଆଫ୍ରିକା ଦଳର ଅବଶିଷ୍ଟ ଖେଳାଳି ଭୁବନେଶ୍ୱରରେ ପହଞ୍ଚିବେ। ଆଇଡେନ୍ ମାରକ୍ରମଙ୍କ ନେତୃତ୍ୱରେ ଦକ୍ଷିଣ ଆଫ୍ରିକା ଏହି ଟି-୨୦ ସିରିଜ୍ ଖେଳିବ। ଆସନ୍ତାକାଲି ଭାରତୀୟ ଖେଳାଳି ସୂର୍ଯ୍ୟକୁମାର ଯାଦବ, ଯଶପ୍ରୀତ୍ ବୁମ୍‌ରା, ହାର୍ଦ୍ଦିକ ପାଣ୍ଡ୍ୟା, ଅଭିଷେକ ଶର୍ମା ଓ ସଞ୍ଜୁ ସାମସନଙ୍କ ପରି ୧୦ଜଣ ଖେଳାଳି ଆସିବାର କାର୍ଯ୍ୟକ୍ରମ ରହିଛି।

## ଓଡ଼ିଶା ବିପକ୍ଷରେ ଖେଳିବେ କୋହଲି

ନୂଆଦିଲ୍ଲୀ, ୫।୧୨ (ଏଜେନ୍ସି): ବିସିସିଆଇର ଘରୋଇ ଲିଷ୍ଟ-ଏ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ବିଜୟ ହଜାରେ ଟ୍ରଫି ଡିସେମ୍ବର ୨୪ରୁ ଦେଶର ବିଭିନ୍ନ ଗ୍ରାଉଣ୍ଡରେ ଆରମ୍ଭ ହେବ। ଏହି ଟୁର୍ଣ୍ଣାମେଣ୍ଟ ଖେଳିବାକୁ ତାରକା ଭାରତୀୟ ବ୍ୟାଟର୍ ବିରାଟ କୋହଲି ସମ୍ମତି ପ୍ରକାଶ କରିଛନ୍ତି। ଫଳରେ ଦୀର୍ଘ ୧୫ ବର୍ଷ ପରେ କୋହଲି ବିଜୟ ହଜାରେ ଟ୍ରଫି ଖେଳିବେ। କୋହଲି ଶେଷଥର ଲାଗି ୨୦୦୯-୧୦ ସିଜନରେ ଏହି ଟୁର୍ଣ୍ଣାମେଣ୍ଟରେ ଭାଗନେଇଥିଲେ। କୋହଲିଙ୍କ ଦଳ ଦିଲ୍ଲୀ ଏଥର ବିଜୟ ହଜାରେ ଟ୍ରଫିରେ ଗ୍ରୁପ୍-ଡି'ରେ ସ୍ଥାନ ପାଇଛି। ଏହି ଗ୍ରୁପ୍‌ରେ ଦିଲ୍ଲୀ ସମେତ ହରିୟାଣା, ଗୁଜରାଟ, ଓଡ଼ିଶା, ସର୍ଭିସେସ୍, ଆନ୍ଧ୍ର ପ୍ରଦେଶ ଓ ସୌରାଷ୍ଟ୍ର ଦଳ ସ୍ଥାନ ପାଇଛି। ଗ୍ରୁପ୍ ପର୍ଯ୍ୟାୟରେ ପ୍ରତି ଦଳ ପରସ୍ପର ବିପକ୍ଷରେ ଥରେ ଲେଖାଏ ଖେଳିବେ। ଏହିକ୍ରମରେ ଡିସେମ୍ବର ୩୧ରେ ଓଡ଼ିଶା ଓ ଦିଲ୍ଲୀ ମଧ୍ୟରେ ବେଙ୍ଗାଲୁରୁର ଆଲୁରରେ ଅନୁଷ୍ଠିତ ହେବ। ଯେହେତୁ କୋହଲି ଏହି ଟୁର୍ଣ୍ଣାମେଣ୍ଟ ଖେଳିବାକୁ ସମ୍ମତି ଜଣାଇଛନ୍ତି ତେଣୁ ଓଡ଼ିଶା ବିପକ୍ଷ ମ୍ୟାଚରେ ସେ ଖେଳିବା ଆଶା ଉଜ୍ଜଳ ରହିଛି।

## ଅଷ୍ଟ୍ରେଲିଆ ପ୍ରଥମ ଇନିଂସ ଅଗ୍ରଣୀ

ବ୍ରିସ୍‌ବେନ୍, ୫।୧୨(ଏଜେନ୍ସି): ଏଠାରେ ଚାଲିଥିବା ଇଂଲଣ୍ଡ ବିପକ୍ଷ ଦ୍ୱିତୀୟ ଟେଷ୍ଟରେ ଘରୋଇ ଅଷ୍ଟ୍ରେଲିଆ ପ୍ରଥମ ଇନିଂସ ଅଗ୍ରଣୀ ନେବାରେ ସମର୍ଥ ହୋଇଛି। ଜୋ ରୁଟ୍‌ଙ୍କ ଅପରାଜିତ ୧୩୪ ଓ ଜ୍ୟାକ୍ କ୍ରାଲୀଙ୍କ ୭୬ ରନ୍ ସହାୟତାରେ ପ୍ରଥମେ ବ୍ୟାଟିଂ କରି ଇଂଲଣ୍ଡ ପ୍ରଥମ ଇନିଂସରେ ୩୩୪ ରନ୍ କରିଥିଲା। ଜବାବରେ ଦ୍ୱିତୀୟ ଦିନ ଖେଳ ଶେଷ ସୁଦ୍ଧା ଅଷ୍ଟ୍ରେଲିଆ ପ୍ରଥମ ଇନିଂସରେ ୬ ୱିକେଟ ହରାଇ ୩୭୮ ରନ୍ କରିବା ସହ ୪୪ ରନ୍‌ରେ ଆଗୁଆ ରହିଛି। ଷ୍ଟମ୍ପ ଅପସାରଣ ବେଳକୁ ଆଲେକ୍ସ କ୍ୟାରୀ ୪୬ ଓ ମାଇକେଲ ନେସର ୧୫ ରନ୍‌ରେ ବ୍ୟାଟିଂ କରୁଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜେକ୍ ୱିଦରାଲ୍ଡ ୭୨, ମାର୍ନସ ଲାବୁସେନ ୬୫ ଓ ଷ୍ଟିଭେନ୍ ସ୍ମିଥ୍ ୬୧, କାମେରନ ଗ୍ରୀନ୍ ୪୫ ଓ ଟ୍ରାଭିସ୍ ହେଡ୍ ୩୩ ରନ୍ କରିଥିଲେ।

**୧୫ ଓ ୧୭ ବର୍ଷରୁ କମ୍ ଜାତୀୟ ବ୍ୟାଡ୍‌ମିଣ୍ଟନ**

## ଡବଲ୍ ଫାଇନାଲରେ ତନ୍‌ଭୀ

ଭୁବନେଶ୍ୱର, ୫।୧୨ (ସମିସ)




ଓଡ଼ିଶାର ନଂ-୧ ଖେଳାଳି ତନ୍‌ଭୀ ପତ୍ରୀ, ସ୍ୱାତୀ ନାୟକ ଓ ନିମିଶା ଓଝାଙ୍କ ଯୋଡି କଳିଙ୍ଗ ଷ୍ଟାଡିୟମ୍‌ରେ ଚାଲିଥିବା ୧୫ ଓ ୧୭ ବର୍ଷରୁ କମ୍ ୩୭ତମ ଜାତୀୟ ବ୍ୟାଡମିଣ୍ଟନ ଚାମ୍ପିଅନସିପର ଫାଇନାଲ ଖେଳିବାକୁ ଯୋଗ୍ୟତା କରିଛନ୍ତି। ତନ୍‌ଭୀ ଉଭୟ ବିଭାଗର ଏକକ ଏବଂ ସ୍ୱାତୀ- ନିମିଶାଙ୍କ ଯୋଡି ୧୫ ବର୍ଷରୁ କମ୍ ବାଳିକା ବିଭାଗର ଯୁଗଳ କାଟାଗୋରୀର ଫାଇନାଲକୁ ଉନ୍ନୀତ ହୋଇଛନ୍ତି। ଆସନ୍ତାକାଲି ହେବାକୁ ଥିବା ୧୫ ବର୍ଷରୁ କମ୍ ଫାଇନାଲରେ ୧୪ତମ ତନ୍‌ଭୀଙ୍କ ସହ ତେଲଙ୍ଗାନାର ଅବନି ବିକ୍ରମ ଗୋବିନ୍ଦଙ୍କର ମୁକାବିଲା ହେବ। ସେହିପରି ୧୭ ବର୍ଷରୁ କମ୍ ବିଭାଗରେ ଟାଇଟଲ ଲାଗି ତାମିଲନାଡୁର ଦୀକ୍ଷା ଏସ୍ଆର୍ ସହ ଲଢ଼େଇ କରିବେ। ସେହିପରି ୧୫ ବର୍ଷରୁ କମ୍ ବାଳିକା ଯୁଗଳ ଟାଇଟଲ ଲାଗି ଓଡ଼ିଶାର ସ୍ୱାତୀ-ନିମିଶାଙ୍କ ସହ ମହାରାଷ୍ଟ୍ରର ସରାୟୁ ରଞ୍ଜନେ ଓ ସୋୟାରା ସେଲାରଙ୍କ ଯୋଡି ସହ ମୁକାବିଲା ହେବ। ବାଳକ ବିଭାଗ ୧୫ ବର୍ଷରୁ କମ୍ ବିଭାଗରେ ପୁଷ୍କର ସାଇଙ୍କ ସହ ହର୍ଷିତ ଖତ୍ରୀଙ୍କର ଓ ୧୭ ବର୍ଷରୁ କମ୍ ବିଭାଗରେ ଟପ୍ ସିଡ ଜଗସେର ସିଂହଙ୍କ ସହ ବିରାଜ ଶର୍ମାଙ୍କର ମୁକାବିଲା ହେବ।

**■ ଡବଲ ଫାଇନାଲ ମୁକାବିଲା**

ଓଡ଼ିଶାର ତାରକା ଖେଳାଳି ତନ୍‌ଭୀ ଆଜି ପ୍ରଥମେ ୧୫ ବର୍ଷରୁ କମ୍ ବାଳିକା ଏକକ ସେମିଫାଇନାଲ ଖେଳିଥିଲେ। ଏଥିରେ ସେ ୨୧-୧୨, ୨୧-୧୯ରେ ତେଲଙ୍ଗାନାର ହାମସିନୀ ଚଦରମଙ୍କ ପରାସ୍ତ କରି ଫାଇନାଲକୁ ଉନ୍ନିତ ହୋଇଥିଲେ। ଅନ୍ୟ ଏକ ସେମିଫାଇନାଲରେ ତେଲଙ୍ଗାନାର ଅବନୀ ବିକ୍ରମ ଗୋବିନ୍ଦ ୨-୦ରେ ପଞ୍ଜାବର ଇନାୟତ ଗୁଲାଟିଙ୍କୁ ହରାଇ ଫାଇନାଲରେ ପ୍ରବେଶ କରିଥିଲେ। ସେହିପରି ୧୭ ବର୍ଷରୁ କମ୍ ବାଳିକା ଏକକ ସେମି ଫାଇନାଲରେ ତନ୍‌ଭୀ ଉଚ୍ଚକୋଟୀର ଖେଳ ପ୍ରଦର୍ଶନ କରି ୨୧-୧୧, ୨୧-୪ରେ ଏକତରଫା ଭାବେ ଆନ୍ଧ୍ରର ହସାନା ଶ୍ରୀଙ୍କୁ ହରାଇ ଫାଇନାଲରେ ପ୍ରବେଶ କରିଥିଲେ। ଫାଇନାଲରେ ତାମିଲନାଡୁର ଦୀକ୍ଷା ଏସ୍ଆରଙ୍କ ସହ ମୁକାବିଲା ହେବ।

### ସ୍ୱାତୀ- ନିମିଶାଙ୍କ ପ୍ରଥମ ଫାଇନାଲ

୧୫ ବର୍ଷରୁ କମ୍ ବାଳିକା ବିଭାଗ ଯୁଗଳ ସେମି ଫାଇନାଲରେ ବିଜୟୀ ହୋଇ ପ୍ରଥମଥର ଜାତୀୟ ଟୁର୍ଣ୍ଣାମେଣ୍ଟର ଫାଇନାଲରେ ପ୍ରବେଶ କରିଛନ୍ତି ଓଡ଼ିଶାର ଯୋଡି ସ୍ୱାତୀ ନାୟକ ଓ ନିମିଶା ଓଝା। ସେମି ଫାଇନାଲରେ ତାମିଲନାଡୁର ନୟନିକା ଏ. ଏବଂ ଧନ୍ୟା ଏସ୍‌କେ୍ଙ୍କ ଯୋଡିଙ୍କୁ ୨୧-୧୬, ୯-୨୧, ୨୧-୧୨ ସେଟ୍‌ରେ ପରାସ୍ତ କରି ସ୍ୱାତୀ- ନିମିଶା ଫାଇନାଲକୁ ଉନ୍ନୀତ ହୋଇଛନ୍ତି। ଫାଇନାଲରେ ମହାରାଷ୍ଟ୍ରର ସରାୟୁ ରଞ୍ଜନେ- ସୋୟାରା ସେଲାରଙ୍କ ଯୋଡି ଫାଇନାଲରେ ପ୍ରବେଶ କରିଛନ୍ତି। ଆସନ୍ତାକାଲି ସ୍ୱାତୀ-ନିମିଶାଙ୍କ ସହ ସରାୟୁ-ସୋୟାରା ଯୋଡି ମଧ୍ୟରେ ଫାଇନାଲ ମୁକାବିଲା ହେବ।



ନନ୍ଦିଘୋଷ

**'ନନ୍ଦିଘୋଷ ଟିଭି'**

ନିମ୍ନଲିଖିତ ପଦବୀ ନିମନ୍ତେ ଦରଖାସ୍ତ ଆହ୍ୱାନ କରୁଛନ୍ତି। ଯୋଗ୍ୟ ଆଶାୟୀ ପ୍ରାର୍ଥୀମାନେ ଏଥିପାଇଁ ଆବେଦନ କରିପାରିବେ।

| ପଦବୀ | | ଅଭିଜ୍ଞତା |
|---|---|---|
| ୧) ରିପୋର୍ଟର | (୦୩) | ୩ ବର୍ଷର ଅଭିଜ୍ଞତା |
| ୨) ଆଙ୍କର | (୦୨) | ୩ ବର୍ଷର ଅଭିଜ୍ଞତା |
| ୩) କପି ଏଡିଟର/ବୁଲେଟିନ ପ୍ରଡ୍ୟୁସର | (୦୨) | ୫ ବର୍ଷର ଅଭିଜ୍ଞତା |

ନିଜର ସମ୍ପୂର୍ଣ୍ଣ ଶିକ୍ଷାଗତ ଓ ଅନ୍ୟାନ୍ୟ ଯୋଗ୍ୟତା ପ୍ରମାଣପତ୍ର, ସଦ୍ୟ ପାସପୋର୍ଟ ଫଟୋ ସହିତ ୬ ଡିସେମ୍ବର ୨୦୨୫ ସୁଦ୍ଧା hr@nandighoshatv.com ଇମେଲ୍ ଯୋଗେ ଆବେଦନ କରିପାରିବେ।

ଯୋଗାଯୋଗ: ୯୪୩୭୦୧୬୪୯୯

ସ୍ୱା/- ମାନବ ସମ୍ବଳ ବିଭାଗ

ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍

ଠିକଣା: ପ୍ଲଟ୍ ନଂ.: ୯୦ / ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS